# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୮/୨୦୨୧ (୧୬ ପୃଷ୍ଠା) | Bhubaneswar, Wednesday, September 8/2021 | ★★★★★★

୪୭ଶ ଭାଗ ୨୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

**ଆଜିର ସମ୍ପାଦକୀୟ**

**ଭିଡିଓ ଗେମ୍**




# ସ୍କୁଲ ବନ୍ଦ ହୋଇପାରେ

## ଚିନ୍ତା ବଢ଼ାଉଛି ଶିଶୁଙ୍କୁ ସଂକ୍ରମଣ

■ ଆଇସିୟୁରେ ୨% ଶିଶୁ ଚିକିତ୍ସାଧୀନ

*ରାଜ୍ୟରେ ଏବେ କରୋନା ସଂକ୍ରମଣ ପ୍ରାୟତଃ ସ୍ଥିର ରହିଛି। କିନ୍ତୁ ପିଲାଙ୍କ ସଂକ୍ରମଣ ଚିନ୍ତା ବଢ଼ାଇଛି। ଗତ ୨୪ ଘଣ୍ଟାରେ ୧୮ ବର୍ଷରୁ କମ୍ ବର୍ଗର ୯୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି, ଯାହା ମୋଟ ସଂକ୍ରମଣର ପ୍ରାୟ ୧୫%।*

ଭୁବନେଶ୍ୱର, ୭।୯(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣର ତୃତୀୟ ଲହର ଦେଖିବାକୁ ମିଳି ନ ଥିଲେ ହେଁ ପ୍ରତିଦିନ ପିଲାମାନେ କରୋନା ଦ୍ୱାରା ସଂକ୍ରମିତ ହେଉଛନ୍ତି। ଢେଙ୍କାନାଳ ଓ ବରଗଡ଼ରେ ୨ଟି ସ୍କୁଲର ୩୪ ପିଲା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏ ନେଇ ସୂଚନା ପାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଅନ୍ୟପକ୍ଷରେ ଡିଏମ୍ଇଟି ସି.ବି.କେ. ମହାନ୍ତି ପିଲାଙ୍କ ସଂକ୍ରମଣ ପାଇଁ ପରିବାରଙ୍କୁ ପରୋକ୍ଷରେ ଦାୟୀ କରିଛନ୍ତି। ପିଲାଙ୍କୁ ଥଣ୍ଡା, କାଶ, ଜ୍ୱର ହୋଇଥିଲେ ନ ଲୁଚାଇ ଜଣାଇବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ଅଭିଭାବକ ଏସବୁ ତଥ୍ୟ ନ ଜଣାଇଲେ ☞ପୃଷ୍ଠା-୪

## ଅବହେଳା କଲେ ପୁଣି ଲକ୍‌ଡାଉନ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ବର୍ତ୍ତମାନ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲକ୍‌ଡାଉନ କୋହଳ କରାଯାଇଛି। କିନ୍ତୁ ତା'ର ଅର୍ଥ ନୁହେଁ ଯେ, ଆମେ ନିୟମ ପାଳନରେ ଢିଲା କରିବା। ତେଣୁ ଯଦି କେଉଁଠି ବି ଅବହେଳା ପରିଲକ୍ଷିତ ହୁଏ, ତେବେ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ପୁଣି ଥରେ ଲକ୍‌ଡାଉନ ପାଇଁ ବାଧ୍ୟ ହେବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସତର୍କ କରାଇଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ କୋଭିଡ୍ ସ୍ଥିତି ସମୀକ୍ଷା କରି କହିଛନ୍ତି, ଆମେରିକା ଠାରୁ ଆରମ୍ଭ କରି କେରଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କରୋନା ସଂକ୍ରମଣ ବଢ଼ିବା ଚିନ୍ତାଜନକ ହୋଇଛି। ଏଭଳି ସ୍ଥିତିରେ ଆମକୁ ସମ୍ଭାବ୍ୟ ତୃତୀୟ ଲହରଠାରୁ ନିରାପଦ ରହିବାକୁ ହେଲେ, କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ହେବ। ଏଥିରେ ସାମାନ୍ୟ ଅବହେଳା ସମସ୍ତଙ୍କ ଲଗି ବିପଦର କାରଣ ହୋଇପାରେ। କୋଭିଡ୍ ☞ପୃଷ୍ଠା-୪



ନବୀନ ପଟ୍ଟନାୟକ

### କୋଭିଡ୍ ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

■ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅଚାନକ ପରିଦର୍ଶନ ନିର୍ଦ୍ଦେଶ

■ ଜନସାଧାରଣ ଅଧିକ ସତର୍କ ରହିବାକୁ ପରାମର୍ଶ

# ଆଇନଶୃଙ୍ଖଳା: ସରକାରଙ୍କୁ ଘେରିଲେ ବିରୋଧୀ

*ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ବଳାତ୍କାର, ହତ୍ୟା, ଶିଶୁ ନିଖୋଜ ଓ ମହିଳା ନିର୍ଯାତନା ଭଳି ଅପରାଧ ବଢ଼ି ଚାଲିଛି। ମାହାଙ୍ଗା ଡବଲ୍ ମର୍ଡର ଘଟଣାରେ ଅଭିଯୁକ୍ତଙ୍କୁ ସରକାର ଘଣ୍ଟ ଘୋଡ଼ାଉଛନ୍ତି। ଏଭଳି ଅଭିଯୋଗ ଆଣି ବିରୋଧୀ ମଙ୍ଗଳବାର ବିଧାନସଭାରେ ମୁଲତବୀ ଆଲୋଚନାବେଳେ ସରକାରଙ୍କୁ ଘେରିଛନ୍ତି।*

ଭୁବନେଶ୍ୱର,୭।୯(ବ୍ୟୁରୋ)

'ରାଜ୍ୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣରେ ନାହିଁ, ଜନସାଧାରଣ ଡାକୁଛନ୍ତି ତ୍ରାହି ତ୍ରାହି' ଶୀର୍ଷକ ମୁଲତବୀ ଆଲୋଚନା ମଙ୍ଗଳବାର ଗୃହରେ ହୋଇଥିଲା। ଆଲୋଚନାରେ ଭାଗନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଲେ ଯେ, ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିଜେଡି ନେତା ତଥା ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। ଏଫ୍ଆଇଆର୍‌ର ୧୩ ନମ୍ବରରେ ତାଙ୍କ ନାମ ଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହାକୁ ହଟାଇ ଦିଆଯାଇଛି। ଯଦି ଜଣେ ମନ୍ତ୍ରୀଙ୍କ ନାମରେ ନରହତ୍ୟା ଅଭିଯୋଗ ଆସେ ତେବେ ସେ ତୁରନ୍ତ ଇସ୍ତଫା ଦେବା କଥା। ☞ପୃଷ୍ଠା-୪

## ରାଜ୍ୟରେ ଶାନ୍ତି ରହିଛି: ମନ୍ତ୍ରୀ

ଭୁବନେଶ୍ୱର,୭।୯(ବ୍ୟୁରୋ)

ବିଧାନସଭାରେ ବିରୋଧୀ ଦଳଙ୍କ ଦ୍ୱାରା ଆଗତ ମୁଲତବୀ ଆଲୋଚନାର ଉତ୍ତର ରଖିଛନ୍ତି ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର। ରାଜ୍ୟରେ ଅଦ୍ୟାବଧି ମୋଟାମୋଟି ଆଇନଶୃଙ୍ଖଳା ଶାନ୍ତିପୂର୍ଣ୍ଣ ରହିଛି। ବିଭିନ୍ନ ସମ୍ପ୍ରଦାୟ ☞ପୃଷ୍ଠା-୪







**ଶିଶୁଙ୍କୁ ଟିକାକରଣ: କ୍ୟୁବା ପ୍ରଥମ**

୨ରୁ ୧୨ ବର୍ଷ ବୟସ ବର୍ଗର ପିଲାଙ୍କୁ କରୋନା ଟିକା ଦେବାରେ କ୍ୟୁବା ବିଶ୍ୱର ପ୍ରଥମ ଦେଶ ହୋଇଛି। ସୋମବାର ଏଠାରେ ଉକ୍ତ ବୟସର ପିଲାଙ୍କ ଟିକାକରଣ ଆରମ୍ଭ ହୋଇଛି। ମାତ୍ର ୧ କୋଟି ୧୩ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ଦେଶ ସ୍କୁଲ ଖୋଲିବା ପୂର୍ବରୁ ସମସ୍ତ ପିଲାଙ୍କୁ ଟିକାକରଣ କରିବାକୁ ଲକ୍ଷ୍ୟ ରଖିଛି। କ୍ୟୁବା ନିଜର କୋଭିଡ୍ ଟିକା ଆବ୍‌ଦାଲା ଏବଂ ସୋବେରାନା ବିକଶିତ କରିଥିବାବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତାହାକୁ ମାନ୍ୟତା ପ୍ରଦାନ କରିନାହିଁ।

## ସଂକ୍ଷେପରେ

### ବିଟ୍‌କଏନ୍‌କୁ ଅଫିସିଆଲ କରେନ୍ସି ମାନ୍ୟତା

**ଏଲ୍ ସାଲଭେଡର ପ୍ରଥମ ଦେଶ**



**ସାନ୍ ସାଲ୍‌ଭେଡର ୭।୯:** କ୍ରିପ୍ଟୋକରେନ୍ସି ବିଟ୍‌କଏନ୍‌କୁ ଲିଗାଲ ଟେଣ୍ଡର ବା ଅଫିସିଆଲ କରେନ୍ସି ମାନ୍ୟତା ଦେବାରେ ଏଲ୍ ସାଲଭେଡର ମଙ୍ଗଳବାର ବିଶ୍ୱର ପ୍ରଥମ ଦେଶ ହୋଇଛି। କିଛି ମାସ ପୂର୍ବରୁ ଏହି ଦେଶ ବିଟ୍‌କଏନ୍‌କୁ ବୈଧ ବୋଲି ଘୋଷଣା କରିଥିଲା। କ୍ରିପ୍ଟୋକରେନ୍ସି ବ୍ୟବହାର ଦ୍ୱାରା କ୍ଷତିର ଯଥେଷ୍ଟ ଆଶଙ୍କା ଥିବାରୁ ଏଲ୍ ସାଲଭେଡରବାସୀ ଏହା ଉପରେ ଭରସା କରିପାରୁ ନ ଥିଲେ ହେଁ ରାଷ୍ଟ୍ରପତି ନଇବ୍ ବୁକେଲେ ଏଭଳି ଘୋଷଣା କରିଛନ୍ତି। ସେଠାକାର ଅଧିକାଂଶ ଲୋକେ ଏହା ମାଧମରେ ବ୍ୟାଙ୍କିଙ୍ଗ୍ ସେବା ପାଇପାରିବେ। ଏଥିସହ ପ୍ରତିବର୍ଷ ବିଦେଶରୁ ପଠାଯାଉଥିବା ଅର୍ଥ ବାବଦରେ ରେମିଟାନ୍ସ ଫଣ୍ଡ ଉପରେ ୪୦୦ ମିଲିୟନ୍ ଡଲାର ସଞ୍ଚୟ ହୋଇପାରିବ ବୋଲି ନଇବ କହିଛନ୍ତି।


### ମେହବୁବା ଗୃହବନ୍ଦୀ

**ଶ୍ରୀନଗର, ୭।୯:** ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ମୁଖ୍ୟ ମେହବୁବା ମୁଫ୍‌ତିଙ୍କୁ ଗୃହବନ୍ଦୀ କରାଯାଇଥିବା ନେଇ ସେ ଏକ ଟୁଇଟ୍ କରିଛନ୍ତି। ସେଠାରେ ସବୁକିଛି ଠିକ୍ ଥିବା ପ୍ରଶାସନ କହୁଥିବାବେଳେ ଏହାର ସତ୍ୟତା ସାମ୍ନାକୁ ଆସିଛି। ଦକ୍ଷିଣ କଶ୍ମୀରର



କୁଲଗାମ୍ ଗସ୍ତ କରିବାକୁ ବାହାରିଥିବାବେଳେ ତାଙ୍କୁ ସେଠାକୁ ଯିବାକୁ ଦିଆଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ମୁଫ୍‌ତି କହିଛନ୍ତି, ଭାରତ ସରକାର ଆଫଗାନିସ୍ତାନବାସୀଙ୍କ ଅଧିକାର କଥା ଉଠାଉଛନ୍ତି କିନ୍ତୁ କଶ୍ମୀରବାସୀଙ୍କ ପ୍ରତି ତାହା ଲାଗୁ ହେଉନାହିଁ। ତାଙ୍କ ଘର ବାହାର ଗେଟ୍‌ରେ ତାଲା ପଡ଼ିଥିବା ଏବଂ ନିକଟରେ ଅସ୍ତ୍ରଶସ୍ତ୍ର ଥିବା ଏକ ଟ୍ରକ୍ ଛିଡ଼ା ହୋଇଥିବାର ଏକ ଫଟୋ ସେ ଟୁଇଟରରେ ଅପ୍‌ଲୋଡ କରିଛନ୍ତି।

### ମୁଖ୍ୟମନ୍ତ୍ରୀ ବଘେଲଙ୍କ ବାପା ଗିରଫ



**ରାୟପୁର, ୭।୯:** 'ବ୍ରାହ୍ମଣମାନେ ବିଦେଶୀ। ସେମାନଙ୍କୁ ଗଙ୍ଗା ତଟରୁ ବାହାର କରି ଭୋଲ୍‌ଗା ନଦୀକୁ ପଠାଯିବା ଦରକାର ବୋଲି ବ୍ରାହ୍ମଣ ସମୁଦାୟ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ବାପା ନନ୍ଦ କୁମାର ବଘେଲ(୮୬)ଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ରାୟପୁରର ଏକ କୋର୍ଟରେ ହାଜର ହେବା ପରେ ଅଦାଲତ ତାଙ୍କୁ ୧୫ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି। ଗତ ରବିବାର ରାୟପୁର ପୋଲିସ ନନ୍ଦ କୁମାରଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଆସନ୍ତା ୨୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।





କାବୁଲର ପାକିସ୍ତାନ ଦୂତାବାସ ବାହାରେ ମଙ୍ଗଳବାର ବିକ୍ଷୋଭ କରୁଛନ୍ତି ଆଫଗାନ୍ ମହିଳା।





କାବୁଲରେ ବିକ୍ଷୋଭକାରୀଙ୍କୁ ଅଟକାଉଛନ୍ତି ତାଲିବାନ ସୈନ୍ୟ।

# ତାଲିବାନ୍ ଗଢ଼ିଲା ଅନ୍ତରୀଣ ସରକାର

**ସୁପ୍ରିମ ଲିଡର ମୁଲ୍ଲା ହିବାତୁଲ୍ଲା ଅଖୁନ୍ଦଜାଦା। ପ୍ରଧାନମନ୍ତ୍ରୀଙ୍କ ନାମ ମୁଲ୍ଲା ମହମ୍ମଦ ହାସନ ଅଖୁନ୍ଦ। ଯେଉଁ ମୁଲ୍ଲା ବରାଦର ରାଷ୍ଟ୍ରପତି ହେବେ ବୋଲି ଚର୍ଚ୍ଚା ହେଉଥିଲା, ତାଙ୍କ ସହ ମୁଲ୍ଲା ଅବ୍‌ଦୁଲ ସଲାମ୍ ହନାଫିଙ୍କୁ ଉପପ୍ରଧାନମନ୍ତ୍ରୀ କରାଯାଇଛି। କାବୁଲ ଦଖଲର ୩ ସପ୍ତାହ ପରେ ଇସ୍‌ଲାମିକ୍ ଏମିରେଟ୍ସ ଅଫ୍ ଆଫଗାନିସ୍ତାନରେ ଏମାନେ ହେଉଛନ୍ତି ତାଲିବାନ୍ ଗଢ଼ିଥିବା ଅନ୍ତରୀଣ ସରକାରର ପ୍ରମୁଖ ଚେହେରା। ଏମାନଙ୍କ ହାତରେ ୩ କୋଟି ୮୦ ଲକ୍ଷ ଆଫଗାନ୍‌ଙ୍କ ଭାଗ୍ୟ ଓ ଭବିଷ୍ୟତ। ତାଲିବାନ୍ ୨.୦ କ୍ୟାବିନେଟ୍‌ରେ ଯେଉଁମାନଙ୍କୁ ସାମିଲ କରାଯାଇଛି ସେମାନେ ସମସ୍ତେ ୨ ଦଶନ୍ଧି ଧରି ଆମେରିକା ବିରୋଧୀ ଲଢ଼େଇରେ ଅଗ୍ରଣୀ ଭୂମିକା ନେଇଥିଲେ। ଏଥିରେ ଜଣେ ହେଲେ ମହିଳା କିମ୍ବା ବାହାର ବ୍ୟକ୍ତିଙ୍କୁ ସ୍ଥାନ ମିଳିନାହିଁ। ମହିଳା ବ୍ୟାପାର ମନ୍ତ୍ରଣାଳୟକୁ ଉଚ୍ଛେଦ କରିଦିଆଯାଇଛି।**

**କାବୁଲ, ୭।୯**

ଆଫଗାନିସ୍ତାନରେ ଆତଙ୍କବାଦୀ ସଙ୍ଗଠନ ତାଲିବାନ୍ ଏକ କାମଚଳା ସରକାର ଗଢ଼ିଛି। ଏଥିସହ ନୂଆ କ୍ୟାବିନେଟର ସଦସ୍ୟମାନଙ୍କ ନାମ ଘୋଷଣା କରିଛି। ଆମେରିକା ନେତୃତ୍ୱାଧୀନ ସାମରିକ ମେଣ୍ଟ ଓ ଆଫଗାନିସ୍ତାନ ସରକାର ବିରୋଧରେ ଯୁଦ୍ଧ ବେଳେ ପ୍ରମୁଖ ଭୂମିକା ନେଇଥିବା ସଙ୍ଗଠନର ପୁରୁଣା ସହଯୋଗୀଙ୍କୁ କ୍ୟାବିନେଟରେ ବଡ଼ ପଦବୀ ମିଳିଛି। ରେହବାରି ଶୁରା କାଉନ୍‌ସିଲର ପୂର୍ବତନ ମୁଖ୍ୟ ମୁଲ୍ଲା ମହମ୍ମଦ ହାସନ ଅଖୁନ୍ଦଙ୍କୁ ତାଲିବାନ୍ ସରକାରରେ ଅନ୍ତରୀଣ ପ୍ରଧାନମନ୍ତ୍ରୀ କରାଯାଇଛି। ଶୀର୍ଷ ନେତା ମୁଲ୍ଲା ହିବାତୁଲ୍ଲା ଅଖୁନ୍ଦଜାଦା ଏହି ପଦ ପାଇଁ ମୁଲ୍ଲା ଅଖୁନ୍ଦଙ୍କ ନାମ ପ୍ରସ୍ତାବ ଦେଇଥିଲେ। ସେହିପରି କାତାର ରାଜଧାନୀ ଦୋହାରେ ଆମେରିକା ସହ ଚୁକ୍ତି ସ୍ୱାକ୍ଷର କରିଥିବା ସଙ୍ଗଠନର ସହପ୍ରତିଷ୍ଠାତା ତଥା ରାଜନୈତିକ ମୁଖ୍ୟ ମୁଲ୍ଲା ଅବ୍‌ଦୁଲ ଗନି ବରାଦରଙ୍କୁ ଉପପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଛି। ସବୁ ବର୍ଗର ଲୋକଙ୍କୁ ନେଇ ସରକାର ଗଠନ କରିବାକୁ ଅନ୍ତର୍ଜାତୀୟ ସମୁଦାୟ ପକ୍ଷରୁ ହୋଇଥିବା ଦାବିକୁ ଏଥିରେ ଅଣଦେଖା କରାଯାଇଛି।

ତାଲିବାନ୍ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ ମଙ୍ଗଳବାର କାମଚଳା ସରକାର ଗଠନ ନେଇ କହିଛନ୍ତି, ଆମ ଦେଶର ଜନସାଧାରଣ ଏକ ନୂଆ ସରକାରକୁ ଅପେକ୍ଷା କରିଥିଲେ। ଏହା ଏକ ଅନ୍ତରୀଣ ସରକାର। ଆଗକୁ ଆମେ ଦେଶର ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ପୂର୍ଣ୍ଣାଙ୍ଗ ସରକାର ଗଢ଼ିବୁ। ନୂଆ ସରକାରରେ ହକ୍କାନି ନେଟ୍‌ୱର୍କ ମୁଖ୍ୟ ସିରାଜୁଦ୍ଦିନ ହକ୍କାନିଙ୍କୁ ଅନ୍ତରୀଣ ସରକାରରେ ଆଭ୍ୟନ୍ତରୀଣ (ସ୍ୱରାଷ୍ଟ୍ର) ମନ୍ତ୍ରୀ କରାଯାଇଛି। ତାଲିବାନ୍ ପ୍ରତିଷ୍ଠାତା ମୁଲ୍ଲା ଉମାରଙ୍କ ପୁଅ ମୁଲ୍ଲା ୟାକୁବ ପ୍ରତିରକ୍ଷା ମନ୍ତ୍ରୀ ଦାୟିତ୍ୱ ତୁଲାଇବେ। ହେଦାୟାତୁଲ୍ଲା ବଦ୍‌ରିଙ୍କୁ ଅର୍ଥମନ୍ତ୍ରୀ, ଆମିର ଖାନ୍ ବହିର୍ବ୍ୟାପାର ମନ୍ତ୍ରୀ ଓ ମୁଲ୍ଲା ଅବ୍‌ଦୁଲ ସଲାମ୍ ହନାଫି ଦ୍ୱିତୀୟ ଉପପ୍ରଧାନମନ୍ତ୍ରୀ ହେବେ। ସୁପ୍ରିମ ଲିଡର ହିବାତୁଲ୍ଲା ଅଖୁନ୍ଦଜାଦା କହିଛନ୍ତି, ନୂଆ ସରକାର ଇସ୍‌ଲାମିକ୍ ନିୟମ ଓ ଶରିଆ ଆଇନ ପ୍ରଚଳନ କରିବ। ଯେଉଁମାନଙ୍କୁ ଦେଶର ସୁରକ୍ଷା ଦାୟିତ୍ୱ ଦିଆଯାଇଛି ସେମାନେ ଶାନ୍ତି, ସୌହାର୍ଦ୍ଦ୍ୟ ଓ ବିକାଶକୁ ସୁନିଶ୍ଚିତ କରିବେ। ତାଲିବାନ୍ ୨.୦ରେ ଏହା ହେଉଛି ସୁପ୍ରିମ ଲିଡରଙ୍କ ପ୍ରଥମ ସନ୍ଦେଶ।

### ଅଲ୍ଲାରେ ଅଖୁନ୍ଦ



- ୨୦ ବର୍ଷ ଧରି ତାଲିବାନ୍ ରେଭାରି ଶୁରା କାଉନସିଲର ନେତୃତ୍ୱ ନେଇଥିଲେ।
- ୨୦୦୧ରେ ଆମେରିକା ସହ ଯୁଦ୍ଧ ପୂର୍ବରୁ ତାଲିବାନ ସରକାରରେ ମନ୍ତ୍ରୀ ଥିଲେ।
- ସାମରିକ ଅପେକ୍ଷା ଧର୍ମୀୟ ନେତା ରୂପେ ପରିଚିତ ଓ ଶୀର୍ଷ ନେତା ହିବାତୁଲ୍ଲା ଅଖୁନ୍ଦଜାଦାଙ୍କ ସହଯୋଗୀ।
- ତାଲିବାନ୍‌ର ଜନ୍ମସ୍ଥାନ କାନ୍ଦାହାର ବାସିନ୍ଦା ମୁଲ୍ଲା ଅଖୁନ୍ଦ ସଶସ୍ତ୍ର ଆନ୍ଦୋଳନର ଅନ୍ୟତମ ପ୍ରତିଷ୍ଠାତା।
- ୨୦୦୧ରେ ବାମିୟାନ ବୁଦ୍ଧ ମୂର୍ତ୍ତି ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ।

### ୨.୦: କାମଚଳା କ୍ୟାବିନେଟ୍





### ଆଫଗାନିସ୍ତାନରେ 'ପାକିସ୍ତାନ ମୁର୍ଦ୍ଦାବାଦ'

ଆଫଗାନିସ୍ତାନର ଆଭ୍ୟନ୍ତରୀଣ ମାମଲାରେ ପାକିସ୍ତାନର ହସ୍ତକ୍ଷେପକୁ ଆଫଗାନ୍‌ମାନେ ବିରୋଧ କରିଛନ୍ତି। ଆଇଏସ୍‌ଆଇ ବିରୋଧରେ ନାରା ଦେଇ, ପ୍ଲାକାର୍ଡ ଧରି ଶତାଧିକ ଆଫଗାନ୍ ମଙ୍ଗଳବାର କାବୁଲରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ରହିଛନ୍ତି। ରାଲି ହଟାଇବାକୁ ତାଲିବାନ୍ ପକ୍ଷରୁ ଫାଙ୍କା ଗୁଳିଚାଳନା କରାଯାଇଛି। ରାଷ୍ଟ୍ରପତି ଭବନ ସମ୍ମୁଖରେ ଶହ ଶହ ସଂଖ୍ୟାରେ ବିକ୍ଷୋଭକାରୀ ଏକାଠି ହୋଇଥିଲେ। ପାକିସ୍ତାନ ଆଇଏସ୍‌ଆଇ ମୁଖ୍ୟ ଫୈଜ ହମିଦ ଆଫଗାନିସ୍ତାନ ଗସ୍ତ କରି ରହଣି କରୁଥିବା ସେରେନା ହୋଟେଲ ପର୍ଯ୍ୟନ୍ତ ବିକ୍ଷୋଭକାରୀ ଶୋଭାଯାତ୍ରାରେ ବାହାରିଥିଲେ। ରାଲି ରୋକିବାକୁ ତାଲିବାନୀମାନେ ସେଠାରେ ଫାଙ୍କା ଗୁଳିଚାଳନା କରିଥିଲେ। ପଞ୍ଜଶିର ଉପରେ ଆକ୍ରମଣ କରିବାର ଅଧିକାର ପାକିସ୍ତାନ କିମ୍ବା ତାଲିବାନ୍‌ର ନାହିଁ ବୋଲି ଏକ ଭିଡିଓରେ ଜଣେ ଆଫଗାନ୍ ମହିଳା କହୁଥିବା ଦେଖିବାକୁ ମିଳିଛି। ବିକ୍ଷୋଭକାରୀ 'ଆଜାଦୀ, ଆଜାଦୀ', ପାକିସ୍ତାନ ମୁର୍ଦ୍ଦାବାଦ୍ ନାରା ଦେଇଛନ୍ତି।

## ମନ୍ଦିର ଜମିର ମାଲିକ ନୁହନ୍ତି ପୂଜକ

**ନୂଆଦିଲ୍ଲୀ,୭।୯**

କୌଣସି ମନ୍ଦିର ସଂଲଗ୍ନ ଜମିର ମାଲିକ ବା ସତ୍ତ୍ୱାଧିକାରୀ ହେଉଛନ୍ତି ସେଠାରେ ପୂଜା ପାଉଥିବା ଦେବଦେବୀ। ମନ୍ଦିର ପୂଜକଙ୍କୁ ଏହାର ଭୂମିସ୍ୱାମୀ କୁହାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି।

ମଧ୍ୟପ୍ରଦେଶ ସରକାରଙ୍କ ପକ୍ଷରୁ ଏମ୍‌ପି ଲ ରେଭେନ୍ୟୁ କୋଡ୍, ୧୯୫୯ (କୋଡ୍) ଅନୁସାରେ ଦୁଇଟି ସର୍କୁଲାର ଜାରି କରାଯାଇଥିଲା। ପୂଜକଙ୍କ



ଦ୍ୱାରା ମନ୍ଦିର ସମ୍ପତ୍ତିର ଅନଧିକୃତ ବିକ୍ରି ରୋକିବା ପାଇଁ ରାଜ୍ୟ ସରକାର ଉକ୍ତ ସର୍କୁଲାରରେ ପୂଜକଙ୍କ ନାମ ରାଜସ୍ୱ ରେକର୍ଡରୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ସେହି ସର୍କୁଲାରକୁ ଖାରଜ କରି ଏକ ରାୟ ଦେଇଥିଲେ। ରାଜ୍ୟ ସରକାର ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ହେମନ୍ତ ଗୁପ୍ତା ଏବଂ ଏ.ଏସ୍. ବୋପାନ୍ନା ଏହାର ଶୁଣାଣି କରି କହିଛନ୍ତି, ମନ୍ଦିର ସମ୍ପତ୍ତି ପରିଚାଳନା ପାଇଁ ପୂଜାରୀ କେବଳ ନିଜ ପାଖରେ ଭୂମି ରଖିଥାଆନ୍ତି। ଦେବଦେବୀ ଜମିର ମାଲିକ ହୋଇଥିବାରୁ ରେକର୍ଡ ଅଫ୍ ରାଇଟ୍ସ ବା ପଟ୍ଟାର ସତ୍ତ୍ୱାଧିକାରୀ ସ୍ତମ୍ଭରେ କେବଳ ଦେବଦେବୀଙ୍କ ନାମ ଉଲ୍ଲେଖ କରାଯିବା ଦରକାର। ଜମିର ଦଖଲ ମଧ୍ୟ ସମ୍ପୃକ୍ତ ଦେବଦେବୀଙ୍କ ନିକଟରେ ଥାଏ। ସେମାନଙ୍କ ତରଫରୁ ପୂଜକ କେବଳ ଏହାର ପରିଚାଳକ। ତେଣୁ ମ୍ୟାନେଜର ବା ପୂଜକଙ୍କ ନାମ ରାଜସ୍ୱ ରେକର୍ଡର ଏହି ସ୍ତମ୍ଭରେ ଉଲ୍ଲେଖ କରାଯିବା ଆବଶ୍ୟକ ନୁହେଁ। ପୂଜକଙ୍କୁ ଭୂମିସ୍ୱାମୀ ଭାବେ ପରିଗଣିତ କରାଯାଇପାରିବ ନାହିଁ ବୋଲି ସୋମବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି।

## 'ବ୍ରାହ୍ମଣଙ୍କୁ ମିଳିବ ଉଚିତ ସମ୍ମାନ'

**ଲକ୍ଷ୍ନୌ, ୭।୯**

ଆସନ୍ତା ବର୍ଷ ଉତ୍ତରପ୍ରଦେଶରେ ନିର୍ବାଚନ ହେବାକୁ ଥିବାବେଳେ ପୁଣି ବ୍ରାହ୍ମଣ କାର୍ଡ ଖେଳିଛନ୍ତି ବହୁଜନ ସମାଜ ପାର୍ଟି(ବିଏସ୍‌ପି) ମୁଖ୍ୟ ମାୟାବତୀ। ତାଙ୍କ ଦଳ କ୍ଷମତାକୁ ଆସିଲେ ବ୍ରାହ୍ମଣଙ୍କୁ ସମାଜରେ ଉଚିତ ସ୍ଥାନ ଓ ସମ୍ମାନ ମିଳିବ ବୋଲି ମଙ୍ଗଳବାର ଲକ୍ଷ୍ନୌରେ ଆୟୋଜିତ ପ୍ରବୁଦ୍ଧ ସମ୍ମିଳନୀରେ ସେ କହିଛନ୍ତି। ପୂର୍ବରୁ ପ୍ରବୁଦ୍ଧ ସମ୍ମିଳନୀକୁ ମାୟାବତୀ ବ୍ରାହ୍ମଣ ସମ୍ମିଳନୀ ନାଁ ଦେଇଥିଲେ। ଏହାବାଦ୍

**ମାୟାବତୀଙ୍କ ପ୍ରବୁଦ୍ଧ ସମ୍ମିଳନୀ**



ବିଏସ୍‌ପି ସରକାର ଗଢ଼ିଲେ ରାଜ୍ୟରେ ସ୍ମାରକୀ, ପ୍ରତିମୂର୍ତ୍ତି, ପାର୍କ ନିର୍ମାଣ ବଦଳରେ ସେହି ଅର୍ଥ ବିକାଶମୂଳକ କାମରେ ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି।

## ସାଙ୍କେତିକ ଭାଷା ଅଭିଧାନ, ଅଡିଓ ବୁକ୍‌ସ ଶୁଭାରମ୍ଭ

**ନୂଆଦିଲ୍ଲୀ, ୭।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର 'ଶିକ୍ଷକ ପର୍ବ-୨୦୨୧' ଉଦ୍‌ଘାଟନୀ ସମ୍ମିଳନୀରେ ଶିକ୍ଷାକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଭାରତର ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଏବଂ ଶିକ୍ଷାଦାନ-ଶିକ୍ଷା ପ୍ରକ୍ରିୟାକୁ କ୍ରମାଗତ ଆଧୁନିକୀକରଣ କରାଯିବା ଉପରେ ମୋଦି ଗୁରୁତ୍ୱ ଦେଇଛନ୍ତି। ଭିଡିଓ କନ୍‌ଫରେନ୍ସି ଜରିଆରେ ଶିକ୍ଷକ ପର୍ବ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ଭାରତୀୟ ସାଙ୍କେତିକ ଭାଷା ଅଭିଧାନ (ଶିକ୍ଷଣର ୟୁନିଭର୍ସାଲ ଡିଜାଇନ୍ ଅନୁସାରେ ଶ୍ରବଣ ବାଧିତ ବ୍ୟକ୍ତିଙ୍କ ପାଇଁ ଶ୍ରାବ୍ୟ ଓ ଲେଖା ଥିବା ସାଙ୍କେତିକ ଭାଷାର ଭିଡିଓ), ଦୃଷ୍ଟିବାଧିତଙ୍କ ପାଇଁ ଅଡିଓ ବୁକ୍‌ସ, ସିବିଏସ୍‌ଇ ସ୍କୁଲର ଗୁଣବତ୍ତା ନିଶ୍ଚିତତା ଏବଂ ମୂଲ୍ୟାଙ୍କନ ଢାଞ୍ଚା, ନିପୁଣ ଭାରତ ଏବଂ ବିଦ୍ୟାଞ୍ଜଳି ପୋର୍ଟାଲ ଶିକ୍ଷକଙ୍କ ନିମନ୍ତେ ନିଷ୍ଠା ଟ୍ରେନିଂ ପ୍ରୋଗ୍ରାମ

**ଶିକ୍ଷକ ପର୍ବ-୨୦୨୧**



ନରେନ୍ଦ୍ର ମୋଦି

ଆଦି ଶୁଭାରମ୍ଭ କରିଛନ୍ତି। ୧୦୦ ବର୍ଷ ପରେ ଭାରତର ନୂଆ ରୂପରେଖ ପାଇଁ ସଂକଳ୍ପ ନେବା ଦିଗରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ। ନୂତନ ଶିକ୍ଷା ନୀତି ପ୍ରଣୟନଠାରୁ ପ୍ରଚଳନ ପର୍ଯ୍ୟନ୍ତ ଶିକ୍ଷାବିତ୍, ଶିକ୍ଷକ, ବିଶେଷଜ୍ଞ ପ୍ରମୁଖଙ୍କ ବହୁ ଅବଦାନ ରହିଛି। ଦେଶରେ ଏବେ ପରିବର୍ତ୍ତନର ପରିବେଶ ରହିଛି। ଏବେ ସମାଜ ଏଥିରେ ସାମିଲ ହୋଇ ଏହି ସହଭାଗିତାକୁ ଆଗକୁ ନେବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## କର୍ଣ୍ଣାଲରେ କୃଷକଙ୍କ ଶକ୍ତି ପ୍ରଦର୍ଶନ

- ପୋଲିସ ଲାଠିରେ ଚାଷୀଙ୍କ ମୃତ୍ୟୁର ପ୍ରତିବାଦ
- ମିନି ସେକ୍ରେଟାରିଏଟ୍ ଘେରିଲେ

**କର୍ଣ୍ଣାଲ,୭।୯**

ଅଗଷ୍ଟ ୨୮ରେ ଅଧିକାର ମାଗୁଥିଲେ, ଲାଠିମାଡ଼ ଖାଇଲେ। ପୋଲିସ ପ୍ରହାରରେ ଜଣେ ଚାଷୀଙ୍କ ଜୀବନ ଚାଲିଗଲା। ଏହାର ପ୍ରତିବାଦରେ ହରିୟାଣାର କର୍ଣ୍ଣାଲ ସ୍ଥିତ ମିନି ସେକ୍ରେଟାରିଏଟ୍ ଘେରାଓ ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଏହି କ୍ରମରେ ମଙ୍ଗଳବାର ପ୍ରାୟ ୨୦ ହଜାର ଚାଷୀ ଏକତ୍ରିତ ହୋଇଥିଲେ। ସ୍ଥାନୀୟ ପ୍ରଶାସନ ସେମାନଙ୍କୁ ରୋକିବା ପାଇଁ ଏକତ୍ରିତ ହେବାକୁ ଅନୁମତି ନ ଦେଇ ୧୪୪ ଧାରା ଜାରି କରିଥିଲା। ଏଥିସହ ମୋବାଇଲ୍ ଇଣ୍ଟରନେଟ୍ ସେବାକୁ ମଧ୍ୟ ବନ୍ଦ କରାଯାଇଥିଲା।

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଗତମାସରେ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ବିକ୍ଷୋଭ ବେଳେ ପୋଲିସର ଲାଠିମାଡ଼ରେ ସୁଶୀଲ କାଜ୍‌ଲା ନାମକ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିଲା।




ଇତିମଧ୍ୟରେ କର୍ଣ୍ଣାଲ ଏସ୍‌ଡିଏମ୍ ଆୟୁଷ ସିହ୍ନା ଆନ୍ଦୋଳନରତ କୃଷକଙ୍କ ମୁଣ୍ଡ ଫଟାଇବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସୁଶୀଲଙ୍କ ପାଇଁ ନ୍ୟାୟ ଦାବି କରି ହଜାର ହଜାର ଚାଷୀ କର୍ଣ୍ଣାଲରେ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ମିନି ସେକ୍ରେଟାରିଏଟ୍ ଘେରାଉ କରିଛନ୍ତି। ବିକେୟୁ ନେତା ରାକେଶ ଟିକାଏତ୍ ଗଣମାଧ୍ୟମକୁ କହିଛନ୍ତି, ବିକ୍ଷୋଭରତ ଚାଷୀଙ୍କ ମୁଣ୍ଡ ଫଟାଇବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇ ଭିଡିଓରେ କଏଦ୍ ହୋଇଥିବା ଆଇଏଏସ୍ ଅଫିସରଙ୍କୁ ନିଲମ୍ବନ କରାଯାଉ। ଯୋଗେନ୍ଦ୍ର ଯାଦବ ମହାପଞ୍ଚାୟତକୁ ସମ୍ବୋଧିତ କରି କହିଥିଲେ, ଜଣେ ଆଇଏଏସ୍ ଅଫିସରଙ୍କୁ ଚାଷୀଙ୍କ ମୁଣ୍ଡ ଫଟାଇବା ପାଇଁ ନିର୍ଦ୍ଦେଶ ଦେବା ସକାଶେ କେଉଁ ସମ୍ବିଧାନ ଓ କେଉଁ ଆଇନ ଅନୁମତି ଦେଇଛି। ସରକାରଙ୍କୁ ତାହା ପଚାରିବା ପାଇଁ ଆମେ ଏଠାକୁ ଆସିଛୁ। ଆଲୋଚନା ବେଳେ ପ୍ରଶାସନ ପକ୍ଷରୁ ଡେପୁଟି କମିଶନର ନିଶାନ୍ତ କୁମାର ଯାଦବ, କର୍ଣ୍ଣାଲ ଆଇଜିପି ମମତା ସିଂ, ଏସ୍‌ପି ଗଙ୍ଗାରାମ ପୁନିଆ ଉପସ୍ଥିତ ଥିଲେ। ତେବେ ଜିଲ୍ଲା ପ୍ରଶାସନ ଚାଷୀଙ୍କ ଦାବି ପୂରଣ କରିବାକୁ ସହମତି ପ୍ରକାଶ ନ କରିବାରୁ ଆଲୋଚନା ବିଫଳ ହୋଇଥିଲା।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୨୨,୬୪,୧୦୫ | ୪୫,୯୩,୫୯୮ | ୧୯,୮୮,୮୪,୫୦୬ |
| ଭାରତ | ୩,୩୦,୯୪,୮୪୩ | ୪,୪୧,୪୩୩ | ୩,୨୨,୫୫,୮୮୦ |
| ଓଡ଼ିଶା | ୧୦,୧୨,୮୦୫ | ୮୦୬୨(+୫୩) | ୯,୯୮,୫୯୧ |


ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

ସେପ୍ଟେମ୍ବର ୬ ଧରିତ୍ରୀରେ ପ୍ରକାଶିତ 'ବିଚାରରେ ଗାଈ' ଶୀର୍ଷକ ସମ୍ପାଦକୀୟକୁ ନେଇ କେତେକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରି କି ସୋସିଆଲ୍ ମିଡିଆରେ ମଧ୍ୟ ଏହା ବିତର୍କ ସୃଷ୍ଟି କରିଛି। ଟୁଇଟରରେ ହୋଇଥିବା କେତେକ ବିତର୍କର ସ୍କ୍ରିନ୍‌ଶଟ୍













# ଆନ୍ଧ୍ରର ପୂର୍ବତନ ବିଧାୟକଙ୍କୁ କୋର୍ଟରେ ହାଜର କଲା ଇଓଡବ୍ଲ୍ୟୁ

### ଚିଟ୍ ଫଣ୍ଡ୍ ଠକେଇ ମାମଲା

**କଟକ ଅଫିସ,୭।୯**

ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗିରଫ ହୋଇଥିବା ଆନ୍ଧ୍ରର ପୂର୍ବତନ ବିଧାୟକ ମାଲ୍ଲା ବିଜୟ ପ୍ରସାଦଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ମଙ୍ଗଳବାର କଟକର ଓଡ଼ିଶା ଜମାକାରୀ ସ୍ୱାର୍ଥ ସୁରକ୍ଷା(ଓପିଆଇଡି) ସ୍ୱତନ୍ତ୍ର ଅଦାଲତରେ ହାଜର କରିଛି। ପରେ ତାଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯିବା ସହ ସେ କରିଥିବା ଜାମିନ ଆବେଦନର ଶୁଣାଣି ଆସନ୍ତା ୧୩କୁ ସ୍ଥିର କରାଯାଇଛି। ଓପିଆଇଡି କୋର୍ଟର ବିଚାରପତି ଭି. ସୁଜାତାଙ୍କ ନିକଟରେ ଏହି ମାମଲାର ଶୁଣାଣି କରାଯିବ।

ପ୍ରକାଶ ଯେ, ଆନ୍ଧ୍ରର ପୂର୍ବତନ ବିଧାୟକ ମାଲା ବିଜୟ ପ୍ରସାଦ ହେଉଛନ୍ତି ୱେଲ୍‌ଫେୟାର ବିଲ୍ଡିଂ ଆଣ୍ଡ ଇଷ୍ଟେଟ୍ ପ୍ରାଇଭେଟ ଲିମିଟେଡ୍ ନାମକ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ। ତାଙ୍କ ନାମରେ ମୋଟ୍ ୧,୨୫୦ କୋଟିରୁ ଅଧିକ ଟଙ୍କାର ଠକେଇ ଅଭିଯୋଗ ରହିଛି। ସେଥିରୁ ଓଡ଼ିଶାରୁ କେବଳ ୨କୋଟି ଟଙ୍କାରୁ ଅଧିକ ଟଙ୍କା ଠକେଇ କରିଥିବା ସୂଚନା ମିଳିଛି। ଓଡ଼ିଶାର ଭୁବନେଶ୍ୱର, କଟକ ଏବଂ ନୟାଗଡ଼ରେ ତାଙ୍କର ଚିଟ୍‌ଫଣ୍ଡ ସଂସ୍ଥା ରହିଥିଲା। ତାଙ୍କ କମ୍ପାନୀରେ ଟଙ୍କା ଡିପୋଜିଟ କଲେ ଅଧିକ ଫେରସ୍ତ ମିଳିବାର ପ୍ରତିଶ୍ରୁତି ଦେଇ ଲୋକଙ୍କ ଠାରୁ ଟଙ୍କା ଆଦାୟ କରୁଥିଲେ। ଏପରି କି ବିଶାଖାପାଟଣାରେ ଜାଗା ଯୋଗାଇଦେବା ପରି ବିଭିନ୍ନ ଲୋଭନୀୟ ଅଫର ଦେଇ ଟଙ୍କା ହଡ଼ପ କରୁଥିବାର ଅଭିଯୋଗ ହୋଇଥିଲା। ଏନେଇ ଅର୍ଥନେତିକ ଅପରାଧ ଶାଖାରେ ଏକ ମାମଲା ରୁଜୁ ହୋଇଥିଲା। ପରେ ଚିଟ୍‌ଫଣ୍ଡ ଠକେଇ ମାମଲାରେ ବିଜୟ ପ୍ରସାଦଙ୍କୁ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନେତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ବିଶାଖାପଟଣାରୁ ସୋମବାର ଗିରଫ କରିଥିଲା। ପରେ ତାଙ୍କୁ କଟକ ଆଣି ସ୍ୱତନ୍ତ୍ର ଅଦାଲତରେ ହାଜର କରାଯାଇଥିଲା। ବିଜୟ ପ୍ରସାଦ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଭାଇଜାଗ ୱେଷ୍ଟର ବିଧାୟକ ଥିଲେ। ଏବେ ସେ ଆନ୍ଧ୍ରପ୍ରଦେଶର ଶିକ୍ଷା ଭିତ୍ତିଭୂମି ବିକାଶ ନିଗମ ଅଧ୍ୟକ୍ଷ ଅଛନ୍ତି।

# ରେମୁଣା ବିଧାୟକଙ୍କୁ ହାଇକୋର୍ଟଙ୍କ ନୋଟିସ

### ପ୍ରାର୍ଥିପତ୍ର ଦାଖଲବେଳେ ମିଥ୍ୟା ସତ୍ୟପାଠ ମାମଲା

**କଟକ ଅଫିସ,୭।୯:** ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲବେଳେ ମିଥ୍ୟା ସତ୍ୟପାଠ ମାମଲାର ମଙ୍ଗଳବାର ଶୁଣାଣି କରି ହାଇକୋର୍ଟ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡାଙ୍କୁ ନୋଟିସ ଜାରି କରିଛନ୍ତି। ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ବିଚାରପତି ଶତ୍ରୁଘ୍ନ ପୂଜାହାରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୯ ରେମୁଣା ବିଧାନସଭା ଆସନ ପାଇଁ ଆବେଦନକାରୀ ଗୋବିନ୍ଦ ଚନ୍ଦ୍ର ଦାସ ଭାଜପାରୁ ବିଧାୟକ ପ୍ରାର୍ଥୀ ହୋଇ ୭୪, ୯୭୯ ଭୋଟ ପାଇଥିଲେ। ବିଜେଡି ପ୍ରାର୍ଥୀ ସୁଧାଂଶୁ ଶେଖର ପରିଡା ୭୯, ୦୯୭ ଭୋଟ ପାଇ ବିଜୟୀ ହୋଇଥିଲେ। ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ, ରେମୁଣା ବିଧାୟକ ସୁଧାଂଶୁ ପ୍ରାର୍ଥିପତ୍ର ଦାଖଲ ସମୟରେ ତ୍ରୁଟିଯୁକ୍ତ ଓ ଅସମ୍ପୂର୍ଣ୍ଣ ସତ୍ୟପାଠ ଦାଖଲ କରିଥିଲେ। ସେଥିରେ ତାଙ୍କର ଜାତି ଓ ବ୍ୟବସାୟ ସମ୍ପର୍କିତ ତଥ୍ୟ ଲୁଚାଇଥିଲେ। ତେଣୁ ତାଙ୍କ ପ୍ରାର୍ଥିତ୍ୱକୁ ଅବୈଧ ଘୋଷଣା କରାଯିବା ସହ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିବା ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯିବା ନେଇ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ୨୦୧୯ ଜୁଲାଇ ୩ରେ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ।




# ୧୧ରେ ଆଉ ଏକ ଲଘୁଚାପ

### ଆହୁରି ୨ଦିନ ପ୍ରବଳ ବର୍ଷିବ
### ସବୁ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

ବଙ୍ଗୋପସାଗରର ଉତ୍ତର ଦିଗରେ ଆଉ ଏକ ଲଘୁଚାପ ଏବେ ଦାନା ବାନ୍ଧୁଛି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଏହା ସ୍ପଷ୍ଟ ଚିହ୍ନିତ ହେବା ସହ ୧୧ ତାରିଖ ସୁଦ୍ଧା ଲଘୁଚାପରେ ପରିଣତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ବଙ୍ଗୋପସାଗରର ଉତ୍ତର-ପଶ୍ଚିମ ଏବଂ ପଶ୍ଚିମ-କେନ୍ଦ୍ରୀୟ ଉପକୂଳରେ ଏହି ନୂତନ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ପ୍ରବଳ ବର୍ଷା ହୋଇପାରେ। ତେବେ ଏହାର ପ୍ରଭାବରେ ପ୍ରାୟ ଏକ ସପ୍ତାହ କିମ୍ବା ଅଧିକ ସମୟ ପର୍ଯ୍ୟନ୍ତ ପୂର୍ବ ଏବଂ କେନ୍ଦ୍ରୀୟ ଅଂଶଗୁଡ଼ିକ ଉପରେ ମୌସୁମୀ ବର୍ଷା ଲାଗି ରହିବ ଏବଂ ମୌସୁମୀ ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି। ଫଳରେ ରାଜ୍ୟରେ ଯେଉଁ ନିଅଣ୍ଟିଆ ମୌସୁମୀ ବର୍ଷା ହୋଇଥିଲା, ତାହାର ଭରଣା ହେବ ବୋଲି କୁହାଯାଉଛି।

ସେପଟେ ବଙ୍ଗୋପସାଗରର ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଉପକୂଳ ଓଡ଼ିଶାରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ସକ୍ରିୟ ରହିଛି। ଏଥିସହ ଦକ୍ଷିଣ ଓଡ଼ିଶା ଏବଂ ପଡ଼ୋଶୀ ଦକ୍ଷିଣ ଛତିଶଗଡ଼ ଉପରେ ବିସ୍ତାରିତ ହୋଇ ରହିଛି। ଏହାର ପ୍ରଭାବରେ ସମୁଦ୍ର ପତ୍ତନ ଠାରୁ ୭.୬ କିଲୋମିଟର ଉଚ୍ଚତାରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଦକ୍ଷିଣ-ପଶ୍ଚିମ ଦିଗକୁ ସକ୍ରିୟ ରହିଛି। ଆଗାମୀ ୨ଦିନ ମଧ୍ୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓ ଉତ୍ତର ଓଡ଼ିଶାର ଅଧିକାଂଶ ଜିଲାରେ ହାଲୁକା ଏବଂ ମଧ୍ୟମ ଧରଣର ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଅନୁଗୋଳ, ବୌଦ୍ଧ, ବଲାଙ୍ଗୀର, ନୁଆପଡ଼ା, ନବରଙ୍ଗପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି। ଲଘୁଚାପ ପ୍ରଭାବରେ ବଙ୍ଗୋପସାଗରର ଉତ୍ତର ଉପକୂଳରେ ଘଣ୍ଟାପ୍ରତି ୪୦-୫୦ କିଲୋମିଟର ବେଗରେ ପବନ ବହିବା ସହ ସମୁଦ୍ର ଅଶାନ୍ତ ରହିବ। ତେଣୁ ଓଡ଼ିଶା ଉପକୂଳବର୍ତ୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର କୂଳରେ ରହୁଥିବା ମତ୍ସ୍ୟଜୀବୀଙ୍କୁ ଆସନ୍ତା ୨୪ ଘଣ୍ଟା ପାଇଁ ସମୁଦ୍ର ମଧ୍ୟକୁ ଯିବା ପାଇଁ ବାରଣ କରାଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ତାଳଚେରରେ ସର୍ବାଧିକ ୬୦ମିମି ବର୍ଷା ହୋଇଥିବାବେଳେ ବାଲେଶ୍ୱରରେ ୨୬, ବାରିପଦାରେ ୨୫, ଚାନ୍ଦବାଲିରେ ୧୨ମିମି ବର୍ଷା ରେକର୍ଡ କରାଯାଇଛି।



**ଆଜିର ମନ୍ତବ୍ୟ**

"ଭାଜପା ତାଲିବାନ୍ ସହ ଆଲୋଚନା କରିପାରିବ, କିନ୍ତୁ ନିଜ ଦେଶର ଚାଷୀଙ୍କ ସହିତ ନୁହେଁ।
-ରଣଦୀପ ସୂର୍ଯେୱାଲା, କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଲିପି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଅବହେଳା କଲେ ...

ବିରୋଧରେ ଲଢ଼ିବା ପାଇଁ କୋଭିଡ୍ ଆଚରଣ ବିଧି ହେଉଛି ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର। ତେଣୁ ଏହାର ଉପଯୁକ୍ତ ପାଳନ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ପିଲାମାନେ ଏ ପର୍ଯ୍ୟନ୍ତ ଟିକା ନେଇନାହାନ୍ତି। ତେଣୁ ସେମାନଙ୍କ ପାଇଁ ଆମକୁ ଅଧିକ ସତର୍କ ରହିବାକୁ ପଡ଼ିବ। କୋଭିଡ୍ ନିୟମ ପାଳନରେ ଅବହେଳା ଯଦି ଦୃଷ୍ଟିକୁ ଆସେ, ତେବେ ଅନୁଷ୍ଠାନର ମୁଖ୍ୟ ଦାୟୀ ରହିବେ। ପ୍ରଶାସନ ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରି ଶିକ୍ଷାନୁଷ୍ଠାନଗୁଡ଼ିକ ନିୟମିତ ଭାବେ ଅଚାନକ ଯାଞ୍ଚ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ହାଟ ବଜାର, ଧର୍ମାନୁଷ୍ଠାନ, ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଆଦିଗୁଡ଼ିକ ଉପରେ ସତର୍କ ଦୃଷ୍ଟି ରଖିବା ସହିତ ସେଠାରେ କୋଭିଡ୍ ନିୟମ କଡ଼ାକଡ଼ି ପାଳନ ଉପରେ ପ୍ରଶାସନ ଦୃଷ୍ଟି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟକର୍ମୀ, ସ୍କୁଲ ଯାଉଥିବା ପିଲା, ଗର୍ଭବତୀ ମହିଳା, ସରକାରୀ କର୍ମଚାରୀ ଏବଂ ପୋଲିସ ଏହି ହାଇ ରିସ୍କ ଗ୍ରୁପ୍‌ର ନିୟମିତ ଭାବେ ଟେଷ୍ଟିଂ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବେ କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟକର୍ମୀଙ୍କ ଭିତରେ ସଂକ୍ରମଣ ନଜରକୁ ଆସୁଛି। ତେଣୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ କାମ କରୁଥିବା ସ୍ୱାସ୍ଥ୍ୟକର୍ମୀ ଓ ନମୁନା ସଂଗ୍ରହ କରୁଥିବା ଟିମ୍‌ଗୁଡ଼ିକୁ କୋଭିଡ଼ ନିୟମ ସମ୍ପର୍କରେ ବାରମ୍ବାର ସଚେତନ କରାଯିବା ଉଚିତ। ଏହାସହିତ ଡେଲ୍‌ଟା ଭାରିଆଣ୍ଟ ଅଧିକ ସଂକ୍ରମଣ କରୁଥିବାରୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ କରି ନିରନ୍ତର ଦୃଷ୍ଟି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟକୁ ଟିକା ଯୋଗାଣରେ ବୃଦ୍ଧି ଘଟିଥିବାରୁ ଟିକାକରଣରେ ଉନ୍ନତି ଆସିଛି। ତେଣୁ ସବୁ ଲୋକ ଯେପରି ତାଙ୍କର ଦୁଇଟି ଡୋଜ୍ ନିଶ୍ଚିତ ନେବେ, ତାହା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗକୁ ପାର୍ବଣ ଋତୁ ଆସୁଛି। କେରଳରେ ଓନାମ୍ ପର୍ବ ପାଳନ ପରେ ପରେ ସଂକ୍ରମଣ ବୃଦ୍ଧି ହୋଇଥିଲା। ପାର୍ବଣ ସମୟରେ ସମସ୍ତଙ୍କୁ ଅଧିକ ସତର୍କ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହିତ ପରିସ୍ଥିତିର ଗୁରୁତ୍ୱକୁ ଉପଲବ୍ଧି କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହାଦ୍ୱାରା ଆମେ ଭବିଷ୍ୟତରେ ଲକ୍‌ଡାଉନକୁ ଏଡ଼ାଇ ପାରିବା ଏବଂ ଲୋକଙ୍କ ଆର୍ଥିକ ଅବସ୍ଥାରେ କ୍ଷତି ହେବ ନାହିଁ। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶର ଅନୁପାଳନ ଉପରେ ଗୁରୁତ୍ୱ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ବିଭାଗୀୟ କାର୍ଯ୍ୟକ୍ରମ ଉପରେ ତଥ୍ୟ ରଖିଥିଲେ। ପୋଲିସ ମହାନିର୍ଦ୍ଦେଶକ ଅଭୟ ମଧ୍ୟ କୋଭିଡ୍ ନିୟମ ଅନୁପାଳନ ଉପରେ ପୋଲିସର ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବିଏମ୍‌ସି ଏବଂ ସିଏମ୍‌ସି କମିଶନର, ଦେବଗଡ଼ ଓ ପୁରୀର ଜିଲାପାଳମାନେ ସେମାନଙ୍କ ଅଞ୍ଚଳର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବୈଠକରେ ଉନ୍ନୟନ କମିଶନରଙ୍କ ସମେତ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାରୁ...

## ଆଇନଶୃଙ୍ଖଳା: ସରକାରଙ୍କୁ ...

ଏଫ୍‌ଆଇଆର୍‌ରେ ନାଁ ଥିଲେ ମଧ୍ୟ ପୋଲିସ ତାଙ୍କୁ ଥରୁଟିଏ ବି ପଚରାଉଚରା କରିନାହିଁ। ଆଇନ ମନ୍ତ୍ରୀ ଇସ୍ତଫା ଦେଇ ନିଜକୁ ନିର୍ଦ୍ଦୋଷ ଥିବା ପ୍ରମାଣିତ କରନ୍ତୁ। ସରକାର ୫-ଟି ତଥା ମୋ ସରକାର ସ୍ୱଚ୍ଛତା କଥା କହୁଥିବାବେଳେ ଅପରାଧୀଙ୍କୁ ଘଣ୍ଟ ଘୋଡ଼ା ଯାଉଛି। ମୁଖ୍ୟମନ୍ତ୍ରୀ ନିଜର ଭାବମୂର୍ତ୍ତି ରଖିବା ପାଇଁ ଏହି ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ। ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତିକୁ ନେଇ ହୋଇଥିବା ଅଭିଯୋଗର ତଦନ୍ତ କରିବାକୁ ମାହାଙ୍ଗା ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ରାଜ୍ୟରେ ହତ୍ୟା, ବଳାତ୍କାର, ଚୋରି, ରାହାଜାନି, ଅପହରଣ ଭଳି ଘଟଣା ବଢ଼ିଚାଲିଛି। ମାନବବାଦ ସଂଗଠନ ମୁଖ୍ୟ ମାନସ ଦାସ ନିର୍ଯାତନାରେ ୬ପରିବାର ଗତ ୮ ବର୍ଷ ହେବ ଗାଁ ଛାଡ଼ି ଜଙ୍ଗଲରେ ରହୁଛନ୍ତି। ସରକାରୀ ଦଳରେ ମାନସଙ୍କ ପ୍ରଭାବ ରହିଛି। ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସହ ତାଙ୍କ ସମ୍ପର୍କ ନେଇ ଫଟୋ ଓ ଭିଡିଓ ଭାଇରାଲ ହେଉଛି। ଆମେ ଜନ ପ୍ରତିନିଧି ଥାନାକୁ ଗଲେ ପାଣି ଗ୍ଲାସ ମିଳୁ ନାହିଁ କିମ୍ବା ବସିବାକୁ କୁହାଯାଉନାହିଁ। ରାଜ୍ୟରେ ୨୭ ହଜାର ଶିଶୁ ନିଖୋଜ ଅଛନ୍ତି। ପରୀ ଏବଂ ପିହୁ ଭଳି ଶିଶୁ ଆଜି ମଧ୍ୟ ନିଖୋଜ ଅଛନ୍ତି। ଛାତ୍ରୀ, ମହିଳା କେହି ବି ରାଜ୍ୟରେ ସୁରକ୍ଷିତ ନାହାନ୍ତି ବୋଲି ମୋହନ ଅଭିଯୋଗ କରିଥିଲେ।

ଭାଜପା ସଦସ୍ୟ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ୨୦୧୫ରୁ ୨୦୨୧ ମଧ୍ୟରେ ରାଜ୍ୟରେ ହତ୍ୟା, ବଳାତ୍କାର ବୃଦ୍ଧି ପାଇଛି। ୨୦୧୫ରେ ୨୮୬ ବଳାତ୍କାର ମାମଲା ହୋଇଥିବାବେଳେ ୨୦୨୦ରେ ଏହା ୩୦୦୦ରେ ପହଞ୍ଚିଛି। ମହିଳା ଏବଂ ମା'ମାନଙ୍କୁ ସମ୍ମାନ ଓ ସୁରକ୍ଷା ଦେବା ନେଇ ସରକାର କେତେ ତତ୍ପର ତାହା ଏହି ଘଟଣାରୁ ଜଣାପଡୁଛି। ନୂଆ ଥାନା ଓ ଫାଣ୍ଡି ଖୋଲିବାକୁ ୭୦ଜଣ ବିଧାୟକ ଲେଖି କରି ଦେଇଥିଲେ ମଧ୍ୟ ସରକାରଙ୍କ ଉପରେ ଏହାର କିଛି ପ୍ରଭାବ ପଡୁନାହିଁ। ଭାଜପା ସଦସ୍ୟ କୁସୁମ ଟେଟେ ରାଜ୍ୟରେ ମହିଳା ଓ ଶିଶୁ ସୁରକ୍ଷିତ ନ ଥିବା କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଆପରାଧିକ କାର୍ଯ୍ୟକଳାପରେ ଉତ୍ତରପ୍ରଦେଶ ପ୍ରଥମ ସ୍ଥାନରେ ରହିଥିବା ବେଳେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ରାଜ୍ୟରେ ଶିଶୁକନ୍ୟା ଅପହରଣ ଏବଂ ସାଇବର ଅପରାଧ ବଢ଼ି ବଢ଼ି ଚାଲିଛି। ଏଥିସହ ମାଓବାଦୀ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇଛି। ରାଜ୍ୟ ସରକାର ଆଇନଶୃଙ୍ଖଳା ରକ୍ଷା କରିବା ଦିଗରେ ସେଭଳି କିଛି ପଦକ୍ଷେପ ନେବା ଭଳି ମନେ ହେଉ ନାହିଁ। ଏପରି କି ବହୁ ପୋଲିସ ପଦବୀ ଖାଲି ପଡ଼ିଛି। ସକରାରଙ୍କ ଏଭଳି ନିଷ୍କ୍ରିୟତା ସମ୍ପର୍କରେ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂହ ସାଲୁଜା କହିଛନ୍ତି ଯେ, ଅଫିସରମାନେ ଯାହା ଲେଖି ଦେଉଛନ୍ତି, ମନ୍ତ୍ରୀ ତାହାକୁ ପଢ଼ି ଦେଉଛନ୍ତି। ରାଜ୍ୟରେ ଗତ ବର୍ଷ ପ୍ରତି ୧ ଲକ୍ଷରେ ୭ଟି ବଳାତ୍କାର ହେଉଥିବାବେଳେ ଏବର୍ଷ ତାହା ୧୩କୁ ବୃଦ୍ଧି ପାଇଛି। ଗତ ଅଢ଼େଇ ବର୍ଷ ମଧ୍ୟରେ ୭,୪୧୭ ବଳାତ୍କାର ମାମଲା ରୁଜୁ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଜିଲା ଗଞ୍ଜାମରେ ସର୍ବାଧିକ ବଳାତ୍କାର ମାମଲା ହୋଇଛି। ରାଜ୍ୟ ସରକାର ସହରାଞ୍ଚଳରେ ଗୋଟିଏ ବି ମହିଳା ଥାନା ସ୍ଥାପନ କରି ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ଆଇନଶୃଙ୍ଖଳାକୁ ନେଇ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ସରକାରଙ୍କୁ କଡ଼ା ସମାଲୋଚନା କରିଥିବାବେଳେ ବିଜେଡି ସଭ୍ୟ ଅମର ଶତପଥୀ କହିଛନ୍ତି ଯେ, ବିରୋଧୀଙ୍କ ଅଭିଯୋଗ ସତ ନୁହେଁ। ଓଡ଼ିଶାରେ ଅପରାଧ ବଢ଼ିଛି। ଏହାକୁ ସରକାର ଲୁଚାଇନାହାନ୍ତି। ମାହାଙ୍ଗା ଡବଲ୍ ମର୍ଡର ଘଟଣା ଏବେ ନ୍ୟାୟାଳୟରେ ବିଚାରାଧୀନ ରହିଛି। ଏହା ଉପରେ ଆଲୋଚନା କରିବାର ଆବଶ୍ୟକତା ନାହିଁ। ମାନବବାଦ ସଂଗଠନ ମୁଖ୍ୟ ମାନସ ଦାସ ଏବଂ ତାଙ୍କ ପୁଅଙ୍କୁ ଗିରଫ କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ଭଲ ଥିବାରୁ ରାଜ୍ୟରେ ପୁଞ୍ଜିନିବେଶ ବଢୁଛି। ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବଢୁଛି। ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଭାଜପା ଶାସିତ ରାଜ୍ୟ ଉତ୍ତରପ୍ରଦେଶ, ହରିୟାଣା ଭଳି ରାଜ୍ୟରେ ଚାଷୀଙ୍କ ଉପରକୁ ଗୁଳି କରାଯାଉଛି। ଓଡ଼ିଶାରେ କୃଷକ, ଛାତ୍ର ଓ ସମସ୍ତ ନାଗରିକ ସୁରକ୍ଷିତ ଅଛନ୍ତି। ମହିଳାମାନେ ସାମାଜିକ, ଆର୍ଥିକ ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ପୋଲିସ ଉପରେ ମହିଳାଙ୍କ ଭରସା ରହିଛି। ଥାନାରେ ମହିଳା ଓ ଶିଶୁ ଡେସ୍କ ଖୋଲା ଯାଇଛି। ବିଜେଡି ସଭ୍ୟ ନୃସିଂହ ଚରଣ ସାହୁ, ରାଜ କିଶୋର ଦାସ ଆଇନଶୃଙ୍ଖଳାକୁ ନେଇ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

## ରାଜ୍ୟରେ ଶାନ୍ତି ...

ମଧ୍ୟରେ ସଦ୍‌ଭାବ ବଜାୟ ରହିଛି। କୋଭିଡ୍ ପରିସ୍ଥିତିକୁ ପୋଲିସ ସଫଳତାର ସହ ମୁକାବିଲା କରିଛି ବୋଲି ମିଶ୍ର କହିଛନ୍ତି। ୨୦୨୦ରେ ୧୯୩୧ ମାମଲା ରୁଜୁ କରାଯାଇଥିବାବେଳେ ୩୬୬ଜଣଙ୍କୁ ଗିରଫ କରାଯାଇଥିଲା। ୨୦୨୧ ଜୁନ୍ ୩୦ ତାରିଖ ସୁଦ୍ଧା ୯୬୧ ସାଇବର ଅପରାଧ ମାମଲା ରୁଜୁ ହୋଇଥିବାବେଳେ ୧୫୧ଜଣଙ୍କୁ ଗିରଫ କରାଯାଇଛି। ସାଇବର ଅପରାଧ ତଦନ୍ତ ଲାଗି ୨୧୦ ପୋଲିସ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ୨୦୨୧ ସୁଦ୍ଧା ସାଇବର କ୍ରାଇମ୍ ୟୁନିଟଗୁଡ଼ିକର କାର୍ଯ୍ୟାନୁଷ୍ଠାନ ଯୋଗୁ ୨୯,୪୮,୨୨୪ ଟଙ୍କା ଉଦ୍ଧାର କରାଯାଇଛି। ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧକୁ ରୋକିବା ଲାଗି ରାଜ୍ୟ କ୍ରାଇମ୍‌ବ୍ରାଞ୍ଚ ଅଧୀନରେ ଏକ ମହିଳା ଓ ଶିଶୁ ଅପରାଧ ୟୁନିଟ କାର୍ଯ୍ୟକାରୀ କରାଯାଉଛି। ସମୟୋପଯୋଗୀ ଗୋଇନ୍ଦା ତଥ୍ୟ ଏବଂ ପୋଲିସର ଆଗୁଆ କାର୍ଯ୍ୟାନୁଷ୍ଠାନ ଫଳରେ ମହାମାରୀ କୋଭିଡ୍-୧୯ ସମୟରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜି ନାହିଁ। ୬୨ପୋଲିସ କର୍ମଚାରୀ କୋଭିଡ୍ ଯୋଦ୍ଧା ଭାବେ ଶହୀଦ ହୋଇଛନ୍ତି। ୧୦୨୬ରୁ ଅଧିକ ପୋଲିସ କର୍ମଚାରୀ କୋଭିଡ୍ ରୋଗୀଙ୍କ ପାଇଁ ପ୍ଲାଜ୍‌ମା ଦାନ କରିଛନ୍ତି। ଗତ ୧ବର୍ଷ ମଧ୍ୟରେ ମାଲକାନଗିରି ସ୍ୱାଭିମାନ ଅଞ୍ଚଳରେ ଗୁରୁପ୍ରିୟା ସେତୁ ସମେତ ପୋଲିସ ପାଇଁ ନୂତନ ୩ଟି ଶିବିର ସ୍ଥାପନ କରାଯାଇଛି। ସ୍ୱାଭିମାନ ଅଞ୍ଚଳରେ ଯୋଡ଼ାମ୍ବୋ ଥାନା କାର୍ଯ୍ୟକାରୀ ହୋଇଛି। ଅପରାଧ ଓ ଜରୁରୀ ସେବା ସମୟରେ ତୁରନ୍ତ ସେବା ଯୋଗାଇବା ଲାଗି ରାଜ୍ୟ ସରକାର ଏମରଜେନ୍ସି ରେସ୍ପନ୍ସ ସପୋର୍ଟ ସିଷ୍ଟମ୍(ଇଆର୍‌ଏସ୍‌ଏସ୍) କାର୍ଯ୍ୟକାରୀ କରିଛନ୍ତି। ଏହାର କମାଣ୍ଡ ସେଣ୍ଟର ଭୁବନେଶ୍ୱରରେ ସ୍ଥାପନ କରାଯାଇଛି। ଏହାଦ୍ୱାରା ୧୧୨ ନମ୍ବର ଯୋଗେ ପୋଲିସ ସେବା, ଆମ୍ବୁଲାନ୍ସ, ଅଗ୍ନିଶମ ସେବା, ମହିଳା ଓ ଶିଶୁ ସହାୟତା ଆଦି ଉପଲବ୍ଧ ହୋଇପାରୁଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୧୦୯୮ଟି ବିଭିନ୍ନ ପଦବୀ ଯଥା ୪ ଡିଏସ୍‌ପି, ୧୫୧ ସବ୍‌ଇନ୍ସପେକ୍ଟର, ୨୦୩ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର, ୭୪୦ କନ୍‌ଷ୍ଟେବଳ ପଦବୀ ସୃଷ୍ଟି କରିଛନ୍ତି। ମହିଳାମାନଙ୍କ ବିରୋଧରେ ଘଟୁଥିବା ଅପରାଧଗୁଡ଼ିକୁ ପରିଚାଳନା କରିବା ନିମନ୍ତେ ମାମଲାଗୁଡ଼ିକୁ ରେଡ୍ ଫ୍ଲାଗ ପର୍ଯ୍ୟାୟଭୁକ୍ତ କରାଯାଇଛି। ୨୦୨୧ ଜୁଲାଇ ୩୧ ତାରିଖ ସୁଦ୍ଧା ୮୧ ମାମଲାକୁ ରେଡ୍ ଫ୍ଲାଗ ମାମଲା ଭାବେ ଗ୍ରହଣ କରାଯାଇଛି। ୨୦୨୦ରେ ବିପୁଳ ପରିମାଣର ୧୫୪୯ କୁଇଣ୍ଟାଲ ୮୦ କିଗ୍ରା ଗଞ୍ଜେଇ ଏବଂ ୨୦୨୧ ଜୁନ୍ ସୁଦ୍ଧା ୮୦୭ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଚଳିତ ବର୍ଷ ଡ୍ରଗ୍ସ ଚୋରା କାରବାରକୁ ରୋକିବା ଲାଗି ଏସ୍‌ଟିଏଫ୍, ପିଆଇଡି, କ୍ରାଇମ୍‌ବ୍ରାଞ୍ଚ ଅଧୀନରେ ଏକ ନାର୍କୋଟିକ ୟୁନିଟ ସ୍ଥାପନ କରାଯାଇ ୨୭ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଚଳିତ ବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ପୋଲିସର ସୁବନ୍ଦୋବସ୍ତ ଫଳରେ ଶାନ୍ତିଶୃଙ୍ଖଳା ସହିତ ସମାହିତ ହୋଇଛି। ରାଜ୍ୟରେ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପ ଘଟି ନାହିଁ। ମାଓବାଦୀ ପରିସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। କେନ୍ଦ୍ର ସରକାରଙ୍କ ନିରାପତ୍ତାଜନିତ ବ୍ୟୟ ଯୋଜନା ଅନୁଯାୟୀ ୧୫ ମାଓବାଦୀ ପ୍ରଭାବିତ ଜିଲା ମଧ୍ୟରୁ ୫ ଜିଲା ଯଥା ଅନୁଗୋଳ, ବୌଦ୍ଧ, ଦେବଗଡ଼, ନୟାଗଡ଼ ଏବଂ ସମ୍ବଲପୁର ନକ୍ସଲ କାର୍ଯ୍ୟକଳାପରୁ ମୁକ୍ତ ରହିଛି। ପୋଲିସର ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ଫଳରେ ଚଳିତ ବର୍ଷ ଅଦ୍ୟାବଧି ରାଜ୍ୟରେ ୩ ଜଣ ମାଓବାଦୀ ମୃତ୍ୟୁବରଣ କରିଥିବା ବେଳେ, ୨୫ ଜଣ ମାଓବାଦୀ ଗିରଫ ହୋଇଛନ୍ତି ଓ ୧୫ ଜଣ ଆତ୍ମସମର୍ପଣ କରିଛନ୍ତି। ସରକାର ସଦାସର୍ବଦା ଆଇନଶୃଙ୍ଖଳା ରକ୍ଷା, ଲୋକଙ୍କ ଧନଜୀବନ ରକ୍ଷାକୁ ପ୍ରାଥମିକତା ଦେଇଆସୁଛନ୍ତି। ଏସବୁକୁ ଦେଖିଲେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଛି ବୋଲି ମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଛନ୍ତି। ତେବେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ପ୍ରକାଶ କରି ବିରୋଧୀ ଭାଜପା ଓ କଂଗ୍ରେସ ଦଳର ସଦସ୍ୟମାନେ ବିଧାନସଭା କକ୍ଷତ୍ୟାଗ କରି ଚାଲି ଯାଇଥିଲେ।

## ସ୍କୁଲ ବନ୍ଦ ...

ପରିସ୍ଥିତି ଭୟାନକ ହେବ। ଏପରି କି ଆବଶ୍ୟକ ପଡ଼ିଲେ ସ୍କୁଲ ବନ୍ଦ ହୋଇପାରେ ବୋଲି ଡିଏମ୍‌ଇଟି କହିଛନ୍ତି। ରାଜ୍ୟରେ ଶିଶୁଙ୍କ ସଂକ୍ରମଣ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ସ୍କୁଲରେ ସଂକ୍ରମଣ ବଢ଼ିବ ବୋଲି ପୂର୍ବରୁ ଆଶଙ୍କା କରାଯାଉଥିଲା। କେତେ ଶିଶୁଙ୍କ ପାଖରେ ଲକ୍ଷଣ ଅଛି, କେତେ ଗୁରୁତର ତାହା ଦେଖିବାକୁ ପଡ଼ିବ। ସର୍ଭିଲାନ୍ସକୁ କଡ଼ାକଡ଼ି କରିବା ଛଡ଼ା ଆଉ କିଛି ଅଲଗା ବାଟ ନାହିଁ। ଯଦି ଶିଶୁଙ୍କ ପାଖରେ କୋଭିଡ୍ ଲକ୍ଷଣ ରହୁଛି, ତା'ହେଲେ ସ୍କୁଲ ନ ଆସିବାକୁ ସେ ପରାମର୍ଶ ଦେଇଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ, ଆଇସିୟୁରେ ୨% ଶିଶୁ ଚିକିତ୍ସାଧୀନ ଅଛନ୍ତି। ଭେଣ୍ଟିଲେଟରରେ କେହି ପିଲା ନାହାନ୍ତି। ଅଧିକାଂଶ ପିଲା ମାଇଲ୍ଡ ବା ସ୍ୱଳ୍ପ ସଂକ୍ରମିତ ହୋଇଛନ୍ତି। ଦ୍ୱୈତନଗରୀରେ ଆର୍ ଭ୍ୟାଲୁ ୧ ପ୍ରତିଶତ ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୪ଘଣ୍ଟାରେ ରାଜ୍ୟରେ ୫୭,୩୦୩ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୮ ଜିଲାରୁ ୬୩୮ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ପୁଣି ୧% ବଢ଼ି ୧.୧୧%କୁ ଛୁଇଁଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୨୪୫ ଓ କଟକରୁ ୬୬ ଜଣ ଥିବାବେଳେ ବାକି ୨୬ ଜିଲାରୁ ସଂକ୍ରମିତଙ୍କ ସଂଖ୍ୟା ୫୦ ତଳେ ରହିଛି। ଫଳରେ ରାଜ୍ୟରେ ମୋଟ ସଂକ୍ରମଣ ସଂଖ୍ୟା ୧୦,୧୨,୮୦୫କୁ ବୃଦ୍ଧି ପାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ପରିସ୍ଥିତି ବିଗିଡ଼ି ଯାଇଥିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପରିବହନ, ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟରେ ଆଶା ଅନୁଯାୟୀ ସଫଳତା ଲାଭ କରିବେ। ଭ୍ରାତୃବର୍ଗ ଦ୍ୱାରା ପଡ଼ୋଶୀଙ୍କ ସହ ଉପୁଜିଥିବା ସମସ୍ୟା ସମାଧାନ ହେବାର ଆଶା ରହିଛି।

**ବୃଷ** କର୍ମକ୍ଷେତ୍ରରେ ନିଜ ଲୋକଙ୍କ ଉପରେ ପୂର୍ଣ୍ଣ ଭରସା କରି ପ୍ରତାରିତ ହୋଇପାରନ୍ତି। କୌଣସି ଉନ୍ନତିମୂଳକ କାମ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକ ପଡ଼ିପାରେ। ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଆଲୋଚନା କ୍ରମେ ପିଲାମାନଙ୍କ ଅସୁବିଧା କଥା ଚିନ୍ତା କରିପାରନ୍ତି।

**ମିଥୁନ** ସାମାଜିକ ସ୍ତରରେ ଦୀର୍ଘ ଦିନର ଶତ୍ରୁତା ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରେ। ବନ୍ଧୁଙ୍କ ପରାମର୍ଶ କ୍ରମେ ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଅଫିସରେ ଗୋଡଟଣା ଟଣି ହେତୁ ସୁବିଧାରେ କାମ ହାସଲ କଷ୍ଟକର ହୋଇପଡ଼ିବ। ପରିବାରରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବ ନାହିଁ।

**କର୍କଟ** ଆଜି ହାତକୁ ନେଇଥିବା କାମଗୁଡ଼ିକ ସୁରୁଖୁରୁରେ ହୋଇଯିବା କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ଆର୍ଥିକ ଦିଗରୁ ସନ୍ତୋଷଜନକ ଫଳ ପାଇ ମନ ଖୁସୀ ରହିବ। ଅଶ୍ଳେଷା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ବ୍ୟବସାୟିକ ସ୍ଥିତି ପ୍ରାୟତଃ ସନ୍ତୋଷଜନକ ରହିବ।

**ସିଂହ** ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ତଥା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କୌଣସି ଗୁରୁତ୍ୱପୂର୍ଣ୍ଣ କାମ ହାସଲ ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ।

**କନ୍ୟା** ଆଶା ପୂରଣ ହେବା ସଙ୍ଗକୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରିବାରରେ ପାରସ୍ପରିକ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଆନୁଷ୍ଠାନିକ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଜମିଜମା କାରବାର, ପ୍ରେସ୍, ପବ୍ଲିକେଶନରେ ସମସ୍ୟା ସମାଧାନ ହୋଇଯିବ।

**ତୁଳା** ପାରସ୍ପରିକ ମତଭେଦ କାରଣରୁ ପରିବାରରେ ଅଶାନ୍ତିଜନିତ ଦୁଃଖୀ ହୋଇପାରନ୍ତି। ସାମାଜିକ ସ୍ତରରେ ଧର୍ମକାର୍ଯ୍ୟ କରି ଏବଂ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କର୍ମକ୍ଷେତ୍ରରେ କଠିନ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବେ। ବନ୍ଧୁମାନେ ନିଜର ଫାଇଦା ହାସଲ କରିବା ଲାଗି ମନ ବଳାଇବେ।

**ବିଛା** ବହୁତ ଝଡ଼ଝଞ୍ଜା ମଧ୍ୟ ଦେଇ ହାତକୁ ନେଇଥିବା କାମଟିକୁ ସମ୍ପୂର୍ଣ୍ଣ କରିବେ। ପରିବାରରେ ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ମାନସିକ ଅବସାଦ ଦୂର ହେବାରେ ବନ୍ଧୁ ସାହାଯ୍ୟ କରିବାର ଆଶା ରହିଛି।

**ଧନୁ** ଆଜି ଆପଣଙ୍କୁ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ନତୁବା ସମାଲୋଚିତ ହେବାକୁ ପଡ଼ିପାରେ। ନୂତନ ଗୃହାରମ୍ଭ, ଜମିଜମା କାରବାର ସକାଶେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ରପ୍ତାନି ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଭାଇ, ବନ୍ଧୁ କୁଟୁମ୍ବଙ୍କ ସୁସମ୍ପର୍କ ରହି ନ ପାରେ।


**ମକର** ଦୀର୍ଘ ଦିନରୁ ଲାଗି ରହିଥିବା ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ ଓ କାର୍ଯ୍ୟ ହାସଲ କରିବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ପାରିବାରିକ ସମସ୍ୟାକୁ ପଡ଼ୋଶୀଙ୍କ ଦ୍ୱାରା ସମାଧାନ କରିବେ। ଆର୍ଥିକ ସ୍ଥିତି ପୂର୍ବ ପରି ରହିବା ମନସ୍ତାପର କାରଣ ହୋଇପାରେ।

**କୁମ୍ଭ** ଶାରୀରିକ ସୁସ୍ଥତା ଓ ଆର୍ଥିକ ଅଭିବୃଦ୍ଧି ମାନସିକ ସୁସ୍ଥତାର କାରଣ ହେବ। ଆଜି ଦିନରେ ପରିବାର, ବ୍ୟବସାୟ, ସଭାସମିତି, ପରିବହନ, ପ୍ରଶାସନିକ କ୍ଷେତ୍ରରେ ସୁଫଳ ପାଇବେ। ସରକାରୀ ସ୍ତରୁ ଆଶା କରୁଥିବା ଶୁଭଖବର ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** କର୍ମକ୍ଷେତ୍ରରେ ସମସ୍ୟା ସୁଧୁରିଯିବା କାରଣରୁ ପାରିବାରିକ ସଦ୍ଭାବ କ୍ରମଶଃ ବୃଦ୍ଧି ପାଇବ। ପରିବାରରେ ଭୁଲ୍ ବୁଝାମଣାଜନିତ ବନ୍ଧୁ ସମ୍ପର୍କରେ ଅବନ୍ତି ଘଟିପାରେ। ଧାତୁ, ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ବ୍ୟସ୍ତ ନ ହୋଇ ଅପେକ୍ଷା କରନ୍ତୁ ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହୋଇପାରିବ।


# classifieds Everyday

0674-2580101, 2549302





**BRIDE WANTED**

ବ୍ରାହ୍ମଣ, କରଣ, ଖଣ୍ଡାୟତ, କ୍ଷତ୍ରିୟ, ତେଲି, ଗଉଡ଼ ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68282

**GROOM WANTED**

"Fair beautiful Gopal bride 27 year/ 5'5" MCA (OUAT BBSR). Father Retired Govt Officer. Looking for suitable Gopal groom, preferably Govt/ PSU Job. Contact: 9437533402". D-21537

ସୁନ୍ଦର 40 ବୟସ୍କା ବ୍ରାହ୍ମଣ ଏକ ସନ୍ତାନ ଥିବା ଛାଡ଼ପତ୍ର ଝିଅଙ୍କୁ ଯେ କୌଣସି ଜାତିର ରୋଜଗାରିଆ ଘରଜ୍ୱାଇଁ ଆବଶ୍ୟକ। 7606067313. D-21540

Postal Department Job କରୁଥିବା 39 ବୟସ୍କା ଖଣ୍ଡାୟତ ବିଧବା ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7681060810. D-21541





**SALE**

ହଂସପାଳ, ଅଟଳା, ପାହାଳ **Duplex/ Simplex** ପ୍ଲଟ୍ ସୁଲଭ ମୂଲ୍ୟରେ ଉପଲବ୍ଧ। **7855995233.** D-71407

**Bhubaneswar residential plot Pahal NH Back Side of Jagannath Temple, sqft. 1850/-, 2250/-, Balianta 850/- 1250/-, 8249477254, 7978230118.** D-70887

ଭୁବନେଶ୍ୱର ବିକାଶ ସ୍କୁଲ ନିକଟରେ ଘରବାରି ପ୍ଲଟ୍ sqft.-650/-, ସୁନ୍ଦରପଦାରେ 1500/-, 9937984256. D-70899

Land Owner plot for sale Patrapada CV Raman College yellowzone, Price-999/-. 9437335686, 7008487006. D-21504

**2/3 BHK flats sale at Mancheswar Railway Station, Bhubaneswar discount upto-5,00,000/-. 8114982646, 9040744989.** D-70890

ହଂସପାଳ ଛକରୁ 2K.M. ଦୂରରେ immediate ଘରକରି ରହିବା ପାଇଁ yellowzone ଘରବାରି ପ୍ଲଟ୍ ମିଳୁଛି। 9692213354. D-70479

**Bhubaneswar infocity-2 ପାଖରୁ 200mtrs distance ଘରବାରି ପଟ୍ଟା (4plots) 30ft. road, electricity available. Rate-21,00,000/-, 7978444805.** D-70900

ପାରାଦୀପଠାରେ ବିଶ୍ୱର Business Hub ହେବାକୁ ଯାଉଥିବା ବଡ଼ବନ୍ଧ Railway Station ପାଖରେ litigation free, ପ୍ରଦୂଷଣମୁକ୍ତ ଏକ ଏକର ଘରବାଡ଼ି commercial ଜାଗା ବିକ୍ରିହେବ (Single Owner). ଷ୍ଟାର୍ ହୋଟେଲ୍, ମାର୍କେଟ୍ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ଇତ୍ୟାଦି ପାଇଁ ଉପଯୁକ୍ତ। 8917413036. D-71151





**Construct your home with branded material. We provide plan approval, boring, vastu. 7789824989, 9040744989.** D-70891





ଏୟାରପୋର୍ଟ, ରେଳଷ୍ଟେସନ୍, ବିଜେବି କଲେଜ, ସର୍ବୋତ୍କୃଷ୍ଟ ସ୍କୁଲ, କୋର୍ଟ ଇତ୍ୟାଦି ନିକଟରେ ଥିବା ବିଜେବି ନଗର ଭୁବନେଶ୍ୱର ସହରର ଆଭିଜାତ୍ୟପୂର୍ଣ୍ଣ ଅଞ୍ଚଳ। ୨୦୦୦ବର୍ଗଫୁଟର ଅତ୍ୟାଧୁନିକ ସୁବିଧା ଉପଲବ୍ଧ ସ୍ୱତନ୍ତ୍ର ପ୍ରବେଶପଥ ଥିବା ପ୍ରଥମ ମହଲା ଅଫିସ୍ ପାଇଁ ଭଡ଼ା ଦିଆଯିବ। ଯୋଗଯୋଗ- ୮୯୧୭୨୧୧୪୭୮. ଧ-୭୦୪୮୦

4000sqft. Godown with office space for rent at BJB Nagar. Contact: 9937095445. D-70478





Refreshments rejuvenation body massage therapy with experience therapists, Bhubaneswar. 9668374480. D-71152

Newly Open Saikrupa Panchakarma Spa positively health benefits with Expert. 8984068077. D-21564

**Refreshing your mind, your body with tha best therapy at Lotus SPA. 8018891951.** D-70482

Newly open SPA Offer @699/-, positively health benefits, Jaydevbihar. 7846814019. D-71411

Take wellness relax massage trained ladies / jents therapist 800/-. 7008773793. D-71409

Swarna SPA newly open positively health benefits with expert therapist. 9556978408. D-71150

Newly open therapy centre offer @ 799/-, positively health benefits. 7381172169. D-71410

Newly open full body massage ladies and gents. 7894304092, 8327740003. D-70481

Newly open SPA Offer @599/-, positively health benefits, Kalpana. 8984846329. D-71413





Project Contract for NGO, SHG, Social Workers. Contact 8260052422, 9348062884. D-21575

**AFFIDAVIT**

I, Mariam Munda by affidavit on dt. 05.11.2009 before Notary Public, Sambalpur declare that I came to known as Mariam Munda instead of Mariyam Munda or Mariyam Gedam. I doing any signature as Mariam Munda where required. D-21577

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଜନ୍ମଦିନ ଶୁଭେଚ୍ଛା**



**ସନ୍ଧ୍ୟାରାଣୀ ରାଉତ (ଲିପି)**

(ଭାଦ୍ରବ ମାସ ଶୁକ୍ଲପକ୍ଷ ୨ୟାରେ) ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ କରନ୍ତୁ ତୁମ ଚଲାପଥ ହସଖୁସିରେ ଭରିଉଠୁ।

-:ଶୁଭେଚ୍ଛା ସହ:-
ବାପା, ମାଆ, ଲିଟୁ ଓ ପରିବାରବର୍ଗ।
ଧ-୬୭୪୧୨

**Ph.D. ଲାଭ**



ସ୍ଥାନୀୟ ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବେନ୍ତାଳ ଗ୍ରାମର ଶରେନ୍ଦୁ ଶେଖର ମିଶ୍ର ବାରିପଦାସ୍ଥ 'ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ'ରୁ ତା ୦୧.୦୯.୨୦୨୧ରିଖରେ "ବିଦ୍ୟାରଣ୍ୟକୃତ ଅନୁଭୂତି ପ୍ରକାଶେ ଔପନିଷଦୀୟ ପ୍ରତିଫଳନମ୍" ବିଷୟରେ ବାରିପଦା ସରକାରୀ ଡିଗ୍ରୀ ସଂସ୍କୃତ ମହାବିଦ୍ୟାଳୟର ବ୍ୟାକରଣ ଅଧ୍ୟାପକ ଡ. ସୁବଳ ଚନ୍ଦ୍ର ସାହୁଙ୍କ ମାର୍ଗ ଦର୍ଶନରେ Ph.D. ଉପାଧି ଲାଭ କରିଛନ୍ତି। ଶ୍ରୀ ମିଶ୍ର ପିତା ଶ୍ରୀଯୁକ୍ତ କରୁଣାକର ମିଶ୍ର ଓ ଶ୍ରୀମତୀ ଲତା ମଙ୍ଗେସ୍କର ପତିଙ୍କ ଜ୍ୟେଷ୍ଠପୁତ୍ର ତଥା ଶ୍ରୀଯୁକ୍ତ ଅଶୋକ କୁମାର ଶତପଥୀ ଓ ଶ୍ରୀମତୀ ଜ୍ୟୋସ୍ନାମୟୀ ଶତପଥୀଙ୍କ ଜାମାତା ଅଟନ୍ତି। ଶ୍ରୀ ଶରେନ୍ଦୁ ଶେଖର ମିଶ୍ର ନିଜର କଠୋର ଅଧ୍ୟବସାୟ ବଳରେ ବୈଦିକ ସିଦ୍ଧାନ୍ତ ଓ ଉପନିଷଦ୍‌ର ସାରଭୂତ ତଥ୍ୟକୁ ନିଜର ଶୋଧପ୍ରବନ୍ଧରେ ଆଲୋକପାତ କରି ଆଧ୍ୟାତ୍ମ ଚିନ୍ତା ଚେତନାକୁ ଋଦ୍ଧିମନ୍ତ କରିଛନ୍ତି। ଏହି ଶୋଧପ୍ରବନ୍ଧଟି ଭାରତୀୟ ଦର୍ଶନ ଜିଜ୍ଞାସୁମାନଙ୍କ ନିମନ୍ତେ ଅତ୍ୟନ୍ତ ଉପାଦେୟ ଓ ଦେଦୀପ୍ୟମାନ ଅଟେ। ଏହି ଶୋଧକାର୍ଯ୍ୟରେ ଡ. ଦେବେନ୍ଦ୍ର ପ୍ରସାଦ ମାଝୀ, ଶ୍ରୀ ଜଗନ୍ନାଥ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରୋ. ଶ୍ରୀଯୁକ୍ତ ପ୍ରଭାତ ରଞ୍ଜନ ମହାପାତ୍ର ଓ ଲୋକଭାଷା ପ୍ରଚାର ସମିତିର ପ୍ରତିଷ୍ଠାତା ପ୍ରୋ. ସଦାନନ୍ଦ ଦୀକ୍ଷିତଙ୍କ ପ୍ରେରଣା ଅବିସ୍ମରଣୀୟ। ଏହି ସଫଳତା ପାଇଁ ମାର୍ଗଦର୍ଶକ, ବିଶ୍ୱବିଦ୍ୟାଳୟର ବିଭାଗୀୟ ଅଧିକାରୀ ଓ ଶୁଭେଚ୍ଛୁ ତଥା ପତ୍ନୀ: ରାଜଶ୍ରୀ ଶତପଥୀ, ଭିଣୋଇ: ପ୍ରୋ. ହିମାଂଶୁ ଶେଖର ମିଶ୍ର, ଭଗିନୀ: ଶ୍ରୀମତୀ ମଞ୍ଜୁଷା ମିଶ୍ର, ଭ୍ରାତା: ଅର୍ଦ୍ଧେନ୍ଦୁ ଏବଂ ଭ୍ରାତାବଧୂ: ଜ୍ୟୋତିର୍ମୟୀ, ଭାଣିଜୀ: ହିରଣ୍ମୟୀ, ପୁତ୍ରୀ: ଆରାଧ୍ୟା ଏବଂ ଋତୁପର୍ଣ୍ଣାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।
ଧ-୨୧୫୬୮

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ଭୁଲ୍ ବୁଝାମଣାକୁ ବହୁତ ଡରେ




**କେବଳ ରିଲ୍‌ରେ ନୁହେଁ, ରିୟଲ ଲାଇଫ୍‌ରେ ଅନେକଙ୍କ ପାଇଁ ହିରୋ ସାଜିଛନ୍ତି ସବ୍ୟସାଚୀ ମିଶ୍ର। ପେସାରେ ଜଣେ ଇଞ୍ଜିନିୟର ହୋଇଥିଲେ ବି ଅଭିନୟ ପାଇଁ ଚାକିରି ଛାଡ଼ିଥିଲେ। ଆଲ୍‌ବମ୍ 'ବେଣୀ ନୁହେଁ ତତେ ଖୋସା ମାନିବ' ମାଧ୍ୟମରେ ସେ ପରଦାକୁ ଓହ୍ଲାଇଥିଲେ। ତାଙ୍କ ଅଭିନୀତ ପ୍ରଥମ ଚଳଚ୍ଚିତ୍ର ଥିଲା 'ପାଗଳପ୍ରେମୀ'। ସେ ଶ୍ରେଷ୍ଠ ଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ଫିଲ୍ମ ଫେୟାର ଆୱାର୍ଡ ପାଇଛନ୍ତି। ୧୦୦ରୁ ଊର୍ଦ୍ଧ୍ୱ ଆଲବମ୍, ୪୫ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ର ସମେତ ତେଲୁଗୁ, ବଙ୍ଗଳା ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଛନ୍ତି। ୧୯୮୫ ଅକ୍ଟୋବର ୬ରେ ସମ୍ବଲପୁର ଜିଲ୍ଲା ବୁର୍ଲାରେ ଜନ୍ମଗ୍ରହଣ କରିଥିବା ସବ୍ୟସାଚୀ ଏବେ ଭୁବନେଶ୍ୱରରେ ରହୁଛନ୍ତି। ତାଙ୍କ ମା' ଡ. ସୁଷମା ମିଶ୍ର ଜଣେ ସାହିତ୍ୟିକା ଏବଂ ବାପା ସୁରେନ୍ଦ୍ର ମିଶ୍ର ହେଉଛନ୍ତି ଅବସରପ୍ରାପ୍ତ ଆଇଏଏସ୍ ଅଫିସର। ଅଭିନୟ ଓ ବ୍ୟକ୍ତିଗତ ଜୀବନକୁ ନେଇ ସବ୍ୟସାଚୀଙ୍କ ସହ ଧରିତ୍ରୀର ବନ୍ଦନା ସେଠୀଙ୍କ ଆଳାପ।**

**ଧରିତ୍ରୀ ଆଳାପ**

**ପ୍ରଶ୍ନ– ଚାକିରି ଛାଡ଼ି ଅଭିନୟକୁ କାହିଁକି ପ୍ରଫେସନ କଲେ?**

ଉତ୍ତର: ଛୋଟବେଳୁ ମୋର ଅଭିନୟ କରିବାର ବହୁତ ଇଚ୍ଛା ଥିଲା। କିନ୍ତୁ ବାପାଙ୍କର ନିୟମ ଥିଲା, ଯାହା ବି କର କିନ୍ତୁ ପାଠ ଛାଡ଼ିବୁନି। ତେଣୁ ତାଙ୍କ କଥା ମାନି ପାଠ ପଢ଼ୁଥିଲି। ଇଞ୍ଜିନିୟରିଂ ପରେ ଏକ ସଫ୍ଟୱେୟାର କମ୍ପାନୀରେ ଚାକିରି କଲି। ମାତ୍ର ମନ ମୋର ଅଭିନୟରେ ଥିଲା। ସେଥିପାଇଁ ଆଲ୍‌ବମ୍‌କୁ ମାଧ୍ୟମ କଲି। ଆଲବମ୍ ପରେ ଚଳଚ୍ଚିତ୍ର କରିବାର ସୁଯୋଗ ମିଳିଲା। ଦର୍ଶକମାନେ ପସନ୍ଦ କଲେ ଓ ଧୀରେ ଧୀରେ ମତେ ଅଫର୍ ମିଳିବା ଆରମ୍ଭ ହେଲା, ତା'ପରେ ଚାକିରି ଛାଡ଼ିଦେଲି।

**ପ୍ରଶ୍ନ– ଅଭିନୟର ପ୍ରଥମ ସୁଯୋଗ କେମିତି ପାଇଥିଲେ?**

ଉତ୍ତର: ସେତେବେଳେ ଦୂରଦର୍ଶନରେ 'ରଙ୍ଗାରଙ୍ଗ' ନାମରେ ଏକ କାର୍ଯ୍ୟକ୍ରମ ପ୍ରସାରିତ ହେଉଥିଲା। ଯୁକ୍ତ୨ ସରିବା ପରେ ମୋର କିଛିଟା ଫଟୋ ସେହି କାର୍ଯ୍ୟକ୍ରମର ଯୋଗାଯୋଗ ଠିକଣାରେ ପଠାଇଥିଲି। ରଙ୍ଗାରଙ୍ଗର ନିର୍ଦ୍ଦେଶକ ସରୋଜ ଶତପଥୀଙ୍କୁ ମୋ ଫଟୋ ଭଲ ଲାଗିଥିଲା ଓ ସେ ମତେ ପ୍ରଥମ କରି ଆଲ୍‌ବମ୍‌ରେ ସୁଯୋଗ ଦେଇଥିଲେ।

**ପ୍ରଶ୍ନ– ଲକ୍‌ଡାଉନ ସମୟରେ ଆପଣ ଲୋକଙ୍କୁ ସହାୟତା କରୁଥିବା ଦେଖିବାକୁ ମିଳିଥିଲା। ସମାଜସେବାର ପ୍ରେରଣା କେଉଁଠୁ ପାଇଥିଲେ?**

ଉତ୍ତର: ଏଥିପାଇଁ ଛୋଟବେଳୁ ମା' ବାପାଙ୍କଠାରୁ ମତେ ପ୍ରେରଣା ମିଳିଛି। ବାପାଙ୍କର ଚାକିରି କାଳରେ ବହୁଥର ଟ୍ରାନ୍ସଫର ହୋଇଥିଲା। ତେଣୁ ଆମକୁ ନୂଆ ନୂଆ ଜାଗାକୁ ଯିବାକୁ ପଡ଼େ। ମା' ସେଠାରେ ଥିବା ବସ୍ତି ଅଞ୍ଚଳର ପିଲାମାନଙ୍କୁ ପାଠ ପଢ଼ାନ୍ତି। ସେମାନଙ୍କୁ ଡ୍ରେସ୍ ଓ ଅନ୍ୟାନ୍ୟ ଜିନିଷ ବାଣ୍ଟନ୍ତି। ବସ୍ତି ପିଲାଙ୍କ ସହ ଏକାଠି ବସି ମୁଁ ମଧ୍ୟ ପାଠ ପଢ଼ିଛି। ଏହିଠାରୁ ମୋ ସମାଜସେବାର ମୂଳଦୁଆ ପଡ଼ିଥିଲା କହିଲେ ଭୁଲ ହେବ ନାହିଁ। ଗତବର୍ଷ ଲକ୍‌ଡାଉନ୍ ସମୟରେ ମୁଁ ବି ଅନ୍ୟମାନଙ୍କ ପରି ଘରେ ଥାଏ। ସେ ସମୟରେ କାହାର ମେଡିକାଲ ସହାୟତା, କାହାର ଘରକୁ ଫେରିବା ପାଇଁ ସହାୟତା ଭଳି ଅନେକ ମେସେଜ୍ ସୋସିଆଲ ମିଡିଆରେ ଆସୁଥିଲା। ସେପରି ମେସେଜ୍ ଦେଇଥିବା ଲୋକଙ୍କୁ ମୋ ତରଫରୁ ଯୋଗାଯୋଗ କରି ସାହାଯ୍ୟ କରିଥିଲି। ଏପରି ଦୁଇ ତିନିଟା ଘଟଣାରେ ସଫଳତା ପାଇବା ପରେ ଲୋକମାନେ ମତେ ତାଙ୍କ ତରଫରୁ ଯୋଗାଯୋଗ କରିବା ଆରମ୍ଭ କରି ଦେଇଥିଲେ। ତା'ପରଠାରୁ ମୋ କାମ ଚାଲିଛି। ଏବେ 'ସ୍ମାଇଲ୍ ପ୍ଲିଜ୍' ନାଁରେ ଏକ ଟ୍ରଷ୍ଟ ଗଠନ କରି କାମ କରୁଛି। ଏଥିରେ ଥିବା ସମସ୍ତ ସଦସ୍ୟଙ୍କୁ 'ସ୍ମାଇଲ୍ ଫୋର୍ସ' କୁହାଯାଉଛି। ଏବେ ସାରା ଓଡ଼ିଶାରେ ୧୨ହଜାର ସ୍ମାଇଲ ଫୋର୍ସ ରହିଛନ୍ତି, ଯେଉଁମାନେ ସ୍ୱଇଚ୍ଛାରେ ଟ୍ରଷ୍ଟରେ ଯୋଗଦେଇଛନ୍ତି।

**ପ୍ରଶ୍ନ– ଲୋକଙ୍କୁ ସହଯୋଗ କରିବା ପାଇଁ କିପରି ଅର୍ଥ ଯୋଗାଡ଼ କରୁଛନ୍ତି?**

ଉତ୍ତର: ଗତବର୍ଷ ରାଶନ ବାଣ୍ଟିବାଠାରୁ ଆରମ୍ଭ କରି ପ୍ରବାସୀଙ୍କୁ ଘରକୁ ଫେରାଇବା ପର୍ଯ୍ୟନ୍ତ ସବୁକିଛି ମୋ ନିଜ ପଇସାରେ କରିଥିଲି। କରୋନାର ଦ୍ୱିତୀୟ ଲହର ବେଳକୁ ବହୁ ବନ୍ଧୁ, ସହଯୋଗୀ ମତେ ସାହାଯ୍ୟର ହାତ ବଢ଼ାଇଲେ। ଏହାଛଡ଼ା ଓଡ଼ିଶା ସୋସାଇଟି ଅଫ୍ ଆମେରିକା ଭଳି ଅନେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ସହଯୋଗ କରିଛନ୍ତି। ମୋ ମତରେ ଯଦି ଆମ ଲକ୍ଷ୍ୟ ସ୍ଥିର ଓ ମହତ୍ ହୋଇଥାଏ, ତେବେ କୌଣସି ନା କୌଣସି ରାସ୍ତାରେ ସହଯୋଗ ମିଳିଯାଏ। ଭଲ କାମ ପାଇଁ ଅର୍ଥ କେବେ ପ୍ରତିବନ୍ଧକ ସାଜିପାରିବ ନାହିଁ।

**ପ୍ରଶ୍ନ– ରାଜନୀତିରେ କେବେ ପ୍ରବେଶ କରିବେ?**

ଉତ୍ତର: ରାଜନୀତି ପ୍ରତି ମୋର ଆଦୌ ଆଗ୍ରହ ନାହିଁ। ରାଜନୀତି ଏକ ବହୁ ଦାୟିତ୍ୱସମ୍ପନ୍ନ କାମ। ଜଣେ ଅଭିନେତା ଭାବେ ମୁଁ ଯେତିକି ଦାୟିତ୍ୱ ତୁଲାଇ ପାରୁଛି ତାହା ହିଁ ବଡ଼ କଥା। ରାଜନୀତି ଏତେ ମଧ୍ୟ ଶସ୍ତା ହୋଇଯିବା ଉଚିତ୍ ନୁହେଁ ଯେ, ଯେକେହି ବ୍ୟକ୍ତି କିଛି ଭଲ କାମ କରିଦେଲେ ତା' ପାଇଁ ରାଜନୀତିର ବାଟ ଖୋଲିଯିବ। ଯଦି ମୁଁ ରାଜନୀତି ନ କରି ବି ସମାଜ ପାଇଁ କିଛି କରିପାରୁଛି, ତେବେ ଏଥିରେ ପ୍ରବେଶ କରିବାର ଆବଶ୍ୟକତା ନାହିଁ।

**ପ୍ରଶ୍ନ– କ'ଣ କରିବାକୁ ଇଚ୍ଛା ରହିଛି?**

ଉତ୍ତର: ମତେ ଏବେ ଭିନ୍ନ ଭିନ୍ନ ଭାଷାର ଚଳଚ୍ଚିତ୍ରରେ ଅଭିନୟ କରିବାର ଇଚ୍ଛା ଅଛି। ତେଲୁଗୁ, ବଙ୍ଗଳା ଭାଷାରେ ଫିଲ୍ମ କରିସାରିଛି। ଆଗକୁ କମେଡିରୁ ବାହାରି ପ୍ରେରଣାଦାୟୀ ଫିଲ୍ମ କରିବାକୁ ଯୋଜନା ରଖିଛି। ଏହାବାଦ୍ ଓଡ଼ିଶାରେ ଫିଲ୍ମ ଜଗତର ଯେଭଳି ଅବସ୍ଥା ରହିଛି, ତାହାକୁ ସୁଧାରିବା ବଡ଼ ଲକ୍ଷ୍ୟ। ସମାଜସେବା, ଅଭିନୟ ଏସବୁ ମୋ ଜୀବନର ଏକ ଅଂଶ। ତେବେ ସିନେମା ହଲ୍ ଶିଳ୍ପକୁ ସୁଦୃଢ଼ କରିବା ଓ ଓଡ଼ିଆ ଫିଲ୍ମର ମାନକୁ ବଢ଼ାଇ ବିଶ୍ୱ ଦରବାରରେ ପହଞ୍ଚାଇବା ମୋର ମିଶନ।

**ପ୍ରଶ୍ନ– ଓଡ଼ିଆ ଫିଲ୍ମର ମାନ ହ୍ରାସ ପାଉଛି କି?**

ଉତ୍ତର: ସମୟ ସହିତ ଫିଲ୍ମର ମାନ କମି କମି ଯାଇଛି, ମାତ୍ର ଏହା ସ୍ଥାୟୀ ନୁହେଁ। ଏଥିପାଇଁ ଆମେ କାହାକୁ ଜଣକୁ ଦାୟୀ କରିପାରିବା ନାହିଁ। ଓଡ଼ିଆ ସିନେମାର ସ୍ଥିତିରେ ଉନ୍ନତି ପାଇଁ ବହୁ ସ୍ତରରେ କାମ କରିବାକୁ ପଡ଼ିବ। ବିଶେଷକରି ସରକାରୀସ୍ତରରେ ସହଯୋଗ ସହିତ ଫିଲ୍ମ ନିର୍ମାତାମାନଙ୍କ ସହଭାଗିତା ରହିବା ଦରକାର। ଦର୍ଶକଙ୍କର ବି ସହଯୋଗ ମିଳିବା ଆବଶ୍ୟକ, ସେମାନେ ଯେପରି ପରିବର୍ତ୍ତନକୁ ଗ୍ରହଣ କରି ଦି ପାଦ ଆଗକୁ ଆସିପାରିବେ। ସରକାର, ଦର୍ଶକ ଓ ଫିଲ୍ମମେକର ଏହି ୩ଟି ସ୍ତରରେ ମିଶି କୌଶଳ ତିଆରି କରିପାରିଲେ ଆମେ ସିନେମା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିପାରିବା।

**ପ୍ରଶ୍ନ– ପ୍ରଥମ ରୋଜଗାରରେ କ'ଣ କରିଥିଲେ?**

ଉତ୍ତର: ମା' ଏବଂ ଅନ୍ୟ ସମ୍ପର୍କୀୟଙ୍କ ପାଇଁ ଡ୍ରେସ, ଶାଢ଼ି କିଣିଥିଲି। ବଳକା ଟଙ୍କାକୁ ମା'ଙ୍କୁ ଦେଇଥିଲି। ମୋ ଆଈ ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ଜଡ଼ିତ ଥିଲେ। ମା' ଓ ଆଈ ସେହି ଟଙ୍କାରେ ଲୋକଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା କରିଥିଲେ।

**ପ୍ରଶ୍ନ– ସର୍ବ୍ୟର୍ଚ୍ଚିତାଙ୍କୁ ପୁଣି ଥରେ ଏକାଠି କେବେ ପରଦାରେ ଦେଖିବାକୁ ମିଳିବ?**

ଉତ୍ତର: ସତ କହିବାକୁ ଗଲେ ଏକ ଭଲ ସ୍କ୍ରିପ୍ଟକୁ ଆମେ ଅପେକ୍ଷା କରିଛୁ। ବିବାହ ପରେ ଯେପରି ଏକ ଭଲ ଭେଟି ନେଇକି ଦର୍ଶକଙ୍କ ପାଖକୁ ପୁଣି ଥରେ ଆସିପାରିବୁ। ତେଣୁ କାହାଣୀରେ କିଛି ସ୍ୱତନ୍ତ୍ରତା ରହିଥିବା ନିହାତି ଆବଶ୍ୟକ। ମୋ ଆଗାମୀ ଚଳଚ୍ଚିତ୍ର 'ଯେତେ ଗୋରୀ ସେତେ ଷ୍ଟୋରି'ରେ ଅର୍ଚ୍ଚିତା ଅତିଥି କଳାକାର ଭାବେ ଆସିବେ।

**ପ୍ରଶ୍ନ– ଅର୍ଚ୍ଚିତାଙ୍କ ସହ କେବେଠାରୁ ପ୍ରେମ ଆରମ୍ଭ ହୋଇଥିଲା?**

ଉତ୍ତର: ଜଣେ କୋ–ଆର୍ଟିଷ୍ଟ ଭାବରେ ସେ ବହୁତ ସପୋର୍ଟିଭ୍। ଆମ ଭିତରେ ଏକ ଭଲ ବୁଝାମଣା ରହିଥିଲା। ଆମ ଯୋଡ଼ିକୁ ଦର୍ଶକ ପସନ୍ଦ କରିବା ପରେ ନିର୍ଦ୍ଦେଶକମାନେ ଆମକୁ ବିଭିନ୍ନ ଫିଲ୍ମରେ ନେଲେ। ଏହା ଆମ ଭିତରେ ବନ୍ଧୁତାକୁ ଆହୁରି ସୁଦୃଢ଼ କରିଥିଲା। ଧୀରେ ଧୀରେ ମୁଁ ବୁଝିପାରିଲି ଯେ, ଅର୍ଚ୍ଚିତାଙ୍କ ମନରେ ମୋ ପାଇଁ ସ୍ୱତନ୍ତ୍ର ସ୍ଥାନ ରହିଛି। ଅର୍ଚ୍ଚିତା ପ୍ରଥମେ ପ୍ରପୋଜ୍ କରିଥିଲେ। ଯେହେତୁ ମୋ ଜୀବନରେ ବହୁତ କିଛି ଅସୁବିଧା ରହିଥିଲା, ତେଣୁ ନିଷ୍ପତ୍ତି ନେବା ପାଇଁ ବହୁତ ସମୟ ଲାଗିଥିଲା। ଅର୍ଚ୍ଚିତା ଧୈର୍ଯ୍ୟର ସହିତ ମୋ ନିଷ୍ପତ୍ତିକୁ ଅପେକ୍ଷା କରିଥିଲେ।

**ପ୍ରଶ୍ନ– କିଛି ସ୍ମରଣୀୟ ଘଟଣା?**

ଉତ୍ତର: ମହର୍ଷି କଲେଜରେ ଯୁକ୍ତ ୨ ପଢୁଥାଏ। କଲେଜର ସବୁ ଫଙ୍କସନ୍‌ରେ ଡ୍ୟାନ୍ସ କରୁଥିବାରୁ ଏହା ମୋର ପରିଚୟ ପାଲଟି ଯାଇଥିଲା। ସେତେବେଳେ ନୂଆ ନୂଆ ଡିସ୍କୋ ଆରମ୍ଭ ହୋଇଥିଲା। କଲେଜର ଜଣେ ପିଲା ଡିସ୍କୋରେ ଡ୍ୟାନ୍ସ କଲାବେଳେ କୌଣସି କାରଣରୁ ତା'ର ମୃତ୍ୟୁ ହୋଇଯାଇଥିଲା। ଡ୍ୟାନ୍ସ କରିକି ମୃତ୍ୟୁ ହୋଇଛି ଜାଣିବା ପରେ ସମସ୍ତେ ଭାବିଲେ ମୁଁ ମରିଯାଇଛି। ଏମିତିକି ପୂରା କଲେଜରେ ପ୍ରଚାର ହୋଇଯାଇଥିଲା ଯେ, ସବ୍ୟସାଚୀ ନାଚି ନାଚି ମରି ଯାଇଛି। ତା' ପରଦିନ ଯେତେବେଳେ କଲେଜ ଗଲି ମତେ ସମସ୍ତେ ଭୂତ ବୋଲି କହିଥିଲେ।

**ପ୍ରଶ୍ନ– ଅଭିନେତା ନ ହୋଇଥିଲେ କ'ଣ ହୋଇଥାନ୍ତେ?**

ଉତ୍ତର: ଅଭିନେତା ନ ହୋଇଥିଲେ ଅଭିନେତ୍ରୀ ହୋଇଥା'ନ୍ତି।

**ପ୍ରଶ୍ନ– କାହାକୁ ଡରନ୍ତି?**

ଉତ୍ତର: ମୁଁ ମିଛ ଓ ଭୁଲ ବୁଝାମଣାକୁ ବହୁତ ଡରେ।

# ସୁପ୍ରିମକୋର୍ଟଙ୍କ ରାୟକୁ ଗୁରୁତ୍ୱ ଦେଉନି ଆନ୍ଧ୍ର

ପଟ୍ଟାଙ୍ଗୀ,୭।୯(ଡି.ଏନ୍.ଏ.)

ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ କୋଟିଆ ପଞ୍ଚାୟତକୁ ନେଇ ଲାଗି ରହିଥିବା ବିବାଦ ରାଜନୈତିକ ସ୍ତରରେ ଆଲୋଚନାକରି ୬ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନେବାକୁ ସୁପ୍ରିମକୋର୍ଟ ଉଭୟ ରାଜ୍ୟ ସରକାରଙ୍କୁ ନିକଟରେ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ କୋର୍ଟ ମାମଲାର ଶୁଣାଣି କରିବେ ବୋଲି କହିଥିଲେ। ତେବେ ସୁପ୍ରିମକୋର୍ଟଙ୍କ ଏହି ରାୟର କୌଣସି ପ୍ରଭାବ ଆନ୍ଧ୍ର ଉପରେ ପଡ଼ି ନ ଥିବା ଦେଖିବାକୁ ମିଳିଛି।

ସୁପ୍ରିମକୋର୍ଟଙ୍କ ଶୁଣାଣି ପରେ ମଧ୍ୟ ଆନ୍ଧ୍ର ପୁଣି ସୋମବାର କୋଟିଆର ନେରେଡିବାଲସା ଗ୍ରାମରେ ଅଭିଯୋଗ ଶୁଣାଣି ଦିବସ ସ୍ପନ୍ଦନା କାର୍ଯ୍ୟକ୍ରମ କରିଛି। ଗ୍ରାମବାସୀଙ୍କଠାରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗପତ୍ର ଗ୍ରହଣ କରିଛି। ନେରେଡିବାଲସା ଗ୍ରାମ ଆନ୍ଧ୍ର ପୋଲିସ ଅଧୀନରେ ଥିବା ଦର୍ଶାଇ କୋଟିଆ ପଞ୍ଚାୟତ ପାଇଁ ଥିବା ଏସ୍‌ଆଇ ରୋହିନି ପାତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଛି। ଏହି ସମୟରେ ନେରେଡିବାଲସା ସମେତ ଧୂଳିପଦର, ଉପରସେମ୍ଭି, ତଳସେମ୍ଭି ଗ୍ରାମର ଲୋକେ ସାଲୁରୁକୁ ପ୍ରତ୍ୟହ ଯାତାୟାତ ଲାଗି ଏକ ବସ୍ ଚଳାଚଳ ପାଇଁ ଦାବି ଜଣାଇଥିଲେ। ସପ୍ତାହକୁ ୨/୩ ଦିନ ସ୍ୱାସ୍ଥ୍ୟସେବା ଶିବିର କରିବା, ଜାତିଗତ ପ୍ରମାଣପତ୍ର ଓ ପାନୀୟ ଜଳ ଯୋଗାଣ ସୁବିଧା କରିବା ଲାଗି ଗ୍ରାମବାସୀ ଆନ୍ଧ୍ର ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଥିଲେ।

**ନେରେଡିବାଲସାରେ ସ୍ପନ୍ଦନା କାର୍ଯ୍ୟକ୍ରମ**

ନେରେଡିବାଲସା ଗ୍ରାମର ଦୁଇଭଉଣୀ ରହୁଥିବା ଘର ଉପରେ ତେନ୍ତୁଳି ଗଛ ପଡି ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ଜାଣିବା ପରେ ଏସ୍‌ଆଇ ପାତି ଦୁଇ ଭଉଣୀଙ୍କ ନିକଟରେ ପହଞ୍ଚି ଆଲୋଚନା କରିଥିଲେ। ଏନେଇ ଏକ ରିପୋର୍ଟ ବିଜୟନଗରମ ଜିଲା ପୋଲିସ ପ୍ରଶାସନକୁ ଦେଇଥିଲେ। ତେବେ ଏହି ସମୟରେ ଦୁଇ ଭଉଣୀ ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ସେମାନେ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପାଇଥିବା କହିବାରୁ ଏସ୍‌ଆଇ ପାତି ଉଭୟଙ୍କୁ କିଛି ଅର୍ଥ ସହାୟତା ଦେଇଥିଲେ।

SUNDARAM HOME

ପଞ୍ଜୀକୃତ କାର୍ଯ୍ୟାଳୟ: ନଂ. ୨୧, ପାଟୁଲସ୍ ରୋଡ୍, ଚେନ୍ନାଇ– ୬୦୦ ୦୦୨ ।
କର୍ପୋରେଟ୍ କାର୍ଯ୍ୟାଳୟ: ୪୬, ହ୍ୱାଇଟ୍ସ ରୋଡ୍, ଚେନ୍ନାଇ–୬୦୦୦୧୪, ଫୋନ୍: ୦୪୪–୨୮୫୧ ୫୨୬୭
**ଶାଖା:** ଏ/୧୦୮, ୧ମ ମହଲା, ବନଦେବ ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର–୭୫୧୦୦୭ । ଫୋନ୍: ୦୬୭୪–୨୫୪ ୪୬୭୭

## ବିକ୍ରୟ ବିଜ୍ଞପ୍ତି

ଯେହେତୁ **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍**, ପୂର୍ବରୁ ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିମିଟେଡ୍ ଭାବେ ପରିଚିତର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ଏବଂ ଧାରା ୧୩(୧୨) ସହିତ ପଠନପୂର୍ବକ ଧାରା ୧୩(୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ଋଣଗ୍ରହୀତାଙ୍କୁ ନୋଟିସ ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଦର୍ଶିତ ଅର୍ଥରାଶିକୁ ପରିଶୋଧ କରିବା ପାଇଁ ଏକ ଡିମାଣ୍ଡ ନୋଟିସ ଜାରି କରିଥିଲେ ।
ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ବୈଧାନିକ ଅବଧି ମଧ୍ୟରେ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ପ୍ରାଧିକୃତ ଅଧିକାରୀ କଥିତ ଅଧିନିୟମର ଧାରା ୧୩(୪) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ବାସ୍ତବିକ ଭାବେ ନିଜ ଦଖଲକୁ ନେଇଛନ୍ତି ।
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ନିମ୍ନପ୍ରଦତ୍ତ ସାରଣୀରେ ସମ୍ପୂର୍ଣ୍ଣ ଭାବେ ବର୍ଣ୍ଣିତ ସମ୍ପତ୍ତିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଓ ୯ ଅଧୀନରେ ସର୍ବସାଧାରଣଙ୍କଠାରୁ **ତା୨୫।୧୦।୨୦୨୧ରିଖ** ୧୭.୦୦ ଘଟିକା ପର୍ଯ୍ୟନ୍ତ ଜଉମୁଦଦିଆ ଟେଣ୍ଡର ଆମନ୍ତ୍ରଣ କରାଯାଇ **"ଯେପରି ଅଛି ଯେଉଁଠି ଅଛି"** ଏବଂ **"ଯେପରି ଅଛି ଯାହା ଅଛି"** ଏବଂ **"ସେଠାରେ ଯାହା ବି ଅଛି"** ସ୍ଥିତିରେ ବିକ୍ରୟ କରାଯିବ । ଯେଉଁମାନେ ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଛନ୍ତି, ସେମାନେ **ତା୨୫।୧୦।୨୦୨୧ରିଖ** ୧୭.୦୦ ଘଟିକା କିମ୍ବା ଏହା ପୂର୍ବ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଜଉମୁଦଦିଆ ଲଫାପାରେ କେବଳ ଆର୍‌ପିଏଡି ଦ୍ୱାରା ସେମାନଙ୍କର ବିଡ୍ ପଠାଇପାରିବେ । **ତା୨୫।୧୦।୨୦୨୧ରିଖ** ୧୭.୦୦ ଘଟିକା ପରେ ପ୍ରାପ୍ତ ଟେଣ୍ଡରଗୁଡ଼ିକୁ ନାକଚ କରିଦିଆଯିବ । ଆର୍‌ପିଏଡି ଦ୍ୱାରା **ତା୨୫।୧୦।୨୦୨୧ରିଖ** ୧୭.୦୦ ଘଟିକା ସୁଦ୍ଧା ପ୍ରାପ୍ତ ଜଉମୁଦଦିଆ ଟେଣ୍ଡରଗୁଡ଼ିକୁ **ତା୨୫।୧୦।୨୦୨୧ରିଖ** ୧୭.୩୦ ଘଟିକାରେ ନିମ୍ନଦର୍ଶିତ ସ୍ଥାନରେ ଖୋଲାଯିବ । ସଫଳ ବିଡରଙ୍କୁ ଅବଶିଷ୍ଟ ଅର୍ଥରାଶି ଇଣ୍ଟିମେଶନ୍ ପ୍ରାପ୍ତି ତାରିଖରୁ ୧୫ ଦିନ ମଧ୍ୟରେ ପୈଠ କରିବାକୁ ହେବ । ଉପରେ ଦର୍ଶାଯାଇଥିବା ଅନୁଯାୟୀ ଅବଶିଷ୍ଟ ଅର୍ଥରାଶି ଜମା କରାଯିବା ପରେ ହିଁ ବିକ୍ରୟ ସମ୍ପୂର୍ଣ୍ଣ ହେବ ।

| କ୍ର. ସଂ. | ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ପ୍ରତିଭୂତିଯୁକ୍ତ ଋଣ (ଟ.) | ସଂରକ୍ଷିତ ମୂଲ୍ୟ (ଟ.) | ମାଲିକାନା ଯାଞ୍ଚ ସ୍ଥାନ |
|---|---|---|---|---|
| ୧ | **ଲଳିତେନ୍ଦୁ ସାହୁ (ଋଣଗ୍ରହୀତା),** ନଂ. ୫, ୨ୟ ମହଲା, ରାଘବନଗର ୨ୟ କ୍ରସ୍, ୩ୟ ମେନ୍, ନ୍ୟୁ ଟିମ୍ବର୍ ୟାର୍ଡ, ଅଫ୍ ମହୀଶୂର ରୋଡ୍, ବାଙ୍ଗାଲୋର, ୫୬୦୦୨୬ । **ଆହୁରି ମଧ୍ୟ ସ୍ଥାନ:** ନଂ. ୧୨ ୧, ୧୨ ୨ଏ, ୧୩ ୧ଏ, ଦିବ୍ୟାଶ୍ରୀ ଗ୍ରୀନ୍ସ, କୋରମଙ୍ଗଳା ଇନର୍ ରିଙ୍ଗ୍ ରୋଡ୍, ଡୋମଲୁର, ବାଙ୍ଗାଲୋର ୫୬୦୦୭୧ । **ଆହୁରି ମଧ୍ୟ ସ୍ଥାନ:** ମୌଜା: ବାଲିଆପଡ଼ା, ତହସିଲ- ଜଟଣୀ, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର - ୭୫୪୨୧୩ । | ଟ. **୪୩,୪୬,୮୫୮/-** (ତେୟାଳିଶ ଲକ୍ଷ ଛୟାଳିଶ ହଜାର ଆଠଶହ ଅଠାବନ ଟଙ୍କା ମାତ୍ର) ୦୮।୦୯।୨୦୨୧ ସୁଦ୍ଧା) + ଭବିଷ୍ୟତ ସୁଧ + ବୈଧାନିକ ବ୍ୟୟ + ଆଇନଗତ ବ୍ୟୟ + ଆନୁଷଙ୍ଗିକ ବ୍ୟୟ | ଟ. **୧୮,୦୮,୦୦୦/-** (ଅଠର ଲକ୍ଷ ଆଠ ହଜାର ଟଙ୍କା ମାତ୍ର) **ଅମାନତ ଜମା ରାଶି:** ଟେଣ୍ଡର ମୂଲ୍ୟର ୨୫% | **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍,** ଏ/୧୦୮, ୧ମ ମହଲା ବନଦେବ ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର- ୭୫୧୦୦୭ **ଟେଣ୍ଡର ଖୋଲାଯିବା ସ୍ଥାନ:** **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍,** ସୁନ୍ଦରମ୍ ଟାୱାର, ନଂ. ୪୬, ହ୍ୱାଇଟ୍ସ ରୋଡ୍, ରୋୟାପେଟ୍ଟା, ଚେନ୍ନାଇ- ୬୦୦୦୧୪ **ଟେଣ୍ଡର ଖୋଲାଯିବାର ତାରିଖ:** ୨୫।୧୦।୨୦୨୧ @ ୧୭.୩୦ |

**ସମ୍ପତ୍ତିର ବର୍ଣ୍ଣନା:** ଖାତା ନଂ.୧୮୬/୩୧୧ରେ ସମ୍ବଳିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ସ୍ଥିତିବାନ୍, ପ୍ଲଟ୍ ନଂ.୧୭୦, କିସମ: ଘରବାରି, ପରିମାପ ମୋଟ ଏ.୦.୦୨୬ ଡେସିମିଲ କ୍ଷେତ୍ର ମଧ୍ୟରୁ ଏ୦.୦୧୧ ଡେସିମିଲ ଏବଂ ଖାତା ନଂ. ୧୮୬/୨୧୮ରେ ସମ୍ବଳିତ ସମ୍ପତ୍ତି, ସ୍ଥିତିବାନ୍, ପ୍ଲଟ୍ ନଂ. ୧୭୦/୬୬୭, କିସମ: ଘର, ପରିମାପ ମୋଟ ଏ୦.୦୫୪ ଡେସିମିଲ କ୍ଷେତ୍ର ମଧ୍ୟରୁ ଏ୦.୦୧୭ ଡେସିମିଲ ପର୍ଯ୍ୟନ୍ତ । ସର୍ବମୋଟ ଗୋଟିଏ ମୌଜା, ଦୁଇଟି ଖାତା, ଦୁଇଟି ପ୍ଲଟ୍, ଉପ ପ୍ଲଟ୍ ବି, ପରିମାପ ଏ.୦.୦୨୮ ଡେସିମିଲ । ଅବସ୍ଥିତି ସ୍ଥାନ ଥାନା ନଂ.୧୭, ଏସ୍.ଆର୍. ଖଣ୍ଡଗିରି, ମୌଜା- ବାଲିଆପଡ଼ା, ଥାନା ଭୁବନେଶ୍ୱର, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧାଙ୍କ କ୍ଷେତ୍ରାଧିକାର ଅଧୀନରେ । **ଚଉହଦୀ:** ଉତ୍ତର: ପ୍ଲଟ୍ ନଂ.୪୬, ଦକ୍ଷିଣ: ସଡ଼କ, ପୂର୍ବ: ରାଜସ୍ୱ ପ୍ଲଟ୍ ନଂ.୧୭୧, ପଶ୍ଚିମ: ଉପ-ପ୍ଲଟ୍ ନଂ.ଏ, ଯାହା ଅଧିକ ସମ୍ପୂର୍ଣ୍ଣ ଓ ବିଶଦଭାବେ ମାଲିକାନା ଦଲିଲରେ ବର୍ଣ୍ଣିତ ।

**ଦ୍ରଷ୍ଟବ୍ୟ: ଆଗ୍ରହୀ କ୍ରେତାମାନଙ୍କୁ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ସମ୍ପତ୍ତିର ମାଲିକାନା ସମ୍ପର୍କରେ ଦଲିଲଗୁଡ଼ିକୁ ଯାଞ୍ଚ କରିବା ଓ ସେ ସମ୍ବନ୍ଧରେ ସନ୍ତୁଷ୍ଟ ହେବା ପାଇଁ ପରାମର୍ଶ ଦିଆଯାଉଛି । କ୍ରୟ ନିଶ୍ଚିତ ହେବା ପରେ, ଯଦି ମାଲିକାନାକୁ ନେଇ କୌଣସି ବିବାଦ ଉପୁଜେ, ତେବେ ଅର୍ଥରାଶି ଫେରସ୍ତ କରାଯିବ ନାହିଁ ।**

**ଶ୍ରୀଯୁକ୍ତ ଲଳିତେନ୍ଦୁ ସାହୁଙ୍କ ଋଣ ଖାତା ନଂ. ୬୬୨୦୦୦୨୦ ସମ୍ପତ୍ତି ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି www.sundaramhome.in/uploads/files/sale_notice/66200020.pdf ଦେଖନ୍ତୁ ।**

**ତାରିଖ: ୦୮।୦୯।୨୦୨୧**

**ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ପାଇଁ ପ୍ରାଧିକୃତ ଅଧିକାରୀ**

# 'ଗୁରୁଜୀ'ଙ୍କ ଘରେ ପୋଲିସର ଚଢ଼ାଉ

ଖୋର୍ଦ୍ଧା ଅଫିସ,୭।୯

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଅଭିମାନପୁରର ସତ୍ୟବ୍ରତ ନାୟକ ହତ୍ୟା ଘଟଣାରେ ମାନବବାଦ ସଙ୍ଗଠନର ମୁଖ୍ୟ ତଥା ଆତ୍ମଘୋଷିତ ଗୁରୁଜୀ ମାନସ ଦାସଙ୍କୁ ଗିରଫ କରାଯାଇଛି। ମାନସଙ୍କ ବିରୋଧରେ ଅପହରଣ, ଆପରାଧିକ ଷଡ଼ଯନ୍ତ୍ର, ହତ୍ୟା, ହତ୍ୟା ଉଦ୍ୟମ, ପ୍ରମାଣ ନଷ୍ଟ ଏବଂ ଧମକ ଭଳି ଏକାଧିକ ମାମଲା ରହିଛି। ତେଣୁ ତାଙ୍କ ବିରୋଧରେ ପୋଲିସ ଠୋସ୍ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି। ଏହିକ୍ରମରେ ମଙ୍ଗଳବାର ମାନସଙ୍କ ଭୁବନେଶ୍ୱର ଶହୀଦନଗରସ୍ଥିତ ବାସଭବନରେ ପୋଲିସ ଚଢ଼ାଉ କରିଛି।

ଖୋର୍ଦ୍ଧା ପୋଲିସ ଏବଂ ଶହୀଦନଗର ପୋଲିସର ମିଳିତ ୨ଟି ଟିମ୍ ଏହି ଚଢ଼ାଉ କରିଥିଲା। ସେଠାରୁ ମାନବବାଦ ସଙ୍ଗଠନ ନାଁରେ ଛପାଯାଇଥିବା ବ୍ୟାନର, ପୋଷ୍ଟର, ଡକ୍ୟୁମେଣ୍ଟ, ବିଭିନ୍ନ ସଭାସମିତିର ସିଡୀ ଆଦି ଜବତ ହୋଇଛି। ଏଥିସହ ସଙ୍ଗଠନ ପଞ୍ଜୀକୃତ ହୋଇଛି କି ନାହିଁ, ସଙ୍ଗଠନର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ପୋଲିସ ହାତରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। ମାନସ ଏବଂ ତାଙ୍କ ପୁଅ ମନୋରଞ୍ଜନ ଏହି ସଙ୍ଗଠନ ଚଳାଉଥିବା ପୋଲିସ ହାତରେ ପ୍ରମାଣ ଲାଗିଛି। ଏପରିକି ମାନସଙ୍କ ଅର୍ଥନୈତିକ କାରବାର ଉପରେ ମଧ୍ୟ ପୋଲିସ ଯାଞ୍ଚ ଆରମ୍ଭ କରିଛି। ମାନସଙ୍କର ଅନେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଆକାଉଣ୍ଟ ରହିଛି। ଏହାର ଯାଞ୍ଚ ଲାଗି ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଆକାଉଣ୍ଟ ଯାଞ୍ଚ ଲାଗି ବ୍ୟାଙ୍କ ଶାଖା ପରିଚାଳକଙ୍କୁ ସମନ ଜାରି କରାଯାଇଛି ବୋଲି ଖୋର୍ଦ୍ଧା ଏସ୍‌ଡିପିଓ ସୁଶୀଲ ମିଶ୍ର କହିଛନ୍ତି। ମାନବବାଦ ସଙ୍ଗଠନର ମୁଖ୍ୟ ମାନସ ରହିଛନ୍ତି। ତେଣୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା। ଆଗକୁ ମଧ୍ୟ ତଦନ୍ତ ଜାରି ରହିବ ବୋଲି ଏସଡିପିଓ ମିଶ୍ର ସୂଚନା ଦେଇଛନ୍ତି। ପୋଲିସ ତଦନ୍ତ ବେଳେ କିଛି ମୂର୍ତ୍ତି ଜବତ କରିଥିବା ଜଣାପଡ଼ିଛି। ତେବେ ଏସମ୍ପର୍କରେ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ସୂଚନାଥାଉ କି, ଅଗଷ୍ଟ ୨ରେ ଅଭିମାନପୁର ଗ୍ରାମର ସତ୍ୟବ୍ରତ ନାୟକଙ୍କୁ ମାନବବାଦ ସଙ୍ଗଠନ ମୁଖ୍ୟ ମାନସ ଦାସଙ୍କ ଇଙ୍ଗିତରେ କରଡ଼ଗାଡ଼ିଆରେ ପିଟି ହତ୍ୟା କରାଯାଇଥିବା ତାଙ୍କ ପୁତୁରା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୪୯/୨୧) ରୁଜୁ କରିବା ସହ ୬ଜଣଙ୍କୁ ଗିରଫ କରିଥିଲା। ଏହି ହତ୍ୟାକାଣ୍ଡରେ ମାନସଙ୍କ ପରୋକ୍ଷ ଭାବେ ସମ୍ପୃକ୍ତି ଥିବା ଦର୍ଶାଇ ଖୋର୍ଦ୍ଧା ପୋଲିସ ଗତ ସେପ୍ଟେମ୍ବର ୨ରେ ତାଙ୍କୁ ଶହୀଦନଗର ବାସଭବନରୁ ଗିରଫ କରିଥିଲା। ସେହିପରି କଡ଼ବର ମାଗୁଣି ନାୟକ ଓ ତାଙ୍କ ପୁଅ ଆନନ୍ଦଙ୍କୁ ବନ୍ଦ କୋଠରିରେ ନିସ୍ଥୁକ ମାଡ଼ ମାରିବା ଘଟଣାରେ ପୋଲିସ ମାନସଙ୍କ ପୁଅ ମନୋରଞ୍ଜନଙ୍କୁ ଗିରଫ କରିଥିଲା। ତେବେ ମାନସ ଓ ତାଙ୍କ ପୁଅ ମନୋରଞ୍ଜନ ଏବେ ଖୋର୍ଦ୍ଧା ସବ୍‌ଜେଲରେ ରହିଛନ୍ତି। ଅଧିକ ତଥ୍ୟ ପାଇଁ ବାପପୁଅଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।



ମାନସ ଦାସଙ୍କ ଶହୀଦ ନଗର ବାସଭବନରେ ଚଢ଼ାଉ ଚାଲିଛି।

**■ ସିଡୀ, ବ୍ୟାନର, ପୋଷ୍ଟର ଜବତ**
**■ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯିବ**

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨,୦୦୦/-
(ରହିବା ସୁବିଧା ଅଛି)
Ph : 6370950484
(Call Timing : 10.00 pm - 2.00 pm ମଧ୍ୟରେ)

**ସିକ୍ୟୁରିଟି ଗାର୍ଡ ପଦବୀରେ ଆସିଲା ନିଯୁକ୍ତି**
ବିନା ପରୀକ୍ଷାରେ ଚାକିରି ଶୀଘ୍ର ଆବେଦନ କରନ୍ତୁ । ଯୋଗ୍ୟତା- ସପ୍ତମ ପାସ୍, ଓଡିଶାର ସମସ୍ତ ପ୍ରାର୍ଥୀ ଆବେଦନ କରିପାରିବେ ।
ମାସିକ ଦରମା
୯,୦୦୦/- ରୁ ୧୬,୦୦୦/-
Contact
8984897600, 8917637741

**WANTED**
ସିଙ୍ଗାପୁର (SINGAPORE)
ରକ୍ଷଣା ବେକ୍ଷଣ କମ୍ପାନୀ ସମସ୍ତ ପ୍ରକାରର ନିର୍ମାଣ କାମ ଯେପରିକି ଶ୍ରମିକ, ରୋଷେଇ, ସିକ୍ୟୁରିଟି ଗାର୍ଡ, ଅଫିସ୍ ଆସିଷ୍ଟାଣ୍ଟ, ପିଅନ, ଡ୍ରାଇଭର, ହେଲପର ଇତ୍ୟାଦି
(ଭଲ ବେତନ, ଭଲ ସୁବିଧା । ଭାରତୀୟ ପରିଚାଳନା କମ୍ପାନୀ, ଗ୍ୟାରେଣ୍ଟି ସହିତ ପଠେଇବା)
କମଲ ପ୍ଲେସ୍‌ମେଣ୍ଟ ସୁରଟ, ଗୁଜୁରାଟ
9157312448, 9104103242, 9157012447

**APPOINTMENT**
ରୋଷେଇ ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ପାର୍ଟଟାଇମ୍ ବା ଫୁଲଟାଇମ୍ ବ୍ରାହ୍ମଣ ସ୍ତ୍ରୀଲୋକ ଆବଶ୍ୟକ କରୁଛୁ। ଟଙ୍କପାଣି ରୋଡ୍, ଭୁବନେଶ୍ୱରରେ ଯୋଗାଯୋଗ କରନ୍ତୁ। ସକାଳ ୧୦ଟାରୁ ସନ୍ଧ୍ୟା ୭ ମଧ୍ୟରେ।
ମୋବାଇଲ: 9437025551

DHARITRI
Career appointment
Every Wednesday and Saturday

**JOB IN BHUBANESWAR**
GRAPHIC DESIGNER
Graduate with minimum experience in CorelDraw/ Photoshop/ Illustrator
Office Assistant – Graduate with minimum experience.
Office Peon – +2 pass with resident in Bhubaneswar only
Call/Whatsapp : 8249416516
Salary best in industry

A leading Retail House
Of Consumer Durables, Bhubaneswar
**WE'RE LOOKING FOR SALES PERSONNEL**
( BOTH GIRLS AND BOYS )
Qualification : Min. +2 and above
Experience : 1-2 years in FMCG sector
**WALK-IN-INTERVIEW**
Date : 11th & 12th Sept 2021 | Timing : 11am to 2pm
**SHREE SAI AGENCY**
4th Floor, Plot No : 516/1755,Maruti Corner,
Near Patia Big Bazaar, Chandrasekharpur,Bhubaneswar,
Ph : 7381030720

SUNDARAM HOME

ପଞ୍ଜୀକୃତ କାର୍ଯ୍ୟାଳୟ: ନଂ. ୨୧, ପାଟୁଲସ୍ ରୋଡ୍, ଚେନ୍ନାଇ– ୬୦୦ ୦୦୨ ।
କର୍ପୋରେଟ୍ କାର୍ଯ୍ୟାଳୟ: ୪୬, ହ୍ୱାଇଟ୍ସ ରୋଡ୍, ଚେନ୍ନାଇ–୬୦୦୦୧୪, ଫୋନ୍: ୦୪୪–୨୮୫୧ ୫୨୬୭
**ଶାଖା:** ଏ/୧୦୮, ୧ମ ମହଲା, ବନଦେବ ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର–୭୫୧୦୦୭ । ଫୋନ୍: ୦୬୭୪–୨୫୪ ୪୬୭୭

## ବିକ୍ରୟ ବିଜ୍ଞପ୍ତି

ଯେହେତୁ **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍**, ପୂର୍ବରୁ ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିମିଟେଡ୍ ଭାବେ ପରିଚିତର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ଏବଂ ଧାରା ୧୩(୧୨) ସହିତ ପଠନପୂର୍ବକ ଧାରା ୧୩(୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ଋଣଗ୍ରହୀତାଙ୍କୁ ନୋଟିସ ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଦର୍ଶିତ ଅର୍ଥରାଶିକୁ ପରିଶୋଧ କରିବା ପାଇଁ ଏକ ଡିମାଣ୍ଡ ନୋଟିସ ଜାରି କରିଥିଲେ ।
ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ବୈଧାନିକ ଅବଧି ମଧ୍ୟରେ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ପ୍ରାଧିକୃତ ଅଧିକାରୀ କଥିତ ଅଧିନିୟମର ଧାରା ୧୩(୪) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ବାସ୍ତବିକ ଭାବେ ନିଜ ଦଖଲକୁ ନେଇଛନ୍ତି ।
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ନିମ୍ନପ୍ରଦତ୍ତ ସାରଣୀରେ ସମ୍ପୂର୍ଣ୍ଣ ଭାବେ ବର୍ଣ୍ଣିତ ସମ୍ପତ୍ତିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଓ ୯ ଅଧୀନରେ ସର୍ବସାଧାରଣଙ୍କଠାରୁ **ତା୨୮।୦୯।୨୦୨୧ରିଖ** ୧୭.୦୦ ଘଟିକା ପର୍ଯ୍ୟନ୍ତ ଜଉମୁଦଦିଆ ଟେଣ୍ଡର ଆମନ୍ତ୍ରଣ କରାଯାଇ **"ଯେପରି ଅଛି ଯେଉଁଠି ଅଛି"** ଏବଂ **"ଯେପରି ଅଛି ଯାହା ଅଛି"** ଏବଂ **"ସେଠାରେ ଯାହା ବି ଅଛି"** ସ୍ଥିତିରେ ବିକ୍ରୟ କରାଯିବ । ଯେଉଁମାନେ ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଛନ୍ତି, ସେମାନେ **ତା୨୮।୦୯।୨୦୨୧ରିଖ** ୧୭.୦୦ ଘଟିକା କିମ୍ବା ଏହା ପୂର୍ବ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଜଉମୁଦଦିଆ ଲଫାପାରେ କେବଳ ଆର୍‌ପିଏଡି ଦ୍ୱାରା ସେମାନଙ୍କର ବିଡ୍ ପଠାଇପାରିବେ । **ତା୨୮।୦୯।୨୦୨୧ରିଖ** ୧୭.୦୦ ଘଟିକା ପରେ ପ୍ରାପ୍ତ ଟେଣ୍ଡରଗୁଡ଼ିକୁ ନାକଚ କରିଦିଆଯିବ । ଆର୍‌ପିଏଡି ଦ୍ୱାରା **ତା୨୮।୦୯।୨୦୨୧ରିଖ** ୧୭.୦୦ ଘଟିକା ସୁଦ୍ଧା ପ୍ରାପ୍ତ ଜଉମୁଦଦିଆ ଟେଣ୍ଡରଗୁଡ଼ିକୁ **ତା୨୮।୦୯।୨୦୨୧ରିଖ** ୧୭.୩୦ ଘଟିକାରେ ନିମ୍ନଦର୍ଶିତ ସ୍ଥାନରେ ଖୋଲାଯିବ । ସଫଳ ବିଡରଙ୍କୁ ଅବଶିଷ୍ଟ ଅର୍ଥରାଶି ଇଣ୍ଟିମେଶନ୍ ପ୍ରାପ୍ତି ତାରିଖରୁ ୧୫ ଦିନ ମଧ୍ୟରେ ପୈଠ କରିବାକୁ ହେବ । ଉପରେ ଦର୍ଶାଯାଇଥିବା ଅନୁଯାୟୀ ଅବଶିଷ୍ଟ ଅର୍ଥରାଶି ଜମା କରାଯିବା ପରେ ହିଁ ବିକ୍ରୟ ସମ୍ପୂର୍ଣ୍ଣ ହେବ ।

| କ୍ର. ସଂ. | ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ପ୍ରତିଭୂତିଯୁକ୍ତ ଋଣ (ଟ.) | ସଂରକ୍ଷିତ ମୂଲ୍ୟ (ଟ.) | ମାଲିକାନା ଯାଞ୍ଚ ସ୍ଥାନ |
|---|---|---|---|---|
| ୧ | **ଶ୍ରୀ ରବୀନ୍ଦ୍ର କୁମାର ପଣ୍ଡା (ଋଣଗ୍ରହୀତା),** ଗ୍ରାମ/ସହର- ମୁଣ୍ଡାମାଳ, ସ୍ଥାନ/ପୋଷ୍ଟ- ଏଫ୍‌ସିପି ପ୍ରୋଜେକ୍ଟ କଲୋନୀ ଗେଟ୍ ନିକଟ, ଗ୍ରାପ/ସହର- ଯାଜପୁର, ଜିଲ୍ଲା- ଯାଜପୁର, ଯାଜପୁର ରୋଡ୍, ଯାଜପୁର - ୭୫୫୦୨୦ । **ଆହୁରି ମଧ୍ୟ ସ୍ଥାନ:** ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ନିକଟ, ଗୋପବନ୍ଧୁ ଛକ, ବ୍ୟାସନଗର, ଜେକେ ରୋଡ୍, ଯାଜପୁର ରୋଡ୍, ଯାଜପୁର- ୭୫୫୦୧୯ । **ଆହୁରି ମଧ୍ୟ ସ୍ଥାନ:** ପ୍ଲଟ୍ ନଂ.- ୯୭୪/୧୭୫୮, ଖାତା ନଂ.- ୨୫୧/୬, ଥାନା ନଂ.- ୧୧, ମୌଜା- ଉମାପଡ଼ା, ଯାଜପୁର ରୋଡ୍, ଯାଜପୁର, ଯାଜପୁର ରୋଡ୍, ଯାଜପୁର- ୭୫୫୦୨୦ **ଶ୍ରୀମତୀ ରୁବି ପଣ୍ଡା (ସହ-ଋଣଗ୍ରହୀତା),** ଗ୍ରାମ/ସହର- ମୁଣ୍ଡାମାଳ, ସ୍ଥାନ/ପୋଷ୍ଟ- ଏଫ୍‌ସିପି ପ୍ରୋଜେକ୍ଟ କଲୋନୀ ଗେଟ୍ ନିକଟ, ଗ୍ରାପ/ସହର- ଯାଜପୁର, ଜିଲ୍ଲା- ଯାଜପୁର, ଯାଜପୁର ରୋଡ୍, ଯାଜପୁର-୭୫୫୦୨୦ | ଟ. **୫୬,୪୪,୨୪୮/-** (ଛପନ ଲକ୍ଷ ଚଉରାଳିଶ ହଜାର ଦୁଇଶହ ଅଠଚାଳିଶ ଟଙ୍କା ମାତ୍ର) ୦୮।୦୯।୨୦୨୧ ସୁଦ୍ଧା) + ଭବିଷ୍ୟତ ସୁଧ + ବୈଧାନିକ ବ୍ୟୟ + ଆଇନଗତ ବ୍ୟୟ + ଆନୁଷଙ୍ଗିକ ବ୍ୟୟ | ଟ. **୧୯,୦୦,୦୦୦/-** (ଊଣେଇଶ ଲକ୍ଷ ଟଙ୍କା ମାତ୍ର) **ଅମାନତ ଜମା ରାଶି:** ଟେଣ୍ଡର ମୂଲ୍ୟର ୨୫% | **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍,** ଏ/୧୦୮, ୧ମ ମହଲା ବନଦେବ ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର- ୭୫୧୦୦୭ **ଟେଣ୍ଡର ଖୋଲାଯିବା ସ୍ଥାନ:** **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍,** ସୁନ୍ଦରମ୍ ଟାୱାର, ନଂ. ୪୬, ହ୍ୱାଇଟ୍ସ ରୋଡ୍, ରୋୟାପେଟ୍ଟା, ଚେନ୍ନାଇ- ୬୦୦୦୧୪ **ଟେଣ୍ଡର ଖୋଲାଯିବାର ତାରିଖ:** ୨୮।୦୯।୨୦୨୧ @ ୧୭.୩୦ |

**ସମ୍ପତ୍ତିର ବର୍ଣ୍ଣନା:** ଏ୦.୦୪୩ ଡେସିମିଲ ପରିମାପର ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଯାହା ସାବକ ଖାତା ନଂ. ୧୫ ଓ ପ୍ଲଟ୍ ନଂ. ୩୨ ଅନୁରୂପ ଏବଂ ଖାତା ନଂ. ୨୫୧/୬ରେ ସମ୍ବଳିତ । ଅବସ୍ଥିତି: ପ୍ଲଟ୍ ନଂ. ୯୭୪/୧୭୫୮, ଉମାପଡ଼ା (ୟୁନିଟ୍-୨), ଯାଜପୁର ରୋଡ୍, ତହସିଲ- ସୁକିନ୍ଦା, ଯାଜପୁର ଜିଲ୍ଲା, ରୋଡ୍, ଓଡ଼ିଶା । **ଚଉହଦୀ:** ଉତ୍ତର: ପ୍ଲଟ୍ ନଂ. ୩୨ର ଅଂଶ, ଦକ୍ଷିଣ: ରାସ୍ତା, ପୂର୍ବ: ରାସ୍ତା ଏବଂ ପଶ୍ଚିମ: ପ୍ଲଟ୍ ନଂ. ୩୨ର ଅଂଶ । ଯାଜପୁର ପଞ୍ଜୀକରଣ ଜିଲ୍ଲା ଏବଂ ସୁକିନ୍ଦା ଉପ-ପଞ୍ଜୀକରଣ ଜିଲ୍ଲା ମଧ୍ୟରେ । ଯାହା ଅଧିକ ସମ୍ପୂର୍ଣ୍ଣ ଓ ବିଶଦଭାବେ ମାଲିକାନା ଦଲିଲ ନଂ. ୫୨୯୩/୨୦୧୨ରେ ବର୍ଣ୍ଣିତ ।

**ଦ୍ରଷ୍ଟବ୍ୟ: ଆଗ୍ରହୀ କ୍ରେତାମାନଙ୍କୁ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ସମ୍ପତ୍ତିର ମାଲିକାନା ସମ୍ପର୍କରେ ଦଲିଲଗୁଡ଼ିକୁ ଯାଞ୍ଚ କରିବା ଓ ସେ ସମ୍ବନ୍ଧରେ ସନ୍ତୁଷ୍ଟ ହେବା ପାଇଁ ପରାମର୍ଶ ଦିଆଯାଉଛି । କ୍ରୟ ନିଶ୍ଚିତ ହେବା ପରେ, ଯଦି ମାଲିକାନାକୁ ନେଇ କୌଣସି ବିବାଦ ଉପୁଜେ, ତେବେ ଅର୍ଥରାଶି ଫେରସ୍ତ କରାଯିବ ନାହିଁ ।**

**ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ପଣ୍ଡାଙ୍କ ଋଣ ଖାତା ନଂ. ୬୬୨୦୦୦୪୬ର ସମ୍ପତ୍ତି ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି www.sundaramhome.in/uploads/files/sale_notice/66200046.pdf ଦେଖନ୍ତୁ ।**

**ତାରିଖ: ୦୮।୦୯।୨୦୨୧**

**ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ପାଇଁ ପ୍ରାଧିକୃତ ଅଧିକାରୀ**

ଯେତେଦିନ ପର୍ଯ୍ୟନ୍ତ ଦୁଷ୍ଟ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଷ୍ଟ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। -ଶ୍ରୀଅରବିନ୍ଦ

# ଭିଡିଓ ଗେମ୍

କରୋନା ମହାମାରୀ ଯୋଗୁ ବିଶ୍ୱସାରା ଲୋକ ସଂକ୍ରମିତ। ଏହି ଭୂତାଣୁ ପ୍ରାୟ ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଶିଶୁଠାରୁ ବୟସ୍କଙ୍କୁ ଘରେ ବାନ୍ଧି ରଖିଛି। ଏଥିରେ ବେଶି ପ୍ରଭାବିତ ହୋଇଛନ୍ତି ଶିଶୁ ଓ କିଶୋର। ଖେଳକୁଦ ବୟସରେ ମାସ ମାସ ଧରି ଘରେ ଆବଦ୍ଧ ହୋଇ ରହିବା ଫଳରେ ସେମାନଙ୍କ ଉପରେ ମାନସିକ ଚାପ ପଡ଼ୁଛି। ଶ୍ରେଣୀକକ୍ଷ ପଢ଼ା ଏକପ୍ରକାର ବନ୍ଦ ହୋଇଯାଇଥିବାରୁ ଆବଶ୍ୟକତା ଦୃଷ୍ଟିରୁ ଅନ୍‌ଲାଇନ ପଢ଼ାକୁ ଗୁରୁତ୍ୱ ଦିଆଯାଇଛି। ହେଲେ ଏହି ଅଭ୍ୟାସ ସେମାନଙ୍କୁ ଅନ୍‌ଲାଇନ୍ ଗେମ୍ ଆଡ଼କୁ ଟାଣି ନେଇଯାଇଥିବା ମାତାପିତା ଓ ଅଭିଭାବକମାନେ ଅନୁଭବ କରୁଛନ୍ତି। ଅଧିକ ସମୟ ପିଲାମାନେ ସ୍ମାର୍ଟ ଫୋନ୍, ଟାବ୍‌ଲେଟ୍ ଓ ଲାପ୍‌ଟପ ସହ ବିତାଇବା ଦ୍ୱାରା ସେମାନଙ୍କ ସୃଜନଶୀଳତା ଉପରେ ଗଭୀର ପ୍ରଭାବ ପଡ଼ୁଛି। ପୂର୍ବରୁ ପିଲାମାନେ ଗୀତ ଗାଇବା, ନାଚ କରିବା, ଚିତ୍ର ଆଙ୍କିବା, ବହି ପଢ଼ିବା, କବିତା କିମ୍ବା ଗପ ଲେଖିବା ଏବଂ କ୍ରୀଡ଼ା ପ୍ରତି ବିଶେଷ ଆଗ୍ରହ ଦେଖାଉଥିଲେ। ଆଜି ଘରୁ ବାହାରିବା କଷ୍ଟକର ହୋଇପଡୁଥିବାରୁ ପିଲାଙ୍କ ମାନସିକତାରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ତତ୍‌ସହିତ ଏବକାର ନୂତନ ଡିଜିଟାଲ ଯୁଗରେ ପିଲାମାନେ ଘଣ୍ଟା ଘଣ୍ଟା ଧରି ଭିଡିଓ ଗେମ୍‌ରେ ମଜ୍ଜି ରହୁଛନ୍ତି। ଏହି ସମସ୍ୟା କେବଳ ଭାରତରେ ନୁହେଁ, ବିଶ୍ୱବ୍ୟାପୀ ପ୍ରତୀୟମାନ ହେଉଛି। ତେବେ ଅନ୍ୟ କୌଣସି ଦେଶ କଟକଣା ଜାରି କରିବା ପୂର୍ବରୁ ପ୍ରଥମେ ଚାଇନା ଏ ଦିଗରେ ପଦକ୍ଷେପ ନେଇଛି। ୧୮ ବର୍ଷରୁ କମ୍ ବର୍ଗଙ୍କ ଭିଡିଓ ଗେମ୍ ଦେଖିବା ଉପରେ ବେଜିଂ କଟକଣା ଜାରି କରିଛି। ସେପ୍ଟେମ୍ବର ପହିଲାରୁ ନୂଆ ନୀତି ଲାଗୁ କରାଯାଇ ଶୁକ୍ରବାର, ଶନିବାର ଓ ରବିବାର ରାତି ୮ଟାରୁ ୯ଟା ପର୍ଯ୍ୟନ୍ତ ସପ୍ତାହରେ ମାତ୍ର ୩ ଘଣ୍ଟା ପାଇଁ ଅନ୍‌ଲାଇନ୍ ଗେମ୍ ଉପଲବ୍ଧ ହେଉଛି। ନ୍ୟାଶନାଲ ପ୍ରେସ୍ ଆଣ୍ଡ ପବ୍ଲିକେଶନ୍ ଆଡମିନିଷ୍ଟ୍ରେଶନ (ଏନ୍‌ପିପିଏ) ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ନିର୍ଦ୍ଦେଶନାମାରେ ଆହୁରି କୁହାଯାଇଛି ଯେ, ଗେମିଂ କମ୍ପାନୀଗୁଡ଼ିକ ସରକାରଙ୍କ ନିୟମ ମାନିବାକୁ ବାଧ୍ୟ। ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରାଯିବ ବୋଲି ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚାଇ ଦିଆଯାଇଛି।

ଭିଡିଓ ଗେମ୍ ନିଶା କମାଇବା ପାଇଁ ଚାଇନା ନେଇଥିବା ପଦକ୍ଷେପ ସେଠାକାର ସରକାରଙ୍କ କଠୋର ନିୟମ ଯୋଗୁ ନିୟନ୍ତ୍ରଣକୁ ଆସିପାରେ ବୋଲି ଅନୁମାନ କରାଯାଉଛି। ହେଲେ ତା'ର ବିଶାଳ ଗେମ୍ ମାର୍କେଟ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଏକ ରିପୋର୍ଟ ଅନୁଯାୟୀ ସେଠାରେ ୬୨.୫ ପ୍ରତିଶତ ୧୮ ବର୍ଷରୁ କମ୍ ବୟସର ପିଲା ଅନ୍‌ଲାଇନ୍ ଗେମ୍ ଖେଳୁଛନ୍ତି। ୨୦୨୦ରେ ଚାଇନାର ଗେମିଂ ଶିଳ୍ପ ୪୩.୨ ବିଲିୟନ ଆମେରିକୀୟ ଡଲାର ରାଜସ୍ୱ ହାସଲ କରିଥିଲା, ଯାହାକି ପୂର୍ବବର୍ଷ ତୁଳନାରେ ୨୦.୭୧ ପ୍ରତିଶତ ଅଧିକ। କଠୋର ନିଷ୍ପତ୍ତି ଦ୍ୱାରା ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହେଉଥିବା ଜାଣି ମଧ୍ୟ ଚାଇନା ଏପରି ପଦକ୍ଷେପ ଏଇଥିପାଇଁ ନେଉଛି ଯେ, ପିଲାଙ୍କ ଶାରୀରିକ ଓ ମାନସିକ ସ୍ଥିତି ପ୍ରଭାବିତ ହେବାରେ ଲାଗିଛି। ଯେତେବେଳେ ପିଲାମାନଙ୍କ ଭବିଷ୍ୟତ କଥା ଚିନ୍ତା କରାଯାଏ, ଉପରଲିଖିତ କଟକଣାର ଜରୁରୀ ଆବଶ୍ୟକତା ପଡ଼ିଥାଏ। ଏହି ପ୍ରଚ୍ଛପଟରେ ଭାରତକୁ ଦେଖିଲେ ଦେଶର ସମୁଦାୟ ଜନସଂଖ୍ୟାର ୪୧ ପ୍ରତିଶତ ୧୮ ବର୍ଷରୁ କମ୍ ବର୍ଗର ଅଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଭିଡିଓ ଗେମ୍ ନିଶାରେ ପଡ଼ିଯାଇଥିବାରୁ ସେମାନଙ୍କୁ ସେଥିରୁ ନିବୃତ୍ତ କରିବା କଷ୍ଟକର ହୋଇପଡୁଛି। ଯେହେତୁ ବାହ୍ୟ ପରିବେଶରେ ଖେଳିବା ଉପରେ କଟକଣା ରହିଛି, ସେହେତୁ ପିଲାମାନେ ଭିଡିଓ ଗେମ୍ ମାଧ୍ୟମରେ ଆନନ୍ଦିତ ହେଉଛନ୍ତି। କିନ୍ତୁ ଏହି ଗେମ୍‌ର କୁପ୍ରଭାବକୁ ଗୌଣ କରାଯିବା ଉଚିତ ନୁହେଁ। ଦୀର୍ଘସମୟ ଖେଳିଲେ ତାହାର ପ୍ରଭାବ ଆଖି ଉପରେ ପଡ଼ିବା ସ୍ୱାଭାବିକ। ଏଥିସହିତ ଧୈର୍ଯ୍ୟ ରଖିବା ମଧ୍ୟ ଏମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ପିଲାମାନଙ୍କ ପାଠପଢ଼ିବା ଓ ଖାଇବା ଭଳି କାର୍ଯ୍ୟରେ ଅନିୟମିତତା ଦେଖାଦେଉଛି। ଅବଶ୍ୟ ଭାରତର ସ୍ଥିତି ଦେଖିଲେ ଚାଇନା ଭଳି ଆଇନ ସୃଷ୍ଟି କରିବା ଓ ତାହାକୁ କେହି ମାନିବା ଏକ ଦିବାସ୍ୱପ୍ନ। ଏହାଦ୍ୱାରା ଆସନ୍ତାକାଲି ପିଢ଼ିର ମାନସିକତାରେ ଶୃଙ୍ଖଳାଗତ ବ୍ୟବହାର ପାଇବା କଷ୍ଟକର ହୋଇପଡ଼ିବ। ଏମିତିରେ ଅଧିକାଂଶ ଭାରତୀୟ ଅମାନିଆ ଓ ବିଶୃଙ୍ଖଳିତ। ଏବକାର ସ୍ଥିତିରେ ଆଗାମୀ ପିଢ଼ିର ବ୍ୟବହାର ଆହୁରି ଅଧିକ ସମସ୍ୟା ସୃଷ୍ଟି କରିପାରେ।

# ଉଲଗ୍ନ ପିଲା

ଭାରତରେ ଶିଶୁଙ୍କୁ ନେଇ ଅନ୍ଧବିଶ୍ୱାସ ବଳବତ୍ତର ରହିଛି। ସେପ୍ଟେମ୍ବର ୫ରେ ମଧ୍ୟପ୍ରଦେଶର ଦମୋହ ଜିଲା ଅନ୍ତର୍ଗତ ବନିୟା ଗ୍ରାମରେ ବର୍ଷା ପାଇଁ ପାଳିତ ପର୍ବ ଏହାର ଏକ ଦୃଷ୍ଟାନ୍ତ । ପ୍ରଥାନୁଯାୟୀ ବର୍ଷା ଦେବତାଙ୍କୁ ସନ୍ତୁଷ୍ଟ କରିବା ଲାଗି ପାଖାପାଖି ୫ ବର୍ଷ ବୟସର ୬ ଜଣ ଝିଅଙ୍କୁ ଉଲଗ୍ନ ଅବସ୍ଥାରେ ଚଲାଯାଇଥିଲା। ଏମାନଙ୍କ କାନ୍ଧରେ ଥିବା ଏକ କାଠ ବାଡିରେ ବେଙ୍ଗ ବନ୍ଧାଯାଇଥିଲା । ଝିଅମାନଙ୍କ ସହ ସେମାନଙ୍କ ମା'ମାନେ ମଧ୍ୟ ଥିଲେ। ଝିଅମାନେ ଚାଲିଚାଲି ଯିବା ସମୟରେ ଗାଁର ମହିଳାମାନେ ଗୀତଗାଉଥିବା ଦେଖିବାକୁ ମିଳିଥିଲା। ସୋସିଆଲ ମିଡ଼ିଆରେ ଏଭଳି ଦୃଶ୍ୟ ପ୍ରସାରିତ ହେବା ପରେ ଉକ୍ତ ଘଟଣାର ତଦନ୍ତ ପାଇଁ ନ୍ୟାଶନାଲ କମିଶନ ଫର୍ ପ୍ରୋଟେକ୍ସନ ଅଫ୍ ଚାଇଲ୍ଡ ରାଇଟ୍ସ (ଏନ୍‌ସିପିସିଆର୍) ଜିଲା ପ୍ରଶାସନକୁ ଏ ସଂକ୍ରାନ୍ତରେ ତଦନ୍ତ କରି ୧୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଝିଅମାନଙ୍କୁ ଉଲଗ୍ନ ହେବା ପାଇଁ ଯଦି ବାଧ୍ୟ କରାଯାଇଥାଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ଏହା ତ ଆଇନଗତ ଦିଗକୁ ସୂଚିତ କରୁଛି, ହେଲେ ଆଧୁନିକ ଭାରତରେ ଏଭଳି ପ୍ରଥା ବନ୍ଦ କରିବା କଷ୍ଟକର। କହିବାକୁ ଆଧୁନିକ, କିନ୍ତୁ ଅଧିକାଂଶ ଭାରତୀୟଙ୍କ ମାନସିକତା ଅତ୍ୟନ୍ତ ପୁରାତନ। ଧର୍ମ ଓ ଅନ୍ଧବିଶ୍ୱାସ ନାମରେ ବିଭିନ୍ନ ବିକୃତ କାର୍ଯ୍ୟ କରାଇବା ପାଇଁ ସାଧାରଣ ଭାରତୀୟ ଆଗଭର ହୋଇଥାଆନ୍ତି। ଏହାର କାରଣ ହେଉଛି ସଚେତନ ମାନସିକତା ସୃଷ୍ଟି କରିବା ପାଇଁ ଆମ ସମାଜରେ କେବେହେଲେ ପ୍ରୟାସ କରାଯାଇନାହିଁ। ଏହା କେବଳ ଗଣିତ, ଭୂଗୋଳ ଭଳି ଶିକ୍ଷା ମାଧ୍ୟମରେ ହାସଲ କରି ହୋଇ ନ ଥାଏ। ସାମାଜିକ ପରିବର୍ତ୍ତନ ହେଉଛି ଏକମାତ୍ର ବାଟ। ଏଭଳି ପରିବର୍ତ୍ତନର ନେତୃତ୍ୱ ସମାଜ ଭିତରୁ ଆରମ୍ଭ ହେବା ଦରକାର ; ରାଜନୈତିକ କିମ୍ବା ପ୍ରଶାସନିକ ହସ୍ତକ୍ଷେପରେ ସୁଧାର ଆସିପାରିବ ନାହିଁ।



# ପରିବେଶ ନିୟମ ଉଲ୍ଲଂଘନ

ଡ. ଜୟକୃଷ୍ଣ ପାଣିଗ୍ରାହୀ

ଜୀବଜଗତ, ସର୍ବୋପରି ମାନବଜାତିର ସୁସ୍ଥତା ପ୍ରକୃତି ଓ ପରିବେଶର ସ୍ୱାସ୍ଥ୍ୟାବସ୍ଥା ଉପରେ ଅନେକାଂଶରେ ନିର୍ଭରଶୀଳ। ମାତ୍ର ଅବାଞ୍ଛିତ ମାନବୀୟ କାର୍ଯ୍ୟକଳାପର ପରିଣାମରେ ଘଟୁଥିବା ପ୍ରଦୂଷଣର କ୍ଷତିକାରକ ପ୍ରଭାବରେ ଜଳ, ବାୟୁ ଏବଂ ମୃତ୍ତିକା ପରି ପ୍ରାକୃତିକ ସମ୍ବଳର ଗୁଣବତ୍ତାରେ ଅବନତି ସଂଘଟିତ ହେଉଛି ଏବଂ ପରିବେଶ କ୍ରମଶଃ ଅବକ୍ଷୟିତ ହୋଇ ଚାଲିଛି। ପରିସଂସ୍ଥାର ଅବନତି, ବନ୍ୟଜନ୍ତୁଙ୍କର ବିଲୁପ୍ତି ତଥା ସେମାନଙ୍କ ବାସସ୍ଥଳୀର ବିନଷ୍ଟ ଏବଂ ପ୍ରକୃତିଲବ୍ଧ ସମ୍ପଦର ହ୍ରାସନ ପରି ପ୍ରକ୍ରିୟା କ୍ରମେ ତ୍ୱରାନ୍ୱିତ ହେଉଛି। ଏପରି ଅବନତି ସାମାଜିକ, ଅର୍ଥନୈତିକ ଏବଂ ପାରିବେଶିକ ଉଦ୍ଦେଶ୍ୟ ସାଧନ ଏବଂ ଆବଶ୍ୟକତା ପୂରଣ କରିବାରେ ପ୍ରକୃତିର ଦକ୍ଷତାକୁ କ୍ରମେ ସଙ୍କୁଚିତ କରୁଛି। କ୍ଷିପ୍ର ଅର୍ଥନୈତିକ ପ୍ରଗତି ହାସଲ ଉଦ୍ଦେଶ୍ୟରେ ଏବେ ଅସହନୀୟ ମାର୍ଗରେ ପରିଚାଳିତ ବିକାଶ ଧାରାରେ ଶିଳ୍ପାୟନ, ଶକ୍ତି ଉତ୍ପାଦନ, ପରିବହନ, ଗମନାଗମନ, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ଭିତ୍ତିଭୂମି ନିର୍ମାଣ ଏବଂ ପର୍ଯ୍ୟଟନ ଇତ୍ୟାଦି କ୍ଷେତ୍ରର ପ୍ରତିକୂଳ ପ୍ରଭାବ ପରିବେଶ ଏବଂ ଜୀବଜଗତ ଉପରେ ପ୍ରତିବିମ୍ବିତ ହେଉଛି। ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଏପରି କ୍ଷତିକାରକ ପ୍ରକ୍ରିୟାସବୁର ପ୍ରଭାବଶାଳୀ ନିୟନ୍ତ୍ରଣ ଏବଂ ପରିବେଶର ଗୁଣାତ୍ମକ ମାନ ତଥା ମଣିଷ ଓ ଅନ୍ୟ ଜୀବଜନ୍ତୁମାନଙ୍କର ସୁରକ୍ଷା ନିମନ୍ତେ ପର୍ଯ୍ୟାପ୍ତ ଆଇନ ପ୍ରଣୟନ ଏବଂ ସେସବୁର କାର୍ଯ୍ୟକାରିତା ଯେ ଅବଶ୍ୟମ୍ଭାବୀ ତାହା ସୁସ୍ପଷ୍ଟ। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଏ ଦିଗରେ, ବିଶେଷତଃ ବିପଜ୍ଜନକ ପଦାର୍ଥର ନିଷ୍କ୍ରୀୟକରଣ ଏବଂ ନିଷ୍କାସନ ନିମନ୍ତେ ପ୍ରଣୀତ ଆଇନ ସୁରକ୍ଷା କବଚର ଭୂମିକା ନିର୍ବାହ କରି ପରିବେଶର କ୍ଷତିସାଧନକୁ ରୋକିବା ଏବଂ ବିବିଧ ପ୍ରାକୃତିକ ପରିସଂସ୍ଥାର କାର୍ଯ୍ୟକାରିତାକୁ ସୁଗମ କରିବାରେ ସହାୟକ ହେବା ବାଞ୍ଛନୀୟ।

ଆମ ଦେଶରେ ପ୍ରଦୂଷଣର ପ୍ରତିରୋଧ ଓ ନିୟନ୍ତ୍ରଣ ତଥା ଜଳ, ବାୟୁ, ମୃତ୍ତିକା, ଜଙ୍ଗଲ, ଜୈବବିବିଧତା, ସର୍ବୋପରି ପରିବେଶର ସୁରକ୍ଷା ନିମନ୍ତେ ଯଥେଷ୍ଟ ଆଇନ ଉପଲବ୍ଧ । ଏସବୁ ଆଇନ ପ୍ରଣୟନର ଈପ୍ସିତ ଲକ୍ଷ୍ୟ ହେଉଛି ଜୀବଜଗତ, ପରିସଂସ୍ଥା ଏବଂ ପ୍ରାକୃତିକ ସମ୍ପଦକୁ ସୁରକ୍ଷା ପ୍ରଦାନ, ସେସବୁର ସଂରକ୍ଷଣ ନିମନ୍ତେ ଯଥୋଚିତ ପଦକ୍ଷେପ ଗ୍ରହଣ ଏବଂ ଉତ୍ତମ ଗୁଣବତ୍ତା ବହନକାରୀ ଏକ ପରିବେଶର ସ୍ଥାପନ। ଏହି ନିୟମାବଳୀ ସରକାରଙ୍କୁ ପ୍ରଦୂଷଣଜନିତ ବିପର୍ଯ୍ୟୟ ସୃଷ୍ଟିକାରୀ ଏବଂ ପରିବେଶ ଆଇନ ଉଲ୍ଲଙ୍ଘନକାରୀଙ୍କୁ ଦଣ୍ଡିତ କରିବାର କ୍ଷମତା ପ୍ରଦାନ କରେ। ସହନୀୟ ମାର୍ଗରେ ଉତ୍ପାଦନ, ଅର୍ଥନୀତି ଏବଂ ବିକାଶ ପ୍ରକ୍ରିୟାକୁ ପରିଚାଳିତ କରି ମାନବୀୟ ତଥା ପରିବେଶୀୟ ସ୍ୱାସ୍ଥ୍ୟର ଗୁଣାତ୍ମକ ମାନକୁ ଅକ୍ଷୁଣ୍ଣ ରଖିବା ଏବଂ ମାନବୀୟ କାର୍ଯ୍ୟର ନକାରାତ୍ମକ ପ୍ରଭାବକୁ ଆକଳନ ଓ ଦମନ କରିବା ଏହାର ଉଦ୍ଦେଶ୍ୟ। ସମ୍ପ୍ରତି ବୃଦ୍ଧି ପାଉଥିବା ସବୁଜଗୃହ ବାଷ୍ପ ନିର୍ଗମନ, ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ, ଅମ୍ଳବର୍ଷା, ଓଜନ ସ୍ତରର ଅବକ୍ଷୟ, ଜଙ୍ଗଲାଞ୍ଚଳର ହ୍ରାସ, ବିଲୁପ୍ତପ୍ରାୟ ଜୀବଜାତିଙ୍କର ଶିକାର, ପ୍ରାକୃତିକ ସମ୍ପଦର ଅବନତି ଇତ୍ୟାଦି ସମସ୍ୟା ପରିପ୍ରେକ୍ଷୀରେ ଏ ସମସ୍ତ ନିୟମ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏହି ପ୍ରସଙ୍ଗରେ ପ୍ରଚଳିତ ପ୍ରଦୂଷଣକାରୀ ଦେୟ ନୀତି'ହେଉଛି ଦଣ୍ଡବିଧାନର ଏକ ଉପଯୁକ୍ତ ପ୍ରାବଧାନ, ଯାହା ଉଲ୍ଲଙ୍ଘନକାରୀଙ୍କୁ ପରିବେଶ ଅବକ୍ଷୟର ପ୍ରତିକାର ବ୍ୟବସ୍ଥା ଓ ପୁନରୁଦ୍ଧାର ନିମନ୍ତେ ଆବଶ୍ୟକ ଖର୍ଚ୍ଚ ବହନ କରିବାକୁ ବାଧ୍ୟକରେ। ପ୍ରଦୂଷଣ ନିରାକରଣ ଦ୍ୱାରା, ବିଶେଷ ରୂପେ ସମ୍ବେଦନଶୀଳ ଅଞ୍ଚଳରେ, ପରିବେଶ ଏବଂ ଜନସ୍ୱାସ୍ଥ୍ୟ ସୁରକ୍ଷିତ ରହେ, ବର୍ଜ୍ୟବସ୍ତୁ ନିଷ୍କାସନ ଏବଂ ପରିଚାଳନା ନିମନ୍ତେ ଆର୍ଥିକ ଖର୍ଚ୍ଚ ହ୍ରାସ ପାଏ, ପ୍ରାକୃତିକ ସମ୍ପଦର ସଂରକ୍ଷଣ ଘଟେ ଏବଂ ଶିଳ୍ପ ଉତ୍ପାଦନରେ ଅଧିକ ଦକ୍ଷତା ହାସଲ ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧି ସୁଦୃଢ଼ ହୁଏ।

କୌଣସି ନୂତନ ପ୍ରକଳ୍ପ, ଯୋଜନା କିମ୍ବା ନୀତି ପରି ବିକାଶ ସହାୟକ କାର୍ଯ୍ୟକ୍ରମ ସମ୍ବନ୍ଧରେ ନିଷ୍ପତ୍ତି ନେବା ପୂର୍ବରୁ ଏହାର ପରିବେଶ ପ୍ରଭାବ ଆକଳନ (ଇଆଇଏ)କୁ ୧୯୯୪ର ବିଜ୍ଞପ୍ତି ଅନୁଯାୟୀ ବାଧ୍ୟତାମୂଳକ କରାଯାଇଛି। ଖଣି ଉତ୍ତୋଳନ ; ତାପଜ ବିଦ୍ୟୁତ୍‌ଉତ୍ପାଦନ ; ନଦୀବନ୍ଧ ନିର୍ମାଣ ; ସଡ଼କ, ରାଜପଥ, ବନ୍ଦର ଏବଂ ବିମାନବନ୍ଦର ପରି ଭିତ୍ତିଭୂମି ନିର୍ମାଣ ଏବଂ ଶିଳ୍ପ ସ୍ଥାପନ ପରି ବିଭିନ୍ନ ପ୍ରକଳ୍ପ ଏଥିରେ ଅନ୍ତର୍ଭୁକ୍ତ। ଇଆଇଏ ପ୍ରକଳ୍ପର ସମ୍ଭାବ୍ୟ ଉଭୟ ନକାରାତ୍ମକ ଏବଂ ସକାରାତ୍ମକ ପ୍ରଭାବଗୁଡ଼ିକର ପୂର୍ବାନୁମାନ କରେ ଏବଂ କ୍ଷତିକାରକ ପ୍ରଭାବର ପରିବର୍ତ୍ତନ କିମ୍ବା ହ୍ରାସ ନିମନ୍ତେ ପଦକ୍ଷେପ ଗ୍ରହଣ ବିଷୟରେ ସୂଚନା ପ୍ରଦାନ କରେ। ତେଣୁ ପ୍ରାରମ୍ଭିକ ପର୍ଯ୍ୟାୟରେ ସମ୍ଭାବ୍ୟ ପ୍ରଭାବ ଚିହ୍ନଟ କରି ନିଷ୍ପତ୍ତି ନେବା ଏବଂ ଏହି ତଥ୍ୟ ଉପରେ ଆଧାର କରି ପ୍ରକଳ୍ପ ଯୋଜନାର ଗୁଣବତ୍ତା ଉନ୍ନତ କରିବା ନିଶ୍ଚିତ ରୂପେ ହିତକାରୀ ସାଧିତ ହୁଏ। ପରନ୍ତୁ, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ କେତେକ ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ କାରଣ ପରିବେଶ କାରକଠାରୁ ଅଧିକ ଓଜନଦାର ସାବ୍ୟସ୍ତ ହେଉଥିବାର ଦୃଷ୍ଟାନ୍ତ ମଧ୍ୟ ପରିଲକ୍ଷିତ ହୁଏ।

ନିକଟରେ ଜୁନ ମାସରେ ଫର୍ମାଲ୍ଡିହାଇଡ୍ ରସାୟନ ପ୍ରସ୍ତୁତକାରୀ କେତେକ ଶିଳ୍ପସଂସ୍ଥାକୁ ବିନା ପରିବେଶ ମଞ୍ଜୁରୀରେ ହରିୟାଣା ସରକାରଙ୍କ ପ୍ରଦତ୍ତ ଅସ୍ଥାୟୀ ଅନୁମତି ବିରୋଧରେ ଏନ୍‌ଜିଓ ଦସ୍ତକ୍ ଦ୍ୱାରା ଦାଖଲ ମାମଲା ପରିପ୍ରେକ୍ଷୀରେ ଜାତୀୟ ସବୁଜ ପ୍ରାଧିକରଣ (ଗ୍ରୀନ୍ ଟ୍ରିବ୍ୟୁନାଲ୍) କେତେକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ପ୍ରଦାନ କରିଛନ୍ତି। ସେ ଆଦେଶନାମାରେ ସ୍ପଷ୍ଟ କରିଛନ୍ତି ଯେ, ଶିଳ୍ପସଂସ୍ଥାମାନେ ୨୦୦୬ର ଇଆଇଏ ବିଜ୍ଞପ୍ତି ଅନୁଯାୟୀ ପୂର୍ବ ପରିବେଶ ମଞ୍ଜୁରୀ ବିନା କାର୍ଯ୍ୟାରମ୍ଭ କରିପାରିବେ ନାହିଁ। ଏହି ମଞ୍ଜୁରୀର ଆବଶ୍ୟକତାକୁ ଛାଡ଼ କରିବା କିମ୍ବା କ୍ଷତିପୂରଣ ପ୍ରଦାନ ଦ୍ୱାରା ସେମାନଙ୍କୁ କାର୍ଯ୍ୟ କରିବାର ଅନୁମତି ପ୍ରଦାନର କୌଣସି କ୍ଷମତା ମଧ୍ୟ ରାଜ୍ୟମାନଙ୍କର ନାହିଁ। 'ପ୍ରଦୂଷଣକାରୀ ଦେୟ ନୀତି' ଅବଲମ୍ବନରେ ନିୟମ ଖିଲାପକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ଅଧିକାରୀମାନେ ମୁକ୍ତ। ଯେଉଁ ପ୍ରକଳ୍ପଗୁଡ଼ିକ ପୂର୍ବ ପରିବେଶ ମଞ୍ଜୁରୀ ବିନା କାର୍ଯ୍ୟକ୍ଷମ ଅଛନ୍ତି, ସେଗୁଡିକୁ ବନ୍ଦ କରି ପୁନର୍ବାର ମୂଲ୍ୟାଙ୍କନ କରାଯିବା ଉଚିତ। ଯେଉଁ ପ୍ରକଳ୍ପଗୁଡ଼ିକ ପରିବେଶ ନିୟମର ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛନ୍ତି ଏବଂ ପରିବେଶ ମଞ୍ଜୁରୀ ପାଇଁ ଆଦୌ ଯୋଗ୍ୟ ନୁହନ୍ତି, ସେଗୁଡ଼ିକ ଭଙ୍ଗାଯିବ ଅଥବା ବନ୍ଦ କରାଯିବ। ଏହି ଆଦେଶର ମର୍ମରେ ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ପରିବେଶ ମଞ୍ଜୁର ନିୟମକୁ ଉଲ୍ଲଂଘନ କରିଥିବା ଭିତ୍ତିଭୂମି ଏବଂ ଶିଳ୍ପ ପ୍ରକଳ୍ପଗୁଡିକ ପାଇଁ ୨୦୨୧ ଜୁଲାଇରେ ଏକ କ୍ଷମା ଯୋଜନାର ପ୍ରବର୍ତ୍ତନ ଏବଂ ଏଥିନିମନ୍ତେ ଏକ ମାନକ କାର୍ଯ୍ୟକାରୀ ପଦ୍ଧତି (ଏସ୍‌ଓପି) ପ୍ରସ୍ତୁତ କରିଛି। ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରିଥିବା, କିନ୍ତୁ 'ଅନୁମତିପ୍ରାପ୍ତ' ହୋଇଥିବା ପ୍ରକଳ୍ପଗୁଡ଼ିକ ନିମନ୍ତେ ଏକ ପ୍ରତିକାର ଯୋଜନା ପ୍ରସ୍ତୁତ କରାଯାଇଛି। କେନ୍ଦ୍ର କିମ୍ବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ସୃଷ୍ଟ କ୍ଷୟକ୍ଷତିର ଆକଳନ କରିବେ ଏବଂ ଏହାର ଭରଣା ନିମନ୍ତେ ଏକ ପରିବେଶ ସମୃଦ୍ଧକାରୀ ଯୋଜନା କାର୍ଯ୍ୟକାରୀ ହେବା ପରେ ଖିଲାପକାରୀ ଦାଖଲ କରିଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଫେରସ୍ତ ପାଇବେ। ନିୟମ ଉଲ୍ଲଂଘନକାରୀ ପ୍ରକଳ୍ପଗୁଡ଼ିକୁ ଜରିମାନା ଦେବା ବାଧ୍ୟତାମୂଳକ, ଯାହାର ସବିଶେଷ ବିବରଣୀ ବିଜ୍ଞପ୍ତିରେ ପ୍ରକାଶ ପାଇଛି।

ଇଆଇଏ ହେଉଛି ପ୍ରସ୍ତାବିତ ପ୍ରକଳ୍ପର ସମ୍ଭାବ୍ୟ ପରିବେଶ ପରିଣାମକୁ ଆକଳନ କରିବାର ଏକ ବୈଜ୍ଞାନିକ, ଆଇନଗତ ଏବଂ ସାମାଜିକ ବ୍ୟବସ୍ଥା। ବିଜ୍ଞପ୍ତି ଅନୁଯାୟୀ ପ୍ରକଳ୍ପ ଆରମ୍ଭ ପୂର୍ବରୁ ପରିବେଶ ମଞ୍ଜୁରୀ ବାଧ୍ୟତାମୂଳକ ହୋଇଥିଲା ବେଳେ ଏପର୍ଯ୍ୟନ୍ତ ଏହାର ବହୁଳ ଉଲ୍ଲଂଘନ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହା ଶିଳ୍ପସଂସ୍ଥାମାନଙ୍କର ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଆଇନର ଉପେକ୍ଷା ଏବଂ ପ୍ରଶାସନିକ ବ୍ୟବସ୍ଥା ନିଜେ କାର୍ଯ୍ୟକାରୀ କରିଥିବା ଆଇନର ଉଲ୍ଲଂଘନକୁ ଗୁରୁତ୍ୱ ନ ଦେବାକୁ ସୂଚାଉ ନାହିଁ କି? ଏହା ମଧ୍ୟ ପ୍ରକୃତି ଓ ପରିବେଶ ପ୍ରତି ଆମ ସମ୍ବେଦନଶୀଳତାରେ ଥିବା ନ୍ୟୂନତାକୁ ପ୍ରଦର୍ଶିତ କରୁନାହିଁକି? ସେଣ୍ଟର ଫର ପଲିସି ରିସର୍ଚ୍ଚର ବରିଷ୍ଠ ସହକର୍ମୀ ମଞ୍ଜୁ ମେନନ୍ କହିଛନ୍ତି ଯେ ବୈଧତା ଏବଂ ପରିବେଶ ଅନୁମୋଦନ ନଥିବା ହଜାର ହଜାର ପ୍ରକଳ୍ପ ଏବେ ଦେଶର ବିଭିନ୍ନ ରାଜ୍ୟରେ କାର୍ଯ୍ୟରତ। ଏବେ ନୂତନ ଇଆଇଏର ପ୍ରସ୍ତୁତି ନିମନ୍ତେ ସରକାରଙ୍କର ୨୦୨୦ର ଡ୍ରାଫ୍ଟ ବିଜ୍ଞପ୍ତିର ପ୍ରତିକ୍ରିୟାରେ ଜନସାଧାରଣଙ୍କଠାରୁ ଅତି କମରେ ରେକର୍ଡ ସଂଖ୍ୟକ ୧୭ ଲକ୍ଷରୁ ଅଧିକ ପରାମର୍ଶ ଉପଲବ୍ଧ ହୋଇଛି। ପରିବେଶ କର୍ମୀମାନେ ଏଥିରେ ଥିବା କେତେକ ବିବାଦୀୟ ବ୍ୟବସ୍ଥାର ପରିବର୍ତ୍ତନ, ବିଶେଷ ରୂପେ ପରିବେଶ (ସୁରକ୍ଷା) ଅଧିନିୟମ ୧୯୮୬ର ଉଲ୍ଲଂଘନରେ କାର୍ଯ୍ୟ କରୁଥିବା ପ୍ରକଳ୍ପଗୁଡିକର ସ୍ଥାପନ ପରେ ମଞ୍ଜୁରୀ ପ୍ରଦାନର ପ୍ରସ୍ତାବକୁ ବିରୋଧ କରୁଛନ୍ତି। ଏପରିହେଲେ ଏହାକୁ ସବୁଠାରୁ ବଡ଼ ନିୟମିତକରଣ ଯୋଜନା ରୂପେ ଅଭିହିତ କରାଯିବ।

ସର୍ବୋଚ୍ଚ ନ୍ୟାୟାଳୟ ଏପ୍ରିଲ ୨୦୨୦ରେ ପ୍ରଦତ୍ତ ଏକ ଆଦେଶନାମାରେ ବ୍ୟକ୍ତ କରିଛନ୍ତି ଯେ, ପ୍ରକଳ୍ପର ଏପରି ବିଳମ୍ବିତ ମଞ୍ଜୁରୀକରଣ ପରିବେଶ ଆଇନର ମୌଳିକ ସିଦ୍ଧାନ୍ତ ଏବଂ ୧୯୯୪ର ଇଆଇଏ ବିଜ୍ଞପ୍ତିର ମୂଳ ଉଦ୍ଦେଶ୍ୟର ବିରୁଦ୍ଧାଚରଣ କରେ, ଯାହା ପରିବେଶ ପାଇଁ କ୍ଷତିକାରକ ଏବଂ ଅପୂରଣୀୟ ଅବନତିର କାରଣ ହୋଇପାରେ। ଏ ସମସ୍ତ ଦୃଷ୍ଟିରୁ ନୂତନ ଭାବେ ପ୍ରଣୀତ ହେବାକୁ ଥିବା ସଂଶୋଧିତ ଇଆଇଏରେ କୌଣସି ଚାପର ବଶବର୍ତ୍ତୀ ନ ହୋଇ, ଆଇନର ଫାଙ୍କଗୁଡ଼ିକୁ ଅନୁଧ୍ୟାନ କରି ସମାଧାନର ପନ୍ଥା ନିରୂପଣ କରିବା ଏବଂ ଏହାର କାର୍ଯ୍ୟକାରିତାକୁ ବସ୍ତୁତଃ ବାଧ୍ୟତାମୂଳକ କରିବା ହିଁ ସମୟର ଆହ୍ୱାନ।

ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର
jk.panigrahi@gmail.com
ମୋ: ୯୪୩୭୦୭୬୧୦୦



# ଆଉ କେତେ ଝୁଣ୍ଟିବା

ଶ୍ୱେତପଦ୍ମାସିନୀ ମହାନ୍ତି

ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି, କରୋନା ମହାମାରୀ ସମଗ୍ର ବିଶ୍ୱରେ କାୟାବିସ୍ତାର କରି ତାଣ୍ଡବ ଖେଳାଇଦେଇଛି। ଯେତେବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ୟୁନେସ୍କୋ ଏହାର ଭୟାବହତାକୁ ଅନୁଧ୍ୟାନ କରି ସଚେତନ ରହିବାକୁ ସମଗ୍ର ବିଶ୍ୱକୁ ଚେତାବନୀ ଦେଇଥିଲେ, ସେତେବେଳେ ଆମ ଦେଶ ଏତେଟା ସଂକ୍ରମିତ ହୋଇ ନ ଥିଲା। କିନ୍ତୁ ଆମର ଦୂରଦୃଷ୍ଟି ଅଭାବ ଯୋଗୁ କରୋନା ମାଡ଼ି ଆସିଲା। ସମୟ ଉପଯୋଗୀ ତୁରନ୍ତ ପଦକ୍ଷେପ ନେବାରେ ସରକାର ଝୁଣ୍ଟିପଡ଼ିଥିଲେ। ଭୁଲ୍ ସ୍ୱରୂପ ଦଣ୍ଡ ମିଳିଲା। ସରକାର ତା'ପରେ ପ୍ରଥମ ଲହରର ସଂକ୍ରମଣ ରୋକିବାରେ କରିଥିବା ତ୍ରୁଟିର ସଂଶୋଧନ କଲେ। ପୁରାତନ ପଦ୍ଧତିର ଅନୁସରଣ ଓ ବିଶେଷଜ୍ଞମାନଙ୍କ ନିର୍ଦ୍ଦେଶ ଅନୁସାରେ ସାରା ଦେଶରେ 'ତାଲାବନ୍ଦ' ଘୋଷଣା ହେଲା।

ଲୋକେ ଗୃହବନ୍ଦୀ ଥିବା ଅବସରରେ ସ୍ୱାସ୍ଥ୍ୟ ସମ୍ପର୍କିତ ଭିତ୍ତିଭୂମିକୁ ଉନ୍ନତ କଲେ। ରୋଗୀର ଚିକିତ୍ସା ଓ ରୋଗର ପରୀକ୍ଷା ପାଇଁ ସମସ୍ତ ପଦକ୍ଷେପ ନିଆଗଲା। ଜନଗଣଙ୍କୁ ସେବା ଯୋଗାଇଦେବା ପାଇଁ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ସ୍ୱେଚ୍ଛାସେବୀଙ୍କ ଉଦ୍ୟମ ବାସ୍ତବରେ ପ୍ରଶଂସନୀୟ। ୟା' ଭିତରେ ସମଗ୍ର ବିଶ୍ୱ କରୋନାର ନିରାକରଣ ପାଇଁ ସଞ୍ଜୀବନୀ ସ୍ୱରୂପ 'ଟିକା' ବିକାଶ ପାଇଁ ଲାଗିପଡ଼ିଲେ। ଆମ ଦେଶର ବୈଜ୍ଞାନିକମାନେ ମଧ୍ୟ ଟିକା ବିକଶିତ କରିବାରେ ସଫଳ ହେଲେ। ଏଭଳି କଷ୍ଟସାଧ୍ୟ ଉଦ୍ଭାବନ ଆମକୁ ଖୁବ୍‌ଶୀଘ୍ର ମିଳିପାରିଲା। ଜୀବନ ରକ୍ଷା କରିବାର ଦକ୍ଷତା ଅର୍ଜନ ହେଲା ସତ, ମାତ୍ର ଏହାର ସଦ୍‌ଉପଯୋଗ ପାଇଁ ନେତାଙ୍କୁ ପ୍ରବର୍ତ୍ତାଇବାରେ ସରକାରଙ୍କ ପଦକ୍ଷେପ ସେତେଟା ତ୍ୱରାନ୍ୱିତ ହେଲା ନାହିଁ।

'ତାଲାବନ୍ଦ' କୋହଳ କରାଗଲା। ଗୃହବନ୍ଦୀରୁ ମୁକୁଳି ଆମେ ଦୀର୍ଘଦିନର ଦୁଃସମୟକୁ ପାସୋରି ଦେଲେ, ସରକାର ପଢ଼ାଇଥିବା ସଚେତନତା ପାଠକୁ ଭୁଲିଗଲେ। ମୁକ୍ତିର ଆନନ୍ଦରେ ବିଭୋର ହେଲେ। ଟିକାର ବିକାଶ ଯୋଗୁ ସରକାର ମଧ୍ୟ ଆଶ୍ୱସ୍ତ ଥିଲେ। ତେଣୁ ଏଭଳି ଉଭୟପଟୁ କରୋନାର ମାର୍ଗଦର୍ଶିକାକୁ ଅବହେଳା କରିବା କାରଣରୁ, ପୁଣି ଆମେ ଝୁଣ୍ଟିଲେ। କରୋନା ମହାମାରୀ ଆମର ଭୁଲ୍‌ରୁ ବଳ ଗୋଟାଇ ପୁଣି ସକ୍ରିୟ ହେଲା, ଏଥର ଦଶଗୁଣା ବଳଶାଳୀ ହୋଇ ସଞ୍ଚରିଗଲା ଦ୍ୱିତୀୟ ଲହର। ତାଣ୍ଡବ ରଚିଲା, ଚାରିଆଡ଼େ ହାହାକାର ଖେଳିଗଲା। ଦ୍ୱିତୀୟବାର ଦେଶରେ 'ତାଲାବନ୍ଦ' ଘୋଷଣା ନ ହେଲେ ବି ରାଜ୍ୟ ସରକାରମାନେ ନିଜ ରାଜ୍ୟର ଜନତାଙ୍କ ହିତରେ ତାଲାବନ୍ଦକୁ କାର୍ଯ୍ୟକାରୀ କଲେ। ଆବଶ୍ୟକତା ଅନୁସାରେ ନିଜ ରାଜ୍ୟ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କଲେ।

ଏଥରକ ଜନସାଧାରଣଙ୍କ ପାଇଁ ସରକାରଙ୍କର ଅନୁରୋଧ ହେଲା, ପୂର୍ବର ସମସ୍ତ କଟକଣା ମାନ ଓ ତା' ସହ ତୁରନ୍ତ ଟିକା ନିଅ। ହେଲେ ଟିକାର ପରିମାଣ, ସେତେବେଳକୁ ଜନଗଣଙ୍କ ପ୍ରୟୋଜନ ପୂରଣ ଲାଗି ସକ୍ଷମ ନ ଥିଲା। ଟିକା ତ ହଠାତ୍ ଦିନକରେ କୋଟି କୋଟି ସଂଖ୍ୟାରେ ଉତ୍ପାଦିତ ହୋଇପାରିବ ନାହିଁ। ଏଥିପାଇଁ ସମୟ ଦରକାର। କିନ୍ତୁ ଆମ ଜନଗଣ କରୋନାର ଭୟାବହ ଚିତ୍ର ଦେଖି ବିବ୍ରତ ହୋଇପଡିଥିଲେ। ସମସ୍ତେ ଏତେ ସଚେତନ ହେଲେ ଯେ, ଟିକା ନେବା କେନ୍ଦ୍ର ଗୁଡ଼ିକରେ ନାହିଁ ନ ଥିବା ଭିଡ଼ କଲେ। କରୋନା କଟକଣା ଚୁଲିକୁ ଗଲା, ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପୋଲିସ ନାକେଦମ୍ ହେଲା। ବିଚଳିତ କରି ଦେଲା ଭଳି ଏ ଦୃଶ୍ୟ। ଜୀବନ ଆମର, ଦାୟିତ୍ୱ ଆମର। ଏ କଥା ଆମେ ଚେତିଲେ ନାହିଁ। ଟିକା ସମସ୍ତେ ନିଶ୍ଚୟ ନେବେ, ଏଥିପାଇଁ ଟିକିଏ ସମୟ ଦରକାର, କିନ୍ତୁ ଏ ଧୈର୍ଯ୍ୟ ଆମର କାହିଁ!

ଜୀବନ ପାଇଁ ଜୀବିକାର ପଥକୁ ସୁଗମ କରିବା ଲାଗି ରାଜ୍ୟ ସରକାରମାନେ ତାଲାବନ୍ଦକୁ ଧୀରେ ଧୀରେ କୋହଳ କଲେ। କରୋନାର ତୃତୀୟ ଲହର ଆସିବ, ଆସିବନିର ଦ୍ୱନ୍ଦ୍ୱ ସହ, ଏଥର ଏହା ପିଲାମାନଙ୍କୁ ଅଧିକ ସଂକ୍ରମଣ କରିବାର ଆଶଙ୍କା ଥିବାରୁ ସରକାର ପ୍ରସ୍ତୁତିରେ ଲାଗି ପଡ଼ିଲେ ସତ, କିନ୍ତୁ ସରକାରୀ, ବେସରକାରୀ ସବୁ ସ୍ତରରେ ଏକ ଲଗାମହୀନ ଆଚରଣ ଦେଖାଗଲା। ପୁଣି ଝୁଣ୍ଟିପଡ଼ିବା ଭଳି ଅବସ୍ଥା। କଟକଣା ମାନି ସବୁ କରିବାର ନିର୍ଦ୍ଦେଶ ଥିଲେ ବି, ସଭା ସମିତି, ଶୋଭାଯାତ୍ରା, ଅଭ୍ୟର୍ଥନା, ଆନ୍ଦୋଳନ, ମିଶ୍ରଣ ପର୍ବ ଇତ୍ୟାଦିରେ କିଛି ଦେଖାଗଲା ନାହିଁ। ଆମର ମହତଜନଙ୍କ ଆଚରଣରେ ଏଭଳି ବିଡ଼ମ୍ବନା ଦେଖିଲେ ମନେହୁଏ, ସାମାଜିକ ଦାୟିତ୍ୱ ପ୍ରତି ଅଙ୍ଗୀକାରବଦ୍ଧତା, ଏକ ଉଚ୍ଚାରଣ ମାତ୍ର, ମାର୍ମିକ ଆଚରଣ ନୁହେଁ।

କହିବାକୁ ଗଲେ, ମହାମାରୀ ଯୋଗୁ ଆମର ସ୍ୱାସ୍ଥ୍ୟ ବିଭାଗଠୁ ଅଧିକା କ୍ଷତିଗ୍ରସ୍ତ ହୋଇଛି ଶିକ୍ଷା ବିଭାଗ। କୋମଳମତି ଶିଶୁ ପାଠପଢ଼ା ଖେଳକୁଦରୁ ବଞ୍ଚିତ ହୋଇ ଘରେ ବସିଛନ୍ତି। ଉଚ୍ଚଶିକ୍ଷା ଆଶାୟୀ ତରୁଣ ଯୁବତୀଯୁବକମାନେ ଅନ୍ତର୍ଦ୍ୱନ୍ଦ୍ୱରେ ଘାଣ୍ଟି ହୋଇ ଭବିଷ୍ୟତରେ ଉଚ୍ଚ ଆଶା ଆକାଂକ୍ଷା ହରେଇଲେଣି। ସେମାନଙ୍କ ପାଇଁ ଆମର ଚିନ୍ତା ହେଉଛି ନା ନାହିଁ। ଏଇ ସବୁ ସାମୂହିକ କାର୍ଯ୍ୟକ୍ରମରେ ଅଣ୍ଟାଭିଡ଼ି ଲାଗି ପଡ଼ିଥିବା ନେତାଙ୍କର ପାଠପଢୁଆ ପିଲା ତ ଘରେ ନିଶ୍ଚୟ ଥିବେ। ଯଦି ଆମର ଆଚରଣ ରହେ, କରୋନା ତ ନିଶ୍ଚୟ ଆସିବ, ଆମ ପିଲାଙ୍କ ପାଠରେ ଡୋରି ବନ୍ଧା ହେବ।

ଆଶ୍ଚର୍ଯ୍ୟ ଲାଗେ, ଦୁଃଖ ଲାଗେ ଏଭଳି ଚିତ୍ରକୁ ବାରମ୍ବାର ଦେଖିଲେ, ମୁଣ୍ଡ ଉପରେ କରୋନାର ଖଣ୍ଡା ଏବେ ବି ଝୁଲୁଛି। ମୃତକଙ୍କ ଜୁଇରୁ ନିଆଁ ଏବେ ବି ଲିଭିନି, ତଥାପି ଆମେ ଏତେ ଦାୟିତ୍ୱହୀନ। ଏଥର କରୋନା ଆସିଲେ, ଆମର ସମସ୍ତ ତପସ୍ୟା 'ସ୍ୱାହା' ହୋଇଯିବ। ଆଗକୁ ସାମାଜିକ ଓ ରାଜନୈତିକ ସ୍ତରରେ ପାର୍ବଣର ଋତୁ ଆସୁଛି। ସଂଯମତା ରକ୍ଷା କରିବା ଆମ ସମସ୍ତଙ୍କର ନୈତିକ ଓ ସାମାଜିକ ଦାୟିତ୍ୱ। କାରଣ ପୁଣି ଥରେ 'ତାଲାବନ୍ଦ' ଭଳି ସ୍ଥିତି ଯଦି ସୃଷ୍ଟି ହୁଏ, ତାହାକୁ ସମ୍ଭାଳିବା ପାଇଁ ଆମ ଦେଶ ବା ରାଜ୍ୟର ଛାତିରେ ବଳ ଅଛି ତ? ଏହିଭଳି ବିପଦକୁ ହେୟଜ୍ଞାନ କରାଯାଇ ନ ପାରେ।

ଗୁରୁଜଙ୍ଗ, ଖୋର୍ଦ୍ଧା, ମୋ:୯୪୩୯୬୧୮୬୨୫

## ଏଇ ଭାରତରେ

ଭର୍ଚୁଆଲ ଅସ୍ଥି ବିସର୍ଜନ କଥା ଶୁଣିଛନ୍ତି କି। ଏମିତି ପଦ୍ଧତିରେ ଏବେ ଗଙ୍ଗାରେ ଅସ୍ଥି ବିସର୍ଜନ କରାଯିବା ଲାଗି ଯୋଜନା କରାଯାଇଛି। ଏହି ଯୋଜନାର ନାମ ରଖାଯାଇଛି 'ମୁକ୍ତି ଯୋଜନା'। ଏହାଦ୍ୱାରା ପରିଜନଙ୍କ ଅସ୍ଥି ବିସର୍ଜନ କରିବା ଲାଗି ଆଉ ହରିଦ୍ୱାରରେ ପହଞ୍ଚିବା ଲାଗି ପଡ଼ିବନି। ଘରେ ରହି ଅସ୍ଥି ବିସର୍ଜନ କରିବେ। ବିସର୍ଜନ ରୀତିକୁ ଘରେ ବସି ଲାଇଭ୍ ଷ୍ଟ୍ରିମିଂ ଜରିଆରେ ଦେଖିପାରିବେ। ଉତ୍ତରାଖଣ୍ଡର ସଂସ୍କୃତ ଏକାଡେମୀ ଏହି ନୂଆ ଯୋଜନା କରିଛି। ଲୋକେ କୋରିୟର କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଅସ୍ଥି ଏକାଡେମୀ ନିକଟରେ ପହଞ୍ଚାଇ ଦେଲେ ରୀତିନୀତିରେ ଅସ୍ଥି ବିସର୍ଜନ କରାଯିବ ବୋଲି କୁହାଯାଇଛି। ପାଞ୍ଚମାସ ତଳେ ଏକାଡେମୀ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିଲା ଓ ତାହାକୁ ଏବେ କାର୍ଯ୍ୟକାରୀ କରାଯିବ ବୋଲି କହନ୍ତି ଏକାଡେମୀର ସେକ୍ରେଟାରୀ ଆନନ୍ଦ ଭରଦ୍ୱାଜ। ଖାସ୍ କରି ପ୍ରବାସୀ ଭାରତୀୟମାନଙ୍କ ପାଇଁ 'ମୁକ୍ତି ଯୋଜନା' କରାଯାଇଛି । ଅସ୍ଥି ବିସର୍ଜନରୁ ଯେମିତି କୌଣସି ହିନ୍ଦୁ ବଞ୍ଚିତ ନ ହେବେ ସେଥିପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଏହା କେବେ ଲାଗୁ କରାଯିବ ଓ କେତେ ଦେୟ ରଖାଯିବ ତାହା ସ୍ଥିର କରାଯାଇନାହିଁ। କିନ୍ତୁ ଅସ୍ଥି ବିସର୍ଜନ କାର୍ଯ୍ୟ ତୁଲାଉଥିବା 'ଗଙ୍ଗା ସଭା' ଏଥିରେ ଅସନ୍ତୋଷ ବ୍ୟକ୍ତ କରିଛି। ହରିଦ୍ୱାର ପୁରୋହିତସମୂହ ଏହି ଯୋଜନାକୁ ବିରୋଧ କରିଛନ୍ତି।

## ୨୫ ବର୍ଷ ତଳେ ଧରିତ୍ରୀ

୮ ସେପ୍ଟେମ୍ବର ୧୯୯୬

- ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଜିତ ସିଂ କଂଗ୍ରେସ ଓ ଲୋକସଭା ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି।
- ଏକ ହତ୍ୟା ମାମଲାରେ ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ୩ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗରେ ମେଟ୍ରୋପଲିଟାନ ଜଜ୍ ଏସ୍. ଜନାର୍ଦ୍ଦନ ରାଓଙ୍କୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ସସ୍‌ପେଣ୍ଡ କରିଛନ୍ତି।
- ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଭାବେ ପ୍ରଫେସର କମଳାକାନ୍ତ ପଣ୍ଡା ପ୍ରଥମ ଓଡ଼ିଆ ବ୍ୟକ୍ତି ରୂପେ ନିଯୁକ୍ତି ପାଇଛନ୍ତି।

## ଚିରନ୍ତନୀ

"ଅଖିଳ ଜୀବର ବଂଶ
ହେଉ ଧନ୍ୟ ହେଉ ସମୁଜ୍ଜ୍ୱଳ
ସତ୍ୟ ହେଉ ପୁଣ୍ୟ ହେଉ
ମହୀୟାନ ହେଉ ଚରାଚର!" -(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 8 | | 5 | | | 2 | | 1 | |
| | | | | | 8 | | 9 | 7 |
| | | | | | 7 | 2 | | |
| | | 8 | | | | | | 4 |
| 5 | | | | | | | 2 | |
| | 2 | 9 | 3 | | | | | |
| | 1 | 2 | | 6 | | | 4 | |
| | | 7 | 2 | | | | 5 | |
| | | | 9 | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 7 | 8 | 2 | 6 | 4 | 9 | 5 |
| 8 | 2 | 9 | 5 | 4 | 3 | 7 | 6 | 1 |
| 4 | 6 | 5 | 1 | 7 | 9 | 8 | 3 | 2 |
| 1 | 3 | 8 | 9 | 6 | 7 | 2 | 5 | 4 |
| 7 | 4 | 6 | 2 | 3 | 5 | 9 | 1 | 8 |
| 5 | 9 | 2 | 4 | 8 | 1 | 3 | 7 | 6 |
| 9 | 7 | 4 | 6 | 5 | 2 | 1 | 8 | 3 |
| 6 | 8 | 3 | 7 | 1 | 4 | 5 | 2 | 9 |
| 2 | 5 | 1 | 3 | 9 | 8 | 6 | 4 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପଞ୍ଚଗବ୍ୟ ଉପରେ ଭଲ ଲେଖନ୍ତୁ

ମହାଶୟ,
ଆଲ୍ଲାହାବାଦ ହାଇକୋର୍ଟଙ୍କ ଆଦେଶକୁ ସମାଲୋଚନା କରି ଧରିତ୍ରୀରେ ୬ ସେପ୍ଟେମ୍ବରରେ ପ୍ରକାଶିତ ସମ୍ପାଦକୀୟ ପଢ଼ି ମୁଁ ଆଶ୍ଚର୍ଯ୍ୟ ହୋଇଥିଲି। ହାଇକୋର୍ଟ କଂସେଇ ଜାମିନ ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ସହ କେନ୍ଦ୍ରରେ ଥିବା ସରକାରଙ୍କୁ ଗାଈକୁ ଜାତୀୟ ପ୍ରାଣୀ ଭାବରେ ଘୋଷଣା କରିବାକୁ ଅନୁରୋଧ କରିଥିଲେ। ଯେପରି ଆପଣଙ୍କ ପାଇଁ ଉପଯୁକ୍ତ କିଛି ଲେଖିବାର ଅଧିକାର ଅଛି, ମୋର ପାଠକ ଭାବରେ ମଧ୍ୟ ଆପଣଙ୍କର ସମ୍ପାଦକୀୟରେ ପ୍ରକାଶିତ ମତାମତକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ଅଛି। ଅନେକ ହିନ୍ଦୁ ଗାଈକୁ ମାତା ଭାବରେ ବିବେଚନା କରନ୍ତି। ଗାଈ ଗୋବର, ଗୋମୂତ୍ର, କ୍ଷୀର ଇତ୍ୟାଦି ମାନବ ଜାତି ପାଇଁ ଅତି ଦରକାରୀ। ଚୀନ୍ ଓ ଆମେରିକା ପୂର୍ବରୁ ଗୋମୂତ୍ର ବ୍ୟବହାର କରି ମେଡିସିନ୍ ଉପରେ ୬ ଅନ୍ତର୍ଜାତୀୟ ପେଟେଣ୍ଟ ନେଇଥିଲେ। ଏ ବିଷୟରେ ଜାଣିବା ପାଇଁ ଆପଣଙ୍କୁ ଅନୁରୋଧ କରାଯାଉଛି । ଦୟାକରି ଆମକୁ ପଞ୍ଚଗବ୍ୟ ବିଷୟରେ ଶିକ୍ଷା ଦେବାକୁ ଚେଷ୍ଟା କରନ୍ତୁ ନାହିଁ, ଆପଣ ଏ ବିଷୟରେ କିଛି ଜାଣିନାହାନ୍ତି। ପଞ୍ଚଗବ୍ୟ ବିଷୟରେ ଭୁଲ ତଥ୍ୟ ଏବଂ ଅସତ୍ୟ ଦ୍ୱାରା ଜନସାଧାରଣଙ୍କୁ ଉତ୍ସାହିତ କରୁଛନ୍ତି। ଏଣୁ ଅନୁରୋଧ, ହିନ୍ଦୁ ହୋଇ ହିନ୍ଦୁଙ୍କ ଆସ୍ଥାକୁ ଆହତ କରନ୍ତୁ ନାହିଁ। ଆପଣଙ୍କ ପରବର୍ତ୍ତୀ ଲେଖାରେ ଗୋମାତା ଓ ପଞ୍ଚଗବ୍ୟ ବିଷୟରେ କିଛି ଭଲ କଥା ଲେଖିବେ ବୋଲି ଆଶା ରଖୁଛି।

-ଅଶୋକ ମହାନ୍ତି, ମୋ: ୮୪୫୬୮୩୮୯୭୫

## ଦୃଢ଼ ନିନ୍ଦା କରୁଛୁ

ଗତ ୬।୯।୨୦୨୧ରେ ସମ୍ପାଦକୀୟ ସ୍ତମ୍ଭରେ ଗୋମାତା ସମ୍ବନ୍ଧୀୟ ଯେଉଁ ଲେଖା ପ୍ରକାଶ ପାଇଥିଲା, ତାହା ଆମକୁ ଅତ୍ୟନ୍ତ ଦୁଃଖ ପ୍ରଦାନ କରିଛି। ତେଣୁ କାମଧେନୁ ଗୋ ସମ୍ବର୍ଦ୍ଧନ, ଭୁବନେଶ୍ୱର ପକ୍ଷରୁ ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ।

-ବିବୁଧେନ୍ଦ୍ର ବିଦ୍ୟାଧର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୨୧ରେ ବିଏଏଲ୍ଏଲ୍‌ବି ନାମଲେଖା**

**କଟକ ଅଫିସ:** ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ(ଏମ୍ଏଲ୍‌ୟୁ) ପକ୍ଷରୁ ପାଞ୍ଚ ବର୍ଷିଆ ବିଏଏଲ୍ଏଲ୍‌ବି ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରାର୍ଥୀଙ୍କ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ସାଧାରଣ ବର୍ଗରେ ୮୮, ଏସ୍‌ସିରେ ୧୯, ଏସ୍‌ଟିରେ ୧୧, ଦିବ୍ୟାଙ୍ଗ ଏବଂ ପୂର୍ବତନ ଅଧିକାରୀରେ ଜଣେ ଜଣେ ମନୋନୀତ ହୋଇଛନ୍ତି। ମନୋନୀତ ପ୍ରାର୍ଥୀଙ୍କ ତାଲିକା ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍‌ରେ ରହିଛି। ସେମାନେ ଆସନ୍ତା ୨୧ ତାରିଖ ପୂର୍ବାହ୍ନ ୧୧ଟାରେ ଆଡମିଶନ ପାଇଁ ଆବଶ୍ୟକ କାଗଜପତ୍ର ଏବଂ ଦେୟ ନେଇ ଆସିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଟିକାକରଣ ସ୍ଥିତି ଜଣାଇବାକୁ ସରକାରଙ୍କୁ ନିର୍ଦ୍ଦେଶ

## ବୟସ୍କ ଓ ଭିନ୍ନକ୍ଷମଙ୍କୁ ଟିକାକରଣ ମାମଲା

କଟକ ଅଫିସ,୭।୯

ବୟସ୍କ ଓ ଭିନ୍ନକ୍ଷମଙ୍କ ଘରେ ପହଞ୍ଚି ଟିକାକରଣ କରାଇବା ପାଇଁ ଆଗତ ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଛି। ରାଜ୍ୟରେ କେତେ ଜରାଶ୍ରମ ରହିଛି, ସେଠାରେ କେତେ ଅନ୍ତେବାସୀ ରହୁଛନ୍ତି ଓ ସେଠାରେ ଟିକାକରଣର ସ୍ଥିତି କଣ ରହିଛି, ସେ ସମ୍ପର୍କରେ ହାଇକୋର୍ଟ ରିପୋର୍ଟ ତଲବ କରିଛନ୍ତି। ସେହିପରି ରାଜ୍ୟରେ କୋଭିଡ୍ ମୃତ୍ୟୁକୁ ନେଇ ସରକାର ଦାଖଲ କରିଥିବା ସତ୍ୟପାଠ ତଥ୍ୟରେ ତାଳମେଳ ରହୁ ନ ଥିବାରୁ ହାଇକୋର୍ଟ କ୍ଷୁବ୍ଧ ହେବା ସହ ସାନି ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଶୁଣାଣି କରିଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୭ରେ ହେବ।

ରାଜ୍ୟରେ ବୟସ୍କ ଓ ଭିନ୍ନକ୍ଷମଙ୍କୁ ଟିକାକରଣର ସ୍ଥିତି ସମ୍ପର୍କରେ ଏକ ସତ୍ୟପାଠ ସରକାରଙ୍କ ପକ୍ଷରୁ ଦାଖଲ କରାଯାଇଥିଲା। ଏଥିରେ ସବିଶେଷ ତଥ୍ୟ ନ ଥିବାରୁ ସାନି ଅତିରିକ୍ତ ସତ୍ୟପାଠ ଅକ୍ଟୋବର ୪ ତାରିଖ ପୂର୍ବରୁ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ ମୃତ୍ୟୁ ତଥ୍ୟକୁ ନେଇ ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ପକ୍ଷରୁ ମାମଲା ରୁଜୁ ହୋଇଥିବାବେଳେ ସେହି ମାମଲାକୁ ହାଇକୋର୍ଟ ଖାରଜ କରିଥିଲେ। କିନ୍ତୁ ସେଥିରେ ଆସିଥିବା ଅଭିଯୋଗ ଫର୍ଦ୍ଦକୁ ଅନ୍ୟ ମାମଲା ସହ ମିଶାଇ ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଇନଜୀବୀ ସୋହନ ମିଶ୍ରଙ୍କ ତରଫରୁ କୋଭିଡ ଟିକାକରଣ ସମ୍ପର୍କିତ ମାମଲା ରୁଜୁ ହୋଇଛି।

# ‘ନୂଆ ସ୍କୁଲ ଏସ୍‌ଓପି କଡ଼ାକଡ଼ି ପାଳନ କର’

ଭୁବନେଶ୍ୱର, ୭।୯(ବ୍ୟୁରୋ)

ରାଜ୍ୟରେ କୋଭିଡ୍ କଟକଣା ମଧ୍ୟରେ ନବମ, ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ଶିକ୍ଷାନୁଷ୍ଠାନ ଖୋଲିସାରିଛି। ତେବେ ରାଜ୍ୟର କିଛି ଅଞ୍ଚଳରେ ସ୍କୁଲ ପିଲା ସଂକ୍ରମିତ ହୋଇଥିବା ନଜରକୁ ଆସିଛି। ଏହି କ୍ରମରେ ସ୍କୁଲ ଖୋଲିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏକ ନୂଆ ଏସ୍‌ଓପି ଜାରି କରିଛି। ଏ ନେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛନ୍ତି। ସେ ଲେଖିଛନ୍ତି ଯେ, ଏବେ କିଛି ଜିଲାରେ କୋଭିଡ୍ ସଂକ୍ରମଣ ଦେଖାଯାଇଛି। ବିଶେଷ କରି ହଷ୍ଟେଲରେ ସଂକ୍ରମଣ ହେଉଥିବା ଜଣାପଡ଼ିଛି। ତେଣୁ ସ୍କୁଲରେ କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଯଦି କେହି ପିଲା ମାସ୍କ ନ ପିନ୍ଧି ଆସିଥିବେ ତେବେ ତାଙ୍କୁ ସ୍କୁଲ ପରିସରକୁ ଆସିବା ପାଇଁ କର୍ତ୍ତୃପକ୍ଷ ଅନୁମତି ଦେବେ ନାହିଁ। ପ୍ରବେଶ ଦ୍ୱାରରେ ଥର୍ମାଲ ସ୍କ୍ରିନିଂ ଓ ହ୍ୟାଣ୍ଡ ସାନିଟାଇଜର ବ୍ୟବସ୍ଥା କରାଯିବ। ଶ୍ରେଣୀ ଗୃହରେ ସାମାଜିକ ଦୂରତା ବଜାୟ ରଖିବାକୁ କୁହାଯାଇଛି। ପିଲା, ଶିକ୍ଷକ, କର୍ମଚାରୀଙ୍କ କ୍ଷେତ୍ରରେ ଥଣ୍ଡା, ଜ୍ୱର, ଛିଙ୍କର ଲକ୍ଷଣ ଥିଲେ ତାଙ୍କୁ ସ୍କୁଲ ଆସିବାକୁ ଅନୁମତି ଦିଆଯିବ ନାହିଁ। ବିଆର୍‌ସିସି ଓ ସିଆର୍‌ସିସିମାନେ ନିଜ ଅଞ୍ଚଳର ସ୍କୁଲକୁ ପର୍ଯ୍ୟାୟକ୍ରମେ ପରିଦର୍ଶନ କୋଭିଡ୍ ଗାଇଡ୍‌ଲାଇନ ପାଳନ ହେଉଛି କି ନାହିଁ ତଦାରଖ କରିବେ। ଅଫ୍‌ଲାଇନ୍ ଶିକ୍ଷାଦାନରେ ଅଧିକ କିଛି ଅସୁବିଧା ହେଉଥିଲେ ସ୍ଥାନୀୟ ପ୍ରଶାସନ ଓ ସ୍ୱାସ୍ଥ୍ୟ ପ୍ରଶାସନକୁ ଜଣାଇବେ। ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ କ୍ଲାସ୍ ଚାଲିବ। କୌଣସି ପିଲାକୁ ସ୍କୁଲ ଆସିବା ପାଇଁ ବାଧ କରାଯିବ ନାହିଁ। ଅଫ୍‌ଲାଇନ୍ କ୍ଲାସ୍‌ରେ ଉପସ୍ଥାନ ବାଧ୍ୟତାମୂଳକ ନୁହେଁ। ପ୍ରତିଦିନ ସମସ୍ତ ରିପୋର୍ଟ ଅପରାହ୍ନ ୨ଟା ସୁଦ୍ଧା ଗଣଶିକ୍ଷା ବିଭାଗକୁ ପଠାଇବା ପାଇଁ କୁହାଯାଇଛି। ପ୍ରତିଦିନ ଏହାକୁ ତଦାରଖ କରିବା ପାଇଁ ଓସେପା ମୁଖ୍ୟ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି।

## ସଂକ୍ଷେପରେ

### ଗିରଫ ପରେ ଶିକ୍ଷକ ଚାକିରିରୁ ନିଲମ୍ବିତ

**ଶିକ୍ଷକଙ୍କୁ ମାଡ଼ ମାରିବା ଘଟଣା**

**ନିରାକାରପୁର,୭।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ସ୍ଥିତ କ୍ଷେତ୍ରବାସୀ ଏକାଡେମୀ ବିଦ୍ୟାଳୟ ପରିସରରେ ଗତ ଶନିବାର ଶିକ୍ଷକ ଦିଲୀପ ଦାସଙ୍କୁ ଅନ୍ୟ ଜଣେ ଶିକ୍ଷକ ଉମେଶ ଚନ୍ଦ୍ର ମିଶ୍ର ମାଡ ମାରିଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୩୮/୨୧)ରୁଜୁ ହୋଇଥିଲା। ମଙ୍ଗଳବାର ପୋଲିସ ଶିକ୍ଷକ ଉମେଶଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଶିକ୍ଷକ ଉମେଶଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ବନ୍ଦନା ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଉମେଶଙ୍କ କୌଣସି କାରଣରୁ ପୂର୍ବରୁ ଝଗଡ଼ା ହୋଇଥିଲା। ଏନେଇ ଥାନାରେ ପ୍ରଧାନଶିକ୍ଷୟିତ୍ରୀ ଅଭିଯୋଗ କରିଥିଲେ। ଉକ୍ତ ସମୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦିଲୀପ ସହଯୋଗ କରିଥିବା ନେଇ ଉମେଶ ସନ୍ଦେହ କରିଥିଲେ। ଏନେଇ ଗତ ଶନିବାର ଉମେଶ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଦିଲୀପଙ୍କ ଅଭିଯୋଗକ୍ରମେ ପୋଲିସ ଉମେଶଙ୍କୁ ଗିରଫ କରିଛି। ଅନ୍ୟପଟେ ଦିଲୀପଙ୍କ ବିରୋଧରେ ଉମେଶ ପାଲଟା ଅଭିଯୋଗ ଆଣିଛନ୍ତି। ଉମେଶଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୩୯/୨୧)ରୁଜୁକରି ତଦନ୍ତ ଚଳାଇଛି।

### କର୍କଟ ଶଲ୍ୟ ଚିକିତ୍ସକ ସଞ୍ଜୟ ପଣ୍ଡାଙ୍କ ଦେହାନ୍ତ

**କଟକ ଅଫିସ, ୭।୯:** ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲର ଆସୋସିଏଟ ପ୍ରଫେସର ତଥା କର୍କଟ ଶଲ୍ୟ ଚିକିତ୍ସକ



ସଞ୍ଜୟ ପଣ୍ଡା(୫୫)ଙ୍କ ମଙ୍ଗଳବାର ଦେହାନ୍ତ ହୋଇଯାଇଛି। ସେ ଲିଭର ସିରିଓସିସ ରୋଗରେ ପୀଡିତ ହୋଇ ଚେନ୍ନାଇସ୍ଥିତ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସଞ୍ଜୟ ବିଖ୍ୟାତ କର୍କଟ ରୋଗ ଚିକିତ୍ସକ ଡା. କୃପାସିନ୍ଧୁ ପଣ୍ଡାଙ୍କ ବଡ଼ ପୁଅ ଥିଲେ। ସେ ଇଣ୍ଡିଆନ ମେଡିକାଲ ଆସୋସିଏଶନର ଆଜୀବନ ସଦସ୍ୟ ମଧ୍ୟ ରହିଥିଲେ। ବୁଧବାର ତାଙ୍କ ମରଶରୀର ଚେନ୍ନାଇରୁ କଟକ ଅଣାଯାଇ ଅନ୍ତିମ ସଂସ୍କାର କରାଯିବ ବୋଲି ଜଣାପଡିଛି।

### ୪୨ଜଣଙ୍କୁ ‘ବସନ୍ତ ବିଶ୍ୱାଳ ସମ୍ମାନ’

**ଭୁବନେଶ୍ୱର,୭।୯(ବ୍ୟୁରୋ):** ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ପୂର୍ବତନ ସଭାପତି ବସନ୍ତ କୁମାର ବିଶ୍ୱାଳଙ୍କ ଶ୍ରାଦ୍ଧଦିବସକୁ ‘ବସନ୍ତ ଦିବସ’ ରୂପେ ରାଜ୍ୟ କାର୍ଯ୍ୟାଳୟ ତରଫରୁ ପାଳନ କରାଯାଇଛି। ଏହି ଅବସରରେ ମଙ୍ଗଳବାର ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି କାଳିପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଜିଲାର ସ୍କାଉଟ୍, ଗାଇଡ୍, କବ୍, ବୁଲ୍‌ବୁଲ, ରୋଭର ଓ ରେଞ୍ଜର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୪୨ଜଣ ସ୍କାଉଟ ମାଷ୍ଟର, ଗାଇଡ୍ କ୍ୟାପଟେନ, କବ୍ ମାଷ୍ଟର, ଫ୍ଲକ ଲିଡର, ରୋଭର ଲିଡର ଓ ରେଞ୍ଜର ଲିଡରଙ୍କୁ ‘ବସନ୍ତ ବିଶ୍ୱାଳ ସମ୍ମାନ’ ପ୍ରଦାନ କରାଯାଇଛି। ଅତିଥି ଭାବେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଉପସଭାପତି ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ମନୋରଞ୍ଜନ ମହାନ୍ତି, ଅବସରପ୍ରାପ୍ତ ନ୍ୟାୟାଧୀଶ ରାଜ୍ୟ ସମ୍ପାଦକ ଶରତ କୁମାର ପାଇକରାୟ ଏବଂ ରାଜ୍ୟ କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ରାଜ୍ୟ ଗାଇଡ୍ସ ସଙ୍ଗଠନ କମିଶନର ଏବଂ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଅନାମିକା ଦାସ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ରାଜ୍ୟ ସମ୍ପାଦକ ଶରତ କୁମାର ପାଇକରାୟ ଧନ୍ୟବାଦ ଦେଇଥିଲେ।

# ନବାନ୍ନ ପାଇଁ ନୂଆ ଧାନ ଗ୍ରହଣ କଲେ ପୂଜକ

ସମ୍ବଲପୁର,୭।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଚଳିତ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପାଳନ ହେବ। ଇଂରାଜୀ ତାରିଖ ମତେ ସେପ୍ଟେମ୍ବର ୧୧ ପୂର୍ବାହ୍ନ ୯ଟା ୧୫ ମିନିଟରୁ ୯ଟା ୨୫ ମିନିଟ ମଧ୍ୟେ ମା’ ସମଲେଇଙ୍କ ପାଖରେ ନବାନ୍ନ ଲାଗି ହେବ। ଏଥିପାଇଁ ମଙ୍ଗଳବାର ନୂଆଧାନ (ସରିଆଧାନ) ମନ୍ଦିରରେ ପହଞ୍ଚିଛି। ସମ୍ବଲପୁର ବଳବସପୁର ଗ୍ରାମର ସୁବାସ ବେହେରାଙ୍କଠାରୁ ଏହି ଧାନକୁ ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ଗ୍ରହଣ କରିଛନ୍ତି। ମୁଖ୍ୟ ଫାଟକରେ ପିତ୍ତଳ ଥାଳିରେ ଧାନ ଗ୍ରହଣ କରି ସେ ଏହାକୁ ଠାକୁର ଘରକୁ ନେଇଥିଲେ। ବୁଧବାରଠାରୁ ନବାନ୍ନ ତିଆରି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯିବ। ପରିବାରର ମହିଳାମାନେ ଶୁକ୍ଳବସ୍ତ୍ର ପରିଧାନ କରି ଧାନରୁ ଅକ୍ଷତ ଚାଉଳ (ନବାହ୍ନ) ବାହାର କରିବାରେ ଲାଗିପଡିବେ। ମହିଳାମାନେ ନିଜ ହାତରେ ଧାନକୁ ଘସି ଚାଉଳ ବାହାର କରନ୍ତି।



ସମଲେଇଙ୍କ ପୂଜକ ନୂଆ ଧାନ ଗ୍ରହଣ କରୁଛନ୍ତି।

# ଗୁରୁ-ଶିଷ୍ୟ ପରମ୍ପରା ଏବେ ବି ଉଜ୍ଜୀବିତ

ଭୁବନେଶ୍ୱର,୭।୯

ଭାରତୀୟ ସଂସ୍କୃତିରେ ଗୁରୁଶିଷ୍ୟ ପରମ୍ପରାକୁ ଉଜ୍ଜିବୀତ କରିବା ପାଇଁ ସ୍ଥାନୀୟ ପଟିଆସ୍ଥିତ ଓଡ଼ିଏମ୍ ପବ୍ଲିକ୍ ସ୍କୁଲ୍ ପରିସରରେ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ପ୍ରତିଷ୍ଠାତା ତଥା ଅଧକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ‘ଗୁରୁ ସମ୍ବର୍ଦ୍ଧନା’ ଉତ୍ସବର ଆୟୋଜନ କରାଯାଇଥିଲା। ପବିତ୍ର ‘ଗୁରୁ ଦିବସ’ ଉପଲକ୍ଷେ ସ୍କୁଲର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍କୁଲର ଅଧକ୍ଷ ଡଃ. ମୀନକେତନ, ସ୍କୁଲର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଡଃ.ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟା ଅର୍ପଣ କରି ଗୁରୁପୂଜା ଓ ଗୁରୁବନ୍ଦନା ଗାନ କରିଥିଲେ। ପ୍ରାଚୀନ ଗୁରୁକୁଳ ରୀତିନୀତିରେ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କୋଭିଡ କଟକଣା ଯୋଗୁ ଅନ୍‌ଲାଇନ୍ ଜରିଆରେ ଉକ୍ତ ଦିବସର ମୂଲ୍ୟବୋଧଭିତ୍ତିକ ବକ୍ତୃତା ପ୍ରଦାନ କରାଯାଇଥିଲା। ଗୁରୁଶିଷ୍ୟ ପରମ୍ପରା ମଧ୍ୟ ଆଜିର ଏହି ଦିବସରେ ଅନେକ ଗୁରୁତ୍ୱ ରଖିଛି ଏବଂ ସବୁଦିନ ପାଇଁ ସମାଜକୁ ଦିଗଦର୍ଶନ ପ୍ରଦାନ କରୁଥିବ ବୋଲି ସେ ମତବ୍ୟକ୍ତ କରିଥିଲେ। ପରିଶେଷରେ ‘ଗୁରୁ ଦିବସ’ ଅବସରରେ ସ୍କୁଲର ସମସ୍ତ ‘ଗୁରୁଣାଂ ଗୁରୁ’ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କୋଭିଡ୍ ମନିଟରିଂ ସେଲ୍ ଗଠିତ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ରାଜ୍ୟରେ ଏବେ ପିଲାଙ୍କ ସଂକ୍ରମଣ ଚିନ୍ତା ବଢ଼ାଇଦେଇଛି। ବିଶେଷ କରି ସ୍କୁଲ ଖୋଲିବା ପରେ ଅଧିକ ପିଲା ସଂକ୍ରମିତ ହେଉଥିବା ଦେଖାଯାଇଛି। ଏହାକୁ ଗୁରୁତ୍ୱ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ କୋଭିଡ୍ ମନିଟରିଂ ସେଲ୍ ଗଠନ କରାଯାଇଛି। ଏହା ଓଡ଼ିଶା ସ୍କୁଲ ପ୍ରୋଗ୍ରାମ ଅଥରିଟି (ଓସେପା) କାର୍ଯ୍ୟାଳୟରେ କାର୍ଯ୍ୟ କରିବ। ଏଥିପାଇଁ ଆରତି ରାଉତଙ୍କୁ କୋଭିଡ୍ କମ୍ପ୍ଲିଆନ୍ସ ଅଫିସର ମୁଖ୍ୟ, କଳ୍ପନା ହାଁସଦାଙ୍କୁ ଆସିଷ୍ଟାଣ୍ଟ କୋଭିଡ୍ କମ୍ପ୍ଲିଆନ୍ସ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ନବମ, ଦଶମ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କର ଦୈନିକ ଉପସ୍ଥାନ ସଂଗ୍ରହ କରିବାକୁ ଏମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ କୋଭିଡ୍ ସମ୍ପର୍କିତ ଅନ୍ୟ କାର୍ଯ୍ୟ ତଦାରଖ କରିବାକୁ କୁହାଯାଇଛି। ଏମାନେ ଦୈନିକ ତଥ୍ୟ ସଂଗ୍ରହ କରି ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପଠାଇବାକୁ ନିର୍ଦ୍ଦେଶ ରହିଛି। ଜିଲା ସ୍ତରରେ କୋଭିଡ୍ ମନିଟରିଂ ସେଲ୍ ଗଠନ କରିବା ପାଇଁ ଜିଲାପାଳମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଯଦି କେଉଁ ଜିଲାରେ କୋଭିଡ୍ ସଂକ୍ରମଣ ଦେଖାଯାଏ, ତେବେ ସେହିଦିନ ରିପୋର୍ଟ ଦେବାକୁ କୁହାଯାଇଛି। ଏ ନେଇ ମଙ୍ଗଳବାର ଓସେପା ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।


**ODISHA PUBLIC SERVICE COMMISSION**
**CUTTACK**
**NOTICE**

No. 6240/P.S.C., (1E-25-2020-21) (DR-II), Dt.7.9.21
Website - http://www.opsc.gov.in

**No. D-119:-** It is for information of all concerned that the written examination for recruitment to the post of **Dental Surgeon** in Group-A (Junior Branch) of Odisha Medical & Health Services (Dental) Cadre under Health & Family Welfare Department, pursuant to Advertisement No. **11 of 2020-21** will be held **on 03.10.2021 (Sunday) from 10.00 A.M. to 1.00 P.M. (10.00 A.M. to 2.00 P.M. for PWD candidates)**. The detail programme of the written examination showing venue will be notified later on in the website of the Commission.

The concerned candidates are advised to visit the website of Commission regularly for further updates.

OIPR-12002/11/0081/2122 Sd./- Secretary

**PARADIP PORT TRUST**
**CORRIGENDUM-III**

**To e-TCN No. EM/WS-29/2021 for the work : "Grant of license for Installation, Operation & Maintenance of 04 nos. of 100 Ton Capacity HMC for a period of 05 years extendable to another 01 year"**

For the above e-Tender call notice are hereby extended as follows : (1) Date and time of uploading response to clarifications sought : **10.09.2021** at **17:00 Hrs**, (2) Last date and time of bid Submission : **20.09.2021** upto **18:00 Hrs**. (3) Opening of technical Bid : **21.09.2021** at **11:00 Hrs**. All other terms and conditions of the original tender and Addendum-I will remain unchanged. **Executive Engineer (M)**, **PPT/PR/105/2021-22, Dt.07.09.2021 WD-I**

**DIRECTORATE OF TECHNICAL EDUCATION & TRAINING**
**ODISHA, CUTTACK**
**Diploma Admission - 2021**
**Notice to 1st Sem/Year & 3rd Sem (Lateral Entry) Physically Challenged (PC) Candidates**

No. KK-75:- It is brought to the attention of all Physically Challenged (PC) candidates whose applications have been validated during the year 2021-22 and interested for taking admission into 1st Semester/Year & 3rd Semester (Lateral Entry) Diploma Courses that they will have to appear before the Medical Board at SCB Medical College & Hospital, Mangalabag, Cuttack on **09.09.2021 (Thursday)** for 1st Semester/Year and **14.09.2021 (Tuesday)** for 3rd Semester (Lateral Entry) at 9.30 AM onwards for examination of their medical standard. They will report to the Principal, BOSE, Cuttack by 8.30 AM on the above scheduled date & time for the said purpose. For details of reporting & date wise list of such candidates, please visit- **www.samsodisha.gov.in**

**Sd./- Director of Technical Education & Training, Odisha**
OIPR-14004/11/0010/2122

**SHREE JAGANNATH TEMPLE OFFICE, PURI**
**QUOTATION CALL NOTICE No.8911 Dt.4.09.2021**

"Quotation for supply of medicines to Shree Jagannath Temple Sevayat Welfare Dispensary (Allopathic), Puri".
Visit website: **www.shreejagannatha.in**
Last date: 20.09.2021 by 5 P.M.

**Sd./- Administrator**
**Shri Jagannath Temple, Puri**

**ODISHA HYDRO POWER CORPORATION LTD**
OHPC
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
**No. CAD-1128** Email-hpschiplima@yahoo.in, Fax No. (0663) 2460505
**No.-CHEP/TW-41 (Vol.-IV)/2820 Date: 06.09.2021**

**TENDER CALL NOTICE NO.-CHEP-14/2021-22**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible reputed Contractors / Firms having Electrical License for the following works as mentioned below.

| Description | Cost of Tender Paper (Non-refundable) | Estimated Cost |
|---|---|---|
| Lifting & distributing of water to OHPC Colony and Maintenance of Water Supply System of Residential & Non-Residential Buildings of CHEP, Chiplima | Rs.7,080/- (Rs.6,000/- + GST @18%) | Rs.11,10,871/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website **www.ohpcltd.com** **from dtd.09.09.2021 up to 12:30 PM of dtd.23.09.2021.**

OIPR-04006/11/0008/2122 Sd/- Unit Head, CHEP, Chiplima

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852
E-mail: serifedodisha@gmail.com, Website: www.serifedodisha.in

**Bid identification no:- VI-40(11)/SERIFED/2021-22/758 Dt.31.08.2021**

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in double cover system in ONLINE MODE only, from the registered contractors "B" & "A" for the **"Renovation of Existing Portion of Boyanika Sale Depot" at Western Market Building, Bhubaneswar.** The contractor having experience in executing similar type of work shall participate in the tender. Interested contractors have to visit the site and asses the requirement of work as per plan, elevations and BoQ attached in tender document and submit colored 3D views of the works. The Colored 3D views shall be submitted separately (offline) should reach the O/o SERIFED, Saheed Nagar, Bhubaneswar on or before the last date of submission. The tender without 3D views shall be rejected. The tender shall be finalized on the QCBS method basing on the concept design (3D views) & financial quote at the weightage ratio of 80:20. The bid documents such as DTCN/BOQ etc. can be seen/downloaded from the government website: **www.tendersodisha.gov.in** during the period **dt. 14.09.2021 to 17.00 hours up to dt. 27.09.2021.** Online bids shall be received **till 17.00 hours dt. 27.09.2021** & shall be opened **at 11.30 AM on Dt. 28.09.2021.** Any addendum / corrigendum / cancellation of tender can also be seen in the said website.

**Sd/-**
**MANAGING DIRECTOR**

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No.: C/71, Sector-7, CDA, Cuttack-753014**
**FORM NO. ITCP-1**
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks and Financial Institutions Act, 1993)
**R.P. No.: 148/2018/CTC**
**(Arising out of OA No. 356 of 2013)**
**Next Date: 02.11.2021**

**Bank of Baroda, Sambalpur Branch,** Christianpara, G.M. College Chowk, Dist.: Sambalpur, PIN-768001 **...Certificate Holder Bank**
**Vs.**
**Bharat Integrated Social Welfare Agency (BISWA) & Others ...Certificate Debtors**

To,
1. **Bharat Integrated Social Welfare Agency (BISWA),** At: Danipalli, P.O.: Bareipali, Dist.: Sambalpur, PIN-768006. (Represented through its Chairman, **Shri Khirod Chandra Mallick**).
2. **Shri Khirod Chandra Mallick,** S/o: Paban Mallick, At: Danipalli, P.O.: Bareipali, Dist.: Sambalpur, PIN-768150.
3. **Shri Pitabas Sethy,** S/o: Ramachandra Sethi, At: Krushnadaspur, P.O.: Dandisahi, Dist.: Kendrapara, PIN-754240.
4. **Ch. Bijayabati,** D/o: Shri Tirupati Rao, At: Cheruapara, Sambalpur, PIN-768002.
5. **Shri Pahelu Dip,** S/o: Late Marki Dip, At: Ghunghtipara, Sambalpur, PIN-768003.
6. **Smt. Jagadamba Rao,** W/o: Late T. Krishna Rao, At: Daleipara, Sambalpur, PIN-768001.
7. **Shri Niranjan Tripathy,** S/o: Jogeswar Tripathy, At: Hatpara, Susarigali, PIN-768001.
8. **Miss Rajasini Sibil,** D/o: Late Jisak Sibil, At: Baramunda, P.O.: Talab, Sambalpur, PIN-768200.
9. **Mrs. Joyasree Mahanti,** W/o: Shri S. D. Mahanti, At: Kamalibazar, Sambalpur, PIN-768003.
10. **Mrs. Rahil Sibil,** W/o: Imannuel Sibil, At: Baramunda, P.O.: Talab, Sambalpur, PIN-768200.
11. **Mrs. Phula Sibil,** W/o: Nithnnel Sibil, At: Baramunda, P.O.: Talab, Sambalpur, PIN-768200.
12. **Shri Sunil Kumar Panda,** S/o: Sashi Bhusan Panda, At: N. Guha Lane, Sambalpur, PIN-768001.

Take notice that Certificate arising out of **OA No. 356 of 2013** issued by the Hon'ble Presiding Officer, Debts Recovery Tribunal, Cuttack under Section 19(22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs.4,03,67,548.00 (Rupees Four Crore Three Lac Sixty Seven Thousand Five Hundred Forty Eight Only)** together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | : | Rs.4,03,67,548.00 |
| 2. Interest @ 14.50% p.a. with quarterly rests from 12.06.2013 to 19.09.2019 | : | Rs.5,89,48,948.00 |
| 3. Cost allowed (+) | : | Rs. 1,50,000.00 |
| Total | : | Rs.9,94,66,496.00 |

**(Rupees Nine Crore Ninety Four Lac Sixty Six Thousand Four Hundred Ninety Six Only)** with of interest @ 14.50% p.a. with quarterly rest on the amount due 20.09.2019 till realization of the entire Dues.

2. You are hereby directed to pay the above stated sum **within 15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **02.11.2021** and report the details of payment made by you.

Given under my hand & seal at Cuttack on this **2nd day of September, 2021.**

**Sd/- (R. P. Patnaik)**
**Recovery Officer**

**ODISHA PUBLIC SERVICE COMMISSION**
**ADVERTISEMENT No.12 OF 2021-22**
**Recruitment to the post of Assistant Horticulture Officer in Class-II of Group-B service under Department of Agriculture & Farmer's Empowerment**
**WEBSITE - http://opsc.gov.in**

**No. D-120:-** *Online applications are invited from the prospective candidates through the Proforma application to be made available on the Website of the Commission (http://opsc.gov.in)* for recuruitment to **37** (Thirty Seven) posts of Assistant Horticulture Officer in Class-II of Group-B Service, under Department of Agriculture & Farmer's Empowerment, in the Pre-revised scale of pay of Rs.9,300-34,800/- with Grade pay of Rs.4600/- (PB2) or Level-10 of the Pay matrix Revised, as per ORSP Rules, 2017, with usual Dearness and other Allowances as may be sanctioned by the Government of Odisha from time to time. The posts are temporary and likely to continue.

2. **VACANCY POSITION:** As per requisition filed by the Agriculture and Farmer's Empowerment Department, Government of Odisha, out of a total of **37(12-w)** vacancies, 20 (07-w) vacancies are reserved for UR category, 07 (02-w) vacancies are reserved for SEBC category, 04(01 -w) vacancies are reserved for SC category, 06 (02 -w) vacancies are reserved for ST category. Also, 01 post is reserved for **Ex-Servicemen** & **01** post is reserved for **Persons with Disabilities** (whose permanent disability is 40% and more) having Locomotors Disabilities i.e. **OL (MNR)**.

3. **AGE:** A candidate must have attained the age of **21 (Twenty one)** years and must not be above **32 (Thirty two)** years as on **1st day of January 2021** i.e. he/she must have been born not earlier than **2nd January, 1989** and not later than **1st January, 2000**.

4. **EDUCATIONAL QUALIFICATION:** A candidate must possess a Bachelor of Science Degree in Horticulture/ Agriculture from any of the recognized Universities or Institutions.

5. **EXAMINATION FEE:** A candidate is required to pay a non-refundable and non-adjustable fee of **Rs.500/- (Rupees five hundred)** only. Candidates belonging to Scheduled Caste and Scheduled Tribe of Odisha and Persons with Disabilities (whose permanent disability is 40% or more) are exempted from payment of this fee.

**The link for registration/ re-registration and payment of examination fees shall be available from 10.09.2021 to 30.09.2021 (Note: 08.10.2021 is the last date for submission of Registered Online Application).**

The candidates are advised to visit the Website of the Commission at **http://opsc.gov.in for detailed information for applying to the above post.**

**CUTTACK**
**DATE- 07.09.2021**

**Sd./- SECRETARY**
**ODISHA PUBLIC SERVICE COMMISSION**
**CUTTACK**

OIPR-12002/11/0082/2122

**TPNODL TP Northern Odisha Distribution Limited**
**(A Tata Power & Odisha Govt. Joint Venture)**
**Regd. Off: Corp. Office: Januganj, Remuna Golei, Balasore, Odisha-756019**
**CIN No.: U40106OR2021SGC035951, Website: www.tpnodl.com**
**NOTICE INVITING TENDER (NIT) September 07, 2021**

TPNODL invites tenders as per following details:

| Tender Enquiry No. Work Description | Tender Fee/ EMD (Rs.) | Availability of Bid Document | Last Date of Bid Submission |
|---|---|---|---|
| TPNODL/OT/2021-22/064 (RC for WIFI) | Rs. 5000/- Rs. 50,000/- | 08.09.2021 | 21.09.2021, 15.00 hrs. |
| TPNODL/OT/2021-22/065 (RC for Supply of 11kV & 33kV Isolator & AB switch) | Rs. 5000/- Rs. 2,00,000/- | 08.09.2021 | 16.09.2021, 15.00 hrs. |
| TPNODL/OT/2021-22/067 (RC for Network Device for SCADA) | Rs. 5000/- Rs. 2,00,000/- | 08.09.2021 | 22.09.2021 15.00 hrs. |
| TPNODL/OT/2021-22/068 (RC for various size of Control Cable) | Rs. 5000/- Rs. 2,00,000/- | 09.09.2021 | 23.09.2021, 15.00 hrs. |

Please visit our website: **www.tpnodl.com** (Tenders) for complete details. All future communication regarding the tenders will be published on our website against each tender.

**HoD- Contracts**

**'ମାଙ୍କ ଅମର ଗାଥା' ଉନ୍ମୋଚିତ**

ଭୁବନେଶ୍ୱର,(ବ୍ୟୁରୋ): ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଶହୀଦନଗରସ୍ଥିତ ସିଜଲର ଷ୍ଟୁଡିଓରେ 'ମା'ଙ୍କ ଅମର ଗାଥା' ୟୁଟ୍ୟୁବ୍ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆରେ ଉନ୍ମୋଚିତ ହୋଇଯାଇଛି। ବିପୁଳ ମାତ୍ରାରେ ପ୍ରଚାର ପ୍ରସାର ପାଇଁ ଏହି ଗାଥାକୁ ହିନ୍ଦୀ ଏବଂ ଓଡ଼ିଆ ଭାଷାରେ ପ୍ରସ୍ତୁତ କରାଯାଇଛି। ମା'ଙ୍କ ପ୍ରଚାର ପ୍ରସାର ପାଇଁ ଟ୍ରଷ୍ଟ ତରଫରୁ ସର୍ବଭାରତୀୟ ସ୍ତରରେ ଚେଷ୍ଟା କରାଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ସଭାପତି ନାରାୟଣ ମହାପାତ୍ର, ଉପସଭାପତି ଲଳିତ ମୋହନ ପଣ୍ଡା, ସମ୍ପାଦକ ଉମାନାଥ ମିଶ୍ର, ଯୁଗ୍ମ ସମ୍ପାଦକ ମଳୟ ରଞ୍ଜନ ମହାପାତ୍ର, ରଞ୍ଜନ ସାମଲ, ମୁଖ୍ୟ ଉପଦେଷ୍ଟା ନିଶିକାନ୍ତ ମିଶ୍ର, ମଧୁମାଧବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସର୍ବଭାରତୀୟ ବେସାମରିକ ଭଲିବଲ ଓ ହକି ପ୍ରତିଯୋଗିତା ଲାଗି ଚୟନ, ସୂଚନା ଓ ଲୋକ ସମ୍ପର୍କ ଭବନ ପଡ଼ିଆ, ସକାଳ ୭ଟା ୩୦।
- ଶିବାନନ୍ଦ ସେଣ୍ଟେନାରୀ ବଏଜ୍ ସ୍କୁଲ ପକ୍ଷରୁ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କ ଜୟନ୍ତୀ ଉତ୍ସବ, ସ୍କୁଲ ପରିସର, ଖଣ୍ଡଗିରି, ସନ୍ଧ୍ୟା ୭ଟା ୪୫।

## ସଂକ୍ଷେପରେ

### ଲିଙ୍ଗରାଜ ମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ନୀତି ସମ୍ପନ୍ନ



ପୁରୁଣା ଭୁବନେଶ୍ୱର,୭।୯(ଡି.ଏନ୍.ଏ.): ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ମଙ୍ଗଳବାର ସପ୍ତପୁରୀ ଅମାବାସ୍ୟା ନୀତି ସମ୍ପନ୍ନ ହୋଇଛି। ଦୈନିକ ନୀତି ମଙ୍ଗଳଆଳତି, ଅବକାଶ, ରୋଷହୋମ ସରିବା ପରେ ସକାଳ ଧୂପରେ ରୁପା ଥାଳିରେ ୭ଟି ସାତପୁରୀ ଶ୍ରୀଜୀଉଙ୍କୁ ପୂଜା ହୋଇଥିଲା। ଏହା ପରେ ପ୍ରତ୍ୟେକ ଧୂପରେ ଏହିପରି ଭାବେ ସାତପୁରୀ ଭୋଗ କରାଯାଇଥିଲା। ଏହି ସାତପୁରୀକୁ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସେବାୟତଙ୍କ ପାଉଣା ଭାବେ ବଣ୍ଟାଯାଇଥିଲା। ପରେ ସନ୍ଧ୍ୟାଧୂପ ବଡ଼ସିଂହାର ବେଶ କରାଯାଇ ମନ୍ଦିର ପହଡ଼ ପଡ଼ିଥିଲା।

### ମାନବିକତାର ପରିଚୟ ଦେଲେ ଅନୁଭବ

**ରାସ୍ତାକଡ଼ରୁ ଦୁର୍ଘଟଣାଗ୍ରସ୍ତଙ୍କୁ ନେଇ ଚିକିତ୍ସା କରାଇଲେ**

ନିଶ୍ଚିନ୍ତକୋଇଲି,୭।୯(ସ୍ୱ.ପ୍ର.): କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ମଙ୍ଗଳବାର ମାନବିକତାର ପରିଚୟ ଦେଇଛନ୍ତି। ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ରାସ୍ତାକଡ଼ରୁ ଉଠାଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଛନ୍ତି। ଏମ୍‌ପି ମଙ୍ଗଳବାର ଅପରାହ୍ନରେ କେନ୍ଦ୍ରାପଡ଼ାରୁ କାର ଯୋଗେ କଟକ ଅଭିମୁଖେ ଆସୁଥିଲେ। ଏହି ସମୟରେ କଟକ-ଚାନ୍ଦବାଲି ରାସ୍ତାର ପଣସପଡ଼ିଆ ଛକ ନିକଟରେ ବାଲିଆପଦା ପଞ୍ଚାୟତ ବଡଫତେପୁର ଗ୍ରାମର ଧୀରେନ୍ଦ୍ର ନାଥ ନାୟକ ସଡକ ଦୁର୍ଘଟଣାରେ ରାସ୍ତା ପାର୍ଶ୍ୱରେ ପଡ଼ିଯାଇଥିଲେ। ସେ ଏକ ସ୍କୁଟିରେ ଆସୁଥିଲାବେଳେ ତାଙ୍କ ଗାଡି ଆଗରେ ଏକ କୁକୁର ପଶି ଯାଇଥିଲା। ଫଳରେ ସେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏହି ସମୟରେ ଏମ୍‌ପି ମହାନ୍ତି ତାଙ୍କୁ ଉଦ୍ଧାର କରି ନିଜ କାରରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏମ୍‌ପିଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ପ୍ରଗତି ବେଷ୍ଟ ଗ୍ରାଜୁଏଟ୍

**ବିଜେବି କଲେଜର ଯୁକ୍ତ୩ ପରୀକ୍ଷାଫଳ ପ୍ରକାଶିତ**



ପ୍ରଗତି ଗୁରୁ



ଗୌରହରି ସାହୁ



ଶୁଭମ୍ ଚୌଧୁରୀ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ବକ୍ସି ଜଗବନ୍ଧୁ (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଛାତ୍ରୀ ପ୍ରଗତି ଗୁରୁ କଳା ବିଭାଗର ଟପ୍ପର ହେବା ସହିତ ବେଷ୍ଟ ଗ୍ରାଜୁଏଟ୍ ହୋଇଛନ୍ତି। ସାଇକୋଲୋଜି ବିଭାଗର ପ୍ରଗତି ୯୨.୨୭% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ପ୍ରାଣୀ ବିଜ୍ଞାନର ଛାତ୍ର ଗୌରହରି ସାହୁ ୯୧.୭୩% ରଖି ଟପ୍ପର ହୋଇଛନ୍ତି। ଆକାଉଣ୍ଟିଂରେ ଶୁଭମ୍ ଚୌଧୁରୀ ୮୨.୮୧% ରଖି ବାଣିଜ୍ୟରେ ଟପ୍ପର ହୋଇଛନ୍ତି। କଳା ବିଭାଗରେ ମୋଟ ୩୮୬ ପିଲା ପାସ୍ କରିଥିବା ବେଳେ ୨୬ଜଣ ଫେଲ୍ ହୋଇଛନ୍ତି। କଳାରେ ପାସ୍‌ହାର ୯୩.୬୮% ରହିଛି। ସେହିଭଳି ବିଜ୍ଞାନରେ ୧୮୨ଜଣ ପାସ୍ ଓ ୬ଜଣ ଫେଲ୍ ହୋଇଥିବାବେଳେ ପାସ୍‌ହାର ୯୬.୮୯% ରହିଛି। ବାଣିଜ୍ୟରେ ମୋଟ ୨୩୮ ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ୧୧ଜଣ ଫେଲ୍ ହୋଇଛନ୍ତି। ବାଣିଜ୍ୟରେ ପାସ୍ ହାର ୯୫.୬% ରହିଛି।

ସେହିପରି ନୃତତ୍ତ୍ୱରେ ଶିବାନୀ ମହାନ୍ତି ୮୪.୨୩%, ଅର୍ଥନୀତିରେ ଏକତା ପଣ୍ଡା ୮୭.୬୫%, ଶିକ୍ଷାରେ ସସ୍ମିତା ପ୍ରଧାନ ୮୬.୬୯%, ଇଂଲିଶରେ ଶ୍ରେୟାଶିରିନ ନାୟକ ୭୮.୭୩%, ଭୂଗୋଳରେ ପ୍ରତୀକ୍ଷା ପରିମିତା ସେଠୀ ୮୨.୭୩%, ହିନ୍ଦୀରେ ଗାନ୍ଧୀ କୁମାର ୭୨.୮୧% ମାର୍କ ରଖି ଟପ୍ପର ହୋଇଛନ୍ତି। ମ୍ୟୁଜିକ୍‌ରେ ରିଙ୍କି ସ୍ୱାଇଁ ୭୯.୨୭%, ଇତିହାସରେ ମାହିତୋଷ ଗୋପାଳ ୮୧.୬୨%, ଓଡ଼ିଆରେ ଶୁଭଶ୍ରୀ ସା ୭୮.୮୧%, ଦର୍ଶନରେ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ୮୪.୬୨%, ରାଜନୀତି ବିଜ୍ଞାନରେ ତନିଷା ବେହୁରା ୮୩.୩୮%, ସଂସ୍କୃତରେ ପ୍ରିୟଙ୍କା ନାୟକ ୭୪.୧୨%, ସୋସିଓଲୋଜିରେ ଅମ୍ରିତ ମହାପାତ୍ର ୮୨.୦୮%, ବାୟୋ ଟେକ୍ନୋଲୋଜିରେ ରିୟା ଜୈସୱାଲ ୮୩.୫୮% ମାର୍କ ରଖି ଟପ୍ପର ହୋଇଛନ୍ତି। ଉଦ୍ଭିଦ ବିଜ୍ଞାନରେ ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ୮୬.୪୨%, ରସାୟନ ବିଜ୍ଞାନରେ ଶ୍ରୀତମ ମହାନ୍ତି ୯୦%, କମ୍ପ୍ୟୁଟର ସାଇନ୍ସରେ ଶୀତଲ ବଧନ ୯୦.୮୫%, ଗଣିତରେ ପୁନମ ନାୟକ ୯୧.୧୯%, ପଦାର୍ଥ ବିଜ୍ଞାନରେ ସୌମ୍ୟାଶ୍ୱେତା ଭୂଜବଳ ୮୯.୩୧% ଏବଂ ପରିସଂଖ୍ୟାନରେ ଅଶ୍ଳେଷ ମହାନ୍ତି ୮୫.୧୨% ମାର୍କ ରଖି ଟପ୍ପର ହୋଇଥିବା କଲେଜ ପକ୍ଷରୁ ସୂଚନା ଦିଆଯାଇଛି।



ସପ୍ତପୁରୀ ଅମାବାସ୍ୟାରେ ମଙ୍ଗଳବାର ନୀତି ସମ୍ପନ୍ନ ପାଇଁ ସେବାୟତମାନେ ଅମାବାସ୍ୟା ନାରାୟଣଙ୍କୁ ସାଗର ବିଜେ କରୁଛନ୍ତି।

## ଡେଲିଭରି ବଏ ବେଶରେ ଗଞ୍ଜେଇ ବ୍ୟବସାୟ

**ଦେଢ଼ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,୭।୯(ବ୍ୟୁରୋ)

ଗଞ୍ଜେଇ ବେପାର କରିବାର ନୂଆ ନୂଆ ପନ୍ଥା ଆପଣାଉଛନ୍ତି ଚୋରା ଚାଲାଣକାରୀ। ଫୁଡ୍ ଡେଲିଭରି ବଏ ବେଶରେ ରାଜଧାନୀରେ ଗଞ୍ଜେଇ ବେପାର କରୁଥିବା ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ଅବକାରୀ ବିଭାଗ ଗିରଫ କରିଛି। ସେ ହେଲେ ଲିଙ୍ଗରାଜ ଥାନା ଅଧୀନ ପୁରୁଣା ଭୁବନେଶ୍ୱର କୁଞ୍ଜପାଟଣା ସାହିର ପ୍ରେମଚନ୍ଦ୍ର ନାୟକ(୫୨)। ତାଙ୍କଠାରୁ ୧୫ କିଲୋ ୨୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ଦେଢ଼ଲକ୍ଷ ଟଙ୍କା ହେବ। ଏଥିସହ ତାଙ୍କଠାରୁ ଫୁଡ୍ ଡେଲିଭରି ସଂସ୍ଥାର ବ୍ୟାଗ୍ ଓ ପୋଷାକ ମଧ୍ୟ ଜବତ ହୋଇଛି। ଏ ନେଇ ଅବକାରୀ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ତେବେ ସେ କେଉଁଠୁ ଗଞ୍ଜେଇ ଆଣୁଥିଲେ, କିଏ ତାଙ୍କୁ ଗଞ୍ଜେଇ ଯୋଗାଉଥିଲେ, କେତେ ଦିନ ହେଲା ଏହି କାରବାର କରୁଥିଲେ, ଏଥିରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ଏଭଳି ବିଭିନ୍ନ ଦିଗକୁ ନେଇ ଅବକାରୀ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଖୋଲାଖୋଲି ଗଞ୍ଜେଇ ବିକ୍ରି କଲେ ପୋଲିସ ଗିରଫ କରିବାର ଆଶଙ୍କା ଥିବାରୁ ପ୍ରେମଚନ୍ଦ୍ର ନୂଆ କୌଶଳ ଆପଣାଇଥିଲେ। ସେ ଫୁଡ୍ ଡେଲିଭରି ବଏ ବେଶରେ ରାଜଧାନୀର ବିଭିନ୍ନ ଅଞ୍ଚଳକୁ ଯାଇ ଗ୍ରାହକଙ୍କୁ ଗଞ୍ଜେଇ ଯୋଗାଉଥିଲେ। ଫୋନ୍ କଲ୍ ପାଇବା ମାତ୍ରେ ପ୍ରେମଚନ୍ଦ୍ର ଠିକଣା ଜାଗାରେ ପହଞ୍ଚିଯାଉଥିଲେ। ଏଭଳି କାରବାର ମାଧ୍ୟମରେ ସେ ବିପୁଳ ଅର୍ଥ ରୋଜଗାର କରୁଥିଲେ। ତେବେ ଏନେଇ ଅବକାରୀ ବିଭାଗ ଖବର ପାଇବା ପରେ ତାଙ୍କୁ ଧରିବାକୁ ଯୋଜନା ପ୍ରସ୍ତୁତ କରିଥିଲା।

# କାଦୁଅ ରାସ୍ତାରେ ଫସିଲା ସଫାରି ବସ୍

- ଆଗରେ ବିଚରଣ କରୁଥିଲେ ଦୁଇ ସିଂହ
- ୩୫ମିନିଟ୍ ପରେ ଉଦ୍ଧାର ହେଲେ ୨୩ ପର୍ଯ୍ୟଟକ

ବାରଙ୍ଗ,୭।୯(ଡି.ଏନ୍.ଏ.)

ପ୍ରାଣୀଉଦ୍ୟାନ ନନ୍ଦନକାନନର ସିଂହ ସଫାରିରେ ମଙ୍ଗଳବାର ଏକ ଅଘଟଣ ଘଟିଛି। ସଫାରି ବସ୍‌ରେ ବସି ପର୍ଯ୍ୟଟକମାନେ ସିଂହ ନିକଟକୁ ଦେଖିବାକୁ ଯାଇଥିବାବେଳେ କାଦୁଅ ରାସ୍ତାରେ ବସ୍‌ଟି ଦବିଯାଇଥିଲା। ଫଳରେ କିଛି ବାଟ ଆଗରେ ସିଂହ ବିଚରଣ କରୁଥିବାବେଳେ ପର୍ଯ୍ୟଟକମାନେ ଦେଖି ଭୟଭୀତ ହୋଇପଡ଼ିଥିଲେ। ଖବରପାଇ ଅନ୍ୟ ଏକ ସଫାରି ବସ ପ୍ରାୟ ୩୫ମିନିଟ ପରେ ଆସି ୨୩ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ଏହାପରେ ଦୀର୍ଘସମୟ ପାଇଁ ସିଂହ ସଫାରିକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରାଯାଇଥିଲା। ଜେସିବି ଲଗାଇ ବସ୍‌କୁ ଉଠାଇବା ପରେ ସ୍ୱାଭାବିକ ଭାବେ ପର୍ଯ୍ୟଟକମାନେ ସିଂହ ସଫାରିରେ ବୁଲିଥିଲେ।

ଖବର ଅନୁଯାୟୀ, ନଂ.ଓଡି ୦୨-ଆର-୬୬୨୨ ସଫାରି ବସ୍‌ଟି ସବୁଦିନ ଭଳି ମଙ୍ଗଳବାର ପ୍ରଥମ ଟ୍ରିପରେ ୨୩ଜଣ ପର୍ଯ୍ୟଟକଙ୍କୁ ନେଇ ପୂର୍ବାହ୍ନ ୧୧ଟା ସୁଦ୍ଧା ସଫାରି ପରିଭ୍ରମଣରେ ଯାଇଥିଲା। ସିଂହସଫାରି ଗେଟ୍ ଅତିକ୍ରାନ୍ତ କରି କିଛି ବାଟ ଯିବାପରେ ଏକ ବୁଲାଣି ରାସ୍ତାରେ ଯାଉଥିବାବେଳେ ବସ୍‌ର ଆଗଚକ ହଠାତ୍ କାଦୁଅ ରାସ୍ତାରେ ଦବିଯାଇଥିଲା। ବସ୍ ଚାଳକ ଚକକୁ ଉଠାଇବା ପାଇଁ ବହୁ ଚେଷ୍ଟା କରିବା ସତ୍ତ୍ୱେ ବିଫଳ ହୋଇଥିଲେ। ଏହି ସମୟରେ ଖୋଲାରେ ବିଚରଣ କରୁଥିବା ସିଂହମାନଙ୍କୁ ପାଖରେ ଦେଖି ପର୍ଯ୍ୟଟକମାନେ ଡରି ଯାଇଥିଲେ। କାରଣ ବସ୍‌ଠାରୁ ଅଳ୍ପ ଦୂରରେ ଦୁଇଟି ସିଂହ ରହିଥିଲେ। ପର୍ଯ୍ୟଟକମାନେ ନିକଟରୁ ସିଂହକୁ ଦେଖି ଭୟଭୀତ ହୋଇ ବସ୍ ମଧ୍ୟରେ ରହିଥିଲେ। ଅନ୍ୟପଟେ ସଫାରି ଠିକାଦାରଙ୍କଠାରୁ ଖବରପାଇ ଜନ୍ତୁ ବିଭାଗ କର୍ମଚାରୀମାନେ ୩୫ମିନିଟ ପରେ ଅନ୍ୟ ଏକ ବସ୍ ଆଣି ଦବିଯାଇଥିବା ବସ୍‌ରୁ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲେ। ପରେ ସିଂହ ଦୁଇଟିକୁ ସଫାରି ଫିଡିଂ ଚାମ୍ବରରେ ପୂରାଇବା ସହ ଅପରାହ୍ନ ୩ଟାରେ ଜେସିବି ଲଗାଇ ବସ୍‌କୁ ଉଠାଯାଇଥିଲା। ଏହାପରେ ସିଂହସଫାରିକୁ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଥିଲା। ତେବେ ଦୀର୍ଘଦିନର ବ୍ୟବଧାନ ପରେ ସଫାରି ଗତ ୧୬ତାରିଖରେ ଖୋଲିଛି। ସଫାରି ଖୋଲିବା ପରେ ଏହା ପ୍ରଥମ ଅଘଟଣ ହୋଇଥିବାବେଳେ ସଫାରି ଖୋଲିବା ପୂର୍ବରୁ ଜନ୍ତୁ ବିଭାଗ ତରଫରୁ ଭଲଭାବରେ ରାସ୍ତା ମରାମତି ମଧ୍ୟ କରାଯାଇଥିଲା। ଅନ୍ୟପଟେ ଜନ୍ତୁ ବିଭାଗର ଦାୟିତ୍ୱହୀନତା ଏବେ ପଦାରେ ପଡିଛି। ଲକ୍ଷାଧିକ ଟଙ୍କା ବିନିଯୋଗରେ ସଫାରି ରାସ୍ତା ମରାମତି ହୋଇଥିଲେ ମଧ୍ୟ ବସ୍ ଦବିବା ଘଟଣା କାର୍ଯ୍ୟର ସ୍ଥାୟିତ୍ୱ ସହ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଭଡ଼ାଘରୁ ଯୁବତୀଙ୍କ ଗଳିତ ମୃତଦେହ ଜବତ



ମୃତଦେହ ମିଳିଥିବା ଘରେ ତାଲା ପଡ଼ିଛି।



ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

- ଜଣେ ଯୁବକଙ୍କ ସହ ଭଡ଼ାରେ ରହୁଥିଲେ
- ଫେରାର ଯୁବକଙ୍କୁ ଖୋଜୁଛି ପୋଲିସ
- ଘରମାଲିକଙ୍କୁ ଦେଇ ନ ଥିଲେ ପରିଚୟପତ୍ର

ଭୁବନେଶ୍ୱର, ୭।୯(ବ୍ୟୁରୋ)

ଭରତପୁର ଥାନା ରୁଚିକା ମାର୍କେଟ ମହାବୀର ବସ୍ତିରେ ଥିବା ଏକ ଭଡ଼ାଘରୁ ମଙ୍ଗଳବାର ଜଣେ ଯୁବତୀଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ଅପରାହ୍ନରେ ଘର ମାଲିକଙ୍କଠୁ ଖବର ପାଇ ପୋଲିସ ଘଟଣାସ୍ଥଳକୁ ଯାଇଥିଲା। ଘର ତାଲା ଭାଙ୍ଗି ଭିତରେ ଜଣେ ଯୁବତୀଙ୍କ ମୃତଦେହ ପୋକ ସାଲୁବାଲୁ ଅବସ୍ଥାରେ ପଡ଼ିଥିବା ପୋଲିସ ଦେଖିବାକୁ ପାଇଥିଲା। ପରେ ଜୋନ୍-୩ ଏସିପି ଭରତ ଚରଣ ସାହୁ ଓ ଭରତପୁର ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଉକ୍ତ ସ୍ଥାନକୁ ଯାଞ୍ଚ କରି ପରୀକ୍ଷା କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଛି। ମୃତ ଯୁବତୀଙ୍କ ବୟସ ୨୦ରୁ ୨୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ପୋଲିସ ଏକ ହତ୍ୟା (ନଂ. ୩୧୬/୨୧) ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି। ଏନେଇ ଜୋନ୍ ଏସିପି ସାହୁ କହିଛନ୍ତି, ଯୁବତୀଙ୍କ ସହ ରହୁଥିବା ଯୁବକ ଜଣକ ହତ୍ୟାକରି ଫେରାର ହୋଇଯାଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ତେଣୁ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରୁଛୁ। ଫେରାର ହୋଇଯାଇଥିବା ଯୁବକଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ସାହୁ କହିଛନ୍ତି।

ପଡ଼ିଶା ଲୋକଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, ଗତ ୧୦ଦିନ ହେବ ଯୁବତୀଯୁବକ ଘରଭଡ଼ା ନେଇ ରହୁଥିଲେ। ଯୁବକଙ୍କ ବାଇକ୍‌ରେ ଯୁବତୀଜଣକ ବସି ସକାଳୁ ଯାଇ ରାତିକୁ ଆସୁଥିଲେ। ସେମାନେ କାମ କେଉଁଠାରେ କରନ୍ତି ଘରମାଲିକ ମଧ୍ୟ ଜାଣି ନ ଥିଲେ। ଉଭୟେ ସବୁବେଳେ ମୁହଁରେ ମାସ୍କ ଲଗାଇଥିବାରୁ କାହା ମୁହଁ ସ୍ପଷ୍ଟଭାବେ ଦେଖାଯାଉ ନ ଥିଲା। ଏପରିକି ଘରପାଖ ପଡିଶାଙ୍କ ଲୋକଙ୍କ ସହ ମଧ୍ୟ ସେମାନେ କଥାବାର୍ତ୍ତା ହେଉ ନ ଥିଲେ। ୪ଦିନ ହେଲା ଉକ୍ତ ଘରଟି ବାହାର ପଟୁ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। ଉକ୍ତ ଘର ଭିତରୁ ଦୁର୍ଗନ୍ଧ ବାହାରିବାରୁ ପ୍ରଥମେ ମୂଷା କିମ୍ବା ଅନ୍ୟ ସରୀସୃପ ମରି ପଚା ଗନ୍ଧ ହେଉଥିବା ପଡ଼ୋଶୀ ସନ୍ଦେହ କରିଥିଲେ। ହେଲେ ମଙ୍ଗଳବାର ଅତ୍ୟଧିକ ଦୁର୍ଗନ୍ଧ ହେବା ସହ ପଚାଶଡ଼ା ପାଣି କବାଟ ଫାଙ୍କ ଦେଇ ବାହାରକୁ ବୋହିଥିଲା। ଏହା ଦେଖି ଘରଠୁ ୫୦ ମିଟର ଦୂରରେ ରହୁଥିବା ମାଲିକଙ୍କୁ ପଡିଶା ଲୋକମାନେ ଜଣାଇଥିଲେ। ଏହାପରେ ଘରମାଲିକ ପୋଲିସକୁ ଏନେଇ ସୂଚନା ଦେଇଥିଲେ। ପୋଲିସ କବାଟ ଭାଙ୍ଗି ଦେଖିବାବେଳକୁ ଯୁବତୀଙ୍କ ଗଳିତ ମୃତଦେହ ଠାବ କରିଥିଲା। ମୃତ ଯୁବତୀ ଏକ ନାଇଟ୍ ଡ୍ରେସ୍ ପିନ୍ଧିଥିବାବେଳେ ତାଙ୍କ ଶରୀର ଫୁଲି ଯାଇଛି। ଯୁବତୀଙ୍କ ସହ ରହୁଥିବା ଯୁବକ ତାଙ୍କୁ ହତ୍ୟା କରିବାପରେ ବାହାର ପଟୁ ତାଲା ଦେଇ ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି।

### ଘରମାଲିକଙ୍କୁ ଦେଇ ନ ଥିଲେ ପରିଚୟ ପତ୍ର

ଘରମାଲିକାଣୀ ତପସ୍ୱିନୀ ଦାସଙ୍କ କହିବା ଅନୁଯାୟୀ, ଯୁବତୀଯୁବକ ଉଭୟେ ନିଜକୁ ସ୍ତ୍ରୀସ୍ୱାମୀ ପରିଚୟ ଦେଇ ଗତ ୧୦ଦିନ ତଳେ ଆମକୁ ଘର ଭଡ଼ାରେ ନେବାକୁ କହିଥିଲେ। ସେହି ସମୟରେ ସେମାନଙ୍କୁ ପରିଚୟପତ୍ର ମାଗିବାରୁ ଦେଇ ନ ଥିଲେ। ଉଭୟେ ଜାଗମରାରୁ ଆସିଛନ୍ତି ବୋଲି କହିବା ସହ କିଛି ଦିନ ପରେ ପରିଚୟପତ୍ର ଦେବେ ବୋଲି କହିଥିଲେ। ଏପରିକି କେଉଁଠି କାମ କରୁଛନ୍ତି ତାହା ମଧ୍ୟ କହି ନ ଥିଲେ।

### ତଣ୍ଟିଚିପି କିମ୍ବା ବିଷ ପିଆଇ ହତ୍ୟା ସନ୍ଦେହ

ଯୁବତୀଯୁବକ ଉଭୟେ ସ୍ତ୍ରୀସ୍ୱାମୀ ବୋଲି ପରିଚୟ ଦେଇ ରହୁଥିଲେ। ତେବେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ଏପରି କି ଯୁବତୀଙ୍କୁ ତଣ୍ଟି ଚିପି କିମ୍ବା ବିଷ ପିଆଇ ହତ୍ୟା କରିବାପରେ ଘରର ବାହାର ପଟୁ ତାଲା ପକାଇ ଯୁବକ ପଳାଇଯାଇଥିବା ସନ୍ଦେହ କରାଯାଉଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ। ଫେରାର ଯୁବକଙ୍କୁ ଖୁବ୍ ଶୀଘ୍ର ଠାବ କରାଯାଇ ଗିରଫ କରାଯିବ ବୋଲି ପୋଲିସ କହିଛି।

### ପୋଲିସ ପାଖରେ ରହୁନି ଭଡ଼ାଟିଆଙ୍କ ପରିଚୟପତ୍ର

ରାଜଧାନୀରେ ଯେଉଁମାନେ ବି ଘରଭଡ଼ା ନେଇ ରହୁଛନ୍ତି ସେମାନେ ସେମାନଙ୍କ ପରିଚୟପତ୍ର ଘର ମାଲିକଙ୍କୁ ଦେବା କଥା। ଉକ୍ତ ପରିଚୟ ପତ୍ରକୁ ସ୍ଥାନୀୟ ପୋଲିସ ନିକଟରେ ଦେବାର ନିୟମ ରହିଛି। ତେବେ ଏହି ନିୟମକୁ କିଛି ଘରମାଲିକ ମାନୁ ନାହାନ୍ତି। ଯାହାକି ମହାବୀର ବସ୍ତିରେ ଥିବା ଏକ ଭଡ଼ାଘରୁ ମଙ୍ଗଳବାର ଯୁବତୀଙ୍କ ଗଳିତ ମୃତଦେହ ମିଳିବା ପରେ ଜଣାପଡ଼ିଛି। ଯୁବତୀ ଏବଂ ତାଙ୍କ ସହ ରହୁଥିବା ଯୁବକ ପରିଚୟ ପତ୍ର ଘରମାଲିକଙ୍କୁ ଦେଇ ନ ଥିବାରୁ ଏବେ ସେମାନଙ୍କୁ ଚିହ୍ନଟ କରାଯାଇପାରୁ ନାହିଁ। ତେବେ ଏ ସଂକ୍ରାନ୍ତରେ ଏସିପି ଭରତ ଚରଣ ସାହୁ କହିଛନ୍ତି, ବସ୍ତି ଅଞ୍ଚଳରେ ଘରଭଡା ଦେଉଥିବା ଲୋକମାନେ ଏହି ନିୟମକୁ ମାନୁନାହାନ୍ତି। ଏନେଇ ଆଗକୁ ଉପଯୁକ୍ତ ପଦକ୍ଷେପ ନିଆଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ତୃପ୍ତିସ୍ମିତା



@ ସିତୁ



@ ହିମାଂଶୁ



@ ବିନିତ୍



@ ରାଜକିଶୋର



@ ନିହାରିକା

# ସ୍ୱାଭାବିକ ମୂର୍ତ୍ତି ଉଚ୍ଚତା, ଦର୍ଶନ ପାଇଁ ଅନୁମତି ଦିଆଯାଉ

**ପୋଲିସ କମିଶନରଙ୍କୁ ଭେଟିଲା ଭୁବନେଶ୍ୱର ଭସାଣି ସମିତି**

ଭୁବନେଶ୍ୱର, ୭।୯(ବ୍ୟୁରୋ)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଦୁର୍ଗାପୂଜାରେ ମା'ଙ୍କ ପ୍ରତିମୂର୍ତ୍ତିର ଉଚ୍ଚତା ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ଉପରେ ସରକାର କଟକଣା ଜାରି କରିଛନ୍ତି। ଏହାକୁ ରାଜଧାନୀର ବିଭିନ୍ନ ପୂଜା କମିଟି ପକ୍ଷରୁ ବିରୋଧ କରାଯାଇଛି। ମୂର୍ତ୍ତିର ଉଚ୍ଚତା ସ୍ୱାଭାବିକ ରଖାଯିବା ସହ ଦର୍ଶନ ପାଇଁ ଅନୁମତି ଦେବା ଦାବିରେ ବିଭିନ୍ନ ଦୁର୍ଗାପୂଜା କମିଟିର ସଦସ୍ୟଙ୍କୁ ନେଇ ଗଠିତ ଭୁବନେଶ୍ୱର ଭସାଣି ଉତ୍ସବ ସମିତିର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟିଛି। ମନ୍ଦିରକୁ ପ୍ରବେଶ ପାଇଁ ଦିଆଯାଇଥିବା ଅନୁମତି ଢାଞ୍ଚାରେ ଦୁର୍ଗାପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ସୁଯୋଗ ଦେବା ଲାଗି ଏହି ପ୍ରତିନିଧି ମଣ୍ଡଳୀ ଦାବି ଜଣାଇଛି। ଏ ନେଇ ପୋଲିସ କମିଶନରଙ୍କ ସହିତ ଆଲୋଚନା ମଧ୍ୟ କରିଛି। ପୋଲିସ କମିଶନର ଅନୁରୋଧ ରକ୍ଷା କରିବେ ବୋଲି ସମିତିର ସଦସ୍ୟମାନେ ଆଶା ପ୍ରକାଶ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ସମିତିର ସାଧାରଣ ସମ୍ପାଦକ ହରିଶ ପ୍ରସାଦ ରଥ, ଉପସଭାପତି ସୁରେଶ ଚନ୍ଦ୍ର ରାଉତରାୟ ଓ ଦିଲୀପ ଦାଶଶର୍ମା, ଝାରପଡ଼ା ଦୁର୍ଗାପୂଜା ସମିତିର ସାଧାରଣ ସମ୍ପାଦକ ଧରଣୀଧର ଜେନା ଏବଂ ଭୀମଟାଙ୍ଗୀ ଦୁର୍ଗାପୂଜା ସମିତିର ବରିଷ୍ଠ କର୍ମକର୍ତ୍ତା ସନତ ମିଶ୍ର ପ୍ରମୁଖ ସାମିଲ ଥିଲେ।

## ହରିଣ ଚମଡ଼ା ଜବତ, ୨ ଶିକାରୀ ଗିରଫ

ଖୁଣ୍ଟୁଣୀ, (ଡି.ଏନ.ଏ.): ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଗୁରୁଡ଼ିଝାଟିଆ ପଞ୍ଚାୟତ ସାଉରିଆ ଗ୍ରାମରେ ଏକ ହରିଣକୁ ମାରି ମାଂସ ବାଣ୍ଟି ନେବା ଅଭିଯୋଗରେ ବନ ବିଭାଗ ୨ ଜଣ ଶିକାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସାଉରିଆ ଗ୍ରାମର ଦୈତାରୀ ଜେନା ଓ କୁମାରପୁର ପଞ୍ଚାୟତ କଣ୍ଢାଣିଆ ଗ୍ରାମର ଅଜୟ ମଙ୍ଗୁଆଳ। ସେମାନଙ୍କଠାରୁ ହରିଣ ଚମଡା ଜବତ ହୋଇଛି। ୪ ଦିନ ତଳେ ଖୁଣ୍ଟୁଣୀ ବନାଞ୍ଚଳର ସଙ୍ଗପୋଇ ସଂରକ୍ଷିତ ଜଙ୍ଗଲରୁ ଏକ ହରିଣ ମାରି ତାହାର ମାଂସକୁ ଅଭିଯୁକ୍ତ ଦ୍ୱୟ ଗୁରୁଡିଝାଟିଆ ଓ ସାଉରିଆ ଓ ଆଖପାଖର ୧୫ରୁ ଊର୍ଦ୍ଧ୍ୱ ଲୋକଙ୍କୁ ବାଣ୍ଟିଥିଲେ। ଏ ସମ୍ପର୍କରେ ଜେରାବେଳେ ଦୈତାରି ସ୍ୱୀକାର କରିଥିଲେ।

## ସଂକ୍ଷେପରେ

### ଓଡ଼ିଶା ଠିକା ସଫେଇ କର୍ମଚାରୀ ସଭାର ବୈଠକ

କଟକ ଅଫିସ, ୭।୯: ଓଡ଼ିଶା ଠିକା ସଫେଇ କର୍ମଚାରୀ ସଭାର ଏକ ବୈଠକ କଟକ ମହାନଗର ନିଗମ(ସିଏମ୍‌ସି) କନ୍‌ଫରେନ୍ସ ହଲରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି କମିଶନର ଅନନ୍ୟା ଦାସ ଓ ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ଯୋଗଦେଇ କାର୍ଯ୍ୟରତ ଠିକା ସଫେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଦୀର୍ଘବର୍ଷ ଧରି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ମଜୁରି ବୃଦ୍ଧି, ଜାତୀୟ ଦିବସ ଏବଂ ପାର୍ବଣ ଋତୁରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଛୁଟି କିମ୍ବା ଏହା ବଦଳରେ ଡବଲ ମଜୁରି, କାର୍ଯ୍ୟସ୍ଥଳରେ ଆବଶ୍ୟକ ଯନ୍ତ୍ରପାତି ଉପଲବ୍ଧ କରାଇବା ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ଆଇନଗତ ବ୍ୟବସ୍ଥାକୁ ନଜର ଦେଇ ସମାଧାନ ଉପରେ ଏକ ଚିଠା ତୁରନ୍ତ ପ୍ରଦାନ କରିବାକୁ କମିଶନର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସଙ୍ଗଠନର ରାଜ୍ୟ ସଭାପତି ବିଜୟ ଭୂଷଣ ପତି, ମହାସଚିବ ବିରଜା କିଙ୍କର ନାୟକ, ସାଙ୍ଗଠନିକ ସମ୍ପାଦକ ପ୍ରଭାତ ନାୟକ, ଉପ ସଭାପତି ରୀନା ନାଏକ, ମିନତି ନାଏକ, ଅଶୋକ ନାଏକ, ସପନା ନାଏକ, ଲକ୍ଷ୍ମୀ ନାଏକ, ପତନ ନାଏକ, ଅଜୟ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ।

### ତାଳଦଣ୍ଡା କେନାଲ ପରିଦର୍ଶନ କଲେ ଜଳ ସମ୍ପଦ ସଚିବ

କଟକ ଅଫିସ, ୭।୯: ରାଜ୍ୟ ଜଳ ସମ୍ପଦ ବିଭାଗ ସଚିବ ଅନୁ ଗର୍ଗଙ୍କ ସହିତ ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ପଟ୍ଟନାୟକ ମଙ୍ଗଳବାର ତାଳଦେଣ୍ଡା କେନାଲ ପରିଦର୍ଶନ କରିଥିଲେ। ମୁଖ୍ୟତଃ ରାଣୀହାଟ ପୋଲଠାରୁ ମାତୃଭବନ ପର୍ଯ୍ୟନ୍ତ କେନାଲ ନବୀକରଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ପୋଲଠାରୁ ପ୍ରାୟ ୧ କି.ମି. ୪୫୫ ମିଟର ପର୍ଯ୍ୟନ୍ତ ରହିଥିବା କେନାଲ ସରଫେସ୍‌କୁ ଚିରସ୍ଥାୟୀ କରାଯିବା ସମ୍ପର୍କରେ ସେମାନେ ବିଭାଗୀୟ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ସଚିବଙ୍କ ଏହି ପରିଦର୍ଶନ ବେଳେ ଓଡ଼ିଶା କନଷ୍ଟ୍ରକ୍‌ଶନ କର୍ପୋରେଶନ(ଓସିସି)ର ଏମ୍‌ଡି ବିଭୂତି ଭୂଷଣ ଦାସ, ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଭକ୍ତରଞ୍ଜନ ମହାନ୍ତି, ରାଧାମୋହନ ମିଶ୍ର, ରାଜେଶ ମହାନ୍ତି, ମହାନଦୀ ନର୍ଥ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଅମର ମହାପାତ୍ର, ରାଜେନ୍ଦ୍ର ରାଉତ, ମଳୟ ସାହୁ ପ୍ରମୁଖ କେନାଲର ଉନ୍ନତିକରଣ ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ସଚିବ ଗର୍ଗଙ୍କୁ ଅବଗତ କରାଇଥିଲେ।

### ପୁସ୍ତକ 'ଆଦ୍ୟଧ୍ୱନୀ' ଉନ୍ମୋଚିତ

ବାଙ୍କୀ,୭।୯(ସ୍ୱ.ପ୍ର.): ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ 'ଆଦ୍ୟଧ୍ୱନୀ' ପୁସ୍ତକ ଉନ୍ମୋଚିତ ହୋଇଛି। ବାଙ୍କୀ ବ୍ରହ୍ମପୁରା ରଘୁନାଥ ଦେବତା ବିଦ୍ୟାପୀଠର ଶିକ୍ଷକ କବି ସୁଧାକର ମହାନ୍ତି ଏହାକୁ ଲେଖିଛନ୍ତି। ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ ବିଧାୟକ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ସଭାପତିତ୍ୱ କରି ବାଙ୍କୀ ଓ ସାହିତ୍ୟର ସମ୍ପର୍କ ଅତି ପୁରାତନ ବୋଲି କହିଥିଲେ। ସମ୍ମାନିତ ବକ୍ତାଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁବାସ ଚନ୍ଦ୍ର ଦାସ ଓ ଶିକ୍ଷାବିତ୍ ହରିହର ସ୍ୱାଇଁ ଯୋଗଦେଇ ଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଡ.ଗଣେଶ୍ୱର ସ୍ୱାଇଁ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ଖବରଦାତା ଗୌରାଙ୍ଗ ଚରଣ ବେହେରା, ପ୍ରାଧାପକ ମନୋଜ କୁମାର ମହାପାତ୍ର, ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, କବି ଭଗବାନ ସାମଲଙ୍କ ସମେତ ବାଙ୍କୀର ବହୁ ସାହିତ୍ୟିକ ଓ କବି ଉପସ୍ଥିତ ଥିଲେ।

# ମନ ଛୁଇଁଲା ହିନ୍ଦୁସ୍ଥାନୀ ସଙ୍ଗୀତ, ସତ୍ରୀୟା ନୃତ୍ୟ

## ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବର ତୃତୀୟ ସନ୍ଧ୍ୟା

ଭୁବନେଶ୍ୱର, ୭।୯ (ବ୍ୟୁରୋ)



ମଞ୍ଜୁଷା ପାଟିଲ ହିନ୍ଦୁସ୍ତାନୀ ସଙ୍ଗୀତ ପରିବେଷଣ କରୁଛନ୍ତି।


ଅନ୍ୱେଷା ମହନ୍ତଙ୍କ ନୃତ୍ୟ ପରିବେଷଣ ।

ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ଆୟୋଜିତ ୨୭ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବର ମଙ୍ଗଳବାର ଥିଲା ତୃତୀୟ ସନ୍ଧ୍ୟା। ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଳ୍ପୀ ଡ. ଅନ୍ୱେଷା ମହନ୍ତଙ୍କ 'ସତ୍ରୀୟା' ନୃତ୍ୟ ଓ ମଞ୍ଜୁଷା ପାଟିଲଙ୍କ ଦ୍ୱାରା ହିନ୍ଦୁସ୍ଥାନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଭାରତର ମୁଖ୍ୟ ୮ଟି ସତ୍ରୀୟ ନୃତ୍ୟ ପରମ୍ପରା ମଧ୍ୟରେ ସତ୍ରିଆ ନୃତ୍ୟ ହେଉଛି ଅନ୍ୟତମ। ଏହା ଆସାମର ଶାସ୍ତ୍ରୀୟ ନୃତ୍ୟ। ଶ୍ରୀମନ୍ତ ଶଙ୍କର ଦେବଙ୍କ ଦ୍ୱାରା ଏହାର ଅୟମାରମ୍ଭ ହୋଇଥିଲା। ଏହି ନୃତ୍ୟଶୈଳୀକୁ ନେଇ ମହୋତ୍ସବ ତୃତୀୟ ସନ୍ଧ୍ୟାର ଆରମ୍ଭ କରିଥିଲେ ଉସ୍ତାଦ ବିସ୍‌ମିଲା ଖାନ୍ ଯୁବ ପୁରସ୍କାରପ୍ରାପ୍ତ ଅନ୍ୱେଷା ମହନ୍ତ। ତାଙ୍କ ଦ୍ୱାରା ପରିବେଷିତ ସତ୍ରୀୟ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମଧ୍ୟରେ ଅପୂର୍ବ ଆନନ୍ଦ ଖେଳାଇ ଦେଇଥିଲା। ଅନ୍ୱେଷା ପ୍ରକୃତି ଓ ପୁରୁଷ ମଧ୍ୟରେ ଥିବା ଭାବକୁ ବେଶ୍ ସୁନ୍ଦର ଭାବେ ବର୍ଣ୍ଣନା କରିଥିଲେ। ପ୍ରକୃତି ବନ୍ଦନାରୁ ଆରମ୍ଭ ହୋଇଥିବା ଏହି ନୃତ୍ୟରେ ସଙ୍ଗୀତ ସଂଯୋଜନା କରିଥିଲେ ହରିପ୍ରସାଦ ସାଇକିଆ। ଏହାପରେ ଅନ୍ୱେଷା ଅଭିନୟରେ ଶଙ୍କର ଦେବଙ୍କ ନାଟକ ରୁକ୍ମିଣୀ କଥାରୁ 'ରୁକ୍ମିଣୀ ହରଣ' ପରିବେଷଣ କରିଥିଲେ। ଏହି ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ପ୍ରଭାତ ଶର୍ମା ସଙ୍ଗୀତ ନିର୍ଦ୍ଦେଶନା ଓ ବୟାନଚାର୍ଯ୍ୟ ଘନକାନ୍ତ ବୋରା ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ଶେଷରେ 'ମାର୍କଣ୍ଡେୟ ସ୍ତୁତି' ନୃତ୍ୟ ପରିବେଷଣ ହୋଇଥିଲା। ପ୍ରଭାତ ଶର୍ମା ଓ ହରି ପ୍ରସାଦ ସାଇକିଆ ବାର୍ବୟାନ ଏହାର ସଙ୍ଗୀତ ସଂଯୋଜନା ଓ ହରି ପ୍ରସାଦ ତାଳ ସଂଯୋଜନା କରିଥିଲେ। ଶିଳ୍ପୀଙ୍କୁ ବାଦ୍ୟଯନ୍ତ୍ର ଖୋଳ ଓ ଝାଞ୍ଜରେ ହରିପ୍ରସାଦ ସାଇକିଆ, ସଙ୍ଗୀତରେ ନିତ୍ୟାନନ୍ଦ ଡେକା ଓ ହରି ପ୍ରସାଦ, ବଂଶୀରେ ପ୍ରଦୀପ ଡେକା, ବେହେଲାରେ ଦେବଜିତ୍ ଗୋସ୍ୱାମୀ ସହଯୋଗ କରିଥିଲେ।

ପରେ ହିନ୍ଦୁସ୍ତାନୀ ସଙ୍ଗୀତକୁ ନେଇ ମଞ୍ଚକୁ ଓହ୍ଲାଇଥିଲେ ଶିଳ୍ପୀ ମଞ୍ଜୁଷା ପାଟିଲ। ରାଗ ନନ୍ଦ ଓ ବିଳମ୍ବିତ ତିନ ତାଳ ଉପରେ ଆଧାରିତ 'ଧୁନ୍ଦ୍ ବାରେ ସଇୟା', ଧ୍ରୁତ୍ ତିନି ତାଳ ଉପରେ ଆଧାରିତ 'ଆଜହୁ ନା ଆୟେ' ପରିବେଷଣ କରିଥିଲେ। ପରେ 'କାହ୍ନା ରଙ୍ଗୱା ନା ଡାରୋ' ଗାଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହା ରାଗ ବସନ୍ତ ଉପରେ ଆଧାରିତ ଥିଲା। ଶେଷରେ ମରାଠି ଅଭଙ୍ଗ 'ଅଗା ବୈକୁଣ୍ଠିଚ୍ଛ୍ୟା ରାୟା' ପରିବେଷଣ କରି କାର୍ଯ୍ୟକ୍ରମ ସମାପ୍ତ କରିଥିଲେ। ହାର୍‌ମୋନିୟମ୍‌ରେ ସୁଯୋଗ କୁଣ୍ଡଲକର୍, ତବଲାରେ ପ୍ରଶାନ୍ତ ପାଣ୍ଡବ, ତାନପୁରାରେ ଶିରିନ୍ କେଲ୍‌କର ଓ ନୂପୁର ଦେଶାଇ ସହଯୋଗ କରିଥିଲେ।

ତୃତୀୟ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ଓଡ଼ିଶା ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ୍ ରାମଚନ୍ଦ୍ର ଯାଦବ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ପରିଚାଳନା କରିଥିଲେ। ଏଥିରେ ତାଙ୍କୁ ଦେବୀ ପ୍ରସାଦ ମିଶ୍ର ସହଯୋଗ କରିଥିଲେ। ଅନୁଷ୍ଠାନର ସଦସ୍ୟା ମାୟା କ୍ରିଷ୍ଣମୂର୍ତ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସନ୍ଧ୍ୟା ୭ଟା ୩୦ରେ ସୃଜନର ଫେସ୍‌ବୁକ୍ ଓ ୟୁଟ୍ୟୁବରେ ଲାଇଭ୍ ପ୍ରଦର୍ଶିତ ହୋଇଥିଲା। ବୁଧବାର ଶିଳ୍ପୀ ନିକାତା ବନୱାଲିକରଙ୍କ ଦ୍ୱାରା କଥକନୃତ୍ୟ ଓ ଅଭିରାମ ନନ୍ଦଙ୍କ ଦ୍ୱାରା ବଂଶୀ ବାଦନ କରାଯିବ ବୋଲି ସୃଜନ ପକ୍ଷରୁ ସୂଚନା ଦିଆଯାଇଛି।

## ୪ ଦାବି ପୂରଣ ପାଇଁ ବିକ୍ଷୋଭ

କଟକ ଅଫିସ, ୭।୯

କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନର୍ସ ସଂଘର ରାଜ୍ୟ କମିଟି ପକ୍ଷରୁ ୪ ଦଫା ଦାବି ନେଇ କଟକ ରେଳ ଷ୍ଟେଶନ ଆର୍‌ଏମ୍‌ଏସ୍ ଅଫିସ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସଂଘର ରାଜ୍ୟ ସମ୍ପାଦକ ରବୀନ୍ଦ୍ର ନାଥ ଧଳ ଯୋଗଦେଇ କୋଭିଡ୍‌ରେ ମୃତ୍ୟୁ ଘଟିଥିବା କର୍ମଚାରୀଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଓ ଉତ୍ତରାଧିକାରୀଙ୍କୁ ଅନୁକମ୍ପାମୂଳକ ଚାକିରି, କର୍ମଚାରୀଙ୍କୁ କୋଭିଡ୍ ଟିକା ପ୍ରଦାନ, ବିଏସ୍‌ଏନ୍‌ଏଲ୍ ଓ ପିଏନ୍‌ବି ପେନସନର୍ସମାନଙ୍କ ପେନ୍‌ସନ ରିଭିଜନ କରିବା ସହ ବିଏସ୍‌ଏନ୍‌ଏଲ ପେନସନର୍ସମାନଙ୍କୁ ମେଡିକାଲ ସୁବିଧା ପ୍ରଦାନ ପାଇଁ ଦାବି କରିଥିଲେ। ସରକାର ଉପରୋକ୍ତ ଦାବିଗୁଡ଼ିକ ପୂରଣ ନ କଲେ ଆଗାମୀ ଦିନରେ କେନ୍ଦ୍ର ସରକାରୀ କର୍ମଚାରୀମାନେ ଧର୍ମଘଟ କରିବା ପାଇଁ ଧଳ ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ସଂଘ ସାଧାରଣ ସମ୍ପାଦକ ଦେବବ୍ରତ ମହାନ୍ତି, ବୀମା ପେନ୍‌ସନ ସଂଘର ଆର୍.ଏନ୍. ମଲ୍ଲିକ, କୃଷ୍ଣଚନ୍ଦ୍ର ବେହେରା, ବ୍ୟାଙ୍କ ପେନ୍‌ସନ ସଂଘ ପକ୍ଷରୁ ପି.କେ. ଷଡଙ୍ଗୀ, ଇପିଏଫ୍ ପେନ୍‌ସନ ସଂଘର ଭାଗ୍ୟଧର ବ୍ରହ୍ମା, ସପନ କୁମାର ମହାନ୍ତି, ଫଣୀଭୂଷଣ ତ୍ରିପାଠୀ ଓ ହେମନ୍ତ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ଆଜୀବନ କାରାଦଣ୍ଡାଦେଶ ହାଇକୋର୍ଟରେ ଖାରଜ

## ୨ ଅଭିଯୁକ୍ତ ଦୋଷମୁକ୍ତ

କଟକ ଅଫିସ,୭।୯

ଅପରାଧ ମାମଲାରେ ବାଲେଶ୍ୱର ଅତିରିକ୍ତ ସେସନ୍ ଜଜ୍ ତଥା ଫାଷ୍ଟଟ୍ରାକ୍ କୋର୍ଟ ଗୌତମ ହାଜିରା ଓ ଅନିଲ ସୋନୀଙ୍କୁ ପ୍ରଦାନ କରିଥିବା ଆଜୀବନ ଦଣ୍ଡାଦେଶକୁ ହାଇକୋର୍ଟ ଖାରଜ କରିଛନ୍ତି। ଏହି ମାମଲାରେ ଉଭୟଙ୍କୁ ଦୋଷମୁକ୍ତ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ପୀଡିତ ଅଭିମନ୍ୟୁ ମାହୁରୀ ଏବଂ ପିଣ୍ଟୁ ପ୍ରଧାନ କୋଏମ୍ବାଟୁରର ଏକ ସୂତାକଳରେ କାମ କରୁଥିଲେ। ସେମାନେ ୨୦୧୦ ମେ' ୨୭ ତାରିଖରେ କରମଣ୍ଡଳ ଏକ୍ସପ୍ରେସ୍‌ରେ ବାଲେଶ୍ୱର ଆସୁଥିଲେ। ହେଲେ ବାଲେଶ୍ୱରରେ ଓହ୍ଲାଇବା ପରିବର୍ତ୍ତେ ଚେନ୍ନାଇରେ ଓହ୍ଲାଇଥିଲେ। ଯିବା ରାସ୍ତାରେ ସେମାନଙ୍କୁ ଗୌତମ ଓ ଅନିଲ୍ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା। ପରେ ମେ' ୩୦ ତାରିଖ ରାତିରେ ଅପହରଣକାରୀମାନେ ୨ ଲକ୍ଷ ଟଙ୍କା ମାଗିଥିଲେ। ଏପରି ଫୋନ୍ ପାଇବା ପରଦିନ ବାଲେଶ୍ୱର ଜିଆରପି ଥାନାରେ ପୀଡିତଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହି ଘଟଣାରେ ଦୋଳହାଟ ପୋଲିସ ସହାୟତାରେ ଦୁଇ ଅଭିଯୁକ୍ତ ଗିରଫ ହୋଇଥିଲେ। ପୋଲିସ ସେମାନଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ବାଲେଶ୍ୱର ଅତିରିକ୍ତ ସେସନ୍ ଜଜ୍ ତଥା ଫାଷ୍ଟ ଟ୍ରାକ୍ କୋର୍ଟ –୧ ଉକ୍ତ ଘଟଣାରେ ଗୌତମ ଓ ଅନିଲ୍‌ଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ନିମ୍ନ ଅଦାଲତଙ୍କ ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଉଭୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ସହାନୁଭୂତି, ସହନଶୀଳତା ହଜିଯାଉଛି

## ଜେମା-ସାମନ୍ତ ସୃଜନୀ ପୁରସ୍କାର ସମାରୋହ

କଟକ ଅଫିସ,୭।୯

ସହାନୁଭୂତି ଓ ସହନଶୀଳତା ହେଉଛି ଗଣତନ୍ତ୍ରର ମୂଳମନ୍ତ୍ର। ହେଲେ ତାହା ଧୀରେ ଧୀରେ ହଜିଯାଉଛି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଦାନ କରାଯାଉଥିବା 'ଜେମା-ସାମନ୍ତ ସୃଜନୀ' ପୁରସ୍କାର ଅଧିକ ଗୁରୁତ୍ୱପୂର୍ଣ୍ଣ। କାରଣ ଦୁଇ ମହାନ୍ ବ୍ୟକ୍ତିଙ୍କ ନାମରେ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଓଡ଼ିଶାର ସର୍ବପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ଦିଆଯାଉଥିବା ଏ ପୁରସ୍କାର ପ୍ରଣୟନ ପଛରେ ମହାନ୍ ସ୍ରଷ୍ଟା ମନୋଜ ଦାସଙ୍କ ଭୂମିକା ନିହିତ ରହିଛି ବୋଲି 'ଜେମା-ସାମନ୍ତ ସୃଜନୀ ପୁରସ୍କାର' ପ୍ରଦାନ ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ 'ଜେମା-ସାମନ୍ତ ସୃଜନୀ ପୁରସ୍କାର' ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଲୋଚକ ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତ ଓ ସ୍ୱାଧୀନତା ସଂଗ୍ରାମୀ ତଥା ବିଧାୟିକା ରତ୍ନମାଳୀଙ୍କ ଉତ୍ସର୍ଗୀକୃତ ଜୀବନ ଓ ସମାଜର ଉନ୍ନତିରେ ସେମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମାରୋହରେ ୨୦୨୦ ମସିହା ପାଇଁ ବିଶିଷ୍ଟ କଥାକାର ପଦ୍ମଜ ପାଳ ଓ ୨୦୨୧ ପାଇଁ ବିଶିଷ୍ଟ କଥାଶିଳ୍ପୀ ସୁଲୋଚନା ଦାସଙ୍କୁ 'ଜେମା-ସାମନ୍ତ ସୃଜନୀ ପୁରସ୍କାର' ପ୍ରଦାନ କରାଯାଇଛି।

## ବିଜୁ ସେତୁ ଯୋଜନାର କାର୍ଯ୍ୟକାରିତା ସମ୍ପର୍କିତ ସମୀକ୍ଷା ବୈଠକ

କଟକ ଅଫିସ, ୭।୯

ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର କଟକ ଡିଭିଜନ-୨ସ୍ଥିତ ନୂଆବଜାର କାର୍ଯ୍ୟାଳୟରେ ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ବିଜୁ ସେତୁ ଯୋଜନାର ସଫଳ ରୂପାୟନ ସମ୍ପର୍କିତ ଏକ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧୀକ୍ଷଣ ଯନ୍ତ୍ରୀ ଏସ୍. କେ. ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗ-୨ର ନିର୍ବାହୀଯନ୍ତ୍ରୀ ସୋମନାଥ ପରିଡା, ତ୍ରିଲୋଚନ ନାୟକ, ଅଜୟ ମହାପାତ୍ର, ଭାଗିରଥୀ ଦାସ ପ୍ରମୁଖ ଯୋଗଦେଇ ୨୦୧୮ରୁ ଏପର୍ଯ୍ୟନ୍ତ ଜାରି ରହିଥିବା ବିଜୁ ସେତୁ ସମେତ ଅନ୍ୟ ଯୋଜନା ଉପରେ ଆଲୋକପାତ କରିଥିଲେ। ଅର୍ଥ ଅଭାବରୁ ୨୦୧୩ରୁ ଆରମ୍ଭ ହୋଇଥିବା ନରସିଂହପୁର ଧନିଆ ନାଳ ଉପରେ ବିଜୁ ସେତୁ କାର୍ଯ୍ୟର ବିଳମ୍ବକୁ ନେଇ ନିର୍ବାହୀଯନ୍ତ୍ରୀ ପରିଡା ଅସନ୍ତୁଷ୍ଟ ହୋଇଥିଲେ। ତୁରନ୍ତ ଏହି କାର୍ଯ୍ୟକୁ ସମ୍ପନ୍ନ କରିବାକୁ ସେ ପରାମର୍ଶ ଦେଇଥିଲେ।

## ଜାତୀୟ ପୋଷଣ ସପ୍ତାହ

ତିଗିରିଆ,୭।୯(ଡି.ଏନ୍.ଏ.)

ତିଗିରିଆ ବ୍ଲକ ବାଲିପୁଟ ପଞ୍ଚାୟତ ଅନ୍ତର୍ଗତ ବିରିପୁଟ ଗ୍ରାମର କୋଠ ଘରରେ ମଙ୍ଗଳବାର ଜାତୀୟ ପୋଷଣ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ତିଗିରିଆ ବ୍ଲକର ବିଭିନ୍ନ ଗାଁ କଲ୍ୟାଣ ସମିତି ଜରିଆରେ ସପ୍ତାହେ ବ୍ୟାପୀ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ବିଶ୍ୱବିକାଶ ରାଉତରାୟ ଯୋଗଦେଇ ମା ଓ ଶିଶୁର ସ୍ୱାସ୍ଥ୍ୟର ଯତ୍ନ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ପରିଦର୍ଶକ ତ୍ରିଲୋଚନ ବାରିକ ପରିଚାଳନା କରିଥିଲେ।

# ସରିଛି ଟେଣ୍ଡର, ମାସେ ଭିତରେ କାର୍ଯ୍ୟ ଆରମ୍ଭ

## ଧବଳେଶ୍ୱର ସେତୁ ନିର୍ମାଣ ପ୍ରସଙ୍ଗ

କଟକ ଅଫିସ, ୭।୯

କଟକ ଜିଲାର ଧବଳେଶ୍ୱର ପୀଠକୁ ଯାତାୟାତ ପାଇଁ ନୂତନ ସେତୁ ନିର୍ମାଣ କରାଯିବ। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ ଏକ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି। ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଏସ୍.କେ. ସାମନ୍ତରାୟ, ନିର୍ବାହୀ ଯନ୍ତ୍ରୀ ସୋମନାଥ ପରିଡା ଓ ଆଠଗଡ଼ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଜୟ ମହାପାତ୍ର ମଙ୍ଗଳବାର ସେତୁ ନିର୍ମାଣସ୍ଥଳ ପରିଦର୍ଶନ କରିବା ସହ ଆସନ୍ତା ୧ ମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ ପାଇଁ ସମ୍ପୃକ୍ତ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୭ ମସିହାରେ ଏହି ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ୧୯ କୋଟି ୮୭ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଥିଲା। ହେଲେ ନଦୀଶଯ୍ୟାର ପାଇଲିଂ କାର୍ଯ୍ୟ ଅତ୍ୟନ୍ତ କଷ୍ଟସାଧ୍ୟ ହୋଇଥିବାରୁ ଗୋଟିଏ ପରେ ଗୋଟିଏ ଟେଣ୍ଡର ବାତିଲ ହୋଇଯାଇଥିଲା। ୨୦୧୭ ମସିହାରୁ ମୋଟ୍ ୮ ଥର ଟେଣ୍ଡର ବାତିଲ ହୋଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ନିର୍ଦ୍ଦିଷ୍ଟ ନିୟମାନୁଯାୟୀ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଫଳରେ ଧବଳେଶ୍ୱର ସେତୁର ନିର୍ମାଣ ପାଇଁ ବାଟ ଫିଟିଛି। ୨୪୬ ମିଟର ଲମ୍ବ ଓ ୫ ମିଟର ଚଉଡାରେ ଏହି ସେତୁର ନିର୍ମାଣ ପାଇଁ ରାଜ୍ୟ ସରକାର ସଂଶୋଧିତ ଟେଣ୍ଡର ଅନୁଯାୟୀ ୨୨ କୋଟି ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି।

# ପୂଜା ମାର୍ଗଦର୍ଶିକା ପ୍ରତିବାଦରେ ଦୀପଦାନ


କଟକ ଚଣ୍ଡୀମନ୍ଦିର ସମ୍ମୁଖ ରାସ୍ତାରେ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଦୀପ ପ୍ରଜ୍ୱଳନ କରାଯାଉଛି।

କଟକ ଅଫିସ,୭।୯

ପାର୍ବଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକା ପ୍ରତିବାଦରେ ମଙ୍ଗଳବାର କଟକ ଚଣ୍ଡୀମନ୍ଦିର ସମ୍ମୁଖ ରାସ୍ତାରେ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ବାରବାଟୀ- କଟକ ବିଧାୟକ ମହମ୍ମଦ ମୋକିମ ସାମିଲ ହୋଇ ସାମାଜିକ ସଙ୍ଗଠନଗୁଡିକୁ ସମର୍ଥନ କରିଥିଲେ। ରାଜ୍ୟ ସରକାର ସବୁ କ୍ଷେତ୍ରରେ କୋହଳ ମନୋଭାବ ପ୍ରଦର୍ଶନ କରିଥିବାବେଳେ ପାର୍ବଣ ପାଇଁ କାହିଁକି ଏତେ କଟକଣା ରଖିଛନ୍ତି ବୋଲି ସାମାଜିକ ସଙ୍ଗଠନ ପକ୍ଷରୁ ପ୍ରଶ୍ନ କରାଯାଇଛି। ପାର୍ବଣ ମାର୍ଗଦର୍ଶିକା ପରିବର୍ତ୍ତନ ଦାବିରେ ଭାଜପା କଟକ ନଗର ଜିଲା ପକ୍ଷରୁ ଆସନ୍ତା ୧୩ ତାରିଖରେ କଟକ ବନ୍ଦ ଡାକରା ଦିଆଯାଇଛି। ଏଥିରେ ସମସ୍ତ ଜନସାଧାରଣ ସ୍ୱତଃପ୍ରବୃତ୍ତ ଭାବେ ସାମିଲ ହେବା ଉଦ୍ଦେଶ୍ୟରେ ଦଳ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ସ୍ଥାନୀୟ ଗୌରୀଶଙ୍କର ପାର୍କ ପାଖରୁ ବାହାରି ଚୌଧୁରୀ ବଜାର ଦୁର୍ଗାଘର ନିକଟରେ ଶେଷ ହୋଇଥିଲା। ଏଥିରେ ଲକ୍ଷ୍ମୀଧର ପ୍ରଧାନ, ଦେବାଶିଷ ରାୟ, ଲଲାଟେନ୍ଦୁ ଦାସ, ଜ୍ୟୋତି ରଞ୍ଜନ ପଲାଇ, ଗଗନ ଓଝା, ହରପ୍ରସନ୍ନ ଦାଶ, ପ୍ରବୀଣା ମହାପାତ୍ର, ଲୋକନାଥ ସାହୁ, ଲିଙ୍ଗରାଜ ହାତୀ, ସ୍ୱର୍ଣ୍ଣଲତା ସେଠୀଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

ମଣ୍ଡପର ତିନି ପାର୍ଶ୍ୱ ବନ୍ଦ ରଖାଯିବ, ପ୍ରତିମାର ଉଚ୍ଚତା ୪ ଫୁଟରୁ କମ୍ ରଖିବା, ମଣ୍ଡପରେ ପୂଜାବେଳେ ୭ ଜଣରୁ ଅଧିକ ରହି ପାରିବେ ନାହିଁ ବୋଲି ଗାଇଡ୍ ଲାଇନରେ ଉଲ୍ଲେଖ କରାଯାଇଥିଲା।

## ଫଟୋରେ ଖବର


ଯୁକ୍ତ ୩ ଓ ପିଜି ପରୀକ୍ଷା ପାଇଁ ଅନୁମତି ଦେବା ଦାବିରେ ଚିତାଳୋ କଲେଜର ଛାତ୍ରୀଛାତ୍ରମାନେ ମଙ୍ଗଳବାର ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଭବନ ସମ୍ମୁଖରେ ଧାରଣା ଦେଇଛନ୍ତି।


କଟକ ଶିଳ୍ପୀକୁମ୍ଭାର ସାହି ଅଞ୍ଚଳରେ ଜଣେ ଶିଳ୍ପୀ ଗଣେଶଙ୍କ ମୃଣ୍ମୟୀ ପ୍ରତିମାକୁ ରଙ୍ଗତୂଳୀରେ ନୂତନ ରୂପରେଖ ଦେଉଛନ୍ତି।


କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ କଟକ ଶିଖରପୁର ଛକରେ ମଙ୍ଗଳବାର ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

# ସାଇକେଲ ୨୫ ହଜାର, ରକ୍ଷଣାବେକ୍ଷଣ ୫୯ ଲକ୍ଷ

## 'ମୋ ସାଇକେଲ' ଯୋଜନା ଫେଲ୍ ନୁହେଁ କହିଲେ ସରକାର

■ କବାଡ଼ିଆରେ ସାଇକେଲ ପଡ଼ିବା କଥାକୁ ଅସ୍ୱୀକାର

■ ହଜାରେ ସାଇକେଲ କାର୍ଯ୍ୟକ୍ଷମ ବାକିରେ ଚାଲିଛି

ଭୁବନେଶ୍ୱର,୭।୯(ବ୍ୟୁରୋ)

ରାଜ୍ୟ ସରକାର 'ମୋ ସାଇକେଲ' ଯୋଜନାରେ ନିକଟରେ ଆଣିଥିବା ସାଇକେଲଗୁଡ଼ିକ ଭୁବନେଶ୍ୱର ନିକଟସ୍ଥ ଏକ କବାଡ଼ିଆ ଗୋଦାମରେ ଫୋପଡ଼ା ହୋଇଥିବା ଦୃଷ୍ଟିକୁ ଆସିଥିଲା। ଉକ୍ତ ସାଇକେଲଗୁଡ଼ିକ କବାଡ଼ିଆକୁ ବିକ୍ରି କରିଦିଆଯାଇଥିବା ଜଣାପଡ଼ିଥିଲେ ମଧ୍ୟ ସରକାର ଏହାକୁ ଅସ୍ୱୀକାର କରିଛନ୍ତି। ସରକାରଙ୍କ କହିବା ଅନୁଯାୟୀ କ୍ରୟ କରାଯାଇଥିବା ୨ ହଜାର ସାଇକେଲ ମଧ୍ୟରୁ ହଜାରେ ସାଇକେଲ ବ୍ୟବହାର ଉପଯୋଗୀ ଥିବା ବେଳେ ବାକି ହଜାରେ ମରାମତି ପାଇଁ ଯାଇଛି। ଏହି ଯୋଜନାରେ ଆସିଥିବା କୌଣସି ସାଇକେଲ ଚୋରି ହୋଇ ନାହିଁ କି କବାଡ଼ିଆକୁ ବିକ୍ରି କରାଯିବାର ତଥ୍ୟ ସରକାରଙ୍କ ଗୋଚର ହୋଇ ନାହିଁ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବିଧାନସଭାରେ ସୂଚନା ଦେଇଛନ୍ତି। ଅନ୍ୟପଟେ ହାଇକୋର୍ଟରେ ମୋ ସାଇକେଲ ଯୋଜନା ଘୋଟାଲା ଘଟଣା ପହଞ୍ଚିଛି। ଏହି ହରିଲୁଟ୍‌ର ତଦନ୍ତ ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ଭାଜପା ଲିଗାଲ ସେଲ୍‌ର ଜୟନ୍ତ ଜେନାଙ୍କ ପକ୍ଷରୁ ମାମଲା ଦାୟର କରାଯାଇଛି। ଏହି ଯୋଜନାରେ ହୋଇଥିବା ଅନିୟମିତତାର ଠିକ୍ ତଦନ୍ତ ସହ ଦୋଷୀ ଅଧିକାରୀଙ୍କଠାରୁ ହରିଲୁଟ୍ ଅର୍ଥ ଫେରସ୍ତ ପାଇଁ ଆବେଦନ ହୋଇଛି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମଙ୍ଗଳବାର ବିଧାନସଭାରେ ମୋ ସାଇକେଲ ଯୋଜନାକୁ ନେଇ ଏକ ପ୍ରଶ୍ନ ପଚାରିଥିଲେ। ଏହି ଯୋଜନାର ସ୍ଥିତି ସମ୍ପର୍କରେ ବିଧାୟକ ରାଉତରାୟ ପଚାରିଥିବା ବେଳେ ମନ୍ତ୍ରୀ ଜେନା ତାଙ୍କ ଉତ୍ତରରେ କହିଛନ୍ତି, ଭୁବନେଶ୍ୱର ସ୍ମାର୍ଟ ସିଟି ମିଶନ ଏସ୍‌ପିଭି ଦ୍ୱାରା ୨୦୧୮ରେ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ୍) ମାଧ୍ୟମରେ ୩ ସଂସ୍ଥାଠାରୁ ୨ ହଜାର ସାଇକେଲ କିଣିଥିଲା। ଗୋଟିଏ ସାଇକେଲ ପିଛା ୨୫ ହଜାର ଟଙ୍କା ବ୍ୟୟରେ ଜନସାଧାରଣଙ୍କ ବ୍ୟବହାର ଲାଗି କିଣାଯାଇଥିଲା। ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ହଜାର ସାଇକେଲ କାର୍ଯ୍ୟକ୍ଷମ ଅଛି। ଅବଶିଷ୍ଟ ହଜାରେ ସାଇକେଲର ରକ୍ଷଣାବେକ୍ଷଣ ତଥା ମରାମତି ଚାଲିଛି। ଏହି ଯୋଜନା ଜନସାଧାରଣଙ୍କ ଦ୍ୱାରା ଆଦୃତ। ତେଣୁ ବିଫଳ ହେବାର ପ୍ରଶ୍ନ ଉଠୁନାହିଁ। ରକ୍ଷଣାବେକ୍ଷଣ ବାବଦକୁ ସାଇକେଲ କିଣାଠାରୁ ଆଜି ପର୍ଯ୍ୟନ୍ତ ଦୁଇଟି ସଂସ୍ଥାକୁ ୫୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସରକାର ଦୁଇ ପ୍ରକାର ବାଇସାଇକେଲ ଯାନା ଏବଂ ୟୁଲୁ କିଣିଛନ୍ତି। ଯାନା ସାଇକେଲର ରକ୍ଷଣାବେକ୍ଷଣ ପାଇଁ ଧରଣୀ ଏଣ୍ଟରପ୍ରାଇଜେସ କମ୍ପାନୀକୁ ୨୯.୫୦ ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ ୟୁଲୁ ସାଇକେଲର ରକ୍ଷଣାବେକ୍ଷଣ ଲାଗି ୟୁଲୁ ବାଇକ ପ୍ରାଇଭେଟ କମ୍ପାନୀକୁ ୨୯.୫୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟପଟେ ଯଦି ସରକାର ୨୫ ହଜାର ଟଙ୍କାରେ ଗୋଟିଏ ସାଇକେଲ କିଣିଛନ୍ତି ତେବେ ଏଥିପାଇଁ ମୋଟ ୫ କୋଟି ଟଙ୍କା ବ୍ୟୟ କରିଛନ୍ତି। ଅନ୍ୟପଟେ କବାଡ଼ିଆରେ ଏହି ସାଇକେଲ ପଡ଼ିଥିବା ଖବରକୁ ସରକାର ଖଣ୍ଡନ କରିବା ପରେ ଏନେଇ ପୁଣି ଏକ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

# ଜମି ଅଧିଗ୍ରହଣ, କୋଭିଡ୍ ଯୋଗୁ ଧିମେଇଛି ପ୍ରକଳ୍ପ

ଭୁବନେଶ୍ୱର,୭।୯(ବ୍ୟୁରୋ)

ଭୁବନେଶ୍ୱର ରେଳ ଷ୍ଟେସନ ବିଶ୍ୱସ୍ତରୀୟ ହେବ। ଏଥିରେ ୮ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ। ଭାରତୀୟ ରେଳବାଇ ରାଜି ନ ହେବାରୁ ଓଡ଼ିଶା ସରକାର ନିଜ ଅର୍ଥରେ ଏହି ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ତେବେ ଜମି ଅଧିଗ୍ରହଣ, କୋଭିଡ୍ ମହାମାରୀ ଏବଂ ରେଳବାଇ ସମସ୍ୟା ଯୋଗୁ ଏହାର ନିର୍ମାଣ କାର୍ଯ୍ୟ ଅଟକେଇ ଯାଇଥିଲା। ହେଲେ ରେଳ ଷ୍ଟେସନକୁ ରେଳବାଇ ନିଜ ଅର୍ଥରେ କରିବାକୁ ରାଜି ହୋଇଛି। ବାକି କାମ ରାଜ୍ୟ ସରକାର କରିବେ। ଏ ନେଇ ୨୦୨୧ ଅଗଷ୍ଟ ୧୯ ତାରିଖରେ ରେଳବାଇ ସହ ରାଜ୍ୟ ସରକାରଙ୍କ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ତେବେ ରେଳ ଷ୍ଟେସନ କାମ ବିଳମ୍ବକୁ ନେଇ କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ ବିଧାନସଭାରେ ପ୍ରଶ୍ନକାଳରେ ଅସନ୍ତୋଷ ପ୍ରକାଶ କରିଥିଲେ। ସେ କହିଛନ୍ତି ଯେ ଭୁବନେଶ୍ୱର ଷ୍ଟେସନକୁ ବିଶ୍ୱସ୍ତରୀୟ କରିବା କାର୍ଯ୍ୟ ସରୁ ନାହିଁ। ଦୀର୍ଘଦିନ ହେବ କାମ ଚାଲିଛି। ନେତେହୁ ଓ ମହତାବଙ୍କ ପ୍ରତିମୂର୍ତ୍ତିକୁ ଉଠାଇ ଦେଇ ପକାଇ ସାରିଲେଣି। କେବେଦିନ ଭିତରେ ରେଳ ଷ୍ଟେସନ କାର୍ଯ୍ୟ ସରିବ ସେ ନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କଠାରୁ ଜାଣିବାକୁ ଚାହିଁଥିଲେ। ଭାଜପା ସଦସ୍ୟ ବିଷ୍ଣୁ ଚରଣ ସେଠୀ ଏବଂ ବିଜେଡି ସଭ୍ୟ ଅଶୋକ ଡାଲି ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ କରିବା ଲାଗି ରେଳ ବିଭାଗ ସହ ଆଲୋଚନା କରିବା ଦରକାର। ବିଶ୍ୱସ୍ତରୀୟ ଷ୍ଟେସନ କ'ଣ ବୁଝାଯାଏ । କେବେ ସୁଦ୍ଧା ଏହା ଶେଷ ହେବ ବୋଲି ଡାଲି ପ୍ରଶ୍ନ କରିଥିଲେ।

# ୪୧ ମାସରେ ମରିଛନ୍ତି ୨୮୨ ହାତୀ, ୧୭ ବାଘ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ରାଜ୍ୟରେ ଗତ ୪୧ ମାସ ମଧ୍ୟରେ ୨୮୨ ହାତୀ ଓ ୧୭ଟି ବାଘଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ବିଧାନସଭାରେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ସୂଚନା ଦେଇଛନ୍ତି। ସୂଚନାନୁସାରେ ଚଳିତବର୍ଷ ଅଗଷ୍ଟ ୩୧ ତାରିଖ ମଧ୍ୟରେ ରାଜ୍ୟରେ ବିଭିନ୍ନ କାରଣରୁ ୨୮୨ ହାତୀଙ୍କ ମୃତ୍ୟୁ ଘଟିଛି। ସେଥିମଧ୍ୟରେ ୭ଟି ହାତୀଙ୍କ ଶିକାର ହୋଇଥିବାବେଳେ ବିଦ୍ୟୁତ ଆଘାତରେ ୪୩, ରେଳ ଦୁର୍ଘଟଣାରେ ୧୩, ରାସ୍ତା ଦୁର୍ଘଟଣାରେ ୪, ଅନ୍ୟାନ୍ୟ ଦୁର୍ଘଟଣାରେ ୫୯, ଆନ୍ଥ୍ରାକ୍ସରେ ୧୮, ହରପିସ୍‌ରେ ୬, ଅନ୍ୟାନ୍ୟ ରୋଗରେ ୭୭ ଏବଂ ପ୍ରାକୃତିକ କାରଣ ଯୋଗୁ ୩୪ ହାତୀଙ୍କ ଜୀବନ ଯାଇଛି। ସବୁଠାରୁ ବଡ଼ କଥା ହେଲା ଏହି ସମୟ ଭିତରେ ୨୧ ହାତୀଙ୍କ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ତେବେ ଚିନ୍ତାଜନକ ବିଷୟ ହେଉଛି ଚଳିତ ବର୍ଷ ଅର୍ଥାତ୍ ଏପ୍ରିଲ ୧ରୁ ଅଗଷ୍ଟ ୩୧ ମଧ୍ୟରେ ୩୦ ହାତୀଙ୍କ ମୃତ୍ୟୁ ଘଟିସାରିଲାଣି।

ସେହିପରି ଗତ ୩ବର୍ଷ ୫ମାସ ମଧ୍ୟରେ ରାଜ୍ୟରେ ବିଭିନ୍ନ କାରଣରୁ ୧୭ଟି ବାଘଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରୁ ୫ଟି ବାଘର ଶିକାର ହୋଇଥିବା ବେଳେ ବିଦ୍ୟୁତ୍ ଆଘାତରେ ୧, ରେଳ ଦୁର୍ଘଟଣାରେ ୧, ଅନ୍ୟାନ୍ୟ ରୋଗରେ ୫, ପ୍ରାକୃତିକ କାରଣରୁ ୨ଟି ବାଘର ମୃତ୍ୟୁ ହୋଇଛି। ଆଉ ୩ଟି ବାଘର ମୃତ୍ୟୁ କାରଣ ଜଣାପଡ଼ି ନ ଥିବା ସୂଚନା ଦିଆଯାଇଛି। ତେବେ ଏହି ୧୭ ବାଘଙ୍କ ମଧ୍ୟରେ ୨ ମହାବଳ ଓ ୧୫ଟି କଲରାପତରିଆ ରହିଛନ୍ତି।

ଦେଶରେ ହାତୀ ଓ ବ୍ୟାଘ୍ର ସଂଖ୍ୟା ବଢୁଥିବାବେଳେ ରାଜ୍ୟରେ ତାହା ହ୍ରାସ ପାଉଥିବା ସତ୍ୟ କି ନାହିଁ ସେ ନେଇ ବିଧାୟକ ସାମଲ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଥିଲେ ଏହା ସତ୍ୟ ନୁହେଁ। ରାଜ୍ୟରେ ହାତୀ ଗଣନା ଅନୁଯାୟୀ, ୨୦୧୨ରେ ୧,୯୩୦ଟି, ୨୦୧୫ରେ ୧,୯୫୪ ଏବଂ ୨୦୧୭ରେ ୧,୯୭୬ଟି ହାତୀ ଥିବା ଗଣନାରୁ ଜଣାପଡ଼ିଛି। ଫଳରେ ପ୍ରତି ଗଣନା ବର୍ଷରେ ହାତୀ ସଂଖ୍ୟାରେ ବୃଦ୍ଧି ଘଟିଛି। ରାଜ୍ୟରେ ବ୍ୟାଘ୍ର ସଂଖ୍ୟାର ଆକଳନ ପ୍ରତ୍ୟେକ ୪ବର୍ଷ ବ୍ୟବଧାନରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ସଂସ୍ଥା (ଏନ୍‌ଟିସିଏ) ଓ ଭାରତୀୟ ବନ୍ୟଜୀବ ସଂସ୍ଥାନ (ଡବ୍ଲ୍ୟୁଆଇଆଇ)ଙ୍କ ମିଳିତ ଆନୁକୂଲ୍ୟରେ ହୋଇଥାଏ ଏବଂ ଏହାର ସଂଖ୍ୟା ଏନ୍‌ଟିସିଏଙ୍କ ଦ୍ୱାରା ପ୍ରକାଶ ପାଇଥାଏ। ଏହି ସଂସ୍ଥା ଦ୍ୱାରା ୨୦୧୮ରେ ଓଡ଼ିଶାରେ ବ୍ୟାଘ୍ର ସଂଖ୍ୟାର ଆକଳନ କରାଯାଇଥିଲା।

ଏନ୍‌ଟିସିଏ ଦ୍ୱାରା ସଦ୍ୟ ପ୍ରକାଶ ପାଇଥିବା ସର୍ବଶେଷ ବ୍ୟାଘ୍ର ଆକଳନ ତଥ୍ୟ (୨୦୧୮) ଅନୁଯାୟୀ ଓଡ଼ିଶା ଜଙ୍ଗଲରେ ମୋଟ ୨୮ଟି ବ୍ୟାଘ୍ର ଥିବା ଆକଳନ କରାଯାଇଛି। ଏହି ସଂସ୍ଥା ଦ୍ୱାରା ମଧ୍ୟ ୨୦୧୪ରେ ବ୍ୟାଘ୍ର ଆକଳନ କରାଯାଇଥିଲା ଏବଂ ଓଡ଼ିଶାରେ ୨୮ଟି ବ୍ୟାଘ୍ର ଥିବା ଆକଳନ କରାଯାଇଥିଲା। ସୁତରାଂ ୨୦୧୪ ଏବଂ ୨୦୧୮ ଆକଳନରେ ବାଘଙ୍କ ସଂଖ୍ୟା ସମାନ ରହିଛି। ଏହାବ୍ୟତୀତ ଏନ୍‌ଟିସିଏ ଏବଂ ଡବ୍ଲ୍ୟୁଆଇଆଇର ୨୦୧୮ ରିପୋର୍ଟରେ କେବଳ ଏକବର୍ଷ ଉପରେ ରହିଥିବା ବାଘଗୁଡ଼ିକ ଆକଳନ ପ୍ରକ୍ରିୟାରେ ସାମିଲ କରାଯାଇଥିଲା। ତେଣୁ ଶିମିଳିପାଳରେ କ୍ୟାମେରା ଟ୍ରାପ୍ ଦ୍ୱାରା ସଂଗୃହୀତ ୨ଟି ବାଘଛୁଆଙ୍କୁ ଗଣନା ରିପୋର୍ଟରେ ସ୍ଥାନ ଦିଆଯାଇ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।



ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ବିଧାନସଭା ସମ୍ମୁଖରେ ବେକାରି ସମସ୍ୟା ଓ ଷ୍ଟାଫ୍ ସିଲେକ୍ସନ କମିଶନ ନିଯୁକ୍ତି ଦୁର୍ନୀତି ପ୍ରସଙ୍ଗରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବହିଷ୍କାର ଦାବିରେ ବିକ୍ଷୋଭ।

# ପାର୍ବଣ କଟକଣା ହଟାଇବା ଦାବି

■ ବିଧାନସଭାରେ ହଟ୍ଟଗୋଳ ଗୃହ ମୁଲତବୀ

■ ଆଜି ମୁଖ୍ୟ ଶାସନ ସଚିବ, ଏସ୍‌ଆର୍‌ସିଙ୍କ ବୈଠକ

ଭୁବନେଶ୍ୱର,୭।୯(ବ୍ୟୁରୋ)

କୋଭିଡ୍-୧୯ କଟକଣା ଯୋଗୁ ରାଜ୍ୟରେ ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ କାର୍ଯ୍ୟକ୍ରମକୁ ବାରଣ କରାଯାଇଛି। ଚଳିତ ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦୁର୍ଗାପୂଜା ଓ ଅନ୍ୟାନ୍ୟ ପୂଜାରେ ମୂର୍ତ୍ତି ଉଚ୍ଚତା ୪ ଫୁଟ କରିବା ସହ ସର୍ବସାଧାରଣ ଦର୍ଶନ ଓ ପୂଜା ଉପରେ କଟକଣା ଜାରି କରିଛନ୍ତି। ତେବେ ଦୁର୍ଗାପୂଜା କଟକଣାକୁ ନେଇ କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅସନ୍ତୋଷ ଦେଖାଦେଇଛି। ଏପରିକି ମନ୍ଦିର ନିକଟରେ ଆଣ୍ଠେଇକରି ଏବଂ ଦୀପ ଜାଳି ପ୍ରତିବାଦ କରାଯାଉଛି। ବିଧାନସଭାରେ ମଧ୍ୟ ବିରୋଧୀ କଂଗ୍ରେସ ସଦସ୍ୟମାନେ ମଙ୍ଗଳବାର ଏହି ପ୍ରସଙ୍ଗ ଉଠାଇଛନ୍ତି। ମହାମାରୀର ପ୍ରକୋପ ହ୍ରାସ ପାଇଥିବାବେଳେ ଲୋକମାନଙ୍କ ଧାର୍ମିକ ଭାବନାକୁ କାହିଁକି ସଙ୍କୁଚିତ କରାଯାଉଛି ବୋଲି କଂଗ୍ରେସ ସଦସ୍ୟମାନେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ କହିଲେ ଯେ କଟକ ଏକ ସଂସ୍କୃତିସମ୍ପନ୍ନ ସହର। ଦୁର୍ଗାପୂଜା ଲାଗି କଟକ ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଛି। କୋଭିଡ୍ ମହାମାରୀ ଯୋଗୁ ରାଜ୍ୟ ସରକାର ମୂର୍ତ୍ତିର ଉଚ୍ଚତା ୪ ଫୁଟରେ ସୀମିତ ରଖିବା ସହ ପୂର୍ଣ୍ଣାବୟବ ମୂର୍ତ୍ତି ପରଦା ଭିତରେ ପୂଜା କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। କେବଳ କଟକ ନୁହେଁ ସମଗ୍ର ରାଜ୍ୟର ଧର୍ମୀୟ ଭାବନାକୁ କୁଠାରାଘାତ କରାଯାଉଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ମୁଁ ବ୍ୟକ୍ତିଗତ ଭାବେ ଚିଠି ଲେଖିଥିଲି। ଏହାର କୌଣସି ଜବାବ ମିଳିଲା ନାହିଁ। ପୂଜା ଓ ମୂର୍ତ୍ତି ଉଚ୍ଚତା ଉପରେ କୌଣସି କଟକଣା ନ ଲଗାଇ କୋଭିଡ୍ ନିୟମାନୁଯାୟୀ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଅନୁମତି ଦିଆଯାଉ। ଲୋକମାନଙ୍କ ଧର୍ମୀୟ ଭାବନା ସହ ସରକାର ଖେଳ ନ ଖେଳନ୍ତୁ। ବାଚସ୍ପତି ତୁରନ୍ତ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ଯେ ପୂର୍ବ କୋଭିଡ୍ କଟକଣା ହଟାଇ ପୂଜା ପାଇଁ ଅନୁମତି ଦିଆଯାଉ ବୋଲି ସେ କହିଥିଲେ।

କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ମଧ୍ୟ ମହମ୍ମଦ ମୋକିମଙ୍କ ସହ ଏକମତ ହୋଇ ଆସନ୍ତା ଦୁର୍ଗାପୂଜା ପାଳନ ପାଇଁ ଅନୁମତି ଦିଆଯାଉ ବୋଲି ଦାବି କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଦୁର୍ଗାପୂଜା ପାଇଁ ସରକାର ଯେଉଁ କଟକଣା ଲଗାଇଛନ୍ତି ତାହାକୁ କୋହଳ କରି ଲୋକମାନଙ୍କ ଧର୍ମୀୟ ଭାବନାକୁ ସମ୍ମାନ ଦେବା ଉଚିତ ବୋଲି କହିଛନ୍ତି। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରେ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ସଦସ୍ୟମାନେ ବିଧାନସଭାରେ ପ୍ରବଳ ହଟ୍ଟଗୋଳ ମଧ୍ୟ କରିଥିଲେ। ଏଥିପାଇଁ ଗୃହକୁ ବାଚସ୍ପତି ୧୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ହୋଇଥିଲା।

ବିଭିନ୍ନ ମହଲରେ ଏଭଳି ପ୍ରତିବାଦ ପରେ ମୂର୍ତ୍ତି ଉଚ୍ଚତା ଏବଂ ଆବଦ୍ଧ ପୂଜାକୁ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ପାଇଁ ବୁଧବାର ମୁଖ୍ୟଶାସନ ସଚିବ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି)ଙ୍କୁ ନେଇ ଏକ ବୈଠକ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।


ସ୍ଥାୟୀ ନିଯୁକ୍ତି ସମେତ ୫ ଦଫା ଦାବିରେ ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ପିଏମ୍‌ଜିରେ ଧାରଣା ଦିଆଯାଇଛି।

# ବିଧାନସଭା ଘେରାଉ ଉଦ୍ୟମ
# ପୋଲିସ, ଛାତ୍ର କଂଗ୍ରେସ ମୁହାଁମୁହିଁ

ଭୁବନେଶ୍ୱର,୭।୯ (ବ୍ୟୁରୋ)

ଷ୍ଟାଫ୍ ସିଲେକ୍ସନ କମିଶନ ନିଯୁକ୍ତି ଦୁର୍ନୀତି, ମାହାଙ୍ଗା ଡବଲ ମର୍ଡର ଘଟଣାରେ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ବହିଷ୍କାର ଏବଂ ଯୁକ୍ତ ୨ ଡ୍ରପଆଉଟ ଓ ଏକ୍ସ ରେଗୁଲାର ଛାତ୍ରଙ୍କ ଖାତା ମୂଲ୍ୟାୟନରେ ପକ୍ଷପାତିତାକୁ ନେଇ ପ୍ରଦେଶ ଛାତ୍ର କଂଗ୍ରେସ ମଙ୍ଗଳବାର ବିଧାନସଭା ଘେରାଉ ପାଇଁ ଉଦ୍ୟମ କରିଥିଲା। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଏହାର ନେତୃତ୍ୱ ନେଇଥିଲେ। ଛାତ୍ର କଂଗ୍ରେସ କର୍ମୀମାନେ ଲୋୟର ପିଏମ୍‌ଜିରୁ ଶୋଭାଯାତ୍ରାରେ ବାହାରି ବିଧାନସଭା ନିକଟରେ ପହଞ୍ଚିବା ଆଗରୁ ପୋଲିସ ଅଟକାଇଥିଲା। ଫଳରେ ପୋଲିସ ଓ ଛାତ୍ର କଂଗ୍ରେସ କର୍ମୀମାନେ ମୁହାଁମୁହିଁ ହୋଇଥିଲେ। ଅଖିଳ ଭାରତ ଛାତ୍ର କଂଗ୍ରେସ ସମ୍ପାଦିକା ଅନୁଲେଖା ବୋଷା ଏଥିରେ ଯୋଗ ଦେଇ କହିଛନ୍ତି, ଷ୍ଟାଫ ସିଲେକସନ ଦୁର୍ନୀତି ପ୍ରସଙ୍ଗରେ ଛାତ୍ର କଂଗ୍ରେସର ଆନ୍ଦୋଳନ ତୃଣମୂଳ ସ୍ତରରେ ପହଞ୍ଚିଛି। ୩୦ ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଛାତ୍ର କଂଗ୍ରେସ ଆନ୍ଦୋଳନ କରିଛି। ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଆଗରେ ଏହି ପ୍ରସଙ୍ଗରେ ଛାତ୍ର କଂଗ୍ରେସ ଦସ୍ତଖତ ଅଭିଯାନ କରିଥିଲା। ନୱାଜ କହିଛନ୍ତି, ନବୀନ ସରକାର ଦୀର୍ଘ ୨୧ବର୍ଷ ଧରି ସରକାରୀ ଚାକିରି ବିକ୍ରିକରି ଚାଲିଛନ୍ତି। କେବଳ ରାଜ୍ୟର ଛାତ୍ରୀଛାତ୍ରଙ୍କୁ ଭୁଆଁ ବୁଲାଇବା ପାଇଁ ନିର୍ବାଚନୀ ଇସ୍ତାହାରରେ ବର୍ଷକୁ ୨ଲକ୍ଷ ଚାକିରି ଦେବେ ବୋଲି ଲେଖିଥିଲେ। ବିଧାନସଭା ଭଳି ପବିତ୍ର ଗୃହର ମର୍ଯ୍ୟାଦା ହାନି କରି ମନ୍ତ୍ରୀ କିଭଳି ଷ୍ଟାଫ ସିଲେକ୍ସନ କମିଶନରେ ଦୁର୍ନୀତି ହୋଇନାହିଁ ବୋଲି କହିପାରୁଛନ୍ତି ବୋଲି ନୱାଜ ପ୍ରଶ୍ନ କରିଛନ୍ତି। ଗତ ୨୧ ବର୍ଷ ଧରି ଯେଉଁମାନେ ଷ୍ଟାଫ୍ ସିଲେକ୍ସନ କମିଶନ ଅଧ୍ୟକ୍ଷ ଥିଲେ, ସେ ସମସ୍ତଙ୍କୁ ତଦନ୍ତ ପରିସରକୁ ଅଣାଯାଇ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଛାତ୍ର କଂଗ୍ରେସ ଦାବି କରିଛି। ଅପରପକ୍ଷରେ ମାହାଙ୍ଗା ଡବଲ ମର୍ଡର ଘଟଣାରେ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ଦୋଷକୁ ଘଣ୍ଟ ଘୋଡାଉଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଯେତେବେଳେ କି ଦାଖଲ ହୋଇଥିବା ଚାର୍ଜଶିଟରେ ତ୍ରୁଟି ଦର୍ଶାଇ ଅଦାଲତ ପୁନଃ ତଦନ୍ତ ପାଇଁ ଆଦେଶ ଦେଇଛି ବୋଲି ନୱାଜ କହିଛନ୍ତି।

# ସଂରକ୍ଷଣ ୫୦% ଭିତରେ ରହିବ

ଭୁବନେଶ୍ୱର,୭।୯(ବ୍ୟୁରୋ)

ପୌର ନିର୍ବାଚନ ନେଇ ବାଟ ଫିଟିଛି। ମଙ୍ଗଳବାର ବିଧାନସଭାରେ ମ୍ୟୁନିସିପାଲ ଆଇନ ସଂଶୋଧନ ବିଲ୍ ୨୦୨୧ ପାରିତ ହୋଇଛି। ଓଡ଼ିଶା ପୌର ବିଧି ସଂଶୋଧନ ବିଧେୟକରେ ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ୫୦ପ୍ରତିଶତ ଭିତରେ ରହିବ। ଅର୍ଥାତ୍ ସଂରକ୍ଷଣ ବ୍ୟବସ୍ଥା ୫୦ପ୍ରତିଶତ ଅତିକ୍ରମ କରିବ ନାହିଁ। ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ଭିତରେ ସଂରକ୍ଷଣ ବ୍ୟବସ୍ଥା ରହିବ। ଏହି ସଂଶୋଧିତ ଆଇନ ଅନୁସାରେ ପ୍ରଥମେ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ଆବଶ୍ୟକ ସଂଖ୍ୟକ ଆସନ ସଂରକ୍ଷଣ ଦେବା ପରେ ଅବଶିଷ୍ଟ ଆସନ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ରଖାଯିବ, ଯାହାକି ୨୭ ପ୍ରତିଶତରୁ ଅଧିକ ହେବନାହିଁ। ବିଧାନସଭାରେ ଓଡ଼ିଶା ପଞ୍ଚାୟତ ବିଧି ସଂଶୋଧନ ବିଲ୍-୨୦୨୧ ଉପସ୍ଥାପିତ ହୋଇଛି। ଏଥିସହିତ ଓଡ଼ିଆ ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍-୨୦୨୧ ପାରିତ ହୋଇଛି। ସେହିପରି ଓଡ଼ିଶା ରିପିଲିଂ(ନିରସନ) ବିଲ୍-୨୦୨୧ ମଧ୍ୟ ବିଧାନସଭାର ଅନୁମୋଦନ ଲାଭ କରିଛି। ଏହି ବିଲ୍ ବିଧାନସଭାରେ ପାରିତ ହେବା ପରେ ୧୯୫୦ରୁ ୨୦୧୧ ମଧ୍ୟରେ ଥିବା ୨୦୬ଟି ପ୍ରଭାବହୀନ ଆଇନ ଅଚଳ ହୋଇଯିବ।

# ନିର୍ମାଣ ଚାଲିଛି ୯୦ ମେଗା ପାନୀୟ ଜଳ ପ୍ରକଳ୍ପ

## ସ୍ଥିତି ଜଣାଇବାକୁ ମନ୍ତ୍ରୀଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୭।୯(ବ୍ୟୁରୋ)

ରାଜ୍ୟରେ ୯୦ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଜଳ ସମ୍ପଦ ବିଭାଗର ପରାମର୍ଶ ଓ ଅନୁମତି କ୍ରମେ ପ୍ରକଳ୍ପର ସର୍ବୋଚ୍ଚ ଜଳ ଉତ୍ସ ଚୟନ କରାଯାଇଥାଏ। ପ୍ରକଳ୍ପଗୁଡ଼ିକରେ ମୁଣ୍ଡପିଛା ଅର୍ଥ ବ୍ୟୟ ସମତଳ ଓ ଉପକୂଳବର୍ତ୍ତୀ ଅଞ୍ଚଳରେ ହାରାହାରି ୮ ହଜାରୁ ୧୦ ହଜାର ଏବଂ ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳରେ ହାରାହାରି ୧୨ରୁ ୧୫ ହଜାର ଟଙ୍କା ଖର୍ଚ୍ଚ ହେଉଛି। ମଙ୍ଗଳବାର ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ଏହା କହିଛନ୍ତି।

ଭାଜପା ସଭ୍ୟ ମୋହନ ଚରଣ ମାଝି ୧୫୧ ନମ୍ବର ମୂଳ ପ୍ରଶ୍ନରେ ରାଜ୍ୟର କେଉଁ ଜିଲାର କେଉଁ ସ୍ଥାନରେ କେଉଁ ଜଳ ଉତ୍ସରୁ ଜଳ ଉଠାଇ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧୀନ ରହିଛି, କେଉଁ ପ୍ରସ୍ତାବିତ ପ୍ରକଳ୍ପ କେବେ ସୁଦ୍ଧା କାର୍ଯ୍ୟକ୍ଷମ କରିବା ଯୋଜନା ରହିଛି, ଏହି ସବୁ ପ୍ରକଳ୍ପର ଜଳଧାରଣ କ୍ଷମତା କେତେ ରହିଛି। ପାନୀୟ ଜଳ ପାଇଁ ମୁଣ୍ଡ ପିଛା କେତେ ଅର୍ଥ ବ୍ୟୟ ହେବ ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନ୍‌ସଲଟାନ୍ସି ଜରିଆରେ ଭୂପୃଷ୍ଠ ଜଳକୁ ସର୍ଭେ କରାଯାଇ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। ପୂର୍ବରୁ ଗ୍ରାମ ଆଧାରରେ ପାନୀୟ ଜଳ ପ୍ରକଳ୍ପ କରାଯାଉଥିବା ବେଳେ ଏବେ ପଞ୍ଚାୟତକୁ ଏକ କ୍ଲଷ୍ଟର ଭାବେ ଧରାଯାଇ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। ବିଜେଡି ସଭ୍ୟ ଅମର ଶତପଥୀ କହିଲେ, ପ୍ରକଳ୍ପଗୁଡିକ ବହୁଦିନ ଧରି ଶେଷ ହୋଇପାରୁ ନାହିଁ। ପ୍ରକଳ୍ପ ବିଳମ୍ବ ହେଉଥିବାରୁ ଖର୍ଚ୍ଚ ମଧ୍ୟ ବଢୁଛି। ଫଳରେ ଲୋକମାନେ ପାନୀୟ ଜଳ ପାଇ ପାରୁ ନ ଥିବାରୁ ଅସନ୍ତୋଷ ମଧ୍ୟ ବଢୁଛି। ବଡଚଣାରେ ହେବାକୁ ଥିବା ପ୍ରକଳ୍ପ କେବେ ଶେଷ ହେବ। ଉଚ୍ଚସ୍ତରୀୟ ବୈଠକ ଡାକି ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ପ୍ରସ୍ତାବ ଦେଇଥିଲେ। ମନ୍ତ୍ରୀ କହିଛନ୍ତି ଯେ ବଡ଼ଚଣାର ୪୩ ପଞ୍ଚାୟତର ୨୩ ଗ୍ରାମର ପ୍ରତ୍ୟେକ ଘରକୁ ଟ୍ୟାପ୍ ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ। ବିଜେଡି ସଭ୍ୟ ନବ ଚରଣ ମାଝି, ଭୂପିନ୍ଦର ସିଂହ, ପ୍ରତାପ କେଶରୀ ଦେବ, ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ, ନାଉରୀ ନାୟକ ଏବଂ ସିପିଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ପାନୀୟ ଜଳ ପ୍ରକଳ୍ପ ବିଳମ୍ବକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ୨୦୫୦ ମସିହା ଜନସଂଖ୍ୟାକୁ ଦେଖି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ। ମନ୍ତ୍ରୀ କହିଥିଲେ, ଆଗରୁ ଗ୍ରାମକୁ ଦେଖି ପ୍ରକଳ୍ପ ନିର୍ମାଣ କରାଯାଉଥିଲା। ପୂର୍ବରୁ ୫୦ ହଜାର ଲିଟର ଜଳଧାରଣ କ୍ଷମତା ଥିବା ଓଭରହେଡ୍ ଟ୍ୟାଙ୍କ ନିର୍ମାଣ କରାଯାଉଥିଲା। ଏବେ ୨.୫ ଲକ୍ଷରୁ ୩ ଲକ୍ଷ ଲିଟର ଜଳଧାରଣ କ୍ଷମତା ଥିବା ଓଭର ହେଡ୍ ଟ୍ୟାଙ୍କ ନିର୍ମାଣ କରାଯାଉଛି। ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ବିଳମ୍ବକୁ ନେଇ ବିଧାନସଭାରେ ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବାଚସ୍ପତି କହିଲେ, ୭୦ ଜଣ ବିଧାୟକ ଲେଖିକରି ଦେଇଛନ୍ତି। ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ବିଧାନସଭା ଅଧିବେଶନ ଶେଷ ହେବା ପରେ ବିଧାୟକମାନଙ୍କୁ ଡାକି ରାଜ୍ୟରେ ପାନୀୟ ଜଳ ପ୍ରକଳ୍ପର କ'ଣ ସ୍ଥିତି ରହିଛି ସେ ବିଷୟରେ ଜଣାଇବାକୁ ବାଚସ୍ପତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ୨ ବର୍ଷରେ ୨ ପୋଲ୍‌ର ଡେକ୍ ସ୍ଲାବ ଭୁଶୁଡ଼ିଛି

ଭୁବନେଶ୍ୱର,୭।୯(ବ୍ୟୁରୋ)-୨୦୧୯ରୁ ଏପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ବିଜୁସେତୁ ଯୋଜନାରେ ଗୋଟିଏ ନିର୍ମାଣାଧୀନ ସେତୁର ଗୋଟିଏ ସ୍ପାନର ଡେକ୍ ସ୍ଲାବ୍ ଭୁଶୁଡି ଯାଇଛି। ସେହିପରି ଆଉ ଏକ ସେତୁର ଗୋଟିଏ ସ୍ପାନର ଡେକ୍ ସ୍ଲାବ ନିର୍ମାଣ କାର୍ଯ୍ୟର ୫ ବର୍ଷ ପରେ ଭୁଶୁଡି ଯାଇଛି। ଏହି ଅବହେଳା ପାଇଁ ବିଭାଗର ୨ ଜଣ ନିର୍ବାହୀ ଯନ୍ତ୍ରୀ, ୨ ଜଣ ସହକାରୀ ଯନ୍ତ୍ରୀଙ୍କୁ ନିଲମ୍ବନ କରାଯାଇଛି। ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଥାନାରେ ଆପରାଧିକ ମାମଲା ରୁଜୁ କରାଯାଇଛି। ଜଣେ ଠିକାଦାରଙ୍କୁ କଳାତାଲିକାଭୁକ୍ତ କରାଯାଇଛି। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ମୂଳ ପ୍ରଶ୍ନ ୧୫୨ର ଉତ୍ତରରେ ମଙ୍ଗଳବାର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଏହି ସୂଚନା ଦେଇଛନ୍ତି।

# ଦ୍ୱୈତ ନଗରୀରେ ବିକଶିତ ହେବ ଜଙ୍ଗଲ-ପାର୍କ

■ ବିଏମ୍‌ସି, ସିଏମ୍‌ସି, ଓଏଫ୍‌ଡିସି ମିଳିତ ଭାବେ ଏହି ସୁବିଧା ସୃଷ୍ଟି କରିବେ

■ ପ୍ରଥମ ପର୍ଯ୍ୟାୟରେ ଉଭୟ ସହରରେ ୬ରୁ ୭ ସ୍ଥାନ ନିରୂପଣ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ଦ୍ୱୈତ ନଗରୀର ପ୍ରାକୃତିକ ପରିବେଶ ବିକାଶ ଦିଗରେ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ଉଭୟ ସହରଏବଂସହରପାଖାପାଖି ସ୍ଥାନରେଜଙ୍ଗଲ-ପାର୍କ ବିକଶିତ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସହରାଞ୍ଚଳରେ ବୃକ୍ଷରୋପଣ ଓ ତାହାର ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ଲୋକସେବା ଭବନରେ ଡିଜିଟାଲ ମୋଡ୍‌ରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ସହରାଞ୍ଚଳରେ କରାଯାଇଥିବା ବୃକ୍ଷରୋପଣ ସ୍ଥାନରେ ଜଙ୍ଗଲ-ପାର୍କ ବିକଶିତ କରିବା ସମ୍ବନ୍ଧୀୟ ପ୍ରଶାସନିକ ଏବଂ ଆର୍ଥିକ ବିଷୟ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟ ଶାସନ ସଚିବ ମହାପାତ୍ର ଉଭୟ କଟକ ଓ ଭୁବନେଶ୍ୱର ସହର ଏବଂ ଏହା ସଂଲଗ୍ନ ସ୍ଥାନଗୁଡିକରେ ବୃକ୍ଷରୋପଣ ମାଧ୍ୟମରେ ସୃଷ୍ଟି କରାଯାଇଥିବା ସବୁଜିମା ସ୍ଥାନର ପରିଧି ଓ ଘନତାର ସମୀକ୍ଷା କରିଥିଲେ। ଅଧିକାଂଶ ସ୍ଥାନରେ ସବୁଜିମାର ଘନତା ଭଲ ଭାବେ ବୃଦ୍ଧି ପାଇଥିବାରୁ ସେସବୁ ସ୍ଥାନରେ ଜଙ୍ଗଲ-ପାର୍କ କରି ଜନସାଧାରଣଙ୍କ ନିମନ୍ତେ ଖୋଲିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଜଙ୍ଗଲ-ପାର୍କରେ ପ୍ରାତଃ ଭ୍ରମଣ, ଚିତ୍ତବିନୋଦନ, ପିଲାଙ୍କ ପାଇଁ ପ୍ରମୋଦ ବ୍ୟବସ୍ଥା, ଛୋଟ ଛୋଟ ବଣଭୋଜି ପିଣ୍ଡି ଆଦିର ସୁବିଧା ରହିବ। ଜୟଦେବ ବାଟିକା ଏବଂ ଏକାମ୍ର କାନନ ପରି ଜଙ୍ଗଲ-ପାର୍କ ବେଶ୍ ଲୋକପ୍ରିୟ ହୋଇଛି। ନୂଆ ଜଙ୍ଗଲ-ପାର୍କ ଗୁଡିକୁ ସ୍ୱ ପୋଷିତ ରାଜସ୍ୱ ସଂଗ୍ରହ ଢାଞ୍ଚାରେ ପରିଚାଳିତ କରିବା ପାଇଁ ମୁଖ୍ୟ ଶାସନ ସଚିବ କହିଥିଲେ। ଜଙ୍ଗଲ-ପାର୍କର ବିକାଶ ଲାଗି ଚଲାପଥ, ବିଦ୍ୟୁତ୍ ଓ ପାନୀୟ ଜଳ ସଂଯୋଗ, ପରିଚ୍ଛନ୍ନତା, ପାର୍କିଂ ସ୍ଥାନ ଆଦି ସମ୍ପୃକ୍ତ ପୌର ମହାନଗର ନିଗମ ଦ୍ୱାରା କରାଯିବ। ଏସବୁର ରକ୍ଷଣାବେକ୍ଷଣ ଓଡିଶା ଜଙ୍ଗଲ ବିକାଶ ନିଗମ (ଓଏଫ୍‌ଡିସି) କରିବ ବୋଲି ବୈଠକରେ ସ୍ଥିର ହୋଇଛି। ଏଥିଲାଗି କ୍ଷେତ୍ରସ୍ତରୀୟ ସମନ୍ୱିତ କାର୍ଯ୍ୟଖସଡା ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ସିଏମ୍‌ସି ଓ ଏଫ୍‌ଡିସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜଙ୍ଗଲ-ପାର୍କକୁ ଯିବା ଲାଗି ମୋ ବସ୍ ରୁଟ୍‌ର ସମ୍ପ୍ରସାରଣ ସହ ବିଏମ୍‌ସି ଏବଂ ସିଏମ୍‌ସିର ୱେବ୍‌ସାଇଟ୍, ବସ୍ ଷ୍ଟପ୍‌ରେ ସୂଚନା ଫଳକ ଏବଂ ସାମାଜିକ ଗଣମାଧ୍ୟମ ଜରିଆରେ ଏହି ସ୍ଥାନଗୁଡିକୁ ଲୋକପ୍ରିୟ କରିବା ଲାଗି ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂ କହିଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ହରିଶଙ୍କର ଉପାଧ୍ୟାୟ କହିଥିଲେ, ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱର ଓ ତତ୍‌ସଂଲଗ୍ନ ଅଞ୍ଚଳରେ ୫ଟି ଘଞ୍ଚ ସବୁଜିମା ସ୍ଥାନ ସୃଷ୍ଟି କରାଯାଇଛି। ୬ଷ୍ଠ ସ୍ଥାନ ଭାବେ ବର୍ତ୍ତମାନ ନଗର ବଣକୁ ବିକଶିତ କରାଯାଉଛି। ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଯୁଗ୍ମ କମିଟି କ୍ଷେତ୍ର ପରିଦର୍ଶନ କରି ସହର ଜଙ୍ଗଲ ପାର୍କ ନିମନ୍ତେ ସ୍ଥାନ ଚିହ୍ନଟ କରିବା ପାଇଁ ସ୍ଥିର ହୋଇଛି। ପ୍ରଥମ ପର୍ଯ୍ୟାୟରେ ଉଭୟ ସହର ଲାଗି ୬ରୁ ୭ଟି ସ୍ଥାନ ନିରୂପଣ କରିବା ଲାଗି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।



ଭର୍ଚୁଆଲ୍ ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଜଙ୍ଗଲ ବିଭାଗର ଅନ୍ୟ ଅଧିକାରୀ।

# 'ସ୍ଥାନୀୟ ଶିଳ୍ପକୁ ମିଳୁ ଆବଶ୍ୟକ ବକ୍ସାଇଟ'

## ମୁଖ୍ୟମନ୍ତ୍ରୀଙ୍କୁ ଓଏଏସ୍ଏମ୍ଇର ପତ୍ର

କଟକ,୭।୯

ରାଜ୍ୟ ବାହାରକୁ ବିକ୍ରି ନ କରି ସ୍ଥାନୀୟ ଶିଳ୍ପଗୁଡିକୁ ପର୍ଯ୍ୟାପ୍ତ ବକ୍ସାଇଟ ଯୋଗାଇ ଦେବାକୁ ଓଡିଶା ଆସେମ୍ବ୍ଲି ଅଫ୍ ସ୍ମଲ ଆଣ୍ଡ୍ ମିଡିୟମ ଏଣ୍ଟରପ୍ରାଇଜେସ (ଓଏଏସ୍ଏମ୍ଇ) ପକ୍ଷରୁ ମଙ୍ଗଳବାର ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ପତ୍ର ଲେଖି ଓଏଏସ୍ଏମ୍ଇ ଅଧ୍ୟକ୍ଷ ଗୌରୀଶଙ୍କର ଦାଶ କହିଛନ୍ତି ଯେ ରାଜ୍ୟ ସରକାର ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ରହି ଆସିଛନ୍ତି। ତେଣୁ ବାହାରକୁ ବକ୍ସାଇଟ ଦେବା ପରିବର୍ତ୍ତେ ରାଜ୍ୟରେ ଥିବା ଉଦ୍ୟୋଗୀଗୁଡିକ ପ୍ରତି ଦୃଷ୍ଟି ଦେବାକୁ ସଂଘ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି।

ରାଜ୍ୟରେ ଛୋଟବଡ ୟୁନିଟ ସ୍ଥାପନ କରି ବକ୍ସାଇଟ ବ୍ୟବହାର କରୁଛୁ, ହେଲେ କିଛି ମୁଷ୍ଟିମେୟ ବ୍ୟବସାୟୀ ଓଡିଶାରେ କୌଣସି ୟୁନିଟ (କାରଖାନ ବା ଭାଲ୍ୟୁ ଆଡିସନ) ନ କରି ରାଜ୍ୟରୁ କୋଟି କୋଟି ଟଙ୍କାର ବକ୍ସାଇଟ ବାହାର ରାଜ୍ୟକୁ ବୋହି ନେଉଛନ୍ତି। ଏ ସବୁ କାର୍ଯ୍ୟକଳାପକୁ ସଂଘ ଘୋର ବିରୋଧ କରୁଛି ବୋଲି ଗୌରୀଶଙ୍କର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

ସଂଘର ସୂଚନା ଅନୁସାରେ ବର୍ତ୍ତମାନ ରାଜ୍ୟ ୬୫% ଆଲୁମିନିୟମ ଉତ୍ପାଦନ କରୁଛି। ୨୦୩୦ ବେଳକୁ ଏହାର ଚାହିଦା ୧୨ମିଲିୟନ ଟନ୍ ହେବ ବୋଲି ଆଶା କରାଯାଉଛି। ଏଥିଲାଗି ୮ ମିଲିୟନ ଟନ କ୍ଷମତା ଯୋଡି ହେବ। ଯେଉଁଥିରେ ୪ଲକ୍ଷ କୋଟିର ପୁଞ୍ଜି ନିବେଶ ସମ୍ଭାବନା ରହିଛି। ଏହି ମଧ୍ୟରୁ ଓଡିଶାର କୋଇଲା ଓ ବକ୍ସାଇଟ କ୍ଷେତ୍ରରେ ୭୦% ବା ୩ ଲକ୍ଷ କୋଟି ଟଙ୍କା ବିନିଯୋଗ ହୋଇପାରେ। ଫଳରେ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଦାଶ ଆଶାବ୍ୟକ୍ତ କରିଛନ୍ତି। ଯଦି ଉପଯୁକ୍ତ ବକ୍ସାଇଟ ଯୋଗାଇ ଦିଆଯାଏ ତା'ହେଲେ ରାଜ୍ୟର ହଜାର ହଜାର କ୍ଷୁଦ୍ର ଶିଳ୍ପରେ ପୁଞ୍ଜି ବିନଯୋଗ ହେବା ସହ ପର୍ଯ୍ୟାପ୍ତ ନିଯୁକ୍ତି ସୃଷ୍ଟି ହୋଇପାରିବ। ବକ୍ସାଇଟ ଖଣି ନିଲାମରେ ଭାଗ ନେଇ ରାଜ୍ୟ ବାହାରର ବ୍ୟବସାୟୀମାନେ ଏହି ସମ୍ପଦକୁ ହାତେଇବାକୁ ଚେଷ୍ଟା କରୁଛନ୍ତି। ତେଣୁ ଓଡିଶାର ଶିଳ୍ପଗୁଡିକ ପର୍ଯ୍ୟାପ୍ତ ପରିମାଣର ବକ୍ସାଇଟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଠାକାର ଶିଳ୍ପଗୁଡିକ ଯେପରି ୭୦% ବକ୍ସାଇଟ ପାଇପାରିବେ ତା' ସୁନିଶ୍ଚିତ କରିବା ଲାଗି ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ଓଡିଶାର ଏମ୍ଏସଏମ୍ଇ କ୍ଷେତ୍ର ଓ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେବେ ବୋଲି ସଂଘ ଆଶା ରଖିଛି।


# ଆନ୍ଧ୍ର ଅଙ୍ଗନୱାଡି କେନ୍ଦ୍ର ସିଲ୍ କଲା ପ୍ରଶାସନ

ରାୟଗଡ଼(ଗଜପତି), ୭।୯(ଡି.ଏନ.ଏ.)

ଗଜପତି ଜିଲା ରାୟଗଡ ବ୍ଲକ ଗଙ୍ଗାବାଡ ପଞ୍ଚାୟତ ମାଣିକପାଟଣା ଗ୍ରାମରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଏକ ଅସ୍ଥାୟୀ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣକୁ ନେଇ ବିବାଦ ଦେଖାଯାଇଛି। ସୀମାନ୍ତ ଗ୍ରାମ ମାଣିକପାଟଣାରେ ଆନ୍ଧ୍ର ଦ୍ୱାରା ପରିଚାଳିତ ଏହି ଅଙ୍ଗନୱାଡି କେନ୍ଦ୍ରକୁ ଗତ ରବିବାର ଓଡିଶା ପ୍ରଶାସନ ସିଲ୍ କରିଛି। ମଙ୍ଗଳବାର ଆନ୍ଧ୍ର ପୋଲିସ ଓ ପ୍ରଶାସନ ସେଠାକୁ ଆସିଥିବା ବେଳେ ଚାପା ଉତ୍ତେଜନା ଦେଖାଯାଇଥିଲା। ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏଡିଏମ୍ ସଂଗ୍ରାମ ଶେଖର ପଣ୍ଡା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ପାତ୍ର, ଉପଜିଲାପାଳ ଦିଲୀପ କୁମାର ମହାରଣା, ରାୟଗଡ ତହସିଲଦାର ଲୀଳାବତୀ ଆଚାର୍ଯ୍ୟ, ବିଡିଓ ରାଜାରଞ୍ଜିତ ପ୍ରତାପ ବଳ, ଗାରବନ୍ଧ ଥାନା ଅଧିକାରୀ ସର୍ବେଶ୍ୱର ସାମନ୍ତରାୟ, ରାଜସ୍ୱ ନିରୀକ୍ଷକ ମାଣିକପାଟଣାରେ ପହଞ୍ଚି ଆନ୍ଧ୍ର ଶ୍ରୀକାକୁଲମ ଜିଲାର ପିଏଆଇଟିଡିଏଙ୍କ ସହ ବିଚାରବିମର୍ଶ କରିଥିଲେ। ରାଜ୍ୟ ସୀମାକୁ ଗୁରୁତ୍ୱ ଦିଆଯାଇ ଆଲୋଚନା ହୋଇଥିଲା। ଘଟଣାସ୍ଥଳରେ ଉଭୟ ଆନ୍ଧ୍ର-ଓଡିଶା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା। ଅଙ୍ଗନୱାଡି କେନ୍ଦ୍ର କେଉଁ ରାଜ୍ୟରେ ରହିଛି ତାହା ଉଭୟ ରାଜ୍ୟର ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ସୀମା ନିର୍ଦ୍ଧାରଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ମାଣିକପାଟଣାରେ ଓଡିଶା ସରକାରଙ୍କ ଦ୍ୱାରା ଏକ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ହୋଇଥିବା ବେଳେ ୨୦୧୨ ସେପ୍ଟେମ୍ବର ମାସରୁ ଆନ୍ଧ୍ର ସରକାର ସେଠାରେ ଏକ ମିନି ଅଙ୍ଗନୱାଡି କେନ୍ଦ୍ର ଚଳାଇ ଆସୁଛି। ଜଣେ ବ୍ୟକ୍ତିଙ୍କ ପଟ୍ଟା ଜମିରେ ଅସ୍ଥାୟୀ କୁଡିଆରେ ଉକ୍ତ କେନ୍ଦ୍ର ଚାଳଇଥିବା ବେଳେ ଓଡ଼ିଶା ପ୍ରଶାସନ ତାହାକୁ ସିଲ୍ କରିଛି।

# ଜୈବିକ ଆତଙ୍କବାଦ ମୁକାବିଲା ପ୍ରସ୍ତୁତି ଜରୁରୀ

## ପାଶ୍ଚାତ୍ୟକୁ ସତର୍କ କରାଇଲେ ଟୋନି ବ୍ଲେୟାର



ଲଣ୍ଡନ,୭।୯

ଇସ୍‌ଲାମିଜମ୍ ବିଶ୍ୱ ଆଗରେ ନିରାପତ୍ତା ପାଇଁ ଏକ ବଡ଼ ବିପଦ ଭାବେ ଉଭା ହୋଇଛି। କଠୋରପନ୍ଥୀ ସଙ୍ଗଠନଗୁଡ଼ିକ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ବିରୋଧରେ ଜୈବିକ ଅସ୍ତ୍ର ବ୍ୟବହାର କରିପାରନ୍ତି। ତେଣୁ ସମ୍ଭାବ୍ୟ ଆକ୍ରମଣ ଲାଗି ପ୍ରସ୍ତୁତି ଜରୁରୀ ବୋଲି ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ସୋମବାର ସତର୍କ କରାଇ ଦେଇଛନ୍ତି।

ଅଗଷ୍ଟ ୧୫ରେ ତାଲିବାନ୍ କାବୁଲ ଦଖଲ କରିବା ସହ ଆମେରିକା ନେତୃତ୍ୱାଧୀନ ନାଟୋ ସୈନ୍ୟ ୩୧ ଡେଡ୍‌ଲାଇନ ପୂର୍ବରୁ ଆଫଗାନିସ୍ତାନ ଛାଡ଼ି ଚାଲିଯାଇଛନ୍ତି। ଏଥିସହ ଆଫଗାନିସ୍ତାନରେ ଆମେରିକାର ୨୦ ବର୍ଷ ଯୁଦ୍ଧର ଅନ୍ତ ଘଟିଛି। ଫଳରେ ସେଠାରେ ସୃଷ୍ଟି ହୋଇଥିବା ଶୂନ୍ୟତାର ଫାଇଦା ଆତଙ୍କବାଦୀ ସଙ୍ଗଠନ ନେଇପାରନ୍ତି। ଅଲ୍-କାଏଦା ଓ ଇସ୍‌ଲାମିକ୍ ଷ୍ଟେଟ(ଆଇଏସ୍) ଭଳି ସଙ୍ଗଠନର ଶକ୍ତି ବୃଦ୍ଧି ହୋଇପାରେ। ଇସ୍‌ଲାମବାଦ ବିଚାରଧାରା ଓ ହିଂସା ଏବେ ବିଶ୍ୱ ଆଗରେ ସବୁଠୁ ବଡ଼ ସୁରକ୍ଷା ଚ୍ୟାଲେଞ୍ଜ ହୋଇଯାଇଛି। ଏହାକୁ ରୋକା ନ ଗଲେ ୯/୧୧ ଭଳି ଘଟଣାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ୨୦୦୧ ସେପ୍ଟେମ୍ବର ୧୧ ଆକ୍ରମଣର ୨୦ ବର୍ଷ ପୂର୍ତ୍ତି ଅବସରରେ ରୟାଲ ୟୁନାଇଟେଡ୍ ସର୍ଭିସେସ୍ ଇନ୍‌ଷ୍ଟିଚ୍ୟୁଟ୍ (ଆର୍‌ୟୁଏସ୍ଆଇ) ସିକ୍ୟୁରିଟି ଥିଙ୍କ୍‌ଟ୍ୟାଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ଚେଞ୍ଜ ପ୍ରତିଷ୍ଠାତା ବ୍ଲେୟାର କହିଛନ୍ତି।

ବ୍ଲେୟାରଙ୍କ ମତରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ନିଜ ଉପରେ ଥିବା ବିପଦର ଆକଳନ କରିବା ଆବଶ୍ୟକ। କୋଭିଡ୍-୧୯ ଆମକୁ ଘାତକ ଭୂତାଣୁର ଭୟାବହତା ସମ୍ପର୍କରେ ଶିକ୍ଷା ଦେଇସାରିଛି। ସାଇନ୍ସ ଫିକ୍ସନର କ୍ଷେତ୍ର ଭଳି ଜୈବିକ-ଆତଙ୍କ ସାମ୍ନାକୁ ଆସିପାରେ। କିନ୍ତୁ ଏଥିପାଇଁ ଏବେଠୁ ପ୍ରସ୍ତୁତ ହେବା ଆମ ପାଇଁ ବିଜ୍ଞତାର ପରିଚୟ ହେବ।

୨୦୦୧ରେ ଆଫଗାନିସ୍ତାନକୁ ବ୍ରିଟିଶ୍ ସୈନ୍ୟଙ୍କୁ ପଠାଇଥିବା ତତ୍କାଳୀନ ପ୍ରଧାନମନ୍ତ୍ରୀ ବ୍ଲେୟାର ଆହୁରି କହିଛନ୍ତି, ତାଲିବାନ୍ କଠୋରପନ୍ଥୀ ଇସ୍‌ଲାମକୁ ନେଇ ବୈଶ୍ୱିକ ଆନ୍ଦୋଳନର ଏକ ଅଂଶ। ଏଥିରେ ଅନେକ ଭିନ୍ନ ଭିନ୍ନ ସଙ୍ଗଠନ ସାମିଲ ଅଛନ୍ତି। କିନ୍ତୁ ସେମାନଙ୍କର ସମାନ ମୌଳିକ ବିଚାରଧାରା ରହିଛି। ଆମେରିକା ଓ ବ୍ରିଟେନ୍ ଅନ୍ୟ ୟୁରୋପୀୟ ଦେଶଗୁଡ଼ିକ ସହ ମିଶି ଆଫ୍ରିକାର ସହେଲ ଭଳି ଅଞ୍ଚଳରେ ଆତଙ୍କବାଦର ମୁକାବିଲା ପାଇଁ ସାମର୍ଥ୍ୟ ବୃଦ୍ଧି ଦିଗରେ ଉଦ୍ୟମ କରିବା ଉଚିତ। କେବଳ ଆତଙ୍କବାଦ ନିରୋଧୀ ଅଭିଯାନ ବିପଦକୁ ଟାଳିପାରିବ ନାହିଁ। ଆମକୁ ତୃଣମୂଳ ସ୍ତରରେ ଅଧିକ କାମ କରିବାକୁ ପଡ଼ିବ ବୋଲି ବ୍ଲେୟାର ମତ ଦେଇଛନ୍ତି।

# ୱାନ୍ କ୍ଲିକ୍ ପରଚେଜ୍ ରଦ୍ଦ କଲା ଆର୍‌ବିଆଇ

ନୂଆଦିଲ୍ଲୀ, ୭।୯

ଦେଶରେ ଥିବା ବିଭିନ୍ନ କମ୍ପାନୀଗୁଡିକର ମର୍ଚ୍ଚାଣ୍ଟ ୱେବସାଇଟଗୁଡିକରେ ୨୦୨୨ ଜାନୁୟାରୀ ପହିଲାରୁ ୱାନ କ୍ଲିକ୍ କ୍ରୟ ସୁବିଧା ଉପଲବ୍ଧ ହେବ ନାହିଁ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଏହି ନିୟମକୁ ରଦ୍ଦ କରିଥିବା ଜଣାପଡିଛି। କାର୍ଡ ଟୋକେନାଇଜେଶନ ନେଇ ରହିଥିବା ଧାର୍ଯ୍ୟ କୋହଳ ସମୟ ସୀମାକୁ ନ ବଢାଇବାକୁ କେନ୍ଦ୍ରୀୟ ବ୍ୟାଙ୍କ ସ୍ପଷ୍ଟ କରିଛି। ଅନଲାଇନ ନେଣଦେଣ କ୍ଷେତ୍ରରେ ଟୋକେନାଇଜେଶନ ବ୍ୟବସ୍ଥା ଲାଗୁ ହେବାକୁ ଯାଉଛି। ଏଥିରେ କାର୍ଡର ସମ୍ପୂର୍ଣ୍ଣ ତଥ୍ୟ ଦେବା ପରିବର୍ତ୍ତେ କିଛି ସଂଖ୍ୟାର ବ୍ୟବହାର କରାଯିବ। ଫଳରେ କାର୍ଡ ତଥ୍ୟକୁ ଲିକ୍ ହେବାଠାରୁ ସୁରକ୍ଷା ପ୍ରଦାନ କରାଯିବ। ଆସନ୍ତା ଜାନୁୟାରୀ ପହିଲାରୁ କାର୍ଡ ନେଣଦେଣ ଏବଂ କାର୍ଡ ଚେନ୍ କ୍ଷେତ୍ରରେ ରହିଥିବା କମ୍ପାନୀଗୁଡିକ କାର୍ଡ ଡାଟା ଷ୍ଟୋର କରି ରଖିବା ଉପରେ ବାରଣ କରାଯାଇଛି। ପୂର୍ବରୁ ଯେଉଁ ଡାଟା ଏହି ସଂସ୍ଥାଗୁଡିକ ଷ୍ଟୋର କରି ରଖିଛନ୍ତି ସେଗୁଡିକ ହଟାଇବାକୁ ପଡିବ। କେବଳ କାର୍ଡ ଜାରି କରୁଥିବା ଏବଂ କାର୍ଡ ନେଟୱର୍କ ଡାଟା ସଂରକ୍ଷଣ କରିପାରିବେ ବୋଲି ଆର୍‌ବିଆଇ ସ୍ପଷ୍ଟ କରିଛି।



ଯାଜପୁର ଜିଲା ୧୬ ନଂ. ଜାତୀୟ ରାଜପଥର ଛଡିଆ ହନୁମାନ ଢାବା ନିକଟରେ ମଙ୍ଗଳବାର ରାସ୍ତାରେ ଓଲଟି ପଡ଼ିଥିବା ଏକ ଟ୍ରକ୍‌ରୁ ଲୋକେ ମାନବିକତା ଭୁଲି ଆଳୁ ବୋହି ନେଉଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁ ଦେଉଥିବୁ ମୁଁ ନେଉଥିବି**
**ତୋ' ସୁନ୍ଦର ମୁହଁକୁ ଚାହିଁଥିବି**
**ତୁ ନ ଦେବୁ ମୁଁ ନ ନେବି**
**ତୋ' ଫଲଫଲା ମୁହଁ ନ ଚାହିଁବି।**

ସମ୍ପର୍କର ଏକ ଅପ୍ରିୟ ଅଭିବ୍ୟକ୍ତି। ମନ ଚାହିଁ ସବୁ ଦରବ ଅଯାଚିତ ଭାବେ ପାଖରେ ଅଜାଡି ଦେଲେ ସମ୍ପର୍କରେ ମଧୁରତା ଭରିଯାଏ। ପରନ୍ତୁ ଦେବାରେ ଯଦି କିଛିଟା ବିଘ୍ନ ଘଟେ, ତା'ହେଲେ ସମ୍ପର୍କ ବିଗିଡ଼ି ଯିବାକୁ ବେଶି ଡେରି ଲାଗିନଥାଏ। ଯେପର୍ଯ୍ୟନ୍ତ ଦେବାନେବା ଠିକ୍ ଥାଏ, ସେପର୍ଯ୍ୟନ୍ତ ମୋର ମୋର, ଆପଣାର ନ ହେଲେ ସାତପର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ତୋର ଦେଖି**
**ମୋର ଡେଉଁଛି ଡାହାଣ ଆଖି।**

ଅନ୍ୟର ଭଲ ଦେଖିଲେ କେତେ ଲୋକଙ୍କ ମନ ହାଇଁ ପାଇଁ ହୋଇଯାଏ। ଏପରି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥା'ନ୍ତି କି ବରଦାସ୍ତ ବା ଗ୍ରହଣ କରି ପାରି ନ ଥା'ନ୍ତି। ଅନ୍ୟର ଉନ୍ନତି ଦେଖି ଲାଳାୟିତ ହେଉଥିବା ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ


Annexure - II

OFFICE OF DISTRICT MANAGER
**Odisha State Civil Supplies Corporation Ltd. (OSCSC)**
Mayurbhanj District.
Phone: 9438200052
District Website: www.mayurbhanj.nic.in

Tender No. 2596 Dt. 04.09.21

No. CAD-1130:- District Manager, Odisha State Civil Supplies Corporation Ltd., Mayurbhanj invite tender in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the work | Selection and appointment of Level-II Transport Contractor for transportation of Custom Milled Rice (CMR) from Rice Receiving Center (RRC) to Retail Center (FPS). |
| 2 | Availability of bid document in the portal | From 07.09.2021 |
| 3 | Last Date/Time for receipt of bids in the portal | Date-27.09.2021 upto 5.00 PM |
| 4 | Date/Time of Opening of Technical Bid | Date-28.09.2021 at 11.00 AM |
| 5 | Name and address of the office inviting e-Tender | District Manager, OSCSC Ltd., Mayurbhanj, Baripada |

Tender documents & other details can be seen from the e-procurement portal **www.oscsc.in**, **www.foododisha.in** & **www.tenderodisha.gov.in** alongwith district website. Amendments / Corrigendum / cancellation / retenders etc. if any shall be published only in above websites.

Sd./- District Manager
OSCSC Ltd., Mayurbhanj
OIPR-07046/11/0002/2122



No. B-376:- GOVERNMENT OF ODISHA
OFFICE OF THE EXECUTIVE ENGINEER,
PHULBANI (R&B) DIVISION, PHULBANI
e-mail- eeplbrb@gmail.com
**INVITATIONS FOR BIDS (IFB)**
**'e' procurement Notice**
**Bid Identification No. EE-R&B-PLB-08-2021-22**

| | | | |
|---|---|---|---|
| 1) | (a) Name of the work | : | Building work- 2 (Two) Nos. |
| | Estimated Cost | : | Rs.24.956 lakhs- Rs. 43.216 lakhs |
| 2) | Period of Completion | : | As notified in Tender Call Notice |
| 3) | Date & Time of availability of Bid documents in the portal | : | From 14.09.2021, 10.00 A.M. to 22.09.2021 5.00 P.M. |
| 4) | Last date/time for receipt of bids in the portal | : | Up to 5.00 P.M. of dated 22.09.2021. |
| 5) | Name and address of the O.I.T. | : | Executive Engineer, Phulbani (R&B) Division. |

Further details can be seen from the website www.tendersodisha.gov.in
Corrigendum if any shall be published only in the above website.
Sd./- P. Samantara, Executive Engineer, Phulbani (R&B) Division
OIPR-34066/11/0005/2122



**OFFICE OF THE DIVISIONAL FOREST OFFICER, SAMBALPUR FOREST DIVISION.**
Near Jail Chowk, E-mail id – dfosouthsbp@yahoo.com Phone/FAX- 0663-2410139
**CORRIGENDUM**

No. MM-183:- Due to unavoidable circumstances, the last date of receiving the tender documents for construction of Forester and Forest Guard quarters of this Division as published in daily newspaper of Statesman, Dharitri & Pragativadi on dtd.19.08.2021 is hereby extended up to 21.09.2021 till 5.00 P.M. & will be opened by the Divisional Committee on dtd.22.09.2021 at 11.00 A.M. in the Division Office with some relaxation in application forms in Annexure- I to VII ,which will be available in the website www.sambalpur.nic.in and www.odishaforest.in. All other terms and condition will remain unchanged.

Divisional Forest Officer
Sambalpur Forest Division
OIPR-08059/11/0002/2122



**NATION TAX MARKET** GST
COMMISSIONERATE OF CT & GST
(Under Finance Department; GOVERNMENT OF ODISHA)
No. S-19
**ATTENTION GST TAXPAYERS**
**Last date for filling the Application for Revocation of Cancellation is now extended up to**
**30th SEPTEMBER 2021**

Government have extended the due date for filling application for Revocation of cancellation of GST Registration to **30th September 2021,** for the Taxpayers whose registration have been cancelled for "non-filing of Returns" and where the due date of filing of application for revocation of cancellation of registration falls between **1st March, 2020 to 31st August, 2021,** vide notification No. 34/2021 dated 29th August 2021 read with Circular No. 158/4/2021-GST dated 6th September 2021.

This facility is applicable to cases where :
*(i) Application for vevodation has not been filed by the Taxpayer;*
*(ii) Appeal was filed against the order of cancellation and the appeal had been rejected;*
*(iii) Application for revocation of cancellation has been rejected by the Proper Officer';*
*(iv) Appeal against the cancellation order is filed by the Taxpayer and the appeal has been decided against the Taxpayer.*

Facility is now available for the Taxpayers to file fresh application online for revocation of the Cancellation in all the above cases, till **30th SEPTEMBER 2021.**

Help Desk : 1800-345-6753 (Toll Free)
email : ctdho@odishatax.gov.in
Commissioner of CT & GST
Government of Odisha, Cuttack
OIPR-05006/11/0004/2122



OFFICE OF THE
**SUPERINTENDING ENGINEER ELECTRICAL CIRCLE (R&B)**
NIRMAN SOUDHA, BHUBANESWAR
E-mail: seec.bbsr2010 @ gmail.com
**Bid Identification No.S.E.E.C (R&B) 05/2021-22**
**No. 1832/Date: 03.09.2021**

No. B-374:- The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for Lift works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from 5.00 P.M. of 07.09.2021 to 5:00 P.M. of 22.09.2021. The bidders must possess compatible Digital Signature Certificate of Class II or III. Bids received online shall be opened at 11:30 A.M. of 23.09.2021 in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0005/2122



ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
**OFFICE OF THE EXECUTIVE ENGINEER LIFT IRRIGATION DIVISION, BALASORE.**
E-mail – eelidvnbls@yahoo.com
No.CAD-1125 **e - Procurement Notice**
**Bid Identification No: 01 /2021-22 /DT.27.08.2021**

1. Name of the Tender inviting Officer:- Executive Engineer, L.I. Division, Balasore representing Odisha Lift Irrigation Corporation Ltd., Bhubaneswar.
2. Name of the Work:- Revival of defunct CLIP in different Block of Balasore District.
3. No.of Package:- 71 nos (State Plan 71 nos)
4. Cost of Tender Amount:- Varies from Rs.13,60,850/- to Rs.16,09,833/-
5. Date and time of availability of bid document in portal for on-line biding from 11.00 hrs dated 13.09.2021 to 17hrs dated 24.09.2021.
6. Last date and time of receipt of bid in the portal upto 17 hrs dated 24.09.2021.
7. Last date & time to seek clarification upto 17 hrs dated 23.09.2021.
8. Date of opening of Technical bid (Cover-1) at 11.00 hrs dated 27.09.2021.
9. Date of opening of Financial bid will be informed after evaluation of Technical bid.
10. Further details can be seen from the e-procurement portal of Govt.of Odisha i.e.www.tenderodisha.gov.in.
11. Subsequent Corrigendum/addendum if required shall be available in above portal.

Sd./- Er.S.K.CHOUDHARY
Executive Engineer, L.I.Division,Balasore.
OIPR-32150/11/0002/2122



# ରାଶି ଚାଷରେ ସାର ପ୍ରୟୋଗ

ଢିପ ଜମିରେ ରାଶି ବୁଣିବା ପାଇଁ ଏହା ଉପଯୁକ୍ତ ସମୟ। ଏକର ପ୍ରତି ୪ କିଗ୍ରା ବିହନ ଆବଶ୍ୟକ ହୋଇଥାଏ। ପ୍ରତି କିଗ୍ରା ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ମୂଳସାର ଭାବେ ଏକର ପ୍ରତି ୨ଟନ୍ ଶଢ଼ା ଗୋବର ଖତ ସହି ୬କିଗ୍ରା ଯବକ୍ଷାରଜାନ, ୬କିଗ୍ରା ଫସଫରସ ଓ ୬କିଗ୍ରା ପଟାସ ଖାଦ୍ୟସାର ବିହନ ବୁଣାବେଳେ ମାଟିରେ ପ୍ରୟୋଗ କରନ୍ତୁ। ଅଧିକ ଅମଳକ୍ଷମ କିସମ ଯଥା-ପ୍ରାଚୀ, ନିର୍ମଳା, କନକ, କାଳିକା, ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡିକୁ ଧାଡି ୩୦ସେ.ମି ଓ ଗଛକୁ ଗଛ ୧୦ସେ.ମି ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କିଗ୍ରା ବିହନରେ ୩ଗ୍ରାମ୍ ହିସାବରେ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷଓଡ଼ ଚାଷବେଳେ ବିହନ ବୁଣିବା ପୂର୍ବରୁ ୬କିଗ୍ରା ଯବକ୍ଷାରଜାନ, ୮କିଗ୍ରା ଫସଫରସ ଓ ୮କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ।

# ଅଧିକ ଅମଳକ୍ଷମ ଆମ୍ବ



ଅଧିକ ଅମଳକ୍ଷମ ଆମ୍ବ ପାଇଁ ଏହାର ଉନ୍ନତ କିସମ ବିଷୟରେ ଜାଣିବା ଦରକାର। ସେଗୁଡିକ ମଧ୍ୟରେ ରହିଛି ବାଗନପଲ୍ଲୀ, ତୋତାପୁରୀ,ବମ୍ବେଗ୍ରିନ୍, ସୁବର୍ଣ୍ଣରେଖା, ନିଲମ୍, ହିମସାଗର, ଲାଙ୍ଗରା, ଦଶରୀ, ଚୌଷା, ଆମ୍ରପଲ୍ଲୀ, ମଲ୍ଲିକା, ରତ୍ନା, ରାମକେଲା, ରୋମାନି, ଚେରୁ କରସମ, ସିନ୍ଧୁ, ଆଲଫାନ୍ସୋ ଏବଂ କେଶରୀ ଆଦି କିସମ। ୧୦x-୧୦ ମିଟର ଦୂରତାରେ ୧x୧x୧ ମିଟର ଗାତ କରି ଗଛ ଲଗାଇ ପାରିବେ। ଏକ ବର୍ଷିଆ କେନାବିହୀନ ସୁସ୍ଥସବଳ କଲମି ଗଛ ଲଗାନ୍ତୁ। ଲଗାଇବା ସମୟରେ ଗାତ ପିଛା ଦୁଇଝୁଡି କମ୍ପୋଷ୍ଟ ୮୦ଗ୍ରାମ ଯବକ୍ଷାରଜାନ ୧୦୦ଗ୍ରାମ୍ ଫସଫେଟ୍ ଓ ୬୦ଗ୍ରାମ୍ ପଟାସ ପ୍ରୟୋଗ କରନ୍ତୁ।



# ଚିନାବାଦାମରେ ଉଇ ଦମନ

ଉଇ ଉପଦ୍ରୁତ ଅଞ୍ଚଳରେ ଚିନାବାଦାମ ଚାଷ କରୁଥିଲେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ । ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଚିନାବାଦାମ ଲଗାଇବା ପୂର୍ବରୁ ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ ।

# ମାଟିରେ ଗୌଣ, ଅଣୁ ପୋଷକ



ପ୍ର. ସୁବୋଧ କୁମାର ସାହୁ

(ଶେଷ ଭାଗ)

ପରୀକ୍ଷାରୁ ଜଣାପଡ଼ିଛି ଯେ, ଓଡ଼ିଶାର ଯେଉଁ ଜିଲାଗୁଡ଼ିକର ମାଟି ପି.ଏଚ. ୫.୫ରୁ କମ୍ ସେହି ସମସ୍ତ ଜିଲାର ମାଟିରେ ଗୌଣ ଉପାଦାନ ଯଥା କ୍ୟାଲସିୟମ ଏବଂ ମ୍ୟାଗ୍ନେସିୟମର ଅଭାବ ରହିଛି । ବିଶେଷତଃ ଓଡ଼ିଶାର ସମସ୍ତ ମାଙ୍କଡ଼ା ପଥର ଏବଂ ଲାଲ ମୃତ୍ତିକାରେ ଉକ୍ତ ଦୁଇ ଗୌଣ ଉପାଦାନର ଅଭାବ ପରିଲକ୍ଷିତ ହୁଏ । ଉକ୍ତ ଦୁଇ ଉପାଦାନର ଅଭାବ ମେଣ୍ଟାଇବା ପାଇଁ ଏକର ପ୍ରତି ୮୦୦ କିଲୋଗ୍ରାମ ଚୂନ ପ୍ରୟୋଗ କରାଯିବା ଉଚିତ।

ତୃତୀୟ ଗୌଣ ଉପାଦାନ, ଗନ୍ଧକର ଅଭାବ ଓଡ଼ିଶାର ବିଭିନ୍ନ ଜିଲାର ମାଟିରେ ବହୁଳ ଭାବେ ଥିବାର ପରୀକ୍ଷାରୁ ଜଣାପଡ଼ିଛି । ରାଜ୍ୟର ହାରାହାରି ଶତକଡ଼ା ୪୫ ଭାଗ ମାଟିରେ ଗନ୍ଧକର ଅଭାବ ଅଛି। ସେଥି ମଧ୍ୟରୁ ମାଲକାନଗିରି ଜିଲାର ସର୍ବାଧିକ ୯୮ ପ୍ରତିଶତ ମାଟିରେ ଗନ୍ଧକର ଅଭାବ ଥିବାବେଳେ ବୌଦ୍ଧ ଜିଲାରେ ସବୁଠାରୁ କମ୍ ଅର୍ଥାତ୍ ଏକ ପ୍ରତିଶତ ମାଟିରେ ଗନ୍ଧକର ଅଭାବ ଅଛି। ଜୈବଭାଗ ଥିବା ମାଟିରେ ଜୈବ ଗନ୍ଧକ ବସ୍ତୁ ପରିମାଣରେ ଥାଏ । ଗନ୍ଧକ ଅଭାବ ଥିବା ମାଟିରେ ଏକର ପ୍ରତି ୧୬ରୁ ୨୦ କିଲୋଗ୍ରାମ ଜିପସମ ପ୍ରୟୋଗ କରିବା ଉଚିତ । ଅଣୁ ଖାଦ୍ୟ ଉପାଦାନ, ଲୁହା, ରାଜ୍ୟରେ ହାରାହାରି ଶତକଡ଼ା କେବଳ ଦୁଇଭାଗ ମାଟିରେ ତମ୍ବାର ଅଭାବ ଅଛି । ତମ୍ବାର ଅଭାବ ଦୂର କରିବା ପାଇଁ ଏକର ପ୍ରତି ୪ରୁ ୮ କିଲୋଗ୍ରାମ କପର ସଲ୍‌ଫେଟକୁ ମାଟିରେ ପ୍ରୟୋଗ କରାଯାଏ । ମାଟିରେ ପ୍ରୟୋଗ ହୋଇ ନ ପାରିଲେ ଶତକଡ଼ା ୦.୧ ଭାଗ କପର ସଲ୍‌ଫେଟ ଦ୍ରବଣକୁ ସପ୍ତାହ ବ୍ୟବଧାନରେ ଦୁଇଥର ପତ୍ରଛିଞ୍ଚା କରାଯାଇପାରିବ ।

ରାଜ୍ୟର ହାରାହାରି ୫୮ ଶତକଡ଼ା ମାଟିରେ ବୋରନ ବା ଟାଙ୍ଗଣାର ଅଭାବ ଥିବା ପରୀକ୍ଷାରୁ ନିର୍ଣ୍ଣୟ କରାଯାଇଛି । ରାଜ୍ୟର ସବୁ ଜିଲାରେ ଟାଙ୍ଗଣାର ଅଭାବ ଅଛି । ଫସଲରୁ ଟାଙ୍ଗଣା ଅଭାବ ଦୂର ପାଇଁ ଏକର ପ୍ରତି ୪ରୁ ୮ କିଲୋଗ୍ରାମ ପର୍ଯ୍ୟନ୍ତ ବୋରାକ୍ସ ମଞ୍ଜି ବୁଣା ବା ଚାରା ରୁଆ ସମୟରେ ପ୍ରୟୋଗ କରିବା ଉଚିତ । ଏହି ସମୟରେ ବୋରାକ୍ସ ପ୍ରୟୋଗ ହୋଇ ନ ପାରିଲେ ଚାରା ୨୫ରୁ ୩୦ ଦିନର ହେଲେ ଶତକଡ଼ା ୦.୩୦ ଭାଗ ବୋରାକ୍ସକୁ ଗଛରେ ୭ ଦିନ ବ୍ୟବଧାନରେ ଦୁଇଥର ପତ୍ର ଛିଞ୍ଚା କରାଯାଇପାରେ । ରାଜ୍ୟର ୮ କିସମ ମାଟିକୁ ପରୀକ୍ଷା କରି ଦେଖାଯାଇଛି ଯେ, ମଲିବଡେନମ କଳା ମାଟିରେ ଶତକଡ଼ା ୮୩ ଭାଗ ଅଭାବ ଥିବାବେଳେ ଆଲୁଭିଆଲ, ବାଦାମୀ ଜଙ୍ଗଲ, ଲାଟେରାଇଟ୍ ବା ମାଙ୍କଡ଼ା ପଥର ମାଟିରେ ପ୍ରତ୍ୟେକ ସମାନ ୬୭ ଭାଗ, ମିଶ୍ରିତ ଲାଲ ଏବଂ କଳା ମାଟିରେ ଶତକଡ଼ା ୬୦ ଭାଗ, ଲାଲ ମାଟିରେ ଶତକଡ଼ା ୫୫ ଭାଗ ଏବଂ ମିଶ୍ରିତ ଲାଲ ଏବଂ ହଳଦିଆ ମାଟିରେ ଶତକଡ଼ା ୩୩



ମାଟିରେ ଅଭାବ ଥିବା ଗବେଷଣାରୁ ଜଣାପଡ଼ିଛି । ମାଙ୍ଗାନିଜ ଅଭାବ ଥିବା ମାଟିରେ ଏକର ପ୍ରତି ୪ରୁ ୫ କିଲୋ ମାଙ୍ଗାନିଜ ସଲଫେଟ ପ୍ରୟୋଗ କରାଯାଇପାରେ କିମ୍ବା ଶତକଡ଼ା ୦.୬ ଭାଗ ମାଙ୍ଗାନିଜ ସଲ୍‌ଫେଟ ଦ୍ରବଣ ପତ୍ରଛିଞ୍ଚା କରାଯାଇ ପାରେ ।

ରାଜ୍ୟରେ ଜିଙ୍କ୍ ବା ଦସ୍ତା ଅଣୁ ଉପାଦାନ ଅଭାବ ହାରାହାରି ଶତକଡ଼ା ୨୫ ଭାଗ ମାଟିରେ ଥିବାର ପରୀକ୍ଷାରୁ ଜଣାପଡ଼ିଛି । ଦସ୍ତା ଅଭାବଥିବା ମାଟିରେ ଏକର ପ୍ରତି ୧୦ରୁ ୨୦ କିଲୋଗ୍ରାମ ଜିଙ୍କ୍ ସଲ୍‌ଫେଟ ପ୍ରୟୋଗ କରିବା ଉଚିତ । ମାଟିରେ ଦସ୍ତା ପ୍ରୟୋଗ ହୋଇ ନ ପାରିଲେ ଶତକଡ଼ା ୦.୫ ଭାଗ ଜିଙ୍କ୍ ସଲ୍‌ଫେଟ ଦ୍ରବଣକୁ ସପ୍ତାହ ବ୍ୟବଧାନରେ ଦୁଇଥର ପତ୍ରଛିଞ୍ଚା କରାଯାଏ ।

ରାଜ୍ୟର ହାରାହାରି ଶତକଡ଼ା ୩ ଭାଗ ମଲିବଡେନମ୍‌ର ଅଭାବ ରହିଛି । ରାଜ୍ୟର ଗୌଣ ଖାଦ୍ୟ ଉପାଦାନ ମଧ୍ୟରୁ ଅମ୍ଳ ମାଟିରେ କ୍ୟାଲସିୟମ ଏବଂ ଗନ୍ଧକର ଆବଶ୍ୟକତା ଯଥେଷ୍ଟ ଅଧିକ ଥିବା ବେଳେ, ଅଣୁ ଉପାଦାନ ମଧ୍ୟରେ ବୋରନ ବା ଟାଙ୍ଗଣା ଏବଂ ମଲିବଡେନମ୍‌ର ଅଧିକ ଅଭାବ ରହିଛି । ଫସଲର ଗୌଣ ଏବଂ ଅଣୁ ଉପାଦାନର ଅଭାବ ଜନିତ ଲକ୍ଷଣ ଚାକ୍ଷୁଷ ଅନୁଭୂତିରୁ ଜାଣି ନ ପାରିଲେ ଚାଷୀ ନିଜ କ୍ଷେତର ମାଟିକୁ ବିଶେଷ ସୁବିଧା ଥିବା ମୃତ୍ତିକା ପରୀକ୍ଷାଗାରରେ ପରୀକ୍ଷା କରି ନେଇ ମୃତ୍ତିକା ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଗୌଣ ଓ ଅଣୁ ଉପାଦାନର ପ୍ରକୃତ ସ୍ଥିତି ଜାଣିପାରି ବିହିତ ସମାଧାନ କରିପାରିବେ ।

*-ଶୈଳଶ୍ରୀବିହାର, ଭୁବନେଶ୍ୱର*
*ମୋ : ୯୫୫୬୨୬୬୦୮୫*

"ଠିକ୍ ଭାବରେ ପୋଛିଦେବା ପରେ ବାଛୁରି ନିଜେ ଛିଡ଼ାହେବାକୁ ଚେଷ୍ଟା କରେ। ମନେ ରଖନ୍ତୁ ବାଛୁରି ଜନ୍ମର ଅଧଘଣ୍ଟାଏ ମଧ୍ୟରେ କଷକ୍ଷୀର ପିଆଇବା ନିହାତି ଆବଶ୍ୟକ । କଷକ୍ଷୀରରେ ଅଧିକ ଖାଦ୍ୟ ଗୁଣ ସହିତ ରୋଗ ପ୍ରତିରୋଧକାରୀ ଶକ୍ତି ନିହିତ ଥାଏ ; ଯାହା କି ବାଛୁରିର ଉତ୍ତମ ସ୍ୱାସ୍ଥ୍ୟ ଓ ନୀରୋଗ ରହିବା ପାଇଁ ଜରୁରୀ ।"



ଡା. ବୀର କିଶୋର ପରିଡ଼ା



# ବାଛୁରିର ଯତ୍ନ



ଗାଈ ପ୍ରସବ ପୂର୍ବରୁ ବିଶେଷ ଯତ୍ନ ନେବାକୁ ପଡ଼ିବ। ପ୍ରସୂତି ପ୍ରକ୍ରିୟାରେ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ହେବ। ବାଛୁରିର ଯତ୍ନ ନେଇ ନିମ୍ନଲିଖିତ କେତୋଟି ବିଷୟ ପ୍ରତି ଧ୍ୟାନ ଦେଲେ ବାଛୁରି ସୁସ୍ଥ ରହିବା ସଙ୍ଗେ ସଙ୍ଗେ ଗୋପାଳନ ଲାଭଜନକ ହୋଇପାରିବ ।

-ବାଛୁରି ଜନ୍ମ ମାତ୍ରେ ଗାଈ ଚାଟିବା ଆରମ୍ଭ କରିଥାଏ । ଏହା ଗାଈ ଓ ବାଛୁରି ମଧ୍ୟରେ ଏକ ଅତୁଟ ବନ୍ଧନ ସୃଷ୍ଟି ସହ ଶରୀର ଉତ୍ତାପ ସଂରକ୍ଷଣ କରିଥାଏ ।

-ମୁହଁ, ନାକ ଓ ପାଟି ଭିତରେ ଥିବା ଲାଳକୁ ଏକ ଶୁଖିଲା ଓ ପରିଷ୍କାର କନାରେ ପୋଛନ୍ତୁ । ଯଦି ଶ୍ୱାସକ୍ରିୟାରେ କିଛି ସମସ୍ୟା ଦେଖାଦିଏ, ଦୁଇପଟ ଛାତିରୁ ଧୀରେ ଧୀରେ ଦୁଇ ପାପୁଲିରେ ଚାପ ଦେବା କିମ୍ବା ମୁହଁ ଖୋଲି ଧୀରେ ଧୀରେ ଫୁଙ୍କିବା ଦ୍ୱାରା ବାଛୁରିଟିର ଶ୍ୱାସକ୍ରିୟା ସଂପାଦିତ ହୋଇଥାଏ ।

-ଠିକ୍ ଭାବରେ ବାଛୁରିକୁ ପୋଛିଦେବା ପରେ ସେ ନିଜେ ଛିଡ଼ାହେବାକୁ ଚେଷ୍ଟା କରେ। ଜନ୍ମହେବାର ଅଧଘଣ୍ଟା ମଧ୍ୟରେ ତାକୁ କଷକ୍ଷୀର ପିଆଇବା ନିହାତି ଆବଶ୍ୟକ । କଷକ୍ଷୀରରେ ଅଧିକ ଖାଦ୍ୟ ଗୁଣ ରହିବା ସହିତ ରୋଗ ପ୍ରତିରୋଧକାରୀ ଶକ୍ତି ନିହିତ ଥାଏ ; ଯାହା କି ବାଛୁରିର ଉତ୍ତମ ସ୍ୱାସ୍ଥ୍ୟ ଓ ନୀରୋଗ ରହିବା ପାଇଁ ନିହାତି ଆବଶ୍ୟକ। ଏତଦ୍‌ବ୍ୟତୀତ, ଏହାକୁ ପିଆଇବା ଦ୍ୱାରା ବାଛୁରିର ଖାଦ୍ୟନଳୀ ପରିଷ୍କାର ହେବା ସଙ୍ଗେସଙ୍ଗେ ପ୍ରଥମ ଘନ ହଳଦିଆ ଝାଡ଼ା ନିର୍ଗତ ହେବାରେ ସହାୟକ ହୋଇଥାଏ।

- ପ୍ରତିଦିନ ୫ରୁ ୬ ଥର ଅତି କମ୍‌ରେ ସାତ ଦିନ ପର୍ଯ୍ୟନ୍ତ ବାଛୁରିକୁ ନିୟମିତ ଭାବେ କଷକ୍ଷୀର ପିଆଇବା ଆବଶ୍ୟକ। ଗୋଟିଏ ବାଛୁରିର ଓଜନ ଯଦି ୧୦ ରୁ ୧୫ କେଜି ହୋଇଥାଏ, ତେବେ ସେହି ବାଛୁରିକୁ ଗୋଟିଏ ଦିନରେ ୧ ଲିଟରରୁ ୧.୫ ଲିଟର କଷକ୍ଷୀର ପିଆନ୍ତୁ।

-ଜନ୍ମ ପରେ ବାଛୁରିର ନାଭିଠାରୁ ୨ ଇଞ୍ଚ ଛାଡ଼ି ନାଭିନାଡ଼କୁ ଏକ ପରିଷ୍କାର ସୂତାରେ ବାନ୍ଧିଦେଇ ବଳକା ନାଡ଼ିକୁ ପରିଷ୍କାର ଶୁଦ୍ଧ ବ୍ଲେଡ଼ରେ କାଟି ଦିଅନ୍ତୁ ଏବଂ ପରେ ପରେ ଏହି କଟା ଅଂଶରେ ଟିଞ୍ଚର ଆୟୋଡିନ୍ ଅତି କମ୍‌ରେ ୩ ରୁ ୫ ଦିନ ପର୍ଯ୍ୟନ୍ତ ଲଗାନ୍ତୁ। ଫଳରେ ବାଛୁରିର 'ନାଭିଜ୍ୱର' ଓ ଟିଟାନସ୍‌ର ଆଶଙ୍କା ଦେଖା ଦେଇ ନ ଥାଏ।

-ଦୁଧିଆଳୀ ଗାଈ ଜନ୍ମ ଦେବା ପରେ ସାମୟିକ ଭାବେ ବେଳେବେଳେ ସେମାନଙ୍କ ପହ୍ନା ଫୁଲିଥାଏ। ଏହା ଦ୍ୱାରା ଚିର ଛୋଟ ହୋଇଥାଏ ଓ ବାଛୁରିର କଷକ୍ଷୀର ପିଇବା ସମ୍ଭବପର ହୋଇ ନ ଥାଏ । ପ୍ରସବ ପରେ ଗାଈ ପହ୍ନାରୁ କ୍ଷୀର ପ୍ରତ୍ୟେକ ଦିନ ଭଲଭାବେ ଦୁହିଁବା ସହ ବାଛୁରିକୁ ଆବଶ୍ୟକ ପରିମାଣରେ କଷକ୍ଷୀର ପିଆନ୍ତୁ। ଏତଦ୍‌ବ୍ୟତୀତ, ପହ୍ନାରୁ କଷକ୍ଷୀର ଦୁହିଁ ବୋତଲ ଓ ରବର ଚିର ସାହାଯ୍ୟରେ ବାଛୁରିକୁ ଆବଶ୍ୟକତା ପରିମାଣରେ କଷକ୍ଷୀର ପିଆଇ ପାରିବେ ।

-ଯଦି ଗାଈର ପହ୍ନାରୁ କ୍ଷୀର ନିର୍ଗତ ନ ହୁଏ ତେବେ କୃତ୍ରିମ କଷକ୍ଷୀର ପ୍ରସ୍ତୁତ କରି ବାଛୁରିକୁ ପିଆନ୍ତୁ । କୃତ୍ରିମ କଷକ୍ଷୀର ପ୍ରସ୍ତୁତି ପ୍ରଣାଳୀ ହେଲା – ୧) କଞ୍ଚା ଅଣ୍ଡା – ୧ଟି, ୨) ପରିଷ୍କାର ପାଣି – ୩୦୦ମି.ଲି., ୩) କ୍ଷୀର – ୬୦୦ ମି.ଲି., ୪) ଜଡ଼ାତେଲ – ୨୫୦ ମି.ଲି., ସମୁଦାୟ ୧୦୦୦ ମି.ଲି. ବା ୧ ଲିଟର। କୃତ୍ରିମ କଷ କ୍ଷୀର ତିଆରି ପାଇଁ ଉପରୋକ୍ତ ଉପାଦାନଗୁଡ଼ିକ ଯୋଗାଡ଼ କରି ଏକ ମିଶ୍ରଣ ପ୍ରସ୍ତୁତ କରାଯାଇ ପାରିବ ।

**ବାଛୁରିର ଯତ୍ନ**

**୧ ରୁ ୧୨ ସପ୍ତାହ :** ବାଛୁରି ୧ସପ୍ତାହ ହେବା ପରେ ଏହାର ଶରୀର ବୃଦ୍ଧି ସହ ଚାଲିଚଳନରୁ ହିଁ ସ୍ୱାସ୍ଥ୍ୟାବସ୍ଥାର ଅନୁମାନ କରିହୁଏ । ଜନ୍ମର ୧୫ ଦିନ ପର୍ଯ୍ୟନ୍ତ ଉପଯୁକ୍ତ ପରିମାଣର କ୍ଷୀର ପିଇବାକୁ ଦିଅନ୍ତୁ । ଯଦି ବାଛୁରି ମା' ଗାଈଠାରୁ ଅଲଗା କରି ପରିପାଳନ କରାଯାଏ, ତେବେ ବାଛୁରି ଓଜନର ଏକ ଦଶମାଂସ କ୍ଷୀର ଏକ ପରିଷ୍କାର ପାତ୍ରରେ ପିଇବାକୁ ଦେବା ଆବଶ୍ୟକ । ପ୍ରାରମ୍ଭିକ ଅବସ୍ଥାରେ ବାଛୁରିକୁ ପାତ୍ରରୁ ଅଙ୍ଗୁଳି ସାହାଯ୍ୟରେ କ୍ଷୀର ପିଇବା ପାଇଁ ଅଭ୍ୟାସ କରାନ୍ତୁ । ସାଧାରଣତଃ ଏହି ପ୍ରକ୍ରିୟା ବାଛୁରି କ୍ଷୀର ପିଇବା ବୟସ ପର୍ଯ୍ୟନ୍ତ ଗ୍ରହଣ କରି ପରେ କମାଇ ଦିଅନ୍ତୁ।

**୩ରୁ ୬ ମାସ :** ବାଛୁରିର ବୟସ ୩ ମାସ ହୋଇଗଲେ ନିଜେ ନିଜକୁ ସ୍ୱାବଲମ୍ବୀ କରିପାରିଥାଏ । ଛଅ ମାସ ବେଳକୁ ବାଛୁରିର ଓଜନ ୮୦ ରୁ ୧୦୦ କିଗ୍ରା ହେବା ବିଧେୟ । ୩ ମାସ ପରେ ବାଛୁରିକୁ ମିଶ୍ରିତ ସୁଷମ ଦାନା ପୂର୍ଣ୍ଣମାତ୍ରାରେ ଦିଅନ୍ତୁ । ଏହା ସହିତ ୫ରୁ ୧୦ କେଜି ସବୁଜ ଘାସ ଓ ୧ରୁ ୨ କିଗ୍ରା ନଡ଼ା ମଧ୍ୟ ଖାଇବାକୁ ଦେବା ଜରୁରୀ । ପରିଷ୍କାର ପାଣି ଠିକ୍ ମାତ୍ରାରେ ପିଇବାକୁ ଦିଅନ୍ତୁ। ଏତଦ୍‌ବ୍ୟତୀତ, ପ୍ରଥମ ମାସ ଠାରୁ ୬ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ମାସରେ ଗୋଟିଏ ମାତ୍ରାର କୃମିନାଶକ ଔଷଧ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ ବାଛୁରିକୁ ଖୋଇବା ଆବଶ୍ୟକ । ଅଣ୍ଡିରା ବାଛୁରି ହୋଇଥିଲେ ୨ ରୁ ୩ ମାସ ମଧ୍ୟରେ ଧରାଣ ବା ଖାସୁ କରାଇବା ଭଲ ।



**୭ରୁ ୧୨ ମାସ :** ବାଛୁରି ୭ ମାସ ବୟସ ବେଳକୁ ତା'ର ଶାରୀରିକ ଓଜନ ୧୦୦ କିଗ୍ରାରୁ ଅଧିକ ହେବା ଆବଶ୍ୟକ। ବାଛୁରି ୧୨ ମାସ ହେବା ପରେ ତା'ର ଶରୀରର ଅନ୍ତର୍ବିକାଶ ମଧ୍ୟ ଠିକ୍ ରୂପେ ଘଟିଥାଏ । ବାଛୁରି ଛଡ଼ାରେ ପରିଣତ ହୋଇ ପ୍ରାପ୍ତ ବୟସ୍କନ୍ ଅବସ୍ଥାକୁ ପ୍ରବେଶ କରିଥାଏ। ବେଳେବେଳେ ଗରମ ଲକ୍ଷଣ ମଧ୍ୟ ପ୍ରକାଶ ପାଇଥାଏ । ଶରୀରର ଅଭିବୃଦ୍ଧି ଓ ଅନ୍ୟାନ୍ୟ ଲକ୍ଷଣଗୁଡ଼ିକୁ ଲକ୍ଷ୍ୟ କରି ଜଣେ ଗୋପାଳକ ଉତ୍ତମ ଛଡ଼ା ଚୟନ କରିବାରେ ସକ୍ଷମ ହୋଇଥାଏ। ଗରମକୁ ଠିକ୍ ସମୟରେ ଆସିଲେ ବା ଗରମ ଆସିବାର ମଧ୍ୟବର୍ତ୍ତୀ ଅବସ୍ଥା ବା ୧୨ ଘଣ୍ଟାରୁ ୧୮ ଘଣ୍ଟା ମଧ୍ୟରେ କୃତ୍ରିମ ପ୍ରଜନନ କରିବା ଆବଶ୍ୟକ। (କ୍ରମଶଃ)

-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର
ମୋ – ୯୪୩୭୬୦୭୩୧୨

# ମୁଗ ଫସଲରେ ସାର ପ୍ରୟୋଗ

ମୁଗ, ବିରି ହେକ୍ଟର ପ୍ରତି ୨୦ ରୁ ୨୫ କିଲୋଗ୍ରାମ୍ ଓ କୋଳଥ ୩୦ କିଲୋଗ୍ରାମ୍ ଆବଶ୍ୟକ ହୋଇଥାଏ। ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ୍ ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍‌ରେ



ଗୋଳାଇ ବିଶୋଧନ କରନ୍ତୁ। ବୁଣିବା ପୂର୍ବରୁ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର କିଲୋଗ୍ରାମ୍ ପ୍ରତି ୨୦ ଗ୍ରାମ୍ ହିସାବରେ ବିହନକୁ ଉପଚାର କରି ଛାଇରେ ଶୁଖାଇ ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ମୁଗ, ବିରି ବା ହରଡ଼ ଫସଲରେ ଦେଖାଦେଲେ କାର୍ବେଣ୍ଡାଜିମ୍ ସହ ମାଙ୍କୋଜେବ୍ ୨ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଳ ନିଷ୍କାସନର ସୁବ୍ୟବସ୍ଥା କରନ୍ତୁ ।

## ଚାଷୀଙ୍କ ପାଇଁ...

- ଅମୃତଭଣ୍ଡା ଗଛର ମୂଳଶଢ଼ା ରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ । ରୋଗଣା ଗଛକୁ ବାହାର କରିଦିଅନ୍ତୁ । ମେଟାଲାକ୍ସିଲ୍ ସହ ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ଏକ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ।
- ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ଲାଗି ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡ଼ୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ । ଏକ ମାସ ଅନ୍ତରରେ କପର୍ ଅକ୍ସିକ୍ଲୋରାଇଡ୍ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ଏକଭାଗ ବୋର୍ଡାକ୍ସ ମିକ୍ସଚର (୫:୫:୫୦)କୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇ ପାରିବ ।
- ପିଜୁଳି ଓ ଲେମ୍ବୁର ପାଣି କୁଆ ସବୁ କାଟି ଦିଅନ୍ତୁ।



## ସ୍ୱର୍ଣ୍ଣ ବିଜେତା ପ୍ରମୋଦଙ୍କୁ ଭେଟିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୭।୯(ବ୍ୟୁରୋ): ଟୋକିଓ ପାରାଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗୌରବ ଆଣିଥିବା ଓଡ଼ିଶାର ପ୍ରତିଭାଦୀପ୍ତ କ୍ରୀଡ଼ାବିତ୍ ପ୍ରମୋଦ ଭଗତଙ୍କୁ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ସରକାରୀ କାର୍ଯ୍ୟାଳୟରେ ଭେଟି ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏ ନେଇ ଧର୍ମେନ୍ଦ୍ର ଟୁଇଟ୍ କରି ସୂଚନା ଦେଇଛନ୍ତି। ଟୋକିଓ ଅଲିମ୍ପିକ୍ସରେ ପ୍ରମୋଦ ଭଗତଙ୍କ ସମେତ ଦେଶର ପାରା-ଅଲିମ୍ପିଆନଙ୍କ ପ୍ରଦର୍ଶନ ପ୍ରେରଣା ଦେଇଛି। ଓଡ଼ିଶାର ଯୁବପିଢ଼ିଙ୍କ ମଧ୍ୟରେ ଏହା କ୍ରୀଡ଼ା ପାଇଁ ଆଗ୍ରହ ସୃଷ୍ଟି କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।



## ୩ୟ ସ୍ଥାନରେ ବିରଜା

### ଟିନ୍ ବ୍ୟୁଟି ଆଇକନ୍ ଅଫ୍ ଇଣ୍ଡିଆ ପ୍ରତିଯୋଗିତା

ସମ୍ବଲପୁର,୭।୯(ବ୍ୟୁରୋ): ଜାତୀୟ ସ୍ତରୀୟ ଟିନ୍ ବ୍ୟୁଟି ଆଇକନ୍ ଅଫ୍ ଇଣ୍ଡିଆ ପ୍ରତିଯୋଗିତାରେ ସମ୍ବଲପୁର ଝିଅ ବିରଜା ନନ୍ଦିନୀ ସାହୁ ଭାଗ ନେଇ ସଫଳତା ହାସଲ କରିଛନ୍ତି। ଛତିଶଗଡ଼ର ରାୟପୁରଠାରେ ହୋଇଥିବା ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଭାଗ ନେଇଥିବା ସୁନ୍ଦରୀମାନଙ୍କୁ ପଛରେ ପକାଇ ନନ୍ଦିନୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରାୟପୁର ଅର୍ନା ଫାଉଣ୍ଡେଶନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ନାରୀ ସଶକ୍ତୀକରଣ, ବେଟି ବଚାଓ ବେଟି ପଢ଼ାଓ, ସ୍ୱଚ୍ଛ ଭାରତ, ତମାଖୁ ବର୍ଜନ ଓ ଭାରତୀୟ ସଂସ୍କୃତି ପ୍ରଭୃତି ବିଷୟକୁ ନେଇ ପ୍ରତିଯୋଗିତା ହୋଇଥିଲା। ବିରଜା ସମ୍ବଲପୁର ସାକ୍ଷୀପଡାସ୍ଥିତ ସେଣ୍ଟ ଯୋସେଫ କନ୍‌ଭେଣ୍ଟ ସ୍କୁଲର ସପ୍ତମ ଶ୍ରେଣୀର ଛାତ୍ରୀ ଅଟନ୍ତି। ଛୋଟବେଳୁ ସେ ବିଭିନ୍ନ ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ହାସଲ କରିଛନ୍ତି।

## ୨୧ ବର୍ଷ ପରେ ରାୟ: ତତ୍କାଳୀନ କ୍ୟାଶିୟରଙ୍କୁ ୨ବର୍ଷ ଜେଲ

### ସରକାରୀ ଅର୍ଥ ଆତ୍ମସାତ୍ ମାମଲା

ଜୟପୁର, ୭।୯ (ନି.ପ୍ର.): ସରକାରୀ ଅର୍ଥ ଆତ୍ମସାତ୍ ମାମଲାର ବିଚାର କରି ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୀର୍ଘ ୨୧ ବର୍ଷ ପରେ ମାମଲାର ରାୟ ଶୁଣାଣି କରିଛନ୍ତି। ଏଥିରେ ବିଚାରପତି ରାଜେଶ ଏକ୍କା ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ମାଲକାନଗିରିର ତତ୍କାଳୀନ କ୍ୟାଶିୟର ଶିବରାମ ରାଜ (୬୩)ଙ୍କୁ ୨ ବର୍ଷ ଜେଲଦଣ୍ଡ ଦେଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ଅନାଦାୟ ହେଲେ ଅଧିକ ୩ ମାସ ଦଣ୍ଡ ଭୋଗିବାକୁ ରାୟରେ ସ୍ପଷ୍ଟ କରିଛନ୍ତି। ସେହିପରି ମାଲକାନଗିରିର ପୂର୍ବତନ ବିଡିଓ ରାଜ କିଶୋର ଶାସ୍ତ୍ରୀ (୫୮)ଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲା ବିବରଣୀରୁ ଜଣାପଡିଛି, ମାଲକିନକିରି ବ୍ଲକରେ ୧୯୯୭-୯୮ରେ ସରକାରୀ ଅର୍ଥ ଆତ୍ମସାତ କରିଥିବା ନେଇ ତତ୍କାଳୀନ କ୍ୟାଶିୟର ରାଜ ଓ ବିଡିଓ ଶାସ୍ତ୍ରୀଙ୍କ ନାମରେ ଅଭିଯୋଗ ହୋଇଥିଲା। ୭ ଲକ୍ଷ ୧୦ ହଜାର ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗରେ ଉଲ୍ଲେଖ ଥିଲା। ଏହାକୁ ଗୁରୁତର ସହ ନେଇ ୨୦୦୦ ମସିହାରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ତଦନ୍ତ ଆରମ୍ଭ କରିଥିଲା। ଜୟପୁରଠାରେ ଭିଜିଲାନ୍ସ କୋର୍ଟ ପ୍ରତିଷ୍ଠା ପରେ ଏହି ମାମଲା ଜୟପୁର କୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ମାମଲାରେ ୧୭ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ମାମଲାକୁ ସରକାରୀ ଓକିଲ ଏମ. ବାଲାଜୀ ରାଓ ପରିଚାଳନା କରୁଥିଲେ।

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

### ମୋ ସାଇକେଲ ଗାଏବ ଘଟଣା



କଟକ ଅଫିସ,୭।୯

ଭୁବନେଶ୍ୱରରେ ସରକାରୀ ସାଇକେଲ ଗାଏବ ଘଟଣାରେ ଭାଜପା ଲିଗାଲ ସେଲର ସଂଯୋଜକ ଜୟନ୍ତ କୁମାର ଜେନା ହାଇକୋର୍ଟରେ ମଙ୍ଗଳବାର ଏକ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଏହି ଘଟଣାର ତଦନ୍ତ କରାଯିବ। ଅନିୟମିତତା ଥିଲେ ଦୋଷୀ ଅଧିକାରୀଙ୍କ ନିକଟରୁ ଉକ୍ତ ଅର୍ଥ ଭରଣା କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ କାହିଁକି ନିର୍ଦ୍ଦେଶ ନ ଦେବେ ବୋଲି ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି। ଏଥିରେ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ, ଭୁବନେଶ୍ୱର ମହାନଗର ନିଗମ, କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ ଓ ୫ଟି ସାଇକେଲ ଯୋଗାଣକାରୀ ସଂସ୍ଥାକୁ ପକ୍ଷଭୁକ୍ତ କରାଯାଇଛି।

ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ସ୍ମାର୍ଟସିଟିରେ ସାଇକେଲିଂକୁ ପ୍ରୋତ୍ସାହିତ କରିବା ପାଇଁ ୨୦୧୮ରେ ମୋ ସାଇକେଲ୍ ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ୫ଟି ସଂସ୍ଥାରୁ ସାଢ଼େ ୭କୋଟି ଟଙ୍କା ବ୍ୟୟରେ ମୋଟ୍ ୨ ହଜାର ସାଇକେଲ କିଣାଯାଇଥିଲା। ସେହିପରି ରକ୍ଷଣାବେକ୍ଷଣ ପାଇଁ ୧କୋଟି ଟଙ୍କା ବ୍ୟୟ କରାଯାଇଛି। କିନ୍ତୁ ଏବେ ବହୁ ସାଇକେଲ ଗାଏବ ହୋଇଯାଇଛି। ଯେଉଁଗୁଡିକ ରହିଛି, ସେଗୁଡିକ ଅବ୍ୟବହୃତ ଅବସ୍ଥାରେ ପଡିଛି। ଆଉ କିଛି ସାଇକେଲ ମରାମତି କରାଯାଉନାହିଁ। ଫଳରେ ଏହି ଯୋଜନାରେ ପ୍ରାୟ ସାଢେ ୮କୋଟି ଟଙ୍କା କ୍ଷତି ହୋଇଛି। କେତେକ ସାଇକେଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରିଛି। କିନ୍ତୁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଅନ୍ୟପକ୍ଷରେ ୨ହଜାର ସାଇକେଲରୁ ମାତ୍ର ୨ଶହରୁ ୩ଶହ ସାଇକେଲ ରହିଥିବା ଗଣମାଧ୍ୟମ ସୂତ୍ରରୁ ଜଣାପଡିଛି। ଏହି ଗାଏବ ସାଇକେଲଗୁଡିକ ଚୋରି କିମ୍ବା କବାଡିଆକୁ ବିକ୍ରି କରାଯାଇଥିବା ଜଣାପଡିଛି।



ଖରସ୍ରୋତା ନଦୀ ଓ ଭିତରକନିକା ସୁରକ୍ଷା ଏବଂ ବ୍ୟାରେଜ ନିର୍ମାଣ ଦାବିରେ ରାଜକନିକା ଆଳିର ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିଧାନସଭାରେ ଉଠିଲା ଏସିଏଫ୍ ମୃତ୍ୟୁ ପ୍ରସଙ୍ଗ

ଭୁବନେଶ୍ୱର,୭।୯(ବ୍ୟୁରୋ)

ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ପ୍ରସଙ୍ଗ ବିଧାନସଭାରେ ଉଠିଛି। ମାସାଧିକ କାଳ ତଦନ୍ତ ପରେ ମଧ୍ୟ ଏସିଏଫ୍‌ଙ୍କ ମୃତ୍ୟୁ କିପରି ହେଲା ତାହା ସ୍ପଷ୍ଟ ହୋଇପାରିନି। ମଙ୍ଗଳବାର ଶୂନ୍ୟକାଳରେ ପାରଳାଖେମୁଣ୍ଡି ବିଧାୟକ ନାରାୟଣ ରାଓ ଏହି ପ୍ରସଙ୍ଗ ଗୃହରେ ଉଠାଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାମଲାରେ ପ୍ରଥମେ ପୋଲିସ ଓ ପରେ କ୍ରାଇମବ୍ରାଞ୍ଚ ତଦନ୍ତ କରିଛି। ହେଲେ ତଦନ୍ତକାରୀ ସଂସ୍ଥା କୌଣସି ନିଷ୍କର୍ଷରେ ପହଞ୍ଚି ପାରିନି। ମୁଖ୍ୟ ଅଭିଯୁକ୍ତ ଏସିଏଫ୍‌ଙ୍କ ସ୍ତ୍ରୀ ବିଦ୍ୟାଭାରତୀ, ଡିଏଫ୍‌ଓ ସଂଗ୍ରାମ ବେହେରା ଓ ରୋଷେୟାଙ୍କୁ ଜେରା କରାଗଲା। ହେଲେ ଥାନାକୁ ନ ଡାକି ଘରେ ପଚରାଉଚରା କରାଯାଇଥିଲା। ଖାଲି ଏତିକି ନୁହେଁ, ଏହି ମାମଲାରେ ଏବେ ଗୁରୁତ୍ୱପୂର୍ଣ୍ଣ ଦିଗ ପଦାକୁ ଆସିଥିବା କହିଛନ୍ତି ବିଧାୟକ। ଗଜପତି ଜିଲାର ଜଙ୍ଗଲରୁ ରକ୍ତଚନ୍ଦନ କାଠ ଚୋରି ହେଉଛି।


ସୌମ୍ୟରଞ୍ଜନ ମହାପାତ୍ର

ପଡ଼ୋଶୀ ରାଜ୍ୟକୁ ଏସବୁ ଚାଲାଣ କରାଯାଉଛ। ତେବେ ଡିଏଫ୍‌ଓ କ'ଣ ଏ ସମ୍ପର୍କରେ ଜାଣିପାରୁ ନାହାନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ସମସ୍ତ ଘଟଣାକୁ ଦେଖିଲେ ଲାଗୁଛି ରାଜ୍ୟ ସରକାର ଡିଏଫ୍‌ଓଙ୍କୁ ସୁରକ୍ଷା ଦେଉଛନ୍ତି। ଲୋକଙ୍କ ଭିତରେ ଅସନ୍ତୋଷ ବଢ଼ୁଛି। ସତ ଘଟଣା ସାମ୍ନାକୁ ଆସୁ ବୋଲି ପାରଳାଖେମୁଣ୍ଡି ବିଧାୟକ ଗୃହରେ ଦାବି କରିଛନ୍ତି।

## ୯ରେ ପେନ୍‌ସନ ଅଦାଲତ

ଭୁବନେଶ୍ୱର,୭।୯(ବ୍ୟୁରୋ)

ସ୍ଥାନୀୟ ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ପେନ୍‌ସନ ଓ ଭବିଷ୍ୟନିଧି ଅଭିଯୋଗ ସମ୍ବନ୍ଧୀୟ ସ୍ୱତନ୍ତ୍ର ପେନ୍‌ସନ ଓ ଜିପିଏଫ୍ ଅଦାଲତ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବ। ପ୍ରଧାନ ମହାଲେଖାକାର ବିଭୁଦତ୍ତ ବସନ୍ତିଆ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିବେ। ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀମାନେ ଉକ୍ତ ଦିବସରେ ଉପସ୍ଥିତ ରହି ସେମାନଙ୍କ ଅଭିଯୋଗ ଉପସ୍ଥାପନ କରିପାରିବେ। ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ସୁଶୀଲ କୁମାର ମିଶ୍ର, ସହକାରୀ ଲେଖା ଅଧିକାରୀଙ୍କ ସହ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଯୋଗାଯୋଗ କରିବାକୁ କୁହାଯାଇଛି।

## କୋଭିଡ୍ ଆମ୍ବୁଲାନ୍ସରେ ବୁହା ହେଉଛି ସାର

ଅସ୍ତରଙ୍ଗ,୭।୯(ଡି.ଏନ୍.ଏ.)

କୋଭିଡ୍ ମହାମାରୀ ପାଇଁ କରୋନା ସଂକ୍ରମିତ ରୋଗୀଙ୍କୁ ନେବା ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କୋଭିଡ୍ ଆମ୍ବୁଲାନ୍ସ ଗାଡ଼ି ବ୍ୟବସ୍ଥା କରାଯାଇଛି। ହେଲେ ଏହି ଆମ୍ବୁଲାନ୍ସରେ ରୋଗୀ ବଦଳରେ ସାର, ଚୁଡ଼ା ଓ ସାଧାରଣ ଲୋକ ଯାତାୟାତ ହେଉଛନ୍ତି। ଏଭଳି ଘଟଣା ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ କିଛିଦିନ ହେବ ଦେଖିବାକୁ ମିଳିଛି। ଗାଡି ମାଲିକମାନେ ସରକାରଙ୍କ ନିୟମ ନ ମାନି ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଥିବା ଦେଖାଦେଇଛି। ଉକ୍ତ ଗାଡ଼ିରେ ସଂକ୍ରମଣ ଲୋକଙ୍କୁ ନେବା ଆଣିବା କରୁଥିବାବେଳେ ଏଭଳି ସାଧାରଣ ଲୋକ ମଧ୍ୟ ଯିବାଆସିବା କରିବା ଦ୍ୱାରା ଅଧିକ ସଂକ୍ରମିତ ହେବା ଆଶଙ୍କା ସୃଷ୍ଟି ହୋଇଛି। କେତେଜଣ ଗାଡ଼ି ମାଲିକ ଗାଡ଼ି ପଇସା ସରକାରଙ୍କଠାରୁ ପାଉଥିବା ବେଳେ ଅତ୍ୟଧିକ ଲୋଭ ଆଶାରେ ଏଭଳି କରୁଥିବା ଜଣାପଡ଼ିଛି। ଅଧିକାଂଶ ଗାଡ଼ି ମାଲିକମାନେ ପୁରୀ ଜିଲା ପରିବହନ ଅଧିକାରୀଙ୍କ ଠାରୁ ତଳିଆ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ହାତଗୁଞ୍ଜା ଦେଇ ନିଜ ଗାଡିକୁ ପଞ୍ଜିକୃତ କରି ସରକାରଙ୍କ ଠାରୁ ପାଉଣା ହାତଉଥିବା ଅଭିଯୋଗ ହୋଇଛି। ଏପରିକି ଏଭଳି କୋଭିଡ୍ ଗାଡ଼ି ସାଧାରଣ ଲୋକ, ସାମଗ୍ରୀ ନେବା ସମ୍ପର୍କରେ ଜିଲା ବିପିଏମଙ୍କଠାରୁ ଆରମ୍ଭ କରି ତଳିଆ କର୍ମଚାରୀଙ୍କୁ ପଚାରିବାରେ କେହି ମୁହଁ ଖୋଲୁନାହାନ୍ତି। ତୁରନ୍ତ ଉକ୍ତ ଗାଡି ମାଲିକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସେହି ଗାଡ଼ିଗୁଡ଼ିକ ହଟାଇ ନୂତନ ଗାଡି କୋଭିଡ ଆମ୍ବୁଲାନ୍ସ ଭାବେ ବ୍ୟବହାର କରିବାକୁ ଦାବି ହେଉଛି। ଏଥିସହିତ ଏଭଳି ଗୁରୁତର ଘଟଣା ପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।


ଆମ୍ବୁଲାନ୍ସରେ ଯାଉଥିବା ସାର।

# ଜାତୀୟ ଉଦ୍ୟାନ ମାନ୍ୟତା ପାଇଁ ଜନବସତି ଅଡୁଆ

### ଶିମିଳିପାଳ ଅଭୟାରଣ୍ୟ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ଶିମିଳିପାଳ ଅଭୟାରଣ୍ୟକୁ ଏପର୍ଯ୍ୟନ୍ତ ଜାତୀୟ ଉଦ୍ୟାନ ମାନ୍ୟତା ମିଳିପାରୁନାହିଁ। ଜାତୀୟ ଉଦ୍ୟାନ ମାନ୍ୟତା ଯେଉଁ ମାନଦଣ୍ଡ ରହିଛି ତାକୁ ପୂରଣ କରିବାରେ ବନ ବିଭାଗ ଅସଫଳ ହେଉଛି। ମଙ୍ଗଳବାର ବିଧାନସଭା ତଥ୍ୟରୁ ଏହା ଜଣାପଡ଼ିଛି। ଅଭୟାରଣ୍ୟରୁ ଏପର୍ଯ୍ୟନ୍ତ ଜନବସତି ଖାଲି ହୋଇ ପାରି ନ ଥିବା ଏହାର ମୂଳ କାରଣ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି।

ବିଧାୟକ ରମେଶ ରାମ୍ ସିଂ ଖୁଣ୍ଟିଆଙ୍କ ଏକ ପ୍ରଶ୍ନରେ ଉତ୍ତର ଦେଇ ମନ୍ତ୍ରୀ ଆରୁଖ କହିଛନ୍ତି, ରାଜ୍ୟ ସରକାର ଶିମିଳିପାଳ ଅଭୟାରଣ୍ୟର ମୋଟ ଏରିଆ ୨୩୦୬.୬୧ ବର୍ଗ କିମି ମଧ୍ୟରୁ ୮୪୫.୭୦ ବର୍ଗ କିମି ଏରିଆକୁ ପ୍ରସ୍ତାବିତ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରିଛନ୍ତି। କିନ୍ତୁ ପୂର୍ଣ୍ଣାଙ୍ଗ ଜାତୀୟ ଉଦ୍ୟାନର ମାନ୍ୟତା ଏ ପର୍ଯ୍ୟନ୍ତ ମିଳିପାରି ନାହିଁ। ଏହାର ମୂଳ କାରଣ ହେଉଛି ଏହି ପ୍ରସ୍ତାବିତ ଅଞ୍ଚଳ ଏଯାଏ ଜନବସତି ଶୂନ୍ୟ ହୋଇନାହିଁ। କୌଣସି ସ୍ଥାନ ବା ଅଭୟାରଣ୍ୟକୁ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରିବା ପାଇଁ ସେହି ସ୍ଥାନ ସମ୍ପୂର୍ଣ୍ଣ ଜନବସତି ଓ ଗୃହପାଳିତ ପ୍ରାଣୀ ଶୂନ୍ୟ ତଥା ସେମାନଙ୍କ ବିଚରଣରୁ ସମ୍ପୂର୍ଣ୍ଣ ମୁକ୍ତ ହେବା ଆବଶ୍ୟକ। ଏହି ପ୍ରସ୍ତାବିତ ଅଞ୍ଚଳରେ ଗ୍ରାମ ଓ ଜନବସତି ରହିଥିବାରୁ ଏହା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ମାନଦଣ୍ଡକୁ ପୂରଣ କରିପାରୁନାହିଁ। ଶିମିଳିପାଳ କୋର୍ ଏରିଆ ମଧ୍ୟରେ ୬ଟି ଗ୍ରାମ ଥିଲା। ସେଥିମଧ୍ୟରୁ ଜେନାବିଲି, ଯମୁନାଗଡ଼, କବାଟଘାଇ ଓ ବକୁଆ ଗ୍ରାମଗୁଡ଼ିକ ରାଜସ୍ୱ ଗ୍ରାମ ଏବଂ ବାରହା କାମୁଡ଼ା ଓ ବାହାଘର ଗ୍ରାମ ଦୁଇଟି ସେଟଲମେଣ୍ଟ ଭିଲେଜ୍ ଥିଲା। ସେଥିମଧ୍ୟରୁ ଜେନାବିଲି, କବାଟଘାଇ, ବାରହା କାମୁଡ଼ା ଓ ବାହାଘର ଗ୍ରାମ ସମ୍ପୂର୍ଣ୍ଣ ଭାବେ ସ୍ଥାନାନ୍ତର କରାଯିବା ସହିତ ଯମୁନାଗଡ଼ ଗ୍ରାମର ୪୬ଟି ପରିବାରକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ଶିମିଳିପାଳ କୋର ଏରିଆ ଅଞ୍ଚଳରେ ଥିବା ୨ଟି ଗ୍ରାମ ଯଥା ବକୁଆ ଗ୍ରାମର ୬୧ଟି ପରିବାର ଓ ଯମୁନାଗଡ଼ ଗ୍ରାମର ୩ଟି ପରିବାର ବସବାସ କରୁଛନ୍ତି। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ସଂସ୍ଥା(ଏନ୍‌ଟିସିଏ) ନିୟମାନୁସାରେ ପ୍ରତ୍ୟେକ ପରିବାର ସ୍ଥାନାନ୍ତରଣ ହେବା ପାଇଁ ଲିଖିତ ଇଚ୍ଛା ପ୍ରକଟ କରିବା ପରେ ଗ୍ରାମ ସଭାର ଅନୁମୋଦନ କ୍ରମେ କେନ୍ଦ୍ର ସରକାରଙ୍କ ଏନ୍‌ଟିସିଏ ପ୍ୟାକେଜ୍ ଅନୁସାରେ ସେଠାରୁ ସ୍ୱେଚ୍ଛାକୃତ ସ୍ଥାନାନ୍ତର କରାଯିବ। ସେଥବପାଇଁ ୨ଟି ଗ୍ରାମରେ ରହୁଥିବା ସବୁ ବାସିନ୍ଦାଙ୍କୁ ସ୍ଥାନାନ୍ତରର ବିଭିନ୍ନ ଦିଗ ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଉଛି। ଏହି ୨ଟି ଗ୍ରାମର ସମସ୍ତ ବାସିନ୍ଦା ସ୍ଥାନାନ୍ତର ହେବା ପରେ ଶିମିଳିପାଳକୁ ଏକ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରାଯାଇପାରିବ।

## ପାରଳାଖେମୁଣ୍ଡି କୋର୍ଟରେ ସବ୍ୟସାଚୀ



ପାରଳାଖେମୁଣ୍ଡି,୭।୯(ଡି.ଏନ୍.ଏ.)

ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ମଙ୍ଗଳବାର ଗଜପତି ଜିଲା ଦୌରାଜଜ୍ କୋର୍ଟରେ ହାଜର ହୋଇଛନ୍ତି। ତାଙ୍କ ବିରୋଧରେ ଥିବା ୩ଟି ମାମଲା ଯଥା ଗଜପତି ଜିଲାର ଝିଲିକି ଗ୍ରାମରେ ସଂଗଠିତ ଲ୍ୟାଣ୍ଡମାଇନ ବିସ୍ଫୋରଣ, ୨୦୧୨ ଭାଲିଆଗୁଡା ଏନ୍‌କାଉଣ୍ଟର ଏବଂ ମୁଖୀ ଜଙ୍ଗଲରେ ଗୁଳି ବିନିମୟ ଘଟଣାରେ ସାକ୍ଷ୍ୟ ଗ୍ରହଣ କରାଯିବାର ଥିଲା। ହେଲେ ଏହି ୩ ମାମଲାର ସାକ୍ଷୀମାନେ କୋର୍ଟରେ ହାଜର ହୋଇ ନ ଥିବା ସବ୍ୟସାଚୀଙ୍କ ଓକିଲ ସ୍ୱରୂପ ପାଳ ସୂଚନା ଦେଇଛନ୍ତି। ବୁଧବାର ଅନ୍ୟ କେତେଟି ମାମଲାର ସାକ୍ଷ୍ୟ ଗ୍ରହଣ କରାଯିବାର ଅଛି।

## ପୋଖରୀରେ ବୁଡ଼ି ବାପଝିଅଙ୍କ ମୃତ୍ୟୁ

ନୂଆପଡ଼ା ଅଫିସ,୭।୯

ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ବାପ ଝିଅଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ନୂଆପଡ଼ା ଏନ୍‌ଏସିର ୮ ନଂ. ୱାର୍ଡ଼ସାଲେଭଟା ଗାଁରେ। ମୃତକ ହେଲେ ରୋହିତ ମାଝି (୩୫) ଓ ତାଙ୍କ ୮ ବର୍ଷର ଝିଅ ଦୀପିକା। ମଙ୍ଗଳବାର ପୂର୍ବାହ୍ନରେ ରୋହିତ ଝିଅ ଦୀପିକାକୁ ନେଇ ଗାଁର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଝିଅ ଗାଧୋଉ ଥିବା ବେଳେ ବୁଡି ଯାଉଥିଲେ। ଚିତ୍କାର ଶୁଣି ପୋଖରୀ ହୁଡ଼ା ଉପରେ ବସିଥିବା ବାପା ତାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେ ପାଣିରୁ ବାହାରିପାରି ନ ଥିଲେ। ସେ ମଧ୍ୟ ବୁଡ଼ିଯାଇଥିଲେ। ପାଖରେ କେହି ଲୋକ ନ ଥିବାରୁ ଘଟଣାସ୍ଥଳରେ ବାପଝିଅଙ୍କ ମୃତ୍ୟୁ ଘଟିଥିଲା। ଉଭୟେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପୋଖରୀ ହୁଡ଼ାରେ ଗାମୁଛା ଓ ଚପଲ ଦେଖି ପାଣିରେ ବୁଡ଼ିଯାଇଥିବା ସନ୍ଦେହ କରି ପରିବାର ଏବଂ ଗାଁ ଲୋକେ ଖୋଜିଥିଲେ। ପାଣି ଭିତରୁ ବାପଝିଅଙ୍କ ମୃତଦେହ ଉଦ୍ଧାର କରି ଘରକୁ ନେଇ ଯାଇଥିଲେ।

## ଭାରତୀୟ ମହିଳା, ପୁରୁଷ ହକି ଟିମ୍‌କୁ ଅଭିନନ୍ଦନ

### ବିଧାନସଭାରେ ଆଗତ ହେଲା ଧନ୍ୟବାଦ ସଂକଳ୍ପ

ଭୁବନେଶ୍ୱର,୭।୯(ବ୍ୟୁରୋ)

ଟୋକିଓ ଅଲିମ୍ପିକ୍ସରେ ମହିଳା ଓ ପୁରୁଷ ହକି ଦଳର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମଙ୍ଗଳବାର କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ବିଧାନସଭାରେ ଧନ୍ୟବାଦ ପ୍ରସ୍ତାବ ଆଗତ କରିଛନ୍ତି। ପୁରୁଷ ହକି ଟିମ୍ ୪୧ ବର୍ଷ ପରେ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଛି। ଏହା ସାରା ବିଶ୍ୱରେ ଦେଶକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ସେହିପରି ମହିଳା ହକି ଟିମ୍ ଟୋକିଓରେ ମେଡାଲ ଜିତି ନ ଥିଲେ ମଧ୍ୟ ସଂଘର୍ଷ କରି ସାରା ଦେଶର ହୃଦୟ ଜିତିଛି। ଉଭୟ ଟିମ୍‌ର ଏଭଳି ପ୍ରଦର୍ଶନ ସାରା ଦେଶକୁ ଏକାଠି କରିଛି। ବିଧାନସଭା ତରଫରୁ ଉଭୟ ପୁରୁଷ ଓ ମହିଳା ହକି ଟିମ୍‌କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଅଧିକ ସଫଳତା କାମନା କରି ବିଧାନସଭାରେ ଏକ ସଂକଳ୍ପ ପାରିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ସମୟରେ ହକିର ବିକାଶ ପାଇଁ ଚେଷ୍ଟା କରିଛନ୍ତି। ଓଡ଼ିଶା ହକି ଟିମ୍‌ର ପ୍ରାୟୋଜକ ରହିଛି। ୨୦୧୮ରେ ହକି ବିଶ୍ୱକପ୍ ଆୟୋଜନ କରିଛି। ଏହା ରାଜ୍ୟରେ ହକିର ବିକାଶ ଦିଗରେ ଆଉ ଏକ ଉଲ୍ଲେଖନୀୟ ଅବଦାନ। ସେହିଭଳି ୨୦୨୩ରେ ରାଉରକେଲାରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ ପାଇଁ ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ ନିର୍ମାଣ କରାଯାଉଛି। ତୃଣମୂଳ ସ୍ତରରେ ହକି ତାଲିମ କେନ୍ଦ୍ର ପ୍ରସ୍ତୁତ ହେଉଛି। କଳିଙ୍ଗ ଷ୍ଟାଡିୟମରେ ନିର୍ମାଣ ହୋଇଛି ହାଇପରଫର୍ମାନ୍ସ ସେଣ୍ଟର। ଆସନ୍ତା ୧୦ ବର୍ଷ ପାଇଁ ଓଡ଼ିଶା ହକି ପ୍ରାୟୋଜକ ରହିବ। ମୁଖ୍ୟମନ୍ତ୍ରୀ ଏହି ଐତିହାସିକ ଘୋଷଣା କରିଛନ୍ତି ବୋଲି ତୁଷାରକାନ୍ତି କହିଛନ୍ତି।

# ସପ୍ତାହକ ମଧ୍ୟରେ କ୍ଷତିପୂରଣ ଦିଅ

- ମରୁଡ଼ି କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଲା ଭାଜପାର ୪ ଟିମ୍
- ୨୫୦ ସ୍ଥାନ ପରିଦର୍ଶନ କରି ସ୍ଥିତି ପରଖିଲେ
- ରାଜ୍ୟ ସରକାରଙ୍କୁ କଟାକ୍ଷ କଲେ ମନମୋହନ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ରାଜ୍ୟରେ ସୃଷ୍ଟି ହୋଇଥିବା ମରୁଡ଼ି ପରିସ୍ଥିତିର ସମୀକ୍ଷା କରିବା ଲାଗି ଗଠିତ ରାଜ୍ୟ ଭାଜପାର ୪ ଟିମ୍ ୨୫୦ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଚଳିତବର୍ଷ ବର୍ଷାଭାବରୁ ବ୍ୟାପକ ଫସଲ କ୍ଷତି ହୋଇଛି। ରାଜ୍ୟ ସରକାର ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସପ୍ତାହକ ମଧ୍ୟରେ ରିଲିଫ୍ ଘୋଷଣା କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି।

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶରେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ, ଏମ୍‌ପି ବସନ୍ତ ପଣ୍ଡା, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଏବଂ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ୪ ଟିମ୍ ଗଠନ କରାଯାଇଥିଲା। ବାସ୍ତବ ସ୍ଥିତି ନିରୀକ୍ଷଣ କରିବା ପରେ ଟିମ୍ ମୁଖିଆ ରାଜ୍ୟ ସଭାପତିଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏହାପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ ସାମଲ କହିଛନ୍ତି, ୯୦ଦିନିଆ ଧାନ ଫସଲ ପାଇଁ ବର୍ଷାଜଳର ବିକଳ୍ପ କରାଯାଇନାହିଁ। ଜଳସେଚନର ପ୍ରମୁଖ ଉତ୍ସଗୁଡ଼ିକ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ରାଜ୍ୟ ସରକାରଙ୍କ ଉଦାସୀନତାରୁ ୨୭ ଜିଲାରେ ଉତ୍କଟ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଫସଲ କ୍ଷୟକ୍ଷତି ଚିନ୍ତାରେ ବଲାଙ୍ଗୀର ଜିଲା ତୁରେଇକେଲା ଏବଂ ପାଟଣାଗଡ ଅନ୍ତର୍ଗତ ଭାଲୁଝରି ଗ୍ରାମର ୨ ଚାଷୀ ଆତ୍ମହତ୍ୟା କରିଛନ୍ତି। ରାଜ୍ୟ ସରକାର ମରୁଡ଼ି ସ୍ଥିତିକୁ ଗମ୍ଭୀରତାର ସହ ନେଉ ନ ଥିବା ବିଧାନସଭାରେ ରାଜସ୍ୱ ମନ୍ତ୍ରୀଙ୍କ ବିବୃତିରୁ ସ୍ପଷ୍ଟ ହୋଇଛି। ଶାସକ ଦଳର ବିଧାୟକ, ମନ୍ତ୍ରୀ କିମ୍ବା ପ୍ରଶାସନିକ ଅଧିକାରୀ ଏଯାଏ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିନାହାନ୍ତି। ତଥାପି ମରୁଡ଼ି କ୍ଷୟକ୍ଷତି ଅକଳନ କରାଯାଉଥିବା ରାଜ୍ୟ ସରକାର ବିଧାନସଭାରେ ବାହୁସ୍ଫୋଟ ମାରୁଛନ୍ତି। ମରୁଡ଼ିର ଠିକ୍ ଅର୍ଥ ବୁଝିବା ରାଜ୍ୟ ସରକାରଙ୍କ ସାମର୍ଥ୍ୟ ବାହାରେ। ପ୍ରଥମେ ରାଜ୍ୟର ୩୫% ଏବଂ ଗତ ସାଧାରଣ ନିର୍ବାଚନରେ ୧୦ ଲକ୍ଷ ହେକ୍ଟର ଜମିକୁ ପାଣି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ, ଯାହା ଧୂଆଁବାଣରେ ପରିଣତ ହୋଇଛି। ମରୁଡ଼ି ମୁକାବିଲା ପାଇଁ ରାଜ୍ୟ ସରକାର ସର୍ବନିମ୍ନ ପଦକ୍ଷେପ ନ ନେବା ଚାଷୀକୁଳକୁ ଉପେକ୍ଷା ବୋଲି ମନମୋହନ କଟାକ୍ଷ କରିଛନ୍ତି। ପରିସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କରି ରାଜ୍ୟ ସରକାର ମରୁଡିଗ୍ରସ୍ତ ଅଞ୍ଚଳର ଚାଷୀଙ୍କୁ ସପ୍ତାହକ ମଧ୍ୟରେ କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି।


ଖବରଦାତା ସମ୍ମିଳନୀରେ ମନମୋହନ ସାମଲ ଓ ଅନ୍ୟମାନେ।

## ସଂକ୍ଷେପରେ

### ହୋମ୍ ଲୋନ ପ୍ରଦାନ କରିବ ଇଣ୍ଡିଆ ପୋଷ୍ଟ

**ନୂଆଦିଲ୍ଲୀ, ୭।୯:** ଏଲ୍ଆଇସି ହାଉସିଂ ଫାଇନାନ୍ସ ଏବଂ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ (ଆଇପିପିବି) ଚୁକ୍ତିରେ ସାମିଲ ହୋଇଛନ୍ତି। ଆଇପିପିବିର ସିଇଓ ଜେ.ଭେଙ୍କଟରାମୁ କହିଛନ୍ତି, ଆମ ପ୍ଲାଟଫର୍ମରେ ଗ୍ରାହକଙ୍କୁ ହୋମ୍ ଲୋନ ସୁବିଧା ଯୋଗାଣ ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ। ସାରା ଦେଶରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ୪.୫ କୋଟି ଗ୍ରାହକ ରହିଛନ୍ତି। ଆଇପିପିବି ଜରିଆରେ ଏଲ୍ଆଇସି ହାଉସିଂ ଫାଇନାନ୍ସ ସୁବିଧା ଗ୍ରାହକ ନେଇ ପାରିବେ। ଏଲ୍ଆଇସି ବାଦ ଇଣ୍ଡିଆ ପୋଷ୍ଟର କର୍ମଚାରୀମାନେ ମଧ ହୋମ୍ ଲୋନ ବୃଦ୍ଧି କ୍ଷେତ୍ରରେ ମଧ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ସାରା ଦେଶରେ ଇଣ୍ଡିଆ ପୋଷ୍ଟର ୬୫୦ ଶାଖା ରହିଛି। ଏହା ୧.୩୬ ଲକ୍ଷ ବ୍ୟାଙ୍କିଙ୍ଗ ଟଚ୍ ପଏଣ୍ଟ ମଧ ଏହା ମଧରେ ରହିଛି। ୨ ଲକ୍ଷରୁ ଉର୍ଦ୍ଧ୍ୱ ଡାକବାଲା ଏବଂ ଗ୍ରାମାଞ୍ଚଳରେ ଡାକସେବକ ମାନେ ମଧ ରହିଛନ୍ତି। ଏଲ୍ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ ବାଦ ଇଣ୍ଡିଆ ପୋଷ୍ଟର କର୍ମଚାରୀ ବିଜନେସ୍ ଲୋନ୍ କ୍ଷେତ୍ରରେ କାମ କରିବେ। ଏଲ୍ଆଇସି ହାଉସିଂ ଫାଇନାନ୍ସର ହୋମ୍ ଲୋନ ସୁଧ ହାର ୬.୬୬% ସ୍ତରରେ ରହିଛି। କୋଟାକ ମହିନ୍ଦ୍ରା ବ୍ୟାଙ୍କ ପରେ ଏହା ସବୁଠାରୁ କମ୍ ବୋଲି ଜଣାପଡିଛି। କୋଟାକ ୬.୬୫% ବାର୍ଷିକ ସୁଧହାରରେ ବାସଗୃହ ଋଣ ପ୍ରଦାନ କରୁଛି।

# ମାମଲା ପ୍ରତ୍ୟାହାର କରିବ କେୟର୍ନ

**ନୂଆଦିଲ୍ଲୀ, ୭।୯**

ବ୍ରିଟେନ ଭିତ୍ତିକ ଏନର୍ଜି କମ୍ପାନୀ ଭାରତ ବିରୋଧରେ ଦାୟର କରିଥିବା ମାମଲାକୁ ପ୍ରତ୍ୟାହାର କରିବ ବୋଲି ଜଣାପଡିଛି। ଆମେରିକା, ଫ୍ରାନ୍ସ ଭଳି ବିଭିନ୍ନ ଦେଶରେ ରହିଥିବା ଭାରତୀୟ ସମ୍ପତ୍ତି ଜବତ ଲାଗି କେୟର୍ନ ବିଦେଶର ବିଭିନ୍ନ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ବର୍ତ୍ତମାନ ଏହି ମାମଲାଗୁଡିକୁ ପ୍ରତ୍ୟାହାର କରିବାକୁ ପ୍ରସ୍ତୁତ ଥିବା କମ୍ପାନୀ ସ୍ପଷ୍ଟ କରିଛି। ଭାରତ ସରକାର ରେଟ୍ରୋସ୍ପେକ୍ଟିଭ (ପୂର୍ବ ପ୍ରଭାବୀ) ଟିକସ ରଦ୍ଦ କରିବା ସହ ୧ ବିଲିୟନ ଡଲାର ଅର୍ଥ ଫେରସ୍ତ କରିବାକୁ ଆଗ୍ରହୀ ଅଛନ୍ତି। ଟିକସ ଅର୍ଥ ଫେରିପାରିବାର ଗୋଟିଏ କିମ୍ବା ୨ ଦିନ ମଧରେ ମାମଲା ପ୍ରତ୍ୟାହାର କରାଯିବ ବୋଲି କମ୍ପାନୀ ମଙ୍ଗଳବାର କହିଛି। ଉଲ୍ଲେଖଯୋଗ୍ୟ, ଭାରତ ସରକାର ରେଟ୍ରୋସ୍ପେକ୍ଟିଭ ଟିକସ ଆଇନରେ ଏହି ଅର୍ଥ କେୟର୍ନଠାରୁ ଆଦାୟ କରିଥିଲେ।

କେୟର୍ନ ଏନର୍ଜିର ସିଇଓ ସାଇମନ ଥମ୍ପସନ ନ୍ୟୁଜ ଏଜେନ୍ସି ପିଟିଆଇକୁ ଏକ ସାକ୍ଷାତକାରରେ କହିଛନ୍ତି, ରେଟ୍ରୋସ୍ପେକ୍ଟିଭ ଟିକସ ଆଇନ ସମ୍ପର୍କିତ ଭାରତ ସରକାରଙ୍କ ବିରୋଧରେ କରାଯାଇଥିବା ସବୁ ମାମଲା ପ୍ରତ୍ୟାହାର କରିବାକୁ ପ୍ରସ୍ତୁତ ଅଛୁ। ଭାରତର ସର୍ତ୍ତ ଆମକୁ ମଞ୍ଜୁର। ମାମଲା କେତେ ଶୀଘ୍ର




- ଭାରତ ଫେରାଇବ ୧ ବିଲିୟନ ଡଲାର
- ରିଫଣ୍ଡ ପରେ ମୋକଦ୍ଦମା ଶେଷ ହେବ

ସମାଧାନ ହେବ ସେ ନେଇ ଭାରତ ସରକାର ଚେଷ୍ଟା ଜାରି ରଖିଛନ୍ତି। ଆଗାମୀ କିଛି ସପ୍ତାହ ମଧରେ ସବୁ ପ୍ରକ୍ରିୟା ଶେଷ ହୋଇପାରେ ବୋଲି ଆଶା କରାଯାଉଛି। ପ୍ୟାରିସ ସ୍ଥିତ ଭାରତର ଡିପ୍ଲୋମାଟିକ ଆପାର୍ଟମେଣ୍ଟ ଏବଂ ଆମେରିକାରେ ଏୟାର ଇଣ୍ଡିଆର ବିମାନ ଜବତ କରିବା ନେଇ କେୟର୍ନ ଯୋଜନା ରଖିଥିଲା। ଭାରତ ସରକାରଙ୍କ ଅଫରକୁ ବିଚାର କରି ମାମଲା ପ୍ରତ୍ୟାହାର କରାଯାଉ ବୋଲି କମ୍ପାନୀର ଅଂଶୀଦାରମାନେ ଚାହୁଁଛନ୍ତି ବୋଲି ଥମ୍ପସନ କହିଛନ୍ତି।

ଟିକସ ବିବାଦ ସମାଧାନ ହେଲେ କେୟର୍ନ ଏନର୍ଜିକୁ ୧.୬ ବିଲିୟନ ଡଲାର ଅର୍ଥ ଭାରତ ସରକାର ଫେରାଇବେ। ଏହି ଅର୍ଥ ମଧରେ କମ୍ପାନୀ ୭୦ କୋଟି ଡଲାର ସ୍ୱତନ୍ତ୍ର ଡିଭିଡେଣ୍ଡ ଏବଂ ବାଏବ୍ୟାକ୍ ଅଫର ଜରିଆରେ କମ୍ପାନୀର ଅଂଶୀଦାରଙ୍କ ମଧରେ ବଣ୍ଟାଯାଇପାରେ। ମାମଲା ସମାଧାନ ହେବାର ୪ରୁ ୬ ସପ୍ତାହ ମଧରେ ୫୦ କୋଟି ଡଲାରର ପ୍ରସ୍ତାବିତ ଡିଭିଡେଣ୍ଡ ଏବଂ ୨୦ କୋଟି ଡଲାରର ବାଏବ୍ୟାକ୍ ଅଫର ସମ୍ପର୍କିତ ରିଜଲ୍ୟୁଶନ ଶେୟାର ହୋଲ୍ଡରଙ୍କ ତରଫରୁ ଆସିପାରେ।

**କଣ ଥିଲା ଟିକସ ମାମଲା...**

ରେଟ୍ରୋସ୍ପେକ୍ଟିଭ ଟିକସ ଡିମାଣ୍ଡ ଅଧିନରେ ଭାରତ ସରକାର କେୟର୍ନ ଏନର୍ଜି ବିରୋଧରେ ୧୦,୨୪୭ କୋଟି ଟଙ୍କା ଟିକସ ଅସୁଲ କରିଥିଲେ। ଏହା ବିରୋଧରେ କେୟର୍ନ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଗତ ବର୍ଷ ସେପ୍ଟେମ୍ବରରେ ଟ୍ରିବ୍ୟୁନାଲ ଏହି ମାମଲାକୁ ଖାରଜ କରି ଦେଇଥିଲେ। କେୟର୍ନଠାରୁ ଆଦାୟ କରାଯାଇଥିବା ଟିକସ ଅର୍ଥ ଫେରସ୍ତ ଲାଗି ଭାରତକୁ ନିର୍ଦ୍ଦେଶ ରହିଥିଲା। ଭାରତ ସରକାର ଏହି ଅର୍ଥ ଫେରସ୍ତ ଲାଗି ମନା କରିବାକୁ କମ୍ପାନୀ ବିଭିନ୍ନ ଦେଶର ଅଦାଲତଙ୍କ ଦ୍ୱାରସ୍ଥ ହେବା ସହ ଭାରତୀୟ ସମ୍ପତ୍ତି ଜବତ କରିବାକୁ ଅଗ୍ରସର ହୋଇଥିଲା। ଭାରତ ସରକାର ଚଳିତ ବର୍ଷ ଅଗଷ୍ଟରେ ଆମେରିକା ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲା ଆମେରିକା ନ୍ୟାୟ କ୍ଷେତ୍ର ବାହାରେ ଥିବାରୁ ଏହାକୁ ଖାରଜ କରାଯାଉ ବୋଲି ଭାରତ ଦାବି କରିଥିଲା। ରେଟ୍ରୋସ୍ପେକ୍ଟିଭ ଟିକସକୁ ଖାରଜ କରିବା ଲାଗି ଭାରତ ସରକାର ଅଗଷ୍ଟ ୭ରେ ଏକ ସଂସଦରେ ବିଲ୍ ଉପସ୍ଥାପିତ କରିଛନ୍ତି। ପୂର୍ବର ନିୟମ ମୁତାବକ, ୫୦ ବର୍ଷ ପର୍ଯ୍ୟନ୍ତ ପୁରୁଣା ଟିକସ ମାମଲାରେ କ୍ୟାପିଟାଲ ଗେନ୍ସ ଉପରେ ଟିକସ ଲାଗୁ କରାଯାଇପାରିବ। ଏହା ଦ୍ୱାରା ୧୭ କମ୍ପାନୀଠାରୁ ସରକାର ୧.୧୦ ଲକ୍ଷ କୋଟି ଟଙ୍କା ଆଦାୟ କରିଥିଲେ। ଏହା ମଧରେ କେୟର୍ନର ୧୦,୨୪୭ କୋଟି ଟଙ୍କା ସାମିଲ ରହିଥିଲା।

# ଏଲ୍‌ଜିର ନୂଆ ବେଷ୍ଟ ଶପ୍



**ରାୟଗଡା, ୭।୯**

ଏଲ୍‌ଜି ଇଲେକଟ୍ରୋନିକ୍ସ ପକ୍ଷରୁ ରାୟଗଡାରେ ନୂଆ ବେଷ୍ଟ ଶପ୍ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଷ୍ଟେଶନ ରୋଡର ଏସ୍କାୟ ଏଣ୍ଟରପ୍ରାଇଜେସଠାରେ ଏହା ଅବସ୍ଥିତ। ଗ୍ରାହକଙ୍କ ପରିବର୍ତ୍ତିତ ଚାହିଦାକୁ ନଜରରେ ରଖି ଏହି ଷ୍ଟୋରଟି ଖୋଲାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଭିଡିଓକନଫରେନ୍ସ ଯୋଗେ ଏହି ଅବସରରେ ଏଲ୍‌ଜି ଇଲେକଟ୍ରୋନିକ୍ସ ଇଣ୍ଡିଆର ହୋମ୍ ଆପ୍ଲାଏନ୍ସ ନିର୍ଦ୍ଦେଶକ ଏଚ୍.ଏସ୍.ଜି, ବରିଷ୍ଠ ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ ପ୍ରବଳ ସକ୍ସେନା, ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ ପ୍ରଭଞ୍ଜନ ରେଡ୍ଡୀ, ଓଡିଶା ବିଏମ୍ ମନିଷ ସିଂଘଲ, ମାର୍କେଟିଂ ମ୍ୟାନେଜର ସିଦ୍ଧାର୍ଥ ଦୀପଙ୍କର, ଦକ୍ଷିଣ ଓଡ଼ିଶାର ଏରିଆ ମ୍ୟାନେଜର ସୁମିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହା ଗ୍ରାହକଙ୍କୁ ଉନ୍ନତ ଶପିଂ ଅଭିଜ୍ଞତା ପ୍ରଦାନ କରିବା ସହ ଏହା ୱାନ ଷ୍ଟପ ଶପ୍ ଭାବେ କାମ କରିବ ବୋଲି କୁହାଯାଇଛି।

# ଅଗଷ୍ଟରେ ଯାନ ଚାହିଦା ବୃଦ୍ଧି

**ନୂଆଦିଲ୍ଲୀ, ୭।୯**



କୋଭିଡ-୧୯ ମାମଲାର ଲଗାତାର ହ୍ରାସ ଏବଂ ବଜାରରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ଦେଶର ଅଟୋମୋବାଇଲ ଶିଳ୍ପ ଲାଗି ଲାଭକାରୀ ସାବ୍ୟସ୍ତ ହୋଇଛି। ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଏଫ୍ଏଡିଏ) ଡାଟା ମୁତାବକ, ଚଳିତ ବର୍ଷ ଅଗଷ୍ଟରେ ଯାନ ପଞ୍ଜୀକରଣ ୧୪.୪୮% ବୃଦ୍ଧି ଘଟିଛି। ପାସେଞ୍ଜର, ୨ ଚକିଆ ଏବଂ ୩ ଚକିଆ ସମେତ ଅନ୍ୟ ବର୍ଗଗୁଡିକରେ ଯାନ ବିକ୍ରି ବୃଦ୍ଧି ପାଇଛି।

ଚଳିତ ବର୍ଷ ଅଗଷ୍ଟରେ ୧୩.୮୪ ଲକ୍ଷ ଯାନ ପଞ୍ଜୀକରଣ ହୋଇଥିଲା। ଗତ ବର୍ଷ ସମାନ ଅବଧିରେ ଏହା ୧୨.୦୯ ଲକ୍ଷ ୟୁନିଟ ଥିଲା। ଚଳିତ ବର୍ଷ ଅଗଷ୍ଟରେ ବାଣିଜ୍ୟିକ ଯାନ ବର୍ଗରେ ବିକ୍ରି ୯୭% ବୃଦ୍ଧି ହୋଇଛି। ଏହି ବର୍ଗରେ ୫୩,୧୫୦ ୟୁନିଟ ଗାଡି ବିକ୍ରି ହୋଇଛି। ଗତ ବର୍ଷ ସମାନ ମାସରେ ଏହା ୨୬,୮୫୧ ୟୁନିଟ ରହିଥିଲା। ମାତ୍ର ୨୦୧୯ ଅଗଷ୍ଟ ତୁଳନାରେ ୧୪.୧୭% ନିମ୍ନରେ ରହିଛି। ୨ ବର୍ଷ ତଳେ ସମାନ ସମୟରେ ୬୨,୩୧୯ ୟୁନିଟ ଗାଡି ପଞ୍ଜୀକରଣ ହୋଇଥିଲା।

୩ ଚକିଆ ବର୍ଗରେ ୭୯% ବିକ୍ରି ଅଭିବୃଦ୍ଧି ଦେଖାଯାଇଛି। ୩୦,୪୧୦ ୟୁନିଟ ୩ ଚକିଆ ଯାନ ଅଗଷ୍ଟ ମାସରେ ପଞ୍ଜୀକରଣ କରାଯାଇଛି। ୨୦୨୦ ଅଗଷ୍ଟରେ ଏହା ୧୬,୯୨୩ ୟୁନିଟ ରହିଥିଲା। ୨୦୧୯ ଅଗଷ୍ଟରେ ୩ ଚକିଆ ଯାନ ପଞ୍ଜୀକରଣ ୫୫,୨୯୨ ୟୁନିଟ ରହିଥିଲା। ୨ ଚକିଆ ବର୍ଗରେ ୬% ଏବଂ ପାସେଞ୍ଜର ଯାନ ବର୍ଗରେ ୩୮% ଅଭିବୃଦ୍ଧି ହୋଇଥିବା ଜଣାପଡିଛି। ସେହିଭଳି ଟ୍ରାକ୍ଟର ପଞ୍ଜୀକରଣରେ ୫.୫୦% ଅଭିବୃଦ୍ଧି ଦେଖାଯାଇଛି।

# ଦର ବଢ଼ାଇଲା ହିନ୍ଦୁସ୍ତାନ ୟୁନିଲିଭର

**ନୂଆଦିଲ୍ଲୀ, ୭।୯**

ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ (ଏଚ୍‌ୟୁଏଲ୍) ଲୋକଙ୍କ ଦୈନନ୍ଦିନ ବ୍ୟବହାରରେ ଆସୁଥିବା ବିଭିନ୍ନ ସାମଗ୍ରୀର ଦର ବଢାଇଛି। ମିଡିଆ ରିପୋର୍ଟ ମୁତାବକ, କମ୍ପାନୀ ଡିଟର୍ଜେଣ୍ଟ ଏବଂ ସାବୁନ ଦାମ ପ୍ରାୟ ୧୪% ବଢାଇଛି। କମ୍ପାନୀର ହ୍ୱିଲ ଡିଟର୍ଜେଣ୍ଟ ପାଉଡରର ଦର ୩.୫% ବଢିଛି। ଗୋଟିଏ କେଜି ଏହି ପାଉଡର ଲାଗି ଗ୍ରାହକଙ୍କୁ ୨ ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡିବ। ସର୍ଫ ଏକ୍ସେଲ ଡିଟର୍ଜେଣ୍ଟ ପାଉଡରର ଦର ୧୦୦ରୁ ୧୧୪ ଟଙ୍କା ଛୁଇଁଛି। ଲକ୍ସ ସାବୁନ ଦର ୮ରୁ ୧୨% ବଢିଛି। ରିନ୍ ଡିଟର୍ଜେଣ୍ଟ ପାଉଡରର ଦର ୭୭ ଟଙ୍କାରୁ ୮୨ ଟଙ୍କାକୁ ବଢିଛି। ଏହାର ୫୦୦ ଗ୍ରାମ ପ୍ୟାକର ଦର ୩୭ ଟଙ୍କାରୁ ୪୦ ଟଙ୍କାକୁ ବଢିଛି। ଲାଇଫ ବୟ ସାବୁନର ଦର ୮% ଯାଏ ବଢିଛି। ଏହା ବର୍ତ୍ତମାନ ୩୫ ଟଙ୍କା ପରିବର୍ତ୍ତେ ୩୮ ଟଙ୍କାରେ ମିଳିବ। କମ୍ପାନୀ ପକ୍ଷରୁ ଏ ନେଇ ବର୍ତ୍ତମାନ ଯାଏ କୌଣସି ପ୍ରତିକ୍ରିୟା ମିଳି ନ ଥିବା ଜଣାପଡିଛି।

# ସୁଲଭ ହେବ ଏସି ଟ୍ରେନ ଯାତ୍ରା

**ନୂଆଦିଲ୍ଲୀ, ୭।୯**

ଟ୍ରେନ ଯାତ୍ରୀ ବର୍ତ୍ତମାନ ସୁଲଭରେ ଶୀତତାପ ନିୟନ୍ତ୍ରିତ କୋଚ୍‌ରେ ଯାତ୍ରା କରିବାର ସୁବିଧା ପାଇବେ। ରେଳୱେ ପକ୍ଷରୁ ଥ୍ରି ଟାୟାର ଇକୋନୋମି କ୍ଲାସ କୋଚ୍ ସୁବିଧା ଆରମ୍ଭ କରାଯାଇଛି। ପ୍ରଥମ କୋଚ୍ ଭାବେ ପ୍ରୟାଗରାଜ-ଜୟପୁର-ପ୍ରୟାଗରାଜ ଦୈନିକ ସ୍ପେଶାଲ ଏକ୍ସପ୍ରେସକୁ ଶୁଭାରମ୍ଭ କରାଯାଇଛି। ଏହି ଏସି ୩ ଟାୟାର କୋଚ୍‌ରେ ୭୨ ପରିବର୍ତ୍ତେ ୮୩ ସିଟ୍ ରଖାଯାଇଛି। ଏସି ୩ ଟାୟାର ତୁଳନାରେ ଏଥିରେ ଭଡା ୮% କମ୍ ରହିବ। ରେଳ କୋଚ୍ ଫ୍ୟାକ୍ଟ୍ରି କପୁରଥାଲାରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିଲାଗି ୫୦ କୋଚ୍ ପ୍ରସ୍ତୁତ କରାଯାଇଛି। ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଏଭଳି କୋଚ୍ ସୁବିଧା ଥିବା ଆଉ ୨ ଟ୍ରେନ ଚଳାଚଳ କରାଯିବ। ନୂଆଦିଲ୍ଲୀ-ଲକ୍ଷ୍ନୌ ଏସି ସ୍ପେଶାଲ ଏବଂ ଲକ୍ଷ୍ନୌ ମେଲ୍ ଭାବେ ଏହା ଚଳାଚଳ କରିବ। ଏଥିରେ ଇଣ୍ଡିଆନ ଏବଂ ୱେଷ୍ଟର୍ନ ଷ୍ଟାଇଲରେ ଟଏଲେଟ ରହିବ। ସବୁ ବର୍ଥର ଯାତ୍ରୀଙ୍କୁ ଯେଭଳି ଶୀତତାପ ନିୟନ୍ତ୍ରିତ ସୁବିଧା ଉପଲବ୍ଧ ହେବ ତାକୁ ଧ୍ୟାନରେ ରଖାଯାଇଛି। ସହଜରେ ଫୋଲ୍ଡ ହୋଇ ପାରୁଥିବା ସ୍ନାକ୍ସ ଟେବଲ, ପ୍ରତି ସିଟରେ ୟୁଏସ୍‌ବି ଚାର୍ଜିଂ ପଏଣ୍ଟ, ଯାତ୍ରୀଙ୍କ ସୁରକ୍ଷା ଲାଗି ସିସିଟିଭି ବ୍ୟବସ୍ଥା ଏବଂ ଅନ୍ତର୍ଜାତୀୟ ସ୍ତରର ଅଗ୍ନି ନିରାପତ୍ତା ସୁବିଧା ରହିଥିବା ରେଳୱେ ପକ୍ଷରୁ ସୂଚନା ମିଳିଛି।

# ରଣବୀରଙ୍କ ନାଁରେ ଦୀପିକାଙ୍କ ଅଭିଯୋଗ




ଦୀପିକା ପାଦୁକୋନ

**ମୁମ୍ବାଇ:** ବଲିଉଡ୍ ବିଗ୍-ବି ଅମିତାଭ ବଚ୍ଚନଙ୍କ ଗେମ ଶୋ' କୌନ ବନେଗା କରୋଡପତିର ୧୩ ତମ ସିଜିନ ଆରମ୍ଭ ହୋଇଛି। ଅଧିକ ରୋମାଞ୍ଚକର କରିବା ପାଇଁ ଶୋ'ରେ ଅନେକ ପରିବର୍ତ୍ତନ କରାଯାଇଛି। ସେଥିମଧ୍ୟରୁ ଗୋଟିଏ ହେଉଛି 'ଶାନଦାର୍ ଶୁକ୍ରବାର'ର ଏପିସୋଡ। ଏଥିରେ ସେଲିବ୍ରିଟି ଅତିଥିମାନେ ହଟ ସିଟରେ ବସିଥିବାର ନଜର ଆସିଛନ୍ତି। ଆସନ୍ତା ଶୁକ୍ରବାର ଏପିସୋଡରେ ଅଭିନେତ୍ରୀ ଦୀପିକା ପାଦୁକୋନ ଅତିଥି ଭାବରେ ନଜର ଆସିବେ। ଏହି ଏପିସୋଡ ବହୁତ ଆକର୍ଷଣୀୟ ହେବାକୁ ଯାଉଛି। ଏପିସୋଡର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡିଓରେ ଦୀପିକା ସ୍ୱାମୀ ରଣବୀର ସିଂଙ୍କ ନାଁରେ ଅଭିଯୋଗ କରୁଥିବା ଦେଖିବାକୁ ମିଳିଛି। ଅମିତାଭଙ୍କୁ ଦୀପିକା ଅଭିଯୋଗ କରିଛନ୍ତି ଯେ, ରଣବୀର ଦିନେ ତାଙ୍କ ପାଇଁ ଜଳଖିଆ ପ୍ରସ୍ତୁତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ତାହା ହୋଇ ନାହିଁ। ପରେ ବିଗ ବି ରଣବୀରଙ୍କୁ ଫୋନ ଲଗାଇଛନ୍ତି। ଏଥିସହ ପୂର୍ବ ପ୍ରତିଶ୍ରୁତ ପୂରଣ କରିବାକୁ ପୁଣି ପ୍ରତିଶ୍ରୁତି ଦେଉଥିବା ଦେଖିବାକୁ ମିଳିଛି।

## ଫୁର୍‌ସତ୍

# ସାକ୍ଷରତା ହିଁ ବିକାଶ

## ଆଜି ଅନ୍ତର୍ଜାତୀୟ ସାକ୍ଷରତା ଦିବସ



ସାକ୍ଷରତା ସମାଜର ଅବିଚ୍ଛେଦ୍ୟ ଅଙ୍ଗ। ଦେଶର ବିକାଶ ପାଇଁ ଏହା ଅତୀବ ଗୁରୁତ୍ୱପୂର୍ଣ୍ଣ। ସାକ୍ଷରତା ହାର ଯେଉଁଠି ଯେତେ ଅଧିକ ତାହା ସେତେ ବିକଶିତ। ଏହା ନୂତନ ପିଢ଼ି ହୋଇଥାଏ ସୃଜନଶୀଳ। ନୂଆ ଓ ଉଜ୍ଜ୍ୱଳ ଭବିଷ୍ୟତକୁ ଫିଟିଥାଏ। ତେଣୁ ଏହା ମାଧ୍ୟମରେ ସହଜରେ ବିକାଶ ଲକ୍ଷ୍ୟ ହାସଲ କରାଯାଇପାରିଥାଏ। ସାକ୍ଷରତାର ଗୁରୁତ୍ୱ ଉପଲବ୍ଧ କରି ଅନ୍ତର୍ଜାତୀୟସ୍ତରରେ ଜାତିସଂଘର ୟୁନେସ୍କୋ ସାଧାରଣ ସମ୍ମିଳନୀ ୧୪ ତମ ଅଧିବେଶନରେ ୧୯୬୬ ଅକ୍ଟୋବର ୨୬ରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ନିଷ୍ପତ୍ତି ଆଧାରରେ ପ୍ରତିବର୍ଷ ସେପ୍ଟେମ୍ବର ୮କୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯିବାକୁ ଘୋଷଣା କରାଯାଇଥିଲା। ଏହାପରେ ୧୯୬୭ଠାରୁ ପ୍ରତିବର୍ଷ ସାକ୍ଷରତା ଅଭିଯାନକୁ ଆଗେଇ ନେବାକୁ ଏହି ଦିବସ ପାଳନ କରାଯାଉଛି।

ପୃଥିବୀରେ ପ୍ରାୟ ୭୭୫ ନିୟୁତ ଲୋକ ନିରକ୍ଷର ରହିଛନ୍ତି। ସେମାନଙ୍କ ମଧ୍ୟରେ ଦୁଇ ତୃତୀୟାଂଶ ହେଉଛନ୍ତି ମହିଳା। ୟୁନେସ୍କୋର ଶିକ୍ଷା ମନିଟରିଂ ରିପୋର୍ଟ ଅନୁଯାୟୀ ବିଶ୍ୱରେ ସର୍ବନିମ୍ନ ସାକ୍ଷରତା ହାର ଥିବା ଦେଶଗୁଡ଼ିକ ମଧ୍ୟରେ ବୁର୍କିନା ଫାସୋ, ନାଇଜର ଏବଂ ମାଲି ଆଦି ଦେଶ ରହିଛି। ଏହି ରିପୋର୍ଟରେ ନିରକ୍ଷରତା ଏବଂ ଭୟଙ୍କର ଦାରିଦ୍ର୍ୟ ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଯାଇଛି। ୨୦୧୫ ସେପ୍ଟେମ୍ବରରେ ଜାତିସଂଘ ପକ୍ଷରୁ ସାକ୍ଷରତା ଅଭିଯାନ ଲାଗି ସ୍ଥାୟୀ ବିକାଶ ଏଜେଣ୍ଡା ଗ୍ରହଣ କରାଯାଇ ଗୁଣାତ୍ମକ ଶିକ୍ଷା ତଥା ଲୋକଙ୍କ ଜୀବନରେ ଶିକ୍ଷାର ସୁଯୋଗ ପାଇଁ ଅନ୍ତର୍ଜାତୀୟସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା। ୨୦୩୦ ସୁଦ୍ଧା ସାକ୍ଷରତା ଲକ୍ଷ୍ୟ ହାସଲ ଲାଗି ଏଥିରେ ଉଲ୍ଲେଖ କରାଯାଇଛି। ସାକ୍ଷରତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଥିବା ସଂସ୍ଥାଗୁଡ଼ିକୁ ୟୁନେସ୍କୋ ପକ୍ଷରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ସମ୍ମାନିତ କରାଯାଇଥାଏ।

# ୧୫ କେ.ଜି କମିଲେ ଭାରତୀ



**ମୁମ୍ବାଇ:** କମେଡି କୁଇନ ଭାବେ ପରିଚିତ ଭାରତୀ ସିଂ ଏବେ ତାଙ୍କ ଓଜନ କମାଇ ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ସେ ୧୫ କିଲୋ ଓଜନ କମ କରିଥିବା କହିଛନ୍ତି। ଏହାର କିଛି ଫଟୋ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଆଗରୁ ୯୧ କିଲୋ ଥିବା ଭାରତୀ ଏବେ ୭୬ କେଜିରେ ପହଞ୍ଚିଛନ୍ତି । ସେ ତାଙ୍କ ଡାଏଟ କଣ୍ଟ୍ରୋଲ କରିଥିବା କହିଛନ୍ତି । ପୂର୍ବରୁ ସନ୍ଧ୍ୟା ୭ଟା ସୁଦ୍ଧା ଡିନର କରୁଥିବା ଭାରତୀ ଏବେ ସନ୍ଧ୍ୟା ୭ଟା ପରେ ଖାଉ ନାହାନ୍ତି । ପୁଣି ତା'ପରଦିନ ଦିନ ୧୨ଟାରେ ସେ ଖାଦ୍ୟ ଖାଉଥିବା କହିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476 / 8282973756
Whatsapp : 9953557897

**KUBER FINANCE**
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9452281017

**BIJAY FINANCE**
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

**ବାବା ମୁବାରକ୍ ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mob. 9999268493
Whatsapp: 8902923601

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଜୀବସତ୍ତାହୀନ ଟ୍ରାନ୍ସ ଆଣ୍ଟାର୍କଟିକ ପାହାଡ଼

**ୱାଶିଂଟନ:** ପୃଥିବୀର କୌଣସି ସ୍ଥାନରେ ଯଦି ମୁଠାଏ ମାଟିକୁ ନେଇ ପରୀକ୍ଷା କରାଯାଏ ତେବେ ସେଥିରେ କୋଟି କୋଟି ସଂଖ୍ୟାରେ ସୂକ୍ଷ୍ମ ଜୀବ ରହିଥିବାର ଜଣାପଡ଼ିଥାଏ। ମାତ୍ର ପୃଥିବୀର ଏଭଳି କିଛି ଅଞ୍ଚଳରେ ଏବେ ମଧ ଜୀବନ ସତ୍ତା ପହଞ୍ଚି ପାରିନି। ଆଣ୍ଟାର୍କଟିକାର ଟ୍ରାନ୍ସ ଆଣ୍ଟାର୍କଟିକ ପାହାଡ଼ ମଧ୍ୟରେ କୌଣସି ଜୀବନ ସତ୍ତା ନାହିଁ ବୋଲି ଗବେଷକ ପ୍ରକାଶ କରିଛନ୍ତି। ପ୍ରୋଭୋ ଅଟାହର ବ୍ରିଘମ ୟଙ୍ଗ ୟୁନିଭର୍ସିଟି ଏବଂ ଆମେରିକା କଲୋରାଡୋ ୟୁନିଭର୍ସିଟି ପକ୍ଷରୁ ଏକ ମିଳିତ ଗବେଷକ ଦଳ ଟ୍ରାନ୍ସ ଆଣ୍ଟାର୍କଟିକ ପାହାଡ଼ ଅଞ୍ଚଳର ମାଟିକୁ ପରୀକ୍ଷା କରିଥିଲେ। ଜଣା ପଡ଼ିଥିଲା ମାଟିରେ ଗୋଟିଏ ମଧ ସୂକ୍ଷ୍ମ ଜୀବ ନାହିଁ। ସ୍ଥାନୀୟ ଅଞ୍ଚଳର ୨୦୪ ମାଟି ନମୁନା ପରୀକ୍ଷା ହୋଇଥିଲା। ଏହି ଅଞ୍ଚଳ ସାଉଥ ପୋଲ ଠାରୁ ୩୦୦ କିଲୋମିଟର ଦୂରରେ ଥିବା ଶେକଲଟନ ଗ୍ଲାସିୟର ନିକଟବର୍ତ୍ତୀ ଅଞ୍ଚଳରୁ ମାଟି ସଂଗ୍ରହ କରାଯାଇଥିଲା। ମାଟି ନମୁନା ମଧ୍ୟରୁ ୨୦ ପ୍ରତିଶତ ମାଟିରେ ସୂକ୍ଷ୍ମ ଜୀବର ଡିଏନଏ ନ ଥିବା ଜଣାପଡ଼ିଥିଲା। ଏସବୁ ମାଟି ଥିବା ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ଜୀବନ ପହଞ୍ଚି ନ ଥିବା ସ୍ପଷ୍ଟ ହୋଇଥିବା ଗବେଷକ ଦଳର ମୁଖ୍ୟ ବାୟରନ ଏଡମ୍ସ ପ୍ରକାଶ କରିଛନ୍ତି। ଏହି ଗବେଷଣା ରିପୋର୍ଟ ଜିଓଫିଜିକାଲ ରିସର୍ଚ୍ଚ ପତ୍ରିକା ବାୟୋ ଜିଓସାଇନ୍ସରେ ପ୍ରକାଶିତ ହୋଇଛି।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ. ସୁଶାନ୍ତ କୁମାର ଦଳାଇ
ସରୋବରପୁର, କେନ୍ଦୁପାଟଣା, କଟକ
ଆବିର୍ଭାବ: ୧୮।୦୧।୧୯୭୫
ତିରୋଧାନ: ୨୯।୦୮।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ଉତ୍କଳଲକ୍ଷ୍ମୀ ଇଞ୍ଜିନିୟରସ ପ୍ରାଇଭେଟ୍ ଲିମିଟେଡ୍, N୧/୭୩, ଆଇ.ଆର.ସି.ଭିଲେଜ, ଭୁବନେଶ୍ୱର, ସହକର୍ମୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୫୭୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଶାନ୍ତିଲତା ପାଇକରାୟ
ପିପିଲି, କଣ୍ଟି, ପୁରୀ, ମୁକୁନ୍ଦ ନଗର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା ।
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ
ଧ-୨୧୫୫୫

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ଦିଲ୍ଲୀପ ଶତପଥି (ବାବୁ)
(ବରିଷ୍ଠ ସାମ୍ବାଦିକ)
ବାଦାମବାଡି, କଟକ
ତିରୋଧାନ : ୦୮.୦୯.୨୦୧୯
'ବାବୁରେ ! ଚାହୁଁ ଚାହୁଁ ୨ବର୍ଷ ବିତିଗଲା, ତୁ ଅଫେରା ରାଇଜକୁ ଚାଲିଗଲୁ, ଯେଉଁଠି ଅଛୁ ଭଲରେ ଥାଆ। ଭଗବାନ ତୋର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୨୧୫୭୩

# ଜୋକୋଭିଚ୍ କ୍ୱାର୍ଟରଫାଇନାଲରେ

**ନ୍ୟୁୟର୍କ, ୭।୯**

ୟୁଏସ୍ ଓପନ ଟେନିସ ସିଙ୍ଗଲ୍ସରେ ପ୍ରଥମଥର ଜଣେ ହେଲେ ଆମେରିକୀୟ ଖେଳାଳି କ୍ୱାର୍ଟରଫାଇନାଲରେ ପହଞ୍ଚିପାରିନାହାନ୍ତି। ସର୍ବିୟାର ନୋଭାକ୍ ଜୋକୋଭିଚ୍ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇ ତାଙ୍କ କ୍ୟାଲେଣ୍ଡର ଗ୍ରାଣ୍ଡସ୍ଲାମ୍ ଆଶାକୁ ଉଜ୍ଜୀବିତ ରଖିଛନ୍ତି। ପୁରୁଷ ସିଙ୍ଗଲ୍ସର ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ବିଶ୍ୱର ଏହି ନମ୍ବର ୱାନ ଖେଳାଳି ଆମେରିକାର ୱାଇଲ୍ଡ କାର୍ଡ ଜେନସନ ବ୍ରୁକ୍ସବାଏଙ୍କୁ ୧-୬, ୬-୩, ୬-୨, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଦୁଇ ଘଣ୍ଟା ୫୮ମିନିଟ୍‌ରେ ଏହି ମ୍ୟାଚ ଶେଷ ହୋଇଥିଲା। ଆର୍ଥର ଆସେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ ବେଳେ ବ୍ରୁକ୍ସବାଏଙ୍କୁ ସ୍ଥାନୀୟ ଦର୍ଶକ ଉତ୍ସାହିତ କରିଥିଲେ। ସର୍ବୀୟ ଖେଳାଳି କ୍ୱାର୍ଟରଫାଇନାଲରେ ଇଟାଲୀର ମାଟେଓ ବରେଟେନିଙ୍କୁ ଭେଟିବେ। ଜୋକୋଭିଚ୍ ଆଉ ୩ଟି ମ୍ୟାଚ ଜିତିଲେ ତାଙ୍କ ଗ୍ରାଣ୍ଡସ୍ଲାମ୍ ଟାଇଟଲ ସଂଖ୍ୟା ୨୧କୁ ବୃଦ୍ଧି ପାଇବ। ପୁରୁଷ ବିଭାଗରେ ଏହା ଏକ ନୂଆ ରେକର୍ଡ ହେବ। କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିମାନେ ହେଲେ ଦକ୍ଷିଣ ଆଫ୍ରିକାର ଲୟଡ ହାରିସ, ଜର୍ମାନୀର ଆଲେକ୍‌ଜାଣ୍ଡର ଜେଭରେଭ ଓ କାନାଡାର ଫେଲିକ୍ସ ଅଗର ଆଲିଆସିମି।

ମହିଳା ବିଭାଗରେ ଗ୍ରୀସ୍‌ର ୧୭ତମ ସିଡ୍ ମାରିଆ ସାକାରି ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ବାଏଙ୍କା ଆଣ୍ଡ୍ରେସ୍କୁଙ୍କୁ ପରାସ୍ତକରି ପ୍ରଥମ ଥର ୟୁଏସ୍ ଓପନ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସାକାରି ୨୦୧୯ ଚାମ୍ପିୟନ ତଥା କାନାଡାର ଆଣ୍ଡ୍ରେସ୍କୁଙ୍କୁ ୬-୭ (୨-୭), ୭-୬(୮-୬), ୬-୩ ସେଟ୍‌ରେ ହରାଇ ଦେଇଥିଲେ। ମ୍ୟାଚଟି ପ୍ରାୟ ସାଢେ ୩ ଘଣ୍ଟା ଧରି ଚାଲିଥିଲା। ସାକାରି କ୍ୱାର୍ଟରଫାଇନାଲରେ ୱିମ୍ବେଲଡନ ଫାଇନାଲିଷ୍ଟ କାରୋଲିନା ପ୍ଲିସ୍‌କୋଭାଙ୍କୁ ଭେଟିବେ। ପୂର୍ବରୁ ଅଲିମ୍ପିକ ଚାମ୍ପିୟନ ବେଲିଣ୍ଡା ବେନ୍‌ସିକ୍ ୨୦୨୦ ଫ୍ରେଞ୍ଚ ଓପନ ଚାମ୍ପିୟନ ଇଗା ସ୍ୱିଟେକ୍‌ଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପାଦ ଦେଇଛନ୍ତି। ସୁଇଜରଲାଣ୍ଡର ୨୪ ବର୍ଷୀୟ ଖେଳାଳି ଆର୍ଦ୍ର ପରିବେଶରେ ଏକ ମାରାଥନ ପ୍ରଥମ ସେଟ୍ ଟାଇବ୍ରେକ୍‌ରେ ପୋଲାଣ୍ଡର ସପ୍ତମ ସିଡ୍ ଖେଳାଳିଙ୍କୁ ୭-୬ (୧୪-୧୨), ୬-୩ ସେଟ୍‌ରେ ପରାଜିତ କରିଥିଲେ। ପ୍ରଥମ ସେଟ୍ ୧ ଘଣ୍ଟା ୨୪ ମିନିଟ ଧରି ଚାଲିଥିଲା। ଅନ୍ୟମାନଙ୍କ ମଧ୍ୟରେ ଚେକ୍ ରିପବ୍ଲିକର ବାରବୋରା କ୍ରେଜ୍‌ସିକୋଭା, ବ୍ରିଟେନର ଇମା ରାଡୁକାନୁ, ରୁଷିଆର ଆନାସ୍ତାସିଆ ପାଭଲୁଚେଙ୍କୋଭା ପ୍ରମୁଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।


ନୋଭାକ୍ ଜୋକୋଭିଚ୍

## ବୋପାନ୍ନା-ଡୋଗିଗ୍ ଯୋଡ଼ି ପରାସ୍ତ

**ନ୍ୟୁୟର୍କ, ୭।୯ (ପି.ଟି.):** ଭେଟେରାନ ଭାରତୀୟ ଟେନିସ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ କ୍ରୋଏସିଆନ ପାର୍ଟନର ଇଭାନ ଡୋଗିଗ୍ ୟୁଏସ ଓପନ ଟେନିସ ପୁରୁଷ ଡବଲ୍ସ ତୃତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୧୩ତମ ସିଡ୍ ବୋପାନ୍ନା ଓ ଡୋଗିଗ୍ ଅଷ୍ଟ୍ରେଲିଆନ ଓପନ ରନର୍ସଅପ୍ ତଥା ଚତୁର୍ଥ ସିଡ୍ ରାଜୀବ ରାମ ଓ ଜୋ ସାଲିସ୍‌ବୁରିଙ୍କଠାରୁ ୭-୬ (୪), ୪-୬, ୬-୭ (୩) ସେଟରେ ପରାଜିତ ହୋଇଛନ୍ତି। ସୋମବାର ରାତିରେ ଅନୁଷ୍ଠିତ ଏହି ମ୍ୟାଚ ୨ ଘଣ୍ଟା ଓ ୩୦ ମିନିଟ୍ ଧରି ଚାଲିଥିଲା। ଏହି ପରାଜୟ ଦ୍ୱାରା ସିଜନର ଶେଷ ଗ୍ରାଣ୍ଡସ୍ଲାମ୍‌ରେ ଭାରତର ଅଭିଯାନ ଶେଷ ହୋଇଛି। ସାନିଆ ମିର୍ଜା ତାଙ୍କ ମହିଳା ଡବଲ୍ସ ଓ ମିକ୍ସଡ ଡବଲ୍ସ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଛନ୍ତି। ଅଙ୍କିତା ରାଇନା ମଧ୍ୟ ମହିଳା ଡବଲ୍ସରେ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ପ୍ରଜନେଶ ଗୁଣେଶ୍ୱରନ, ସୁମିତ ନାଗାଲ ଓ ରାମକୁମାର ରମାନାଥନ ପୁରୁଷ ସିଙ୍ଗଲ୍ସ ଡ୍ର ପାଇଁ କ୍ୱାଲିଫାଏ କରିପାରି ନାହାନ୍ତି। କ୍ୱାଲିଫାୟର୍ସରୁ ସେମାନେ ବିଦାୟ ନେଇଛନ୍ତି।

# ବୈଦ୍ୟନାଥ ମହାପାତ୍ରଙ୍କୁ କ୍ରୀଡ଼ାଗୁରୁ ସମ୍ମାନ


ସମ୍ମାନିତ ହେବାକୁଥିବା କ୍ରୀଡ଼ାବିତ୍‌ମାନେ।

**ଭୁବନେଶ୍ୱର,୭।୯**

ମକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ଷଷ୍ଠ ଏମ୍‌ବି ସ୍ମାରକୀ କ୍ରୀଡ଼ା ସମ୍ମାନ ପୁରସ୍କାର ଘୋଷଣା କରାଯାଇଛି। ଚଳିତ ବର୍ଷ ବରିଷ୍ଠ କୁସ୍ତିଯୋଦ୍ଧା ବୈଦ୍ୟନାଥ ମହାପାତ୍ରଙ୍କୁ ଏମ୍‌ବି ସ୍ମାରକୀ କ୍ରୀଡ଼ା ଗୁରୁ ସମ୍ମାନରେ ସମ୍ମାନିତ କରାଯିବ । ଏହାବ୍ୟତୀତ ସଫ୍ଟ ଟେନିସ ଖେଳାଳି ଶିବରାମ ସ୍ୱାଇଁ, କରାଟେକା ଚିନ୍ମୟୀ ଭୂୟାଁ, ଫୁଟବଲ ପ୍ରତିଭା ରାଜେଶ ନାୟକ, ଆଥ୍‌ଲେଟ ସବିତା ଟପ୍ପୋ ଓ ହକି ପ୍ରତିଭା ସୁରେଖା ବାର୍ଲାଙ୍କୁ ସମ୍ବର୍ଦ୍ଧିତ କରାଯିବ । ଚଳିତ ମାସ ୧୧ ତାରିଖରେ ଏକ ନିରାଡମ୍ବର ଉତ୍ସବରେ କୋଭିଡ୍ କଟକଣା ମଧ୍ୟରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ପ୍ରକାଶ କରାଯାଇଛି।

ପୁରୀ ଜିଲାର ବୈଦ୍ୟନାଥ ମହାପାତ୍ର କୁସ୍ତିରେ ଏକ ପରିଚିତ ନାମ । ଛୋଟବେଳୁ ପୁରୀ ସହର ଆଖଡା ଘରୁ ଆରମ୍ଭ କରିଥିଲେ କୁସ୍ତି ଅଭ୍ୟାସ । ସ୍ଥାନୀୟ ପ୍ରତିଯୋଗିତାରେ ସଫଳ ହେବା ପରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସଫଳ ହୋଇଥିଲେ । କ୍ରମାଗତ ଭାବେ ୧୯୬୭ରୁ ୧୯୭୮ ମସିହା ପର୍ଯ୍ୟନ୍ତ ରାଜ୍ୟ ଚାମ୍ପିୟନ ରହିଥିଲେ । ୧୯୬୯ରେ ଜାତୀୟ ବିଦ୍ୟାଳୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । ସେହିପରି ୧୯୯୭ରେ ଜନ୍ମିତ ଶିବରାମ ସଫ୍ଟ ଟେନିସ ଖେଳରେ ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ଚିନ୍ମୟୀ ରାଜ୍ୟ କରାଟେରେ ଏକ ପରିଚିତ ଚେହେରା। ନିଜ ପ୍ରତିଭା ଓ ନିଷ୍ଠା ବଳରେ ଜାତୀୟ କରାଟେ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଫୁଟବଲ ପ୍ରତି ଛୋଟବେଳୁ ଆଗ୍ରହୀ ରାଜେଶ ରାଜ୍ୟ ପାଇଁ ବହୁ ଜାତୀୟ ସ୍ତରର ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଛନ୍ତି। ସବିତାଙ୍କୁ ଅନୁରାଧା ବିଶ୍ୱାଳ ସମ୍ମାନ ପ୍ରଦାନ କରାଯିବ। ଉଦୀୟମାନ ଆଥ୍‌ଲେଟ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ସବିତା । ପେଣ୍ଟାଥଲନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୧୦୦ ମିଟର ହର୍ଡଲ୍ସରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ନିକଟରେ ଆସାମରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାର ୮୦୦ ମିଟର ହର୍ଡଲ୍ସରେ ଦ୍ୱିତୀୟ ଓ ଲଙ୍ଗ୍‌ଜମ୍ପରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ବର୍ତ୍ତମାନ ସେ କଳିଙ୍ଗ ଷ୍ଟାଡିୟମସ୍ଥିତ ରିଲାଏନ୍ସ ହାଇ ପରଫର୍ମାନ୍ସ ଆଥ୍‌ଲେଟିକ ସେଣ୍ଟରରେ ଜେମ୍‌ସ ହିଲରଙ୍କ ତତ୍ତ୍ୱାବଧାନରେ କୋଚିଂ ନେଉଛନ୍ତି। ସୁରେଖା ବାର୍ଲାଙ୍କୁ ଦିଲୀପ ତିର୍କୀ ସମ୍ମାନ ପ୍ରଦାନ କରାଯିବ। ସବ୍‌ଜୁନିୟର ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରିସାରିଛନ୍ତି ସୁରେଖା। ୨୦୨୦ରେ ହରିୟାଣାରେ ଅନୁଷ୍ଠିତ ଦଶମ ଜାତୀୟ ସବ୍‌ଜୁନିୟର ହକିରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି।

**ଷଷ୍ଠ ଏମ୍‌ବି ସ୍ମାରକୀ କ୍ରୀଡ଼ା ସମ୍ମାନ**

## ନମ୍ବର ୱାନ ସ୍ଥାନ ବଜାୟ ରଖିଲେ ଶେଫାଳି

**ଦୁବାଇ, ୭।୯ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମହିଳା ଟି୨୦ ର୍‍ୟାଙ୍କିଙ୍ଗ୍ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ଭାରତର ସ୍ୱଳ୍ପ ବୟସ୍କା ଷ୍ଟାର ଖେଳାଳି ଶେଫାଳି ବର୍ମା ବ୍ୟାଟ୍ସଓମ୍ୟାନ ତାଲିକାରେ ନମ୍ବରୱାନ୍ ସ୍ଥାନ ବଜାୟ ରଖିଛନ୍ତି। ନ୍ୟୁଜିଲାଣ୍ଡର ସୋଫି ଡିଭାଇନ ନୂଆ ଯୁଗ୍ମ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଅଲ୍‌ରାଉଣ୍ଡର ହୋଇଛନ୍ତି। ବର୍ମା ୭୫୯ ର୍‍ୟାଙ୍କିଙ୍ଗ ପଏଣ୍ଟ ସହ ଯଥାକ୍ରମେ ଅଷ୍ଟ୍ରେଲିଆର ବେଥ୍ ମୁନି (୭୪୪) ଓ ଭାରତ ଟି୨୦ ଉପ ଅଧିନାୟିକା ସ୍ମୃତି ମନ୍ଧାନା (୭୧୬)ଙ୍କୁ ପଛରେ ପକାଇ ପ୍ରଥମରେ ସ୍ଥାନ ରହିଛନ୍ତି। ଅଷ୍ଟ୍ରେଲିଆର ଅନ୍ୟ ଜଣେ ମେଗ୍ ଲାନିଙ୍ଗ୍ ୭୦୯ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ଅଛନ୍ତି। ବ୍ୟାଟିଂ ତାଲିକାରେ ଡିଭାଇନ୍ ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି। ୬୮୯ ପଏଣ୍ଟ ସହ ସେ ୫ମ ସ୍ଥାନରେ ଅଛନ୍ତି। ହୋଭ୍‌ଠାରେ ଇଂଲଣ୍ଡ ବିପକ୍ଷ ତୃତୀୟ ଟି୨୦ରେ ଡିଭାଇନ୍ ଚମତ୍କାର ପ୍ରଦର୍ଶନ କରିଥିଲେ। ମ୍ୟାଚରେ ସେ ୫୦ ରନ କରିବା ସହ ୨୬ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ଫଳରେ ଅଲ୍‌ରାଉଣ୍ଡର ତାଲିକାରେ ସେ ଗୋଟିଏ ସ୍ଥାନ ପଦୋନ୍ନତି ପାଇ ଇଂଲଣ୍ଡର ନାଟାଲି ସ୍କିଭରଙ୍କ ସହ ମିଳିତଭାବେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି।

## ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶ୍ରୀଲଙ୍କାର ସିରିଜ ବିଜୟ

**କଲମ୍ବୋ, ୭।୯ (ଏପି):** ସ୍ଥାନୀୟ ପ୍ରେମାଦାସ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଶ୍ରୀଲଙ୍କା ୭୮ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏଥିସହିତ ଦଳ ୨-୧ରେ ସିରିଜ ଜିତିନେଇଛି। ୧୯ମାସରେ ଘରୋଇ ଦଳର ଏହା ହେଉଛି ପ୍ରଥମ ଦିନିକିଆ ସିରିଜ ବିଜୟ। ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ୫୦ ଓଭରରେ ୯ଉଇକେଟ ବିନିମୟରେ ୨୦୩ ରନ କରିବାରେ ସକ୍ଷମ ହୋଇଥିଲା। ଦଳର ଟପ୍ ସ୍କୋରର ଚାରିଥ ଅସାଲାଙ୍କା ୪୭ରନ ଓ ଧନଞ୍ଜୟ ଡି'ସିଲ୍‌ଭା ୩୧ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କେଶବ ମହାରାଜ ୩ ଉଇକେଟ ନେଇଥିବାବେଳେ ଟାବ୍ରେଜ ସାମ୍‌ସି ଓ ଜର୍ଜ ଲିଣ୍ଡେ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୨୦୪ରନର ବିଜୟ ଲକ୍ଷ୍ୟକୁ ନେଇ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଏକଦା ୫୪ ରନ ସ୍କୋରରେ ଏହାର ୬ଜଣ ବ୍ୟାଟ୍ସମ୍ୟାନଙ୍କୁ ହରାଇଥିଲା। ଦଳ ୩୦ ଓଭରରେ ୧୨୫ରନ କରି ଅଲଆଉଟ ହୋଇଯାଇଥିଲା।


# ଇଂଲଣ୍ଡ ଟେଷ୍ଟ ଦଳକୁ ଫେରିଲେ ବଟଲର, ଲିଚ୍

**ମାଞ୍ଚେଷ୍ଟର, ୭।୯ (ପି.ଟି.)**

ଭାରତ ବିପକ୍ଷ ୫ମ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ପାଇଁ ମଙ୍ଗଳବାର ଇଂଲଣ୍ଡ ଦଳ ଘୋଷଣା କରାଯାଇଛି। ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ୍ ବଟଲର ଓ ବାମହାତି ସ୍ପିନର ଜ୍ୟାକ୍ ଲିଚ୍ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବଟଲରଙ୍କ ଦ୍ୱିତୀୟ ସନ୍ତାନ ଜନ୍ମ ହେବାକୁ ଥିବାରୁ ସେ ଚତୁର୍ଥ ଟେଷ୍ଟ ଖେଳିପାରି ନ ଥିଲେ। ଅନ୍ୟପକ୍ଷରେ ଚତୁର୍ଥ ଟେଷ୍ଟ ପାଇଁ ଦଳରେ ସାମିଲ କରାଯାଇଥିବା ସାମ୍ ବିଲିଙ୍ଗ୍ସ କାଉଣ୍ଟି ଦଳ କେଣ୍ଟକୁ ଫେରିଯାଇଥିବା ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ତରଫରୁ ସୂଚନା ଦିଆଯାଇଛି। ଜେମ୍ସ ଆଣ୍ଡରସନଙ୍କ ସ୍ଥାନରେ ମାର୍କ ଉଡ୍ ଖେଳି ପାରନ୍ତି। **ଇଂଲଣ୍ଡ କ୍ରିକେଟ ଦଳ:** ଜୋ ରୁଟ୍ (ଅଧିନାୟକ), ମୋଇନ ଅଲୀ, ଜେମ୍ସ ଆଣ୍ଡରସନ, ଜୋନାଥନ ବେୟାରଷ୍ଟୋ, ରୋରି ବର୍ନ୍ସ, ଜୋସ୍ ବଟଲର, ସାମ୍ କୁରାନ, ହାସିବ ହମିଦ୍, ଡାନ୍ ଲରେନ୍ସ, ଜ୍ୟାକ୍ ଲିଚ୍, ଡାୱିଡ ମଲନ, କ୍ରେଗ୍ ଓଭରଟନ, ଓଲି ପୋପ୍, ଓଲି ରବିନସନ, କ୍ରିସ୍ ଓକ୍ସ ଓ ମାର୍କ ଉଡ୍।


ଜୋସ୍ ବଟଲର ଓ ଜ୍ୟାକ୍ ଲିଚ୍ ।

# 'ଖେଳାଳିଙ୍କ ସଫଳତା ପଛରେ ଫିଜିଓଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



**ସେପ୍ଟେମ୍ବର ୮କୁ ବିଶ୍ୱ ଫିଜିଓଥେରାପି ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଭାରତୀୟ ଜୁନିୟର ହକି ଦଳ ସହ କାର୍ଯ୍ୟ କରିଥିବା ଗ୍ଲୋବାଲ ଫିଜିଓଥେରାପି ସେଲ୍‌ର ମୁଖ୍ୟ ଡକ୍ଟର ମୁକ୍ତି ପ୍ରସାଦ ଦାଶଙ୍କ ସହ ସାକ୍ଷାତ୍‌କାର...**

**ଭୁବନେଶ୍ୱର, ୭।୯(ତପନ ସ୍ୱାଇଁ)**

**● ଚଳିତ ବର୍ଷ କୋଭିଡ କଟକଣା ମଧ୍ୟରେ ବିଶ୍ୱ ଫିଜିଓଥେରାପି ଦିବସକୁ କିପରି ପାଳନ କରିବାକୁ ଯୋଜନା ରଖିଛନ୍ତି ?**

▶ ଯେହେତୁ ସାରା ସମାଜ କୋଭିଡରେ ପ୍ରଭାବିତ ତେଣୁ ସେଲିବ୍ରେଶନ ଓ ଫେଷ୍ଟିଭାଲ ଏକ ଶବ୍ଦ ହୋଇ ରହି ଯାଇଛି। ଗ୍ଲୋବାଲ ଫିଜିଓଥେରାପି ସେଲ୍ ପୂର୍ବରୁ ଏହାକୁ ବିଶ୍ୱ ଫିଜିଓଥେରାପି ଦିବସ କିମ୍ବା ସପ୍ତାହଭାବେ ପାଳନ କରୁଥିଲା, ମାତ୍ର ଏବେ କେବଳ ଭର୍ଚୁଆଲ ମଧ୍ୟରେ ସୀମିତ ରହିଛି। କରୋନା ଆସିବାପରେ ସଚେତନତାର ଉତ୍ସ ଆମେ ଦେଖି ପାରୁଛୁ। ସବୁ ଲୋକଙ୍କୁ ଅନୁରୋଧ କିଛି ନା କିଛି କାର୍ଯ୍ୟକଳାପ ସହ ନିଜକୁ ସମ୍ପୃକ୍ତ ରଖନ୍ତୁ। ଫଳରେ କରୋନା ପରି ଅନ୍ୟକିଛି ମହାମାରୀରୁ ନିଜକୁ ଦୂରେଇ ରଖି ପାରିବେ।

**● ଫିଜିଓ ଭାବେ ଆପଣଙ୍କ ଯାତ୍ରା ସମ୍ପର୍କରେ କୁହନ୍ତୁ ?**

▶ ମୁଁ ଫିଜିଓଥେରାପି ପାଠ୍ୟକ୍ରମ ସାରି ୨୦୦୩ ମାର୍ଚ୍ଚରେ ଭୁବନେଶ୍ୱର ଆସିଲି। ସେହି ସମୟରେ ଭୁବନେଶ୍ୱରରେ ଏକ ଘରୋଇ ଫିଜିଓଥେରାପି କଲେଜ ନୀଳାଚଳ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆରମ୍ଭ ହୋଇଥିଲା। ତା ପୂର୍ବରୁ ଓଡ଼ିଶାରେ କୌଣସି ଘରୋଇ ଫିଜିଓଥେରାପି କଲେଜ ନ ଥିଲା। କେବଳ କେନ୍ଦ୍ର ସରକାରଙ୍କର ଓଲଟପୁରରେ ନିର୍‌ତାର କଲେଜ ଥିଲା, ଯେଉଁଠି ସାଢ଼େ ୩ ବର୍ଷର ପାଠ୍ୟକ୍ରମ ପଢ଼ା ଯାଉଥିଲା। ମୁଁ ବେଙ୍ଗାଲୁରୁରୁ ସାଢ଼େ ୪ ବର୍ଷର କୋର୍ସ କରି ଆସିବା ବେଳକୁ ଅର୍ଥାତ୍ ୨୦୦୩ରେ ଲୋକମାନଙ୍କ ପାଖରେ ଫିଜିଓଥେରାପିର ଅର୍ଥ କ'ଣ ପହଞ୍ଚିପାରି ନ ଥିଲା। ମୁଁ ପ୍ରଥମେ ନୀଳାଚଳ ଇନ୍‌ଷ୍ଟିଚ୍ୟୁଟ ଡାଇରେକ୍ଟର ଦାମୋଦର ପତିଙ୍କ ସହିତ ଆଲୋଚନା କଲି। ସେତେବେଳ ପର୍ଯ୍ୟନ୍ତ ଏହି ଅନୁଷ୍ଠାନରେ କୌଣସି ଫିଜିଓଥେରାପିଷ୍ଟ ନିଯୁକ୍ତି ପାଇ ନ ଥିଲେ। ସେଠି ପଢ଼ାଇବା ପାଇଁ କେବଳ ଡାକ୍ତରମାନେ ନିଯୁକ୍ତି ପାଇଥିଲେ। ୨୦୦୩ରେ ମୁଁ ସେଠାରେ ଜୁନିୟର ଅଧ୍ୟାପକ ଭାବେ ନିଯୁକ୍ତି ହେଲି। ସେହିଠାରୁ ହିଁ ମୋର ୨୦ ବର୍ଷର ଯାତ୍ରା ଆରମ୍ଭ ହୋଇଥିଲା। ସେଠି ୨-୩ ବର୍ଷ ପିଲାମାନଙ୍କୁ ପାଠ ପଢ଼ାଇବାପରେ କ୍ଲିନିକାଲ ପ୍ରାକ୍ଟିସର ଆବଶ୍ୟକତା ଅଛି ବୋଲି ଅନୁଭବ କଲି। ପରେ ଡାକ୍ତର ଆର.କେ. ମହାପାତ୍ରଙ୍କୁ ଦେଖା କରି ତାଙ୍କ ନିକଟରେ ଫିଜିଓଭାବେ ନିଯୁକ୍ତ ହେବାକୁ ଇଚ୍ଛା କଲି। ତାଙ୍କ ନିକଟରେ ସେତେବେଳେ ଜଣେ ଫିଜିଓ ଥିବାରୁ ସେ ପ୍ରଥମେ ରାଜି ହୋଇ ନ ଥିଲେ। ପରେ ସେ ମୋତେ ଡାକିଲେ ଓ ମୁଁ କାମ ଆରମ୍ଭ କଲି। ୩-୪ ମାସ କାର୍ଯ୍ୟ କରିବାପରେ ସେ ମୋତେ ତାଙ୍କ ଚାୟରକୁ ଡକାଇ ଜଣେ ବ୍ୟକ୍ତିଙ୍କୁ ଚିହ୍ନିବାକୁ କହିଲେ। ମୁଁ ଉକ୍ତ ବ୍ୟକ୍ତିଙ୍କୁ ଚିହ୍ନି ନ ଥିଲି। ସେ ମୋତେ ତାଙ୍କ ସହ ପରିଚିତ କରାଇଲେ। ସେ ଥିଲେ ଓଡ଼ିଶାର ଗର୍ବ ପଦ୍ମଶ୍ରୀ ଦିଲୀପ ତିର୍କୀ। ସେ ହେଉଛନ୍ତି ଜାତୀୟ କିମ୍ବା ଅନ୍ତର୍ଜାତୀୟ ସ୍ତରର ପ୍ରଥମ ହକି ଖେଳାଳି, ଯାହାଙ୍କ ସଂସ୍ପର୍ଶରେ ମୁଁ ପ୍ରଥମେ ଆସିଥିଲି। ତାଙ୍କ ଆଣ୍ଠୁ ଜନିତ ସମସ୍ୟା ଥିଲା। ୧୦-୧୨ ଦିନ ତାଙ୍କ ଚିକିତ୍ସା ମଧ୍ୟରେ ମୁଁ ହକି ସମ୍ପର୍କରେ ଅନେକ କିଛି ଆଲୋଚନା କରିଥିଲି। ଜଣେ ମାର୍ଗଦର୍ଶକଭାବେ ସେ ମୋତେ ହକିରେ ଫିଜିଓଥେରାପିର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ତାଙ୍କ ଚିକିତ୍ସା ସରିଗଲା, ମାତ୍ର ସେ ମୋତେ ଯେଉଁ ବାର୍ତ୍ତା ଦେଇଗଲେ ତାକୁ ନେଇ ମୁଁ ଓଡ଼ିଶା ହକି ଆସୋସିଏଶନ ସମ୍ପାଦକ ପ୍ରତାପ ଶତପଥୀଙ୍କ ନିକଟକୁ ଏକ ଅନୁରୋଧପତ୍ର ପଠାଇଥିଲି। ଫିଜିଓଥେରାପିର ଆବଶ୍ୟକତା ସମ୍ପର୍କରେ ତାଙ୍କୁ ବୁଝାଇ ମୋତେ ଓଡ଼ିଶା ହକି ସହିତ କାମ କରିବା ସୁଯୋଗ ଦିଆଯାଉ ବୋଲି କହିଥିଲି। ସେ ମୋତେ ବୁଝାଇଥିଲେ ଯେ, ସରକାରଙ୍କ ନିୟମ ଅନୁସାରେ କୌଣସି ପ୍ରତିଯୋଗିତା ପାଇଁ ୨୨ ଜଣଙ୍କ ପାଇଁ ସ୍ୱନଶରଶିପ୍ ଆସିଥାଏ। ସେମାନେ ହେଲେ ୧୮ ଖେଳାଳି, କୋଚ୍, ସହକାରୀ କୋଚ୍, ମ୍ୟାନେଜର ଏବଂ ଟ୍ରେନର। ହକି ଦଳ ସହ କାର୍ଯ୍ୟ କରିବାର ପ୍ରବଳ ଆଗ୍ରହ ଥିବାରୁ ମୁଁ ନିଜ ଖର୍ଚ୍ଚରେ କାମ କରିବାକୁ ତାଙ୍କୁ କହିଲି। ସେ ରାଜି ହେଲେ ଏବଂ ନିଜସ୍ୱ ଖର୍ଚ୍ଚରେ ମୁଁ ଫିଜିଓଭାବେ ଓଡ଼ିଶା ଦଳସହ ବିଭିନ୍ନ ରାଜ୍ୟକୁ ଗଲି। ଓଡ଼ିଶା ଦଳ ସହ ୨-୩ ବର୍ଷ କାର୍ଯ୍ୟ କରିବା ପରେ ପ୍ରିମିୟର ହକି ଲିଗ୍ ଆରମ୍ଭ ହେଲା। ଏକ ଟିମ୍ ଗଠନ ପାଇଁ ଓଡ଼ିଶା ହକି ଆସୋସିଏଶନକୁ ନିବେଦନ ଆସିଥିଲା। ଦଳର ସଦସ୍ୟଙ୍କ ମଧ୍ୟରେ ଫିଜିଓଙ୍କୁ ରଖିବା ପାଇଁ ମଧ୍ୟ ବାଧ୍ୟତାମୂଳକ ଥିଲା। ତେଣୁ ଓଡ଼ିଶା ଆସୋସିଏଶନ ମୋତେ ଓଡ଼ିଶା ଷ୍ଟିଲର୍ସ ଦଳସହ ସାମିଲ କଲେ। ଡିଭିଜନ-୨ରେ ଓଡ଼ିଶା ଚାମ୍ପିୟନ ହେବାପରେ ଡିଭିଜନ-୧କୁ ଉନ୍ନୀତ ହେଲା। ସେଠାରେ ମଧ୍ୟ ଦଳ ଚାମ୍ପିୟନ ହେଲା। ସବୁ ମ୍ୟାଚରେ ବିନା ଇଞ୍ଜୁରିରେ ଶ୍ରେଷ୍ଠ ଏକାଦଶ ଖେଳିବା ହିଁ ଓଡ଼ିଶା ଷ୍ଟିଲର୍ସ କ୍ରମାଗତ ଚାମ୍ପିୟନ ହେବାର ମୁଖ୍ୟ କାରଣ ବୋଲି ଚାରିଆଡ଼େ ଚର୍ଚ୍ଚା ହୋଇଥିଲା। ଫଳ ସ୍ୱରୂପ ଭାରତୀୟ ସବ୍ ଜୁନିୟର ହକି ଦଳରେ ମୋତେ ଫିଜିଓ ହେବା ପାଇଁ ସୁଯୋଗ ମିଳିଥିଲା। ଏହିଠାରୁ ମୋର ସ୍ପୋର୍ଟ୍ସ ଫିଜିଓ ଥେରାପିର ପ୍ରକୃତ ଯାତ୍ରା ଆରମ୍ଭ ହେଲା। ଭାରତୀୟ ହକି ଦଳ ସହ କାମ କରି ବିଭିନ୍ନ ବିଦେଶ ଭ୍ରମଣ କଲା ପରେ ଓଡ଼ିଶା ପାଇଁ କିଛି କରିବାକୁ ଅଛି ବୋଲି ଅନୁଭବ କଲି। ମୁଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗକୁ କଳିଙ୍ଗ ଷ୍ଟାଡିୟମରେ ଏକ ଫିଜିଓ ନିଯୁକ୍ତି ପାଇଁ ପତ୍ର ଲେଖିଲି। ପାଖାପାଖି ୮ ବର୍ଷ ବ୍ୟବଧାନରେ ମୋତେ କଳିଙ୍ଗ ଷ୍ଟାଡିୟମରେ ଫିଜିଓଭାବେ ନିଯୁକ୍ତି ମିଳିଥିଲା। ବର୍ତ୍ତମାନ ରାଜ୍ୟ ସରକାର କିଛି ସ୍ପୋର୍ଟ୍ସ ହଷ୍ଟେଲରେ ଫିଜିଓ ନିଯୁକ୍ତି କରିଛନ୍ତି ଏବଂ ଆଗାମୀ ଦିନରେ ସବୁ କ୍ରୀଡ଼ା ଛାତ୍ରାବାସରେ ନିଯୁକ୍ତି କରିବାକୁ ଯାଉଛନ୍ତି ବୋଲି ଶୁଣିବାକୁ ମିଳୁଛି।

**● ସାଧାରଣ ଲୋକ ଏବଂ ଜଣେ କ୍ରୀଡ଼ାବିତ୍‌ଙ୍କୁ ଚିକିତ୍ସା ମଧ୍ୟରେ କ'ଣ ପାର୍ଥକ୍ୟ ଥାଏ।**

▶ କେତେ ପରିମାଣରେ ଇଞ୍ଜୁରି ହୋଇଛି ତାହାକୁ ବିଚାରକୁ ନେଇ ଚିକିତ୍ସାକୁ ୩-୪ ଭାଗରେ ବିଭକ୍ତ କରାଯାଇଥାଏ। ପ୍ରଥମ ୩ ପର୍ଯ୍ୟାୟ ପର୍ଯ୍ୟନ୍ତ ଚିକିତ୍ସା ପ୍ରାୟ ସମାନ ଥାଏ। ମାତ୍ର ଖେଳାଳିଙ୍କ କ୍ଷେତ୍ରରେ ସେ କେଉଁ ଖେଳ ସହ ସମ୍ପୃକ୍ତ ଏବଂ ନିର୍ଦ୍ଦିଷ୍ଟ ଖେଳରେ କିପରି ମୁଭ୍‌ମେଣ୍ଟ ହେବାକୁ ପଡ଼େ ତାକୁ ଲକ୍ଷ୍ୟ କରି ଚିକିତ୍ସା ଏବଂ ବ୍ୟାୟାମ କରାଯାଇଥାଏ। ବାସ୍କେଟବଲ, ଫୁଟବଲ, କ୍ରିକେଟ, ହକି ଖେଳାଳିଙ୍କ କ୍ଷେତ୍ରରେ ତାହା ଭିନ୍ନଭିନ୍ନ ହୋଇଥାଏ।

**● ଭାରତୀୟ ଜୁନିୟର ହକି ଦଳ ସହ ଯାତ୍ରା କିପରି ଥିଲା ?**

▶ ୨୦୦୫ରୁ ୨୦୦୭-୦୮ ପର୍ଯ୍ୟନ୍ତ ଭାରତୀୟ ଦଳ ସହ ସଂଶ୍ଳିଷ୍ଟ ହେବାପରେ ବହୁତ କିଛି ଶିଖିବାକୁ ପାଇଲି। ବିଦେଶ ଗସ୍ତ କରିବାଦ୍ୱାରା ସେଠାରେ କିପରି ଏହି ପେସାକୁ ଗ୍ରହଣ କରାଯାଉଛି ତାହା ମଧ୍ୟ ଜାଣିବାକୁ ପାଇଲି। ସେମାନଙ୍କ ସହ ଭାବର ଆଦାନ ପ୍ରଦାନ ହେଲା। ଅମିତ ରୋହିଦାସ ହୁଅନ୍ତୁ କିମ୍ବା ବୀରେନ୍ଦ୍ର ଲାକ୍ରା, ପି.ଆର. ଶ୍ରୀଜେଶ କି ବର୍ତ୍ତମାନର ଅଧିନାୟକ ମନପ୍ରୀତ ସିଂ ସମସ୍ତେ ଖେଳ କ୍ୟାରିୟର ଆରମ୍ଭ କରିବା ସମୟରେ ମୁଁ ଫିଜିଓ ଥିଲି। ଜୁନିୟର ଦଳ ସହ ଥିବାବେଳେ ଜଣେ ଖେଳାଳିଙ୍କ ସହ ଏକ ଅଭୁଲା ଅନୁଭୂତି ରହିଛି। ଆମେ ମାଲେସିଆରେ ଥିବାବେଳେ ଉକ୍ତ ଖେଳାଳି ଜଣକ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କଲେ। ମୋତେ ଡକାହେଲା ପରେ ତାଙ୍କୁ ମେଡିକାଲ ରୁମ୍‌କୁ ନିଆ ଯାଇଥିଲା। ମାତ୍ର ଲଞ୍ଚ୍ ଟାଇମ୍ ହୋଇଥିବାରୁ ସେଠାରେ ଡାକ୍ତର, ନର୍ସ ଆଦି ସମସ୍ତେ ଖାଇବାକୁ ଯାଇଥିଲେ। ତେଣୁ ମୁଁ ମୋ ନିକଟରେ ଯାହା ଔଷଧ ଥିଲା ସେଥିରୁ ଗୋଟିଏ ଦେଇଥିଲି। ଶ୍ରୀଜେଶ ୨-୩ ମିନିଟ ମଧ୍ୟରେ ଭଲ ହୋଇଗଲେ। ବହୁ କଷ୍ଟ ପାଇଥିବାରୁ ଖୁସିରେ କାନ୍ଦି ପକାଇଥିଲେ ଏବଂ "ସାର୍ ମୋ ଜୀବନ ବଞ୍ଚାଇଦେଲେ" ବୋଲି କହିଥିଲେ। ଏହା ମୋତେ ବହୁତ ଖୁସି ଦେଇଥିଲା ସତ, ମାତ୍ର ମୁଁ ତାଙ୍କୁ ଯେଉଁ ଔଷଧ ଦେଇଥିଲି ତାହା ଡୋପ୍‌ଟେଷ୍ଟରେ ପଜିଟିଭ୍ ଆସିବା ସମ୍ଭାବନା ଥିଲା। ସେ ଯାହା ହେଉ ଲଟେରିରେ ଅନ୍ୟ ଖେଳାଳିଙ୍କ ନାଁ ଆସିଲା ଆଉ ଆମେ ସମସ୍ତେ ବଡ଼ ସମସ୍ୟାରୁ ବର୍ତ୍ତି ଯାଇଥିଲୁ।

**● ପେସାକୁ ନେଇ କେତେ ସନ୍ତୁଷ୍ଟ ?**

▶ ଏହା ଏବେ ମୋର ଆଉ ପେସା ହୋଇ ନାହିଁ ନିଶା ହୋଇ ଯାଇଛି। ୨୦୦୫ରେ ମୋ ତତ୍ତ୍ୱାବଧାନରେ ଗ୍ଲୋବାଲ ଫିଜିଓ ସେଲ୍ ଗଠନ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ଏହି ଅନୁଷ୍ଠାନ ୮୦ରୁ ୮୫ ଇଭେଣ୍ଟ (ଗୋଟିଏ ଅନ୍ତର୍ଜାତୀୟ, ୩୫ଟି ଜାତୀୟ ଏବଂ ଅନ୍ୟସବୁ ରାଜ୍ୟସ୍ତରୀୟ)ରେ ସେବା ଯୋଗାଇ ଦେଇ ଆସିଛି। ମୁଁ ଖେଳିବାବେଳେ ଜଣେ ଜାତୀୟ ସ୍ତରୀୟ ଆଥଲେଟ୍ ଥିଲି। ଶେଷ ଜୀବନ ପର୍ଯ୍ୟନ୍ତ ଖେଳାଳି ଓ ଖେଳ ପଡ଼ିଆ ସହିତ ସମ୍ପୃକ୍ତ ହୋଇ ରହିବି ବୋଲି ଲକ୍ଷ୍ୟ ରହିଛି। ଖେଳାଳି ସଫଳ ହେଲେ ଖେଳାଳିଙ୍କ ସହ କୋଚ୍‌ଙ୍କୁ ଶ୍ରେୟ ଯାଉଛି। ମାତ୍ର ଫିଜିଓଙ୍କର ମଧ୍ୟ ବହୁତ ଅବଦାନ ରହୁଛି। ତେଣୁ ସମାନ ଭାବେ ଫିଜିଓଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯିବା ଉଚିତ ଏବଂ ପୁରସ୍କୃତ କରାଯିବା ଆବଶ୍ୟକ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୮/୨୦୨୧ Bhubaneswar, Wednesday, September 8/ 2021

# ପ୍ରଥମ ଦିବସରେ ୪ ନୂଆ ରେକର୍ଡ

## ରାଜ୍ୟ ସିନିୟର ଆଥଲେଟିକ୍ ଚାମ୍ପିୟନଶିପ୍ ଆରମ୍ଭ

**ଭୁବନେଶ୍ୱର, ୭।୯(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ଆଥ୍ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୬୮ତମ ରାଜ୍ୟ ସିନିୟର ଆଥ୍ଲେଟିକ୍ ଚାମ୍ପିୟନଶିପ୍ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୪ଟି ନୂଆ ରେକର୍ଡ ସ୍ଥାପନ ହୋଇଛି। ଏଥିରେ ୪୦୦ରୁ ଊର୍ଦ୍ଧ୍ୱ ଆଥ୍ଲେଟ ୩୪ଟି ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତା ୨ ଦିନଧରି ଚାଲିବ।

ପ୍ରଥମ ଦିବସରେ ମୋଟ ୧୭ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ପୁରୁଷ ହାଇଜମ୍ପରେ କଟକର ସ୍ୱାଧୀନ ମାଝି ୨.୦୭ ମିଟର କ୍ଲିୟର କରି ରେକର୍ଡର ଅଧିକାରୀ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ସୁନୀଲ କୁମାର ଆଜାଦଙ୍କ ନାମରେ ଥିଲା। ସେ ୧୯୯୬ରେ କୋଲକାତାଠାରେ ୨.୦୬ ମିଟର କ୍ଲିୟର କରି ରେକର୍ଡର ଅଧିକାରୀ ଥିଲେ। ସେହିପରି କଟକର କିଶୋର କୁମାର ଜେନା ଜାଭେଲିନ୍ ଥ୍ରୋରେ ନିଜ ନାମରେ ଥିବା ରାଜ୍ୟ ରେକର୍ଡକୁ ଭାଙ୍ଗିଛନ୍ତି। ସେ ଏଠାରେ ୭୬.୪୧ ମିଟର ଦୂରକୁ ଜାଭେଲିନ ପକାଇଛନ୍ତି। ପୂର୍ବରୁ ୨୦୧୭ରେ କଟକରେ ଅନୁଷ୍ଠିତ ପ୍ରତିଯୋଗିତାରେ ସେ ୭୨.୭୭ ମିଟର ଥ୍ରୋ କରି ରେକର୍ଡ କରିଥିଲେ। ୧୫୦୦ ମିଟର ରେସ୍‌ରେ ଓଡ଼ିଶା ପୋଲିସର ଅଶୋକ ଦେଶପାଣ୍ଡେ ନୂଆ ମିଟ୍ ରେକର୍ଡ କରିଛନ୍ତି। ସେ ୩ ମିନିଟ ୫୮.୭ ସେକେଣ୍ଡ ସମୟ ନେଇଛନ୍ତି। ପୂର୍ବ ରେକର୍ଡ ୩ ମିନିଟ ୫୯.୩ ସେକେଣ୍ଡ ଥିଲା। ସେହିପରି ଓଡ଼ିଶା ପୋଲିସରେ କାର୍ଯ୍ୟରତ ବିଘ୍ନରାଜ ମିରିଡିଆ ୪୦୦ ମିଟର ରେସ୍ ସେମିଫାଇନାଲରେ ୪୮.୨୬ ସେକେଣ୍ଡ ସମୟ ନେଇ ନୂଆ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ପୂର୍ବ ରେକର୍ଡ ୪୮.୩୧ ସେକେଣ୍ଡ ଥିଲା।

ଆଥ୍ଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ ଦ୍ୱାରା ଦିଆଯାଇଥିବା ଯୋଗ୍ୟତା ପର୍ଯ୍ୟାୟ ମାର୍କକୁ ଯେଉଁ ଆଥ୍ଲେଟ ସ୍ପର୍ଶ କରିବେ ସେମାନେ ୬୦ତମ ଜାତୀୟ ଓପନ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଏହା ଚଳିତ ମାସ ୧୫ରୁ ୧୯ ପର୍ଯ୍ୟନ୍ତ ତେଲେଙ୍ଗାନାରେ ଅନୁଷ୍ଠିତ ହେବ।


ପ୍ରଥମ ଦିବସରେ ଅନୁଷ୍ଠିତ ରେସ୍ ଅବସରରେ ପ୍ରତିଯୋଗୀମାନେ।

## ଆଜିଠାରୁ ୨ ଦିନିଆ ସୁପରଲିଗ

### କଳାହାଣ୍ଡି କପ୍ କ୍ରିକେଟ

**ଭୁବନେଶ୍ୱର, ୭।୯ (କ୍ରୀଡ଼ା ପ୍ରତିନିଧି):** କଳାହାଣ୍ଡି କପ୍‌ର ଦିନିକିଆ ଓ ଟି୨୦ ଫର୍ମାଟ ଗତ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୪ ମଧ୍ୟରେ ସଫଳତାର ସହ ସମ୍ପନ୍ନ ହୋଇଛି। ପ୍ରତିଯୋଗିତାର ୨ ଦିନିଆ ସୁପରଲିଗ୍ ଫର୍ମାଟ ବୁଧବାରଠାରୁ ଆରମ୍ଭ ହେବ। ଲିଗ୍ ପର୍ଯ୍ୟାୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ୬ଟି ଦଳ ଓ ଅବଶିଷ୍ଟ ଦଳଗୁଡ଼ିକରେ ଭଲ ଖେଳିଥିବା ଖେଳାଳିଙ୍କୁ ନେଇ ୬ଟି ଦଳ ଗଠନ କରାଯାଇଛି। ୧୨ଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଇକୋର୍ସା, ସୁନ୍ଦରଗଡ଼, ଖୋର୍ଦ୍ଧା, ଓଡ଼ିଶା ବ୍ଲୁ, ଓଡ଼ିଶା ଗ୍ରୀନ୍, ଓଡ଼ିଶା ୟେଲୋ ରହିଥିବାବେଳେ ଗ୍ରୁପ୍ 'ବି'ରେ ଝାରସୁଗୁଡ଼ା, କଟକ-ଏ, ରାଉରକେଲା, ଓଡ଼ିଶା ରେଡ୍, ଓଡ଼ିଶା ଭାଓଲେଟ ଓ ଓଡ଼ିଶା ପିଙ୍କ୍ ସ୍ଥାନ ପାଇଛନ୍ତି। ମ୍ୟାଚଗୁଡ଼ିକ କଟକର ୬ଟି ପଡ଼ିଆରେ ଅନୁଷ୍ଠିତ ହେବ। ଗ୍ରୁପ୍ 'ଏ' ଓ ଗ୍ରୁପ୍ 'ବି'ର ଶୀର୍ଷ ଦଳକୁ ନେଇ ଫାଇନାଲ ଚଳିତ ମାସ ୨୩ ଓ ୨୪ ତାରିଖରେ ଖେଳାଯିବ।

## ପଡ଼ିଆ ନିରୀକ୍ଷଣ କଲା ଓସିଏ ଗ୍ରାଉଣ୍ଡ ଟେକ୍ନିକାଲ କମିଟି

**ଭୁବନେଶ୍ୱର, ୭।୯ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଏହାର ଭିଜନ@ ୨୦୨୪ ପ୍ରୋଗ୍ରାମ ଅଧୀନରେ ପ୍ରସ୍ତାବିତ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହି ପରିପ୍ରେକ୍ଷୀରେ ଓସିଏର ଟେକ୍ନିକାଲ କମିଟି ମଙ୍ଗଳବାର କଟକସ୍ଥିତ ୩ଟି ପଡ଼ିଆ ନିରୀକ୍ଷଣ କରିଛି। ସେଗୁଡ଼ିକ ହେଲା ରେଭେନ୍‌ଶା କଲିଜିଏଟ୍ ସ୍କୁଲ (ସନ୍‌ସାଇନ୍ ଫିଲ୍ଡ), ନୂଆବଜାର ହାଇସ୍କୁଲ(ନୂଆବଜାର ହାଇସ୍କୁଲ ଫିଲ୍ଡ) ଓ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ। ନିରୀକ୍ଷଣ କାର୍ଯ୍ୟବେଳେ ଧୀରେନ ପଲାଇ, ନୃସିଂହ ଚରଣ ଚୌଧୁରୀ, ସୁଶାନ୍ତ କୁମାର ମହାନ୍ତି ଓ ନିର୍ବାଣ ରୟ ପ୍ରମୁଖ ଓସିଏର ସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ଗ୍ରାମାଞ୍ଚଳରେ ୫ ପଜିଟିଭ, ୧୬ସୁସ୍ଥ**

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ଖସିବାରେ ଲାଗିଛି। ମଙ୍ଗଳବାର ୫ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୬ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ, ଜଟଣୀ ଏବଂ ବୋଲଗଡ ବ୍ଲକର ଜଣେ ଲେଖାଏ ରହିଛନ୍ତି। ଭୁବନେଶ୍ୱର ବ୍ଲକର ୨ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଗ୍ରାମାଞ୍ଚଳରେ ମୋଟ ୨୯,୪୦୨ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ୨୮,୯୬୮ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୩୭୩ ଜଣଙ୍କ ମୃତ୍ୟୁ ଘଟିଛି। ୬୧ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ମୃତ

**ଖୋର୍ଦ୍ଧା ଅଫିସ,୭।୯:** ସାପ କାମୁଡ଼ାରେ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବଣିଆଟାଙ୍ଗୀର ଅଧିକାରୀ ସାହୁ। ସୂଚନା ମୁତାବକ, ଅଧିକାରୀ ମଙ୍ଗଳବାର ସକାଳେ ବିଲକୁ କାମ କରିବାକୁ ଯାଇଥିଲେ। ସେଠାରେ କାମ କରୁଥିବା ବେଳେ ହଠାତ୍ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ପରିବାର ଲୋକେ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମାଙ୍କଡ଼ା ଖଣିରେ ଚଢ଼ାଉ, ୨ ଅଟକ

**ନିରାକାରପୁର,୭।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲାରେ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ ବଢ଼ି ଚାଲିଛି। ପ୍ରଶାସନ ପକ୍ଷରୁ ଚଢ଼ାଉ ସତ୍ତ୍ୱେ ଖଣି ମାଫିଆମାନେ କିଛିଦିନ ନୀରବ ରହିବା ପରେ ପୁଣି ସକ୍ରିୟ ହୋଇଉଠୁଛନ୍ତି। ଦଲକ ମାଙ୍କଡ଼ା ଖଣିରେ ମଙ୍ଗଳବାର ଜଙ୍କିଆ ପୋଲିସ ଚଢ଼ାଉ କରି ୨ଜଣଙ୍କୁ ଧରିବା ସହ ଏକ ହିଟାଚି ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୧୯୫/୨୧)ରୁଜୁ ହୋଇଛି। ତେବେ ଧରାପଡ଼ିଥିବା ଦୁଇ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

### ଛତୁଆର ମାନ ପରଖିଲେ ଅଧିକାରୀ

**କୃଷ୍ଣପ୍ରସାଦ,୭।୯(ଡି.ଏନ୍.ଏ.):** ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା ନେଇ କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନିକ ଅଧିକାରୀମାନେ ମଙ୍ଗଳବାର ବିଭିନ୍ନ ଛତୁଆ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ତିଆରି ହେଉଥିବା ସିଆଲିସ୍ଥିତ ଛତୁଆ ପ୍ରସ୍ତୁତ କେନ୍ଦ୍ର ଏବଂ ମୋରଡା ସ୍ଥିତ ଛତୁଆ କେନ୍ଦ୍ରକୁ ବିଡିଓ ମନୋଜ କୁମାର ନାୟକ, ମହିଳା ଶିଶୁ ବିକାଶ ଅଧିକାରିଣୀ ମନୋରମା ଦେବୀ, ତିତିପ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡା.ଗଗନ ବିଶ୍ୱାଳ ପ୍ରମୁଖ ପରିଦର୍ଶନ କରିଥିଲେ। ଛତୁଆ ପ୍ରସ୍ତୁତ କେନ୍ଦ୍ରର ଭିତିଭୂମି, ପରିଚ୍ଛନ୍ନତା, ହିତାଧିକାରୀଙ୍କ ତାଲିକା ଦେଖିବା ସହିତ ମହିଳାଙ୍କ ସହ ଆଲୋଚନା କରିଥିଲେ। ଛତୁଆ ପ୍ରସ୍ତୁତ ହେଉଥିବା ଚିନି, ବାଦାମ, ବୁଟ, ଗହମ, ସୁଜି ହାଲୁଆ, ବାଦାମ ଲଡୁ ଆଦିର ସ୍ୱାଦ ପରଖିଥିଲେ। କରୋନା ନିୟମକୁ କଡାକଡି ପାଳନ କରିବାକୁ ବିଡିଓ ନାୟକ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ବ୍ଲକ ସଂଯୋଜିକା ସାବିତ୍ରୀ ପଶ୍ଚିମକବାଟ, ମିଶନଶକ୍ତି ସଂଯୋଜିକା ଲିନା ମହାପାତ୍ର, ମୁଖ୍ୟ ସେବିକା ଦୀପ୍ତିରାଣୀ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟାଳୟରେ ଚାରାରୋପଣ



**କୃଷ୍ଣପ୍ରସାଦ,୭।୯(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ହରିହର ବିଦ୍ୟାପୀଠ ପରିସରରେ ସାବିତ୍ରୀ ଚାରିଟେବୁଲ ଟ୍ରଷ୍ଟ, ସିଆରା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ମିଶ୍ର, ଯୁଧିଷ୍ଠିର ପଲାଇ, ଗଦାଧର ପ୍ରଧାନ, ବୀରେନ ପ୍ରଧାନ, ଯୁବରାଜ ପ୍ରଧାନ, ମାନସ ପ୍ରଧାନ, ସୌରଭ ପ୍ରଧାନ, ଅବିନାଶ ପ୍ରଧାନ, ମନୋଜ ପ୍ରଧାନ, ରଞ୍ଜନ ପ୍ରଧାନ, ନକୁଳାନନ୍ଦ ଦଳାଇଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ଲଗାଯାଇଥିବା ଚାରାଗୁଡିକର ଯତ୍ନ ଉପରେ ଟ୍ରଷ୍ଟ ସଭାପତି ସତ୍ୟ ରଞ୍ଜନ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ଅନେକ ଜନହିତକର କାର୍ଯ୍ୟ କରାଯିବ ବୋଲି ସାବିତ୍ରୀ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ଆଶିଷ ସ୍ୱାଇଁ କହିଛନ୍ତି।

### ରାଣୀ ସତୀ ଦାଦିଙ୍କ ମଙ୍ଗଳ ପାଠ

**ଜଟଣୀ,୭।୯(ଡି.ଏନ୍.ଏ.):** ମାରୱାଡି ସମ୍ପ୍ରଦାୟ ପକ୍ଷରୁ ମଙ୍ଗଳବାର ଜଟଣୀଠାରେ ରାଣୀ ସତୀ ଦାଦିଙ୍କ ମଙ୍ଗଳ ପାଠ ପାଳିତ ହୋଇଯାଇଛି। ଭାଦ୍ରବ ମାସ କୃଷ୍ଣ ପକ୍ଷ ଅମାବାସ୍ୟା ତିଥିରେ ପ୍ରତ୍ୟେକ ବର୍ଷ ଉକ୍ତ ଉତ୍ସବ ପାଳିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗୋପୀନାଥ ମନ୍ଦିର ପରିସରରେ ଜଟଣୀ ମହିଳା ସମିତି ଦ୍ୱାରା ଆୟୋଜିତ ପାଠ ଉତ୍ସବରେ ଅନେକ ମହିଳା ଅଂଶଗ୍ରହଣ କରିଥିଲେ। ସ୍ୱାମୀ ଓ ପରିବାରର ମଙ୍ଗଳ ମନାସି ବ୍ରତ ଧାରଣ କରିବା ସହ ପୂଜାର୍ଚ୍ଚନା କରିଥିଲେ।

# ପ୍ରଗତି ବେଷ୍ଟ ଗ୍ରାଜୁଏଟ୍

**ବିଜେବି କଲେଜର ଯୁକ୍ତ୩ ପରୀକ୍ଷାଫଳ ପ୍ରକାଶିତ**

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

ବକ୍ସି ଜଗବନ୍ଧୁ (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଛାତ୍ରୀ ପ୍ରଗତି ଗୁରୁ କଳା ବିଭାଗର ଟପ୍ପର ହେବା ସହିତ ବେଷ୍ଟ ଗ୍ରାଜୁଏଟ୍ ହୋଇଛନ୍ତି। ସାଇକୋଲୋଜି ବିଭାଗର ପ୍ରଗତି ୯୨.୨୭% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ପ୍ରାଣୀ ବିଜ୍ଞାନର ଛାତ୍ର ଗୌରହରି ସାହୁ ୯୧.୭୩% ରଖି ଟପ୍ପର ହୋଇଛନ୍ତି। ଆକାଉଣ୍ଟିଂରେ ଶୁଭମ୍ ଚୌଧୁରୀ ୮୨.୮୧% ରଖି ବାଣିଜ୍ୟରେ ଟପ୍ପର ହୋଇଛନ୍ତି। କଳା ବିଭାଗରେ ମୋଟ ୩୮୬ ପିଲା ପାସ୍ କରିଥିବା ବେଳେ ୨୬ଜଣ ଫେଲ୍ ହୋଇଛନ୍ତି। କଳାରେ ପାସ୍‌ହାର ୯୩.୬୮% ରହିଛି। ସେହିଭଳି ବିଜ୍ଞାନରେ ୧୮୨ଜଣ ପାସ୍ ଓ ୬ଜଣ ଫେଲ୍ ହୋଇଥିବାବେଳେ ପାସ୍‌ହାର ୯୬.୮୯% ରହିଛି। ବାଣିଜ୍ୟରେ ମୋଟ ୨୩୮ ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ୧୧ଜଣ ଫେଲ୍ ହୋଇଛନ୍ତି। ବାଣିଜ୍ୟରେ ପାସ୍ ହାର ୯୫.୬% ରହିଛି।

ସେହିପରି ନୃତତ୍ତ୍ୱରେ ଶିବାନୀ ମହାନ୍ତି ୮୪.୨୩%, ଅର୍ଥନୀତିରେ ଏକତା ପଣ୍ଡା ୮୭.୬୫%, ଶିକ୍ଷାରେ ସସ୍ମିତା ପ୍ରଧାନ ୮୬.୬୯%, ଇଂଲିଶରେ ଶ୍ରେୟାଶିରିନ ନାୟକ ୬୮.୭୩%, ଭୂଗୋଳରେ ପ୍ରତୀକ୍ଷା ପରିମିତା ସେଠୀ ୮୨.୨୩%, ହିନ୍ଦୀରେ ଗାନ୍ଧୀ କୁମାର ୭୨.୮୧% ମାର୍କ ରଖି ଟପ୍ପର ହୋଇଛନ୍ତି। ମ୍ୟୁଜିକ୍‌ରେ ରିଙ୍କି ସ୍ୱାଇଁ ୭୯.୨୭%, ଇତିହାସରେ ମାହିତୋଷ ଗୋପାଳ ୮୧.୬୨%, ଓଡ଼ିଆରେ ଶୁଭଶ୍ରୀ ସା ୬୮.୮୧%, ଦର୍ଶନରେ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ୮୪.୬୨%, ରାଜନୀତି ବିଜ୍ଞାନରେ ତନିଷା ବେହୁରା ୮୩.୩୮%, ସଂସ୍କୃତରେ ପ୍ରିୟଙ୍କା ନାୟକ ୭୪.୧୨%, ସୋସିଓଲୋଜିରେ ଅମ୍ରିତ ମହାପାତ୍ର ୮୨.୦୮%, ବାୟୋ ଟେକ୍ନୋଲୋଜିରେ ରିୟା ଜୈସୱାଲ ୮୩.୫୮% ମାର୍କ ରଖି ଟପ୍ପର ହୋଇଛନ୍ତି। ଉଦ୍ଭିଦ ବିଜ୍ଞାନରେ ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ୮୬.୪୨%, ରସାୟନ ବିଜ୍ଞାନରେ ଶ୍ରୀତମ ମହାନ୍ତି ୯୦%, କମ୍ପ୍ୟୁଟର ସାଇନ୍ସରେ ଶୀତଲ ବଧନ ୯୦.୮୫%, ଗଣିତରେ ପୁନମ ନାୟକ ୯୧.୧୯%, ପଦାର୍ଥ ବିଜ୍ଞାନରେ ସୌମ୍ୟାଶ୍ୱେତା ଭୁଜବଳ ୮୯.୩୧% ଏବଂ ପରିସଂଖ୍ୟାନରେ ଅଶ୍ଳେଷ ମହାନ୍ତି ୮୫.୧୨% ମାର୍କ ରଖି ଟପ୍ପର ହୋଇଥିବା କଲେଜ ପକ୍ଷରୁ ସୂଚନା ଦିଆଯାଇଛି।



ପ୍ରଗତି ଗୁରୁ।

# ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି



ସପ୍ତପୁରୀ ଅମାବାସ୍ୟା ଅବସରରେ ମହାପ୍ରଭୁଙ୍କ ନୀତି ସମ୍ପନ୍ନ ପାଇଁ ସେବାୟତମାନେ ଠାକୁରଙ୍କୁ ସାଗର ବିଜେ କରୁଛନ୍ତି।

**ପୁରୀ ଅଫିସ,୭।୯**

ଭାଦ୍ରବ ସପ୍ତପୁରୀ ଅମାବାସ୍ୟା ତିଥି ଅବସରରେ ଶ୍ରୀମନ୍ଦିର ସତ୍ଲିପି ଅନୁଯାୟୀ ରୀତିନୀତି ଅନୁସାରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପନ୍ନ ହୋଇଛି। ମଙ୍ଗଳବାର ମହାପ୍ରଭୁଙ୍କ ସକାଳଧୂପ ସମ୍ପନ୍ନ ହୋଇ ଜଳପଡ଼ିବା ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନ ସେବକମାନେ ଦକ୍ଷିଣୀଘରୁ ଚତୁର୍ଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରିଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ହାତରେ ନାରାୟଣଙ୍କୁ ନେଇ ବଟବୃକ୍ଷ ମୂଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା, ବାଦ୍ୟ ସହ ବିମାନବଡୁ ସେବକମାନେ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ବେଲଭୂମିକୁ ବିଜେ କରିଥିଲେ। ସେଠାରେ ଅମାବାସ୍ୟା ନାରାୟଣ ପହଞ୍ଚିବା ପରେ ପାଳିଆ ଗଡ଼ାବଡୁ ସେବକ ରୂପା ପିଙ୍ଗଣରେ ସମୁଦ୍ରରୁ ଜଳ ଆଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ଉକ୍ତ ଜଳକୁ ପୂଜାପଣ୍ଡା ସାମନ୍ତ ସଂସ୍କାର କରି ନାରାୟଣଙ୍କୁ ଲାଗି କରିଥିଲେ। ପରେ ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ନିକଟରେ ପଣା ଭୋଗ ମଣୋହି କରାଯାଇଥିଲା। ପରେ ଆରତି ଏବଂ ବନ୍ଦାପନା ସମ୍ପନ୍ନ ହେବା ପରେ ଠାକୁରଙ୍କ ବାହୁଡା ବିଜେ ନୀତି ଆରମ୍ଭ ହୋଇଥିଲା। ସେବକମାନେ ଠାକୁରଙ୍କୁ ନେଇ ହରିଦାସ ମଠ ଗୋହରୀ ରାସ୍ତା ଦେଇ ଜମ୍ବେଶ୍ୱର ମନ୍ଦିର ଓ ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡା ବିଜେ କରାଯିବା ପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।

# 'ଆଦିବାସୀଙ୍କ ଅଧିକାର ପାଇଁ ଆନ୍ଦୋଳନ କରାଯିବ'

**ବୋଲଗଡ଼,୭।୯(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଛିମାପଲ୍ଲୀ ଗ୍ରାମରେ ଅଖିଳ ଭାରତ ଆଦିବାସୀ ମହାସଭାର ସପ୍ତମ ଖୋର୍ଦ୍ଧା ଜିଲା ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ରାଜକିଶୋର ସ୍ୱାଇଁ ସଭାପତିତ୍ୱ କରିଥିଲେ। ରାଜ୍ୟ କମିଟି ଉପଦେଷ୍ଟା ତଥା ବରିଷ୍ଠ କମ୍ୟୁନିଷ୍ଟ ନେତା ବସନ୍ତ କୁମାର ପାଇକରାୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରି କହିଥିଲେ, ଆଦିବାସୀଙ୍କ ଜଙ୍ଗଲ ଜମି ଓ ଜଳ ଅଧିକାର ପାଇଁ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯାଇ ଏକ ଶୋଷଣ ବିହୀନ ସମାଜ ଗଠନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ସ୍ତମ୍ଭକାର ସତୀଶ ମିଶ୍ର ମୁଖ୍ୟବକ୍ତା, ସାମାଜିକକର୍ମୀ ଭାରତ ପାଣିଗ୍ରାହୀ, ପ୍ରଶାନ୍ତ ପାଇକରାୟ, ଅଶୋକ ସାହୁ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀରେ ସନାତନ ମାଝୀ, ଧନେଶ୍ୱର ମାର୍ଥା, ବସନ୍ତ ସେଠୀ, ଲୋଚନ ସେଠୀ, କେଳୁଚରଣ ଦେହୁରି, ନୀଳକଣ୍ଠ ନାୟକ, ଶ୍ରୀନିବାସ ମାନସିଂହ, ପଦ୍ମ ଚରଣ ପାତ୍ର, ବଳଭଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈକୁଣ୍ଠ ଦେହୁରି ଧନ୍ୟବାଦ ଦେଇଥିଲେ।

# ପଦଯାତ୍ରାରେ ଖୋର୍ଦ୍ଧାରୁ ଶତାଧିକ ଚାଷୀ ଯୋଗଦେବେ

**ନବନିର୍ମାଣ କୃଷକ ସଙ୍ଗଠନର ବୈଠକ**

**ଖୋର୍ଦ୍ଧା ଅଫିସ,୭।୯**



ବୈଠକରେ ଯୋଗ ଦେଇଥିବା ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତାମାନେ।

ନବ ନିର୍ମାଣ କୃଷକ ସଙ୍ଗଠନ ଖୋର୍ଦ୍ଧା ଶାଖା ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ବାଟମଙ୍ଗଳା ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷି, କୃଷକ, ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର ଓ ଦରଦାମ ବୃଦ୍ଧିକୁ ନେଇ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ୧୯ତାରିଖ ପର୍ଯ୍ୟନ୍ତ ପଦଯାତ୍ରା ଚମ୍ପାରଣ ଠାରୁ ବାହାରି ବନାରସରେ ଶେଷ ହେବ। କୃଷକଙ୍କ ବିକାଶ ଲାଗି ଗାନ୍ଧିଜୀ ଚମ୍ପାରଣ ସତ୍ୟାଗ୍ରହ କରିଥିଲେ। ଏହି ସତ୍ୟାଗ୍ରହକୁ ୧୦୪ ବର୍ଷ ବିତିଲାଣି, ତଥାପି କୃଷି ଏବଂ କୃଷକଙ୍କ ବିକାଶ ପାଇଁ ଶତାଧିକ ଚାଷୀ ସଙ୍ଗଠନ ଦିଲ୍ଲୀ ରାଜରାସ୍ତାରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସ୍ୱାଧୀନୋତ୍ତର ଭାରତରେ କେତେକ ଶିଳ୍ପ ସଂସ୍ଥା ଚାଷୀଙ୍କ ଉତ୍ପାଦିତ ମୂଲ୍ୟର ଦାମକୁ ନିୟନ୍ତ୍ରଣ କରୁଛନ୍ତି। ଶିଳ୍ପ ସଂସ୍ଥା ହାତକୁ କୃଷିକ୍ଷେତ୍ରକୁ ଟେକି ଦେବାକୁ ସରକାର ଯୋଜନା କରୁଛନ୍ତି। ୩ କୃଷି ଆଇନ ବିରୋଧରେ ୮ମାସ ହେବ ଦିଲ୍ଲୀରେ କୃଷକଙ୍କ ଆନ୍ଦୋଳନ ଜାରି ରହିଛି। କୃଷକଙ୍କ ସ୍ୱାର୍ଥ ଲାଗି ଗାନ୍ଧିଜୀ ୧୯୧୭ରେ ଅହିଂସା ମାଧ୍ୟମରେ ସତ୍ୟାଗ୍ରହ କରିଥିଲେ। ସେହି ସ୍ଥାନରୁ ପଦଯାତ୍ରା ବାହାରିବ। କୃଷି ଓ କୃଷକ ସହିତ ସାଧାରଣ ବ୍ୟକ୍ତିର ସ୍ୱାସ୍ଥ୍ୟ, ଶିକ୍ଷା, ବେରୋଜଗାର, ଦରଦାମ ବୃଦ୍ଧିକୁ ମୁଖ୍ୟ ପ୍ରସଙ୍ଗ ଭାବେ ଉପସ୍ଥାପନ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଏହି ପଦଯାତ୍ରାରେ ଖୋର୍ଦ୍ଧା ଜିଲାରୁ ଶତାଧିକ ଚାଷୀ ଯୋଗଦାନ ଲାଗି ସ୍ଥିର କରାଯାଇଛି ବୋଲି ଅନୁଷ୍ଠାନର ମନୋହର ଅଲ୍ଲୀ ସୂଚନା ଦେଇଛନ୍ତି। ବୈଠକ ପରେ ଉଠାଜଳସେଚନ ଅଫିସକୁ ଯାଇ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ କୃଷି କାର୍ଯ୍ୟାଳୟରେ କାଳିଆ ଯୋଜନା ସମ୍ପର୍କରେ କୃଷି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଜମ୍ବେଶ୍ୱର ନାସୁଆ, ନିରଞ୍ଜନ ପ୍ରଧାନ, ଜୟନ୍ତ ତ୍ରିପାଠୀ, କାହ୍ନୁଚରଣ ବେହେରା, ବଂଶୀଧର ପଣ୍ଡା, ମଦନ ମୋହନ ସାହୁ, ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଶହୀଦ ଦିବସ ପାଳନ ଲାଗି ବୈଠକ

**ନିମାପଡ଼ା,୭।୯(ଡି.ଏନ୍.ଏ.)**

ଶହୀଦ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ନିମାପଡ଼ା ଏନ୍‌ଏସି ପକ୍ଷରୁ ଏନ୍‌ଏସି ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ଦିବସରେ ଶହୀଦ ସ୍ମୃତିସ୍ତମ୍ଭ, ସ୍ୱାଧୀନତା ସଂଗ୍ରାମୀ, ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ହଂସପଡ଼ା କେଉଟତୋଟା ଗ୍ରାମରୁ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା, ଥାନା ସମ୍ମୁଖ ପଡ଼ିଆ ଶହୀଦ ଉଚ୍ଛବ ମଲ୍ଲିକଙ୍କ ସ୍ମୃତିସ୍ତମ୍ଭ ନିକଟରେ ଜାତୀୟ ପତାକା ଉତ୍ତୋଳନ ଓ ଶହୀଦସ୍ତମ୍ଭ ନିକଟରେ ଶହୀଦ ସଂଗ୍ରାମୀମାନଙ୍କୁ 'ଗାର୍ଡ ଅଫ ଅନର' ପ୍ରଦାନ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଏମ୍.ଶ୍ରୀନିବାସ, ଦେବାଶିଷ ମିଶ୍ର, ପି.କେ.ଜୁଝାର ସିଂ, ବ୍ରହ୍ମାନନ୍ଦ ମଲ୍ଲିକ, ରାମଚନ୍ଦ୍ର ଜେନା, ବେଣୁଧର ସେନାପତି, ଅଭିମନ୍ୟୁ ମଲ୍ଲିକ, ସନାତନ ପ୍ରଧାନ, ଜୀବନାନନ୍ଦ ମହାପାତ୍ର, ବିଜୟ ଗ୍ରହାଚାର୍ଯ୍ୟ, ଡା.ବିଜୟିନୀ ସାହୁ, ଆଇ.ତ୍ରିନାଥ ପାତ୍ର ଉପସ୍ଥିତ ଥିଲେ।

# ଡ୍ରେନ୍ ଜାମ୍, ଗାଁ ଦାଣ୍ଡରେ ବର୍ଷାପାଣି

**ଲୋକେ ହଇରାଣ, ଯାତାୟାତ ବାଧାପ୍ରାପ୍ତ**

**ବୋଲଗଡ଼,୭।୯(ଡି.ଏନ୍.ଏ.)**



ଗାଁ ଦାଣ୍ଡରେ ବର୍ଷାପାଣି ଜମି ରହିଛି।

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ସଂପୁର ଗ୍ରାମ ଗଡଦ୍ୱାର ବନ୍ଧ ଡ୍ରେନ ଆବର୍ଜନାରେ ପୋତି ହୋଇଯିବାରୁ ବର୍ଷାଜଳ ନିଷ୍କାସନରେ ବାଧକ ସୃଷ୍ଟି ହୋଇଛି। ଫଳରେ ଲଘୁଚାପଜନିତ ବର୍ଷା ହେବାରୁ ଡ୍ରେନରେ ପାଣି ନ ଯାଇପାରିବାରୁ ଗାଁ ଦାଣ୍ଡରେ ସୁଅ ଛୁଟୁଛି। ଗ୍ରାମବାସୀ ହଇରାଣ ହେବା ସହ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, ଚଳିତ ବର୍ଷ ୪ଲକ୍ଷ ଟଙ୍କା ବ୍ୟୟରେ ଏହି ଡ୍ରେନ ମରାମତି କରାଯାଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇପଡ଼ିଛି। ପାଣି ନିଷ୍କାସନ ପାଇଁ ଏହି ଡ୍ରେନ ଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗ୍ରାମ୍ୟ ରାସ୍ତା ବୋଲଗଡ଼ ଠାରୁ ଫିରିଫିରା ଦେଇ ଖଣ୍ଡପଡ଼ାକୁ ସଂଯୋଗ କରିଛି। ତେଣୁ ବର୍ଷାଦିନେ ଗାଁ ଦାଣ୍ଡରେ ପାଣି ଜମି ରହିବାରୁ ଯାନବାହନ ଯାତାୟାତରେ ବାଧାପ୍ରାପ୍ତ ହେଉଛି। ଏହି ଡ୍ରେନରେ ଗ୍ରାମ୍ୟ ଜଙ୍ଗଲର ଜଳ ନିଷ୍କାସନ ସହ ଗଡଦ୍ୱାର ବନ୍ଧରୁ କୃଷି କ୍ଷେତ୍ରକୁ ଜଳସେଚନ ପାଇଁ ୧୯୯୫ରେ ନିର୍ମାଣ କରାଯାଇଥିଲା। ୨୫ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଏହି ଡ୍ରେନ ରାସ୍ତା ତୁଳନାରେ ନୀଚା ଓ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ଡ୍ରେନର ତୁରନ୍ତ ମରାମତି ସହ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ସଂପୁର ଗ୍ରାମବାସୀ ଦାବି କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ତୃପ୍ତିସ୍ମିତା



@ ସିଟୁ



@ ହିମାଂଶୁ



@ ବିନିତ୍



@ ରାଜକିଶୋର



@ ନିହାରିକା

# ଚୋରଙ୍କ ଟେର ପାଉନି ପୋଲିସ

**ନିରାକାରପୁର,୭।୯(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଚୋରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଗତ ୫ଦିନ ମଧ୍ୟରେ ନିରାକାରପୁର ଓ ଡିଆ ପଞ୍ଚାୟତ ଅଞ୍ଚଳର ୬ଟି ସ୍ଥାନରୁ ଦୁର୍ବୃତ୍ତମାନେ ଚୋରି କରିଥିବା ଅଭିଯୋଗ ହୋଇଛି। ଗତ ଗୁରୁବାର ରାତିରେ ଡିଆ ପଞ୍ଚାୟତ ଭୋଇସାହି ଗ୍ରାମରେ ଥିବା ଏକ ତେଜରାତି ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଓ ସାମଗ୍ରୀ ଚୋରି କରି ନେଇଛନ୍ତି। ସେହିପରି ଶୁକ୍ରବାର କାଶିପୁର ଉପରସାହି ଗ୍ରାମର ପରିକ୍ଷିତ ବେହେରାଙ୍କ ଘରେ ଦୁର୍ବୃତ୍ତମାନେ ପଶି ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଅନ୍ୟ ୪ ସ୍ଥାନରୁ ଚୋରି ହୋଇଥିଲେ ମଧ୍ୟ ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଉକ୍ତ ଅଞ୍ଚଳମାନଙ୍କରେ କଡ଼ାକଡ଼ି ପାଟ୍ରୋଲିଂ ହେଉ ନ ଥିବାରୁ ଗଳିକନ୍ଦିରେ ନିଶା କରାବାର ଯୋଗୁ ଚୋରି ବଢୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଚୋରି ନେଇ ଅଭିଯୋଗ ହେଉଥିଲେ ମଧ୍ୟ ପୋଲିସ ଚୋରଙ୍କ ଟେର ପାଇପାରୁ ନାହିଁ। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ସ୍ଥାନୀୟ ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି, ତଦନ୍ତ ଚାଲିଛି, ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

### ସମୁଦ୍ରରେ ବୁଡ଼ିଯାଉଥିବା ଯୁବତୀ ଉଦ୍ଧାର

ପୁରୀ ଅଫିସ - ପୁରୀ ହୋଟେଲ ସମ୍ମୁଖ ୩ ନମ୍ବର ଜୋନ ସମୁଦ୍ରରେ ସ୍ନାନ କରୁଥିବା ସମୟରେ ବୁଡି ଯାଉଥିବା ଜଣେ ଯୁବତୀଙ୍କୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ଯୁବତୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ସଦର ଥାନା ଅନ୍ତର୍ଗତ ଗୋରୁଆଳ ଗ୍ରାମର ବୃନ୍ଦାବତୀ ବରାଳ ମଙ୍ଗଳବାର ସମୁଦ୍ରରେ ଗାଧୋଉଥିଲେ। ହେଲେ କିଛି ସମୟରେ ସ୍ଥାନୀୟ ଲୋକେ ଚିତ୍କାର ଶୁଣି ଅଗ୍ନିଶମ ବାହିନୀଙ୍କୁ ଜଣାଇଥିଲେ। ନିକଟରେ ଥିବା ଅଗ୍ନିଶମ କର୍ମଚାରୀମାନେ ଆସି ବୃନ୍ଦାବତୀଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୭।୦୯।୨୦୨୧

| ୨,୩୩,୨୭୩ ଟଙ୍କା | |
|---|---|
| ସୁନା | ମିଳି ନାହିଁ |
| ରୁପା | ୪୦.୬୦୦ଗ୍ରାମ |

# ଚିକିତ୍ସା ଅବହେଳା: କାର୍ଯ୍ୟାନୁଷ୍ଠାନ ଶୂନ

- ଇଞ୍ଜେକ୍ସନ ନେଇ ଅଂଶ ପଚିଯିବା ଘଟଣା
- ଭୁଲ୍ ମାନିଲେ ହସ୍ପିଟାଲ କର୍ତ୍ତୃପକ୍ଷ

ପୁରୀ ଅଫିସ,୭।୯: ଛାତିରେ ଯନ୍ତ୍ରଣା ଥିବାରୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସିଥିଲେ। ଏଥିପାଇଁ ୨ଟି ଇଞ୍ଜେକ୍ସନ ନେଇଥିଲେ, ହେଲେ କିଛିଦିନ ପରେ ଶରୀରର ସେହି ଅଂଶଟି ଧୀରେ ଧୀରେ ପଚିଯାଇଥିଲା। ଭଲ ହେବା ବଦଳରେ ସ୍ୱାସ୍ଥ୍ୟ ଆହୁରି ବିଗିଡ଼ିବାରେ ଲାଗିଥିଲା। ଏ ନେଇ ଚିକିତ୍ସାଳୟର ଅଧିକାରୀଙ୍କୁ ଜଣାଇବା ପରେ କର୍ତ୍ତୃପକ୍ଷ ଭୁଲକୁ ମାନିବା ସହ ବ୍ୟକ୍ତିଙ୍କ ଚିକିତ୍ସା ଜାରି ରଖିଛନ୍ତି। ହେଲେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଏଭଳି ଅବହେଳା ନେଇ ଅଭିଯୋଗ କରିଛନ୍ତି ପୁରୀ ତଳମାଳି ସାହିର ସରୋଜ କୁମାର ଦାସ। ସରୋଜ ଏବେ ଚିକିତ୍ସାଧୀନ ଅବସ୍ଥାରେ ଥିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଘରେ ଏକମାତ୍ର ସେ ରୋଜଗାରିଆ ଥିବାବେଳେ ପରିବାରର ୫ ସଦସ୍ୟ ଠିକ ଭାବେ ଖାଇବାକୁ ପାଉ ନ ଥିବା କହିଛନ୍ତି। ଏପରିକି ହସ୍ପିଟାଲ କର୍ତ୍ତୃପକ୍ଷ ମଧ୍ୟ ଏଭଳି ସମୟରେ କୌଣସି ପ୍ରକାରର ସହାୟତା କିମ୍ବା ସହଯୋଗ କରୁ ନ ଥିବା ସରୋଜ ଅଭିଯୋଗ କରିଛନ୍ତି।

ସରୋଜଙ୍କ କହିବା ଅନୁଯାୟୀ, ପରିବା ଗୋଦାମରେ ମୂଲ ଲାଗି ସେ ପରିବାର ଚଳାନ୍ତି। ଜୁଲାଇ ୧୫ରେ ଛାତିରେ ତାଙ୍କର ଯନ୍ତ୍ରଣା ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଦେଖାଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ୨ଟି ଇଞ୍ଜେକ୍ସନ୍ ଦିଆଯାଇଥିଲା। ହେଲେ ପରଦିନ ଇଞ୍ଜେକ୍ସନ ଦେବା ସ୍ଥାନଟି ହଠାତ୍ କଳା ପଡ଼ି ଫୁଲିଯାଇଥିଲା। ଏହାଦେଖି ସେ ଡାକ୍ତରଖାନା ଯିବାରେ ତାଙ୍କୁ ପୁଣିଥରେ ଇଞ୍ଜେକ୍ସନ୍ ଓ ମେଡିସିନ ଦିଆଯାଇଥିଲା। ମେଡିସିନି ଖାଇବା ପରେ ସମ୍ପୃକ୍ତ ଅଂଶଟି ସ୍ୱାଭାବିକ ହେବ ବୋଲି କୁହାଯାଇଥିଲା। ମାତ୍ର କିଛି ଦିନ ପରେ ସରୋଜଙ୍କ ଇଞ୍ଜେକ୍ସନ ଦେବା ସ୍ଥାନଟି ପଚିବା ଆରମ୍ଭ କରିଥିଲା। ଫଳରେ ସେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଣବ ପ୍ରକାଶ ଦାସଙ୍କୁ ଜଣାଇବା ପରେ ତୁରନ୍ତ ହସ୍ପିଟାଲ୍‌ରେ ଭର୍ତ୍ତି ହେବା ପାଇଁ ତାଙ୍କୁ କହିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ପଚିବାର ମାତ୍ରା ଅଧିକ ନ ଥିବାରୁ ଅସ୍ତ୍ରୋପଚାର କରା ନ ଯାଇ ଛଡ଼ାଯାଇଥିଲା। ମାତ୍ର ଅଗଷ୍ଟ ୨୮ରେ ପଚା ଅଂଶଟି ଅଧିକ ହୋଇଯିବାରୁ ଅସ୍ତ୍ରୋପଚାର କରାଯାଇଥିଲା। ଅସ୍ତ୍ରୋପଚାର ପରେ ଏବେ ପର୍ଯ୍ୟନ୍ତ ସରୋଜ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ସରୋଜ କହିଛନ୍ତି, ଛାତି ଯନ୍ତ୍ରଣା ପାଇଁ ଡାକ୍ତରଖାନା ଯାଇଥିଲି, ମାତ୍ର ୨ ମାସ ହେଲେଣି ନର୍କ ଯନ୍ତ୍ରଣା ଭୋଗୁଛି। ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ବିରୋଧରେ ହସ୍ପିଟାଲ୍ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତୁତ ନୁହନ୍ତି। ସିଡିଏମ୍‌ଓଙ୍କୁ ଲିଖିତ ଭାବେ ଏ ସମ୍ପର୍କରେ ଜଣାଇବାରୁ ସ୍ୱାସ୍ଥ୍ୟକର୍ମୀ ଭୁଲ କରିଥିବା ମାନି ଥିବାବେଳେ କାର୍ଯ୍ୟାନୁଷ୍ଠାନ ନେବେ ନାହିଁ ବୋଲି କହିଥିଲେ। ସେହିଭଳି ଯେଉଁ ହସ୍ପିଟାଲ୍ ଯୋଗୁ ମୋ ଶରୀର ଗୋଟିଏ ଅଂଶ ନଷ୍ଟ ହେଲା, ମୁଁ କାମ ହରାଇଲି ଓ ବେକାର ହେଲି, ସେହି ହସ୍ପିଟାଲ୍ ମୋତେ ମୋ ପାରିଶ୍ରମିକ ଦେବା ଦରକାର ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ। ସେହିପରି ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦାସ କହିଛନ୍ତି, ଏଭଳି ଘଟଣା ନଜରକୁ ଆସିବା ପରେ ବ୍ୟକ୍ତିଙ୍କ ଅସ୍ତ୍ରୋପଚାର ହୋଇଛି। ତାଙ୍କର ସମସ୍ତ ଡାକ୍ତରୀ ଖର୍ଚ୍ଚ ହସ୍ପିଟାଲ ବହନ କରୁଛି। ମେଡିସିନ ପାଇଁ ମଧ୍ୟ ସେ ଖର୍ଚ୍ଚାନ୍ତ ହେବେ ନାହିଁ। ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ସମସ୍ତ ଡାକ୍ତରୀ ସହଯୋଗ ପାଇବେ। ତେବେ ସ୍ୱାସ୍ଥ୍ୟକର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କଥାକୁ ସେ ଏଡ଼ାଇ ଦେଇଥିଲେ।

## କୋଣାର୍କରେ ପୁନଃ ସୂର୍ଯ୍ୟପୂଜା କରିବାକୁ ଦାବି



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

କୋଣାର୍କ,୭।୯(ଡି.ଏନ୍.ଏ.)

କୋଣାର୍କ ସୂର୍ଯ୍ୟ ମନ୍ଦିରରେ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା କରିବା ପାଇଁ ଏକ ଖବରଦାତା ସମ୍ମିଳନୀରେ ସୂର୍ଯ୍ୟ ମନ୍ଦିର ପୁନର୍ନିର୍ମାଣ ମହାସଂଘ ପକ୍ଷରୁ ଦାବି କରାଯାଇଛି। ମଙ୍ଗଳବାର ସୂର୍ଯ୍ୟ ମନ୍ଦିର ପୁନର୍ନିର୍ମାଣ ମହାସଂଘର ମହାସଚିବ ମୁକେଶ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଡ. ଏ.ପି. ସିଂ, ସୁପ୍ରିମକୋର୍ଟ ଆଇନୀଜୀବୀ ହୃଦୟ ନାରାୟଣ ସିଂ ଓ ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ଯୋଗଦେଇ ଗତ ୧୨୦ବର୍ଷ ଧରି କୋଣାର୍କ ସୂର୍ଯ୍ୟ ମନ୍ଦିରରେ ବନ୍ଦ ହୋଇଥିବା ସୂର୍ଯ୍ୟ ନାରାୟଣଙ୍କ ପୁନଃ ପୂଜାର୍ଚ୍ଚନା, ଭବ୍ୟ ସୂର୍ଯ୍ୟ ମନ୍ଦିର ନିର୍ମାଣ କରିବା ପାଇଁ ମହାସଂଘ ପକ୍ଷରୁ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ମନ୍ତ୍ରୀ, କେନ୍ଦ୍ର ସଂସ୍କୃତି ସଚିବ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଆଦିଙ୍କୁ ୨୦୧୯ସମିହାରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ଏ ନେଇ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଓ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ମହାସଂଘର ମହାସଚିବ ଜୈନ ସମ୍ମିଳନୀରେ ପ୍ରକାଶ କରିଛନ୍ତି। କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ରାଜା ନରସିଂହ ଦେବ ନିଜ ମାଆଙ୍କ ସୂର୍ଯ୍ୟ ପୂଜା ପାଇଁ ନିର୍ମାଣ କରିଥିଲେ। ମାତ୍ର କେନ୍ଦ୍ର ସରକାରଙ୍କ ଏଏସ୍‌ଆଇ କର୍ତ୍ତୃପକ୍ଷ ଏହି ସୂର୍ଯ୍ୟମନ୍ଦିର ଦାୟିତ୍ୱ ନେବା ପରେ ଏହାକୁ ପୂଜାର୍ଚ୍ଚନା ସ୍ଥଳୀ ଭାବେ ବିବେଚନା ନ କରି ମନ୍ୟୁମେଣ୍ଟ ଭାବେ ବିବେଚନା କରିଆସୁଛି। ଯାହାକି ସୂର୍ଯ୍ୟ ଉପାସନାର ମହାନ ସଂସ୍କୃତି ପ୍ରତି କୁଠାରାଘାତ ସଦୃଶ ବୋଲି ମହାସଂଘ ପକ୍ଷରୁ ଦାବି କରାଯାଇଛି। କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ପୁନଃ ଭଗବାନ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ପ୍ରଚଳନ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯିବ ବୋଲି ସମ୍ମିଳନୀରେ ମହାସଂଘର ଆଇନ ଉପଦେଷ୍ଟା ଆଇନଜୀବୀ ଡ. ଏ.ପି. ସିଂ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପୋଲିଂ, କାଉଣ୍ଟିଂ ଏଜେଣ୍ଟ ସହ ଡ୍ରାଇଭରଙ୍କ ପାଇଁ ଡବଲ୍ ଡୋଜ୍ ବାଧ୍ୟତାମୂଳକ

ପୁରୀ ଅଫିସ,୮।୯: କୋଭିଡ୍ କଟକଣା ଭିତରେ ପିପିଲି ଉପନିର୍ବାଚନ ହେବା। ଏଥିଲାଗି ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବାକୁ ଥିବା ବ୍ୟକ୍ତିମାନେ ଡବଲ୍ ଡୋଜ୍ ଟିକା ନେଇଥିବା ଆବଶ୍ୟକ। ଏ ନେଇ ପୁରୀ ଅତିରିକ୍ତ ଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ପ୍ରଦୀପ କୁମାର ସାହୁ ଉପନିର୍ବାଚନର ସମସ୍ତ ୧୦ଜଣ ପ୍ରାର୍ଥୀଙ୍କୁ ପତ୍ର ଲେଖି ଜଣାଇଛନ୍ତି। ପ୍ରାର୍ଥୀଙ୍କ ସମେତ ପୋଲିଂ ଏଜେଣ୍ଟ, କାଉଣ୍ଟିଂ ଏଜେଣ୍ଟ, ଡ୍ରାଇଭର ଓ ନିର୍ବାଚନ ଅଧିକାରୀଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନେ ଡବଲ୍ ଡୋଜ୍ ଟିକା ନେଇଥିବା ଆବଶ୍ୟକ। ମତଦାନ, ଭୋଟଗଣତି ଓ ନିର୍ବାଚନ ବୈଠକରେ ପ୍ରାର୍ଥୀ ଓ ତାଙ୍କ ପ୍ରତିନିଧି କୋଭିଡ୍ ଡବଲ୍ ଡୋଜ୍‌ର ପ୍ରମାଣପତ୍ର ଦେଖାଇବେ ବୋଲି ରିଟର୍ଣ୍ଣିଂ ଅଫିସର ଜଣାଇଛନ୍ତି। ଏ ସମ୍ପର୍କରେ ରିଟର୍ଣ୍ଣିଂ ଅଫିସର ପ୍ରଦୀପ କୁମାର ସାହୁ କହିଛନ୍ତି, ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଆଧାରରେ ଏହି ପତ୍ର ସମସ୍ତ ପ୍ରାର୍ଥୀଙ୍କୁ ପଠାଯାଇଛି। କୋଭିଡ୍ କଟକଣାକୁ ଚଳିତ ଉପନିର୍ବାଚନରେ କଡ଼ାକଡ଼ି ଭାବେ ପାଳନ କରାଯିବା ଆବଶ୍ୟକସ୍ଥଳେ କୋଭିଡ୍ କଟକଣା ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ନେଶନ ବିଲ୍ଡର ଆୱାର୍ଡ ପ୍ରଦାନ

ପୁରୀ ଅଫିସ,୭।୯ - ରୋଟାରୀ କ୍ଲବ ପୁରୀ ସାଗର ପକ୍ଷରୁ ଏକ ନେଶନ ବିଲ୍ଡର ଆୱାର୍ଡ ପ୍ରଦାନ ଉତ୍ସବ ପାଳିତ ହୋଇଛି। କ୍ଲବ ସଭାପତି ରୋଟାରିଆନ ସରୋଜ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମୋଚି ସାହିସ୍ଥିତ ଭିତରଚ୍ଛ କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା ଯୋଗଦେଇଥିଲେ। ଏହି ଅବସରରେ ୧୧ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରୋଟାରିଆନ ପ୍ରମୋଦ ସ୍ୱାଇଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ରାଜଦୀପ ଘୋଷ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷାବିତ ପ୍ରଶାନ୍ତ ପୃଷ୍ଟି, କୃଷ୍ଣଚନ୍ଦ୍ର ମେକାପ, ତପସ୍ୱିନୀ ପଟ୍ଟନାୟକ, ଲକ୍ଷ୍ମୀଧର ଦାସ, ସୁନିତା ଶ୍ରୀଚନ୍ଦନ, ଚଳନ୍ତିକା ମହାପାତ୍ର, ଅନ୍ନପୂର୍ଣ୍ଣା ପାଣି, ଅନିଭା ମହାପାତ୍ର, ମମତା ମହାନ୍ତି, ବିନୋଦିନୀ ଦେଇ ଏବଂ ପ୍ରଭାସିନୀ ଦାସ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଶନ ବିଲଡର ଆୱାର୍ଡ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଲବର ସମ୍ପାଦକ ଅରୁଣକାନ୍ତ ଗଜେନ୍ଦ୍ରଙ୍କ ସମେତ ଅନ୍ୟ ରୋଟାରିଆନମାନେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଶୋକ ପାତ୍ର, ପୂର୍ବତନ ସଭାପତି ଯୁଧିଷ୍ଠିର ଲେଙ୍କା, ଆସନ୍ତା ବର୍ଷର ସଭାପତି ଧବଳେଶ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଉପସଭାପତି ଦାମୋଦର ମହାନ୍ତି ଧନ୍ୟବାଦ ଦେଇଥିଲେ।

### ୪୩ ୟୁନିଟ୍ ରକ୍ତ ସଂଗ୍ରହ

ପିପିଲି,୭।୯(ସ୍ୱ.ପ୍ର.)/ଡି.ଏନ୍.ଏ.)- ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଆନୁକୂଲ୍ୟରେ ପିପିଲି ବ୍ଲକ ଚନ୍ଦ୍ରାଦେଇପୁର ପଞ୍ଚାୟତର ଭୋଗପାଟେଲି ପାଠାଗାର ଗୃହରେ ବିଜୁ ଜନତା ଦଳର ସହାୟତାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସଭାପତି ମହେଶ୍ୱର ମହାନ୍ତି ଓ ଉଦ୍‌ଘାଟକ ଭାବେ ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗ ଦେଇଥିଲେ। ପିପିଲି ବିଧାୟକ ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥୀ, ପ୍ରଫୁଲ୍ଲ ସ୍ୱାଇଁ, ଧରଣୀଧର ସାହୁ, କିଶୋର ଛୋଟରାୟ, ଯୁଧିଷ୍ଠିର ସ୍ୱାଇଁ, ଆର୍ତ୍ତବନ୍ଧୁ ସାମନ୍ତ ରାୟ, ନାରାୟଣ ସ୍ୱାଇଁ, ଜ୍ୟୋତିରଞ୍ଜନ ପୃଷ୍ଟି, ନରେନ୍ଦ୍ର ସ୍ୱାଇଁ, ସଦାଶିବ ଦାସ, ଗଦାଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସହ ସଂଯୋଜକ ଭଗବାନ ପଡ଼ିଆରୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୪୩ ୟୁନିଟ୍ ରକ୍ତ ସଂଗ୍ରହ କରାଗଲା।



ଶିଶୁ ସାହିତ୍ୟିକ ନିରାକାର ଚଇନିଙ୍କ ଶିଶୁ କବିତା 'ସରଗ ଅଟଇ ମୋ ଗାଁ ଭୂଇଁ' କୁ ଅତିଥିମାନେ ସିଂହଦ୍ୱାର ସମ୍ମୁଖରେ ଉନ୍ମୋଚନ କରୁଛନ୍ତି।

## ଶିଶୁ କବିତା 'ସରଗ ଅଟଇ ମୋ ଗାଁ ଭୂଇଁ' ଉନ୍ମୋଚନ

ପୁରୀ ଅଫିସ, ୭।୯

ବରିଷ୍ଠ ଶିଶୁ ସାହିତ୍ୟିକ ନିରାକାର ଚଇନିଙ୍କ ଶିଶୁ କବିତା ସଂକଳନ 'ସରଗ ଅଟଇ ମୋ ଗାଁ ଭୂଇଁ'ର ଶୁଭ ଉନ୍ମୋଚନ ମଙ୍ଗଳବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ଉତ୍କଳ ବିଦୂତ ପରିଷଦର ସଭାପତି ମନୋଜ କୁମାର ରଥ, 'ଅମୃତ ଅନୁଭବ'ର ସମ୍ପାଦକ ଶ୍ରୀକାନ୍ତ ମହାନ୍ତି, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଟିକିତାରାର ସମ୍ପାଦକ ବିପିନ ବିହାରୀ ଦଳାଇ, ଅଭିନନ୍ଦନିକାର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ଶିକ୍ଷୟିତ୍ରୀ ମିନତୀ ପଟ୍ଟନାୟକ, କବୟିତ୍ରୀ ପ୍ରତିଭା ତ୍ରିପାଠୀ ଏବଂ ବିପିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁମାନଙ୍କ ମାନସିକତାକୁ ଦୃଷ୍ଟିରେ ରଖି ଲେଖକ ଚଇନି ୪୦ଟି ମନଛୁଆଁ କବିତା ଉକ୍ତ କବିତା ପୁସ୍ତକରେ ସ୍ଥାନିତ କରିଥିବା କହିଛନ୍ତି। ପୁସ୍ତକ ଉନ୍ମୋଚନ ପୂର୍ବରୁ ପୁସ୍ତକର ଲେଖକ ଚଇନି ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ।

## ମହାପ୍ରଭୁଙ୍କୁ ଲାଗି ହେଲା ସପ୍ତପୁରୀ ଭୋଗ

### ଶ୍ରୀମନ୍ଦିରରେ ବସ୍ତ୍ର ହରଣ ନୀତି ସମ୍ପନ୍ନ

ପୁରୀ ଅଫିସ, ୭।୯: ସପ୍ତପୁରୀ ଅମାବାସ୍ୟା ତିଥିରେ ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କଠାରେ ସପ୍ତପୁରୀ ଭୋଗ ଲାଗିହୋଇଛି। ପୂର୍ବରୁ ସୋମବାର ଅଠରନଳାସ୍ଥିତ ଅଲାମଚଣ୍ଡୀ ମନ୍ଦିରରୁ ଆବଶ୍ୟକ ତାଡ଼ ଶ୍ରୀମନ୍ଦିରକୁ ଆସିଥିଲା। ଅନ୍ୟପଟେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ଏବଂ ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳାରେ ବସ୍ତ୍ର ହରଣ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଅବକାଶ ନୀତି ପରେ ତିନିବାଡ଼ରେ ବେଶ ବଢି ୬ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ରୋଷ ଘରେ ହୋମ ସମ୍ପନ୍ନ ହୋଇ ସାତପୁରୀ ପିଠା ପ୍ରସ୍ତୁତ କରାଯାଇଥିଲା। ସକାଳ ଧୂପ ପରେ ସାତପୁରୀ ଭୋଗ ତାଡ଼ ରୋଷଘରୁ ମହାପ୍ରଭୁଙ୍କ ନିକଟକୁ ଆସିଥିଲା। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ଭୋଗ ମଣୋହୀ କରିଥିଲେ। ଭିତର ଆଳତି ପରେ ପୂଜାପଣ୍ଡା, ମୁଦିରସ୍ତ ଓ ପତିମହାପାତ୍ର ୩ ବାଡ଼ରେ ବନ୍ଦାପନା କରିଥିଲେ। ସେହିପରି କୃଷ୍ଣଲୀଳା କ୍ରମରେ ବସ୍ତ୍ରହରଣ ଲୀଳା ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ନୀତି ବଢ଼ିବା ପରେ ମଦନମୋହନ ସିଂହାସନ ଉପରକୁ ବିଜେ କରିଥିଲେ। ସେଠାରୁ ଆଜ୍ଞାମାଳ ପାଇ ନାଟ ମନ୍ଦିର ନିକଟ ଖଟକୁ ବିଜେ ହୋଇଥିଲେ। ସେଠାରେ ବସ୍ତ୍ରହରଣ ଲୀଳା ହୋଇଥିଲା। ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯିବା ସହ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ପରେ ମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢି ରାତ୍ର ପହୁଡ଼ ହୋଇଥିଲା।

# ନକଲି କୋଭିଡ୍ ପ୍ରମାଣପତ୍ର, ୩ ଗିରଫ

ପୁରୀ ଅଫିସ,୭।୯

ପୁରୀରେ ନକଲି କୋଭିଡ୍ ପ୍ରମାଣପତ୍ର ବିକ୍ରି କରିବା ଓ ନେବା ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ମାର୍କେଟ ଛକ ସ୍ଥିତ ନୀଳାଦ୍ରି ଲଜ୍ ନିକଟର ଅରୁଣ କୁମାର ତ୍ରିପାଠୀ, ଟାଉନଥାନା ଅନ୍ତର୍ଗତ ଦୋଳମଣ୍ଡପ ସାହି ଜହ୍ନମୁଣ୍ଡିଆ ଛକର ଶକ୍ତି ମହାନ୍ତି ଏବଂ ଛତିଶଗଡ ଅଞ୍ଚଳର ବିଶ୍ୱନାଥ ପ୍ରସାଦ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ କୋଭିଡ ଟିକାକରଣର ନକଲି ପ୍ରମାଣପତ୍ର, ଗୋଟିଏ ହାର୍ଡ ଡିସ୍କ ଏବଂ ନଗଦ ୫୧୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ. ୩୧୬/୨୧ରେ ମାମଲା ରୁଜୁ କରିଛି।

ପୋଲିସ ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ମାର୍କେଟ ଛକ ନିକଟରେ ଥିବା ଏକ ଟ୍ରାଭେଲ୍ସ ଦୋକାନରେ ଜଣେ ବ୍ୟକ୍ତି ନକଲି ପ୍ରମାଣପତ୍ର ପ୍ରସ୍ତୁତ କରି ପର୍ଯ୍ୟଟକଙ୍କୁ ଯୋଗାଉଥିଲେ। କୁମ୍ଭାରପଡା ଥାନାର ଏସ୍‌ଆଇ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଥାନା କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଏକ ବିଶେଷ ସୂତ୍ରରୁ ଏହି ଖବରପାଇ ଥିଲେ। ପରେ ଥାନା କର୍ମଚାରୀମାନେ ଉକ୍ତ ଟ୍ରାଭେଲ୍ସରେ ଅତିରିକ୍ତ ଚଢାଉ କରିଥିଲେ। ସେ ଏ ନେଇ ନକଲି ପ୍ରମାଣପତ୍ର ପ୍ରସ୍ତୁତ କରୁଥିବା ଅରୁଣ ଏବଂ ପ୍ରମାଣ ପତ୍ର କରିବା ପାଇଁ ଆସିଥିବା ବିଶ୍ୱନାଥଙ୍କୁ ପୋଲିସ ପଚାରାଉଚରା କରିଥିଲା। ବିଶ୍ୱନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବାବେଳେ କୋଭିଡ ଟିକା ପ୍ରମାଣପତ୍ର ନ ଥିବାରୁ ଫେରିବାବେଳେ ଶକ୍ତି ମହାନ୍ତିଙ୍କ ସହ ସାକ୍ଷାତ ହୋଇଥିଲା। ସେ ବିଶ୍ୱନାଥଙ୍କୁ ପ୍ରମାଣ ପତ୍ର ଯୋଗାଇ ଦେବେ କହିବା ସହ ଅରୁଣଙ୍କ ନିକଟକୁ ଆଣିଥିଲେ। ଅରୁଣ ନକଲି ପ୍ରମାଣପତ୍ର କରିଦେବା ପାଇଁ ତାଙ୍କଠାରୁ ୫୧୦ ଟଙ୍କା ନେଇଥିଲେ। ଫଳରେ ପୋଲିସ ଶକ୍ତି ସମେତ ୩ଜଣଙ୍କୁ ଗିରଫ କରିଥିଲା।

## ରତ୍ନଭଣ୍ଡାର ମରାମତି ଦାବି କଲା ଭାଜପା

ପୁରୀ ଅଫିସ,୭।୯:

ଶ୍ରୀମନ୍ଦିର ରତ୍ନଭଣ୍ଡାର ଅବସ୍ଥା ଶୋଚନୀୟ ହେବାରେ ଲାଗିଛି। ୨୦୧୮ ଏପ୍ରିଲ୍ ୪ରେ ଯାଞ୍ଚ କରିଥିବା ଟିମ୍ ବାହାର ଓ ଭିତର ଭଣ୍ଡାର ଘରର ସ୍ଥିତି ସମ୍ପର୍କରେ ରିପୋର୍ଟ ଦେଇଥିଲେ। କାନ୍ଥ ଓ ଛାତରୁ ପାଣି ଗଳୁଥିବା, ପ୍ଲାଷ୍ଟର ଛାଡ଼ିଥିବା, ୫ଟି ଲୁହା ବିମ୍‌ରୁ ୨ଟି ତଳେ ଖସି ପଡ଼ିଥିବା ଓ ବଳକା ୩ଟି ବିପଦସଙ୍କୁଳ ଅବସ୍ଥାରେ ଥିବା କଥା ରିପୋର୍ଟରେ କୁହାଯାଇଛି। ଏହା ସତ୍ତ୍ୱେ ମଧ୍ୟ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲି ମରାମତି କାର୍ଯ୍ୟ କରାଯାଉ ନାହିଁ। ତେବେ କାହିଁକି ମରାମତି କରାଯାଉ ନାହିଁ ଓ ରାଜ୍ୟ ସରକାର ରତ୍ନଭଣ୍ଡାର ନ ଖୋଲିବା ପଛରେ ଅନ୍ୟ କିଛି ଉଦ୍ଦେଶ୍ୟ ରହିଛି କି ବୋଲି ପୁରୀ ଜିଲା ଭାଜପାର ଉପସଭାପତି ଭବାନୀ ପ୍ରସାଦ ଦାସ ମହାପାତ୍ର ପ୍ରଶ୍ନ କରିଛନ୍ତି। ଏ ନେଇ ଭାଜପା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ରତ୍ନ ଭଣ୍ଡାର ମରାମତି ପାଇଁ ଦାବି କରାଯାଇଛି। ମହାପାତ୍ର କହିଛନ୍ତି, ରତ୍ନଭଣ୍ଡାରର ସ୍ଥିତି ଯାଞ୍ଚ କମିଟି ସମ୍ପୂର୍ଣ୍ଣ ଭାବେ ବର୍ଣ୍ଣନା କରିସାରିଛି। ରାଜ୍ୟ ସରକାରଙ୍କ ଦାୟିତ୍ୱ ସେ ଯଥାଶୀଘ୍ର ଏହାର ମରାମତି କାର୍ଯ୍ୟ କରିବା ଦରକାର ବୋଲି ସେ କହିଛନ୍ତି।

## ଭାରତୀପୁର କାଜ ବନ୍ଦ କରିବାକୁ ଦାବି

### ବନ୍ଦକୁ ଗ୍ରାମବାସୀଙ୍କ ବିରୋଧ

ପିପିଲି,୭।୯(ସ୍ୱ.ପ୍ର.)

ପିପିଲିରେ ଉପନିର୍ବାଚନ ତାରିଖ ଘୋଷଣା ହେବା ପରେ ଭାରତୀପୁର କାଜ ବନ୍ଦକୁ ନେଇ ରାଜନୀତି ଜୋର ଧରିଲାଣି। କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ପୁରୀ ଗସ୍ତରେ ଥିବାବେଳେ ପିପିଲି ଭାଜପା ପକ୍ଷରୁ ଭାରତୀପୁର କାଜ ବନ୍ଦ କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ଭାରତୀପୁର କାଜ ବନ୍ଦ ହେଲେ ସ୍ଥାନୀୟ ଲୋକମାନେ ନିଶ୍ଚିତ ବନ୍ୟାର ସମ୍ମୁଖୀନ ହେବେ ବୋଲି ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୟା ନଦୀରେ ବନ୍ୟାଜଳ ପ୍ରଭାବିତ ହେଲେ ଏହାର ଉର୍ଦ୍ଧ୍ୱତ ଜଳ କାଜ ଦେଇ ନିଷ୍କାସନ ହେଉଛି। ଏହାଦ୍ୱାରା କିଛିଦିନ ପାଇଁ କାଜର ତଳ ଅଞ୍ଚଳ ଜଳମଗ୍ନ ହୋଇ କିଛି କ୍ଷତି ପହଞ୍ଚାଉଛି। କିନ୍ତୁ କାଜକୁ ସମ୍ପୂର୍ଣ୍ଣ ବନ୍ଦ କରାଗଲେ ପୂର୍ବରୁ ନଦୀ ବାନ୍ଧ ଥିବାରୁ ବନ୍ୟାଜଳ ସ୍ରୋତରେ କାଜ ନିକଟ ବନ୍ଧ ଭାଙ୍ଗିବା ସହ ବନ୍ୟା ସୃଷ୍ଟି ହୋଇ ଆଖପାଖ ୪୦ରୁ ଉର୍ଦ୍ଧ୍ୱ ଗ୍ରାମ ନିଶ୍ଚିତ ବିପଦମୁହାଁ ହେବେ ବୋଲି ପୂର୍ବାନୁମାନ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏହି କାଜକୁ ବନ୍ଦ ନ କରାଯାଇ ବନ୍ୟାଜଳ ନିଷ୍କାସନ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ବନ୍ୟା ସମୟରେ ଦୟା ନଦୀ ଭାରତୀପୁର କାଜରେ ହେଉଥିବା ଜଳ ନିଷ୍କାସନ ସମସ୍ୟାକୁ ୨୦୧୪ରେ ପିପିଲି ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବି କରାଯାଇଥିଲା। ତତ୍କାଳୀନ ଉପଜିଲାପାଳ ମଧୁସୂଦନ ଦାସ, ପିପିଲି ତହସିଲଦାର ଦେବଯାନୀ ଧଳ, ବିଡିଓ କମଳଜିତ୍ ଦାସ ପ୍ରମୁଖ ଉକ୍ତ କାଜ ସମସ୍ୟାକୁ ନେଇ ଅନୁଧ୍ୟାନ କରି ସ୍ଥାୟୀ ସମାଧାନ ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ନ ହେବାରୁ କାଜକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ କେନ୍ଦ୍ର ମନ୍ତ୍ରୀଙ୍କୁ ପିପିଲି ଭାଜପା ଦାବି କରିଛି।

# କୃଷି, କୃଷକଙ୍କ ବିକାଶ ନେଇ ବୈଠକ

ସାକ୍ଷୀଗୋପାଳ,୭।୯(ସ୍ୱ.ପ୍ର.)

ସାକ୍ଷୀଗୋପାଳ ଅଞ୍ଚଳରେ ଥିବା ଆତ୍ମା ଅନୁଷ୍ଠାନର ସଭାଗୃହରେ ମଙ୍ଗଳବାର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାପତି ରାମଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଣ୍ଡଳ କୃଷକ ଉପଦେଷ୍ଟା ମଣ୍ଡଳୀର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରହଲ୍ଲାଦ ଘଟୁଆରୀ, ଧ୍ରୁବଚରଣ ଦାଶ ପ୍ରମୁଖ ଯୋଗଦେଇ କୃଷି ଓ କୃଷକଙ୍କର ବିକାଶ ଲକ୍ଷ୍ୟ ନେଇ ନୂତନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଆତ୍ମା ସହିତ ସଂଲଗ୍ନ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ମଣ୍ଡଳ ପଶୁ ଚିକିତ୍ସାଧିକାରୀ ଡ. ଜ୍ଞାନରଞ୍ଜନ ମିଶ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଦେବଦାସ ଦତ୍ତ ଓ ସହକାରୀ ମତ୍ସ୍ୟ ଅଧିକାରୀ ଦ୍ୱାରିକା ନାଥ ଦାସ ପ୍ରମୁଖ ବିଭାଗୀୟ କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। କମିଟି ସଦସ୍ୟ ସୁରେଶ ସାହୁ, ଶରତ ବିଶ୍ୱାଳ, ମମତା ରାଉତରାୟ, ପ୍ରିୟଙ୍କା ବେହେରା ଓ ପଦ୍ମଚରଣ ସେଠୀ, ଏ. ଟି. ଏମ. ଭଞ୍ଜ, କିଶୋର ଗୌଡ଼, ମଣ୍ଡଳ କୃଷି ଅଧିକାରୀ କଲ୍ୟାଣ ରାୟ, ବି. ଟି. ଏମ. ସୋଲେସ, ବିଭୂତି ଭୂଷଣ ପ୍ରଧାନ ଓ ଆଶୁତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କେଶରିଆ ହିନ୍ଦୁ ବାହିନୀର ଜିଲାସ୍ତରୀୟ ବୈଠକ

ପୁରୀ ଅଫିସ,୭।୯

କେଶରିଆ ହିନ୍ଦୁ ବାହିନୀ ଭାରତର ପୁରୀ ଶାଖାର ଏକ ଜିଲାସ୍ତରୀୟ ବୈଠକ ସ୍ଥାନୀୟ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ପୁରୀ ଜିଲା ଅଧ୍ୟକ୍ଷ ଦାଶରଥି ମହାନ୍ତିଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସନାତନ ଧର୍ମ ଓ ହିନ୍ଦୁଧର୍ମକୁ ପ୍ରଚାର ପ୍ରସାର କରିବା ପାଇଁ ଆଲୋଚନା ହୋଇଥିଲା। ଏଥିରେ ରାଷ୍ଟ୍ରୀୟ ସଂସ୍ଥାପକ ଜ୍ଞାନରଞ୍ଜନ ଜେନା, ରାଜ୍ୟ କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର କୁମାର ଶତପଥୀ, ରାଜ୍ୟ ସାଧାରଣ ସମ୍ପାଦକ, ରାଜେଶ କୁମାର ନନ୍ଦ, ରାଜ୍ୟ କୋଷାଧ୍ୟକ୍ଷ ନିଗମାନନ୍ଦ ଜେନା, ରାଜ୍ୟ ପ୍ରବକ୍ତା ସୁମନ୍ତ ନାୟକ, ରାଜ୍ୟ ଉପସଭାପତି ଅଶୋକ ପଣ୍ଡା,ରାଜ୍ୟ ମହିଳା ବାହିନୀ ଉପ ସଭାପତି, ଅର୍ଚ୍ଚନା ମହାନ୍ତି, ପୁରୀ ଜିଲା ମହିଳା ଅଧ୍ୟକ୍ଷା, ଲିପିନା ମହାନ୍ତି ପୁରୀ ଜିଲା ସାଧାରଣ ସମ୍ପାଦକ ବିଶୁଦ୍ଧାନନ୍ଦ ଜେନା ସହିତ ବିଭିନ୍ନ ଜିଲାରୁ ବହୁ ସଂଖ୍ୟାରେ ହିନ୍ଦୁ ଯୋଦ୍ଧା ଭାଇ,ଭଉଣୀମାନେ ଉପସ୍ଥିତ ଥିଲେ। ଏଥିସହ ଗୋ ରକ୍ଷା ସମାଜର ମଙ୍ଗଳ ତଥା ସେବା କରିବାର ଲକ୍ଷ୍ୟ, ମଠ, ମନ୍ଦିରର ସୁରକ୍ଷା ଓ ଉନ୍ନତୀକରଣ କରିବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା।



ବୈଠକରେ ଯୋଗଦେଇଥିବା ଅତିଥି ଓ ସଂଘର କର୍ମକର୍ତ୍ତାମାନେ।

# ବସ୍ତି ତାଲିକାରେ ସାମିଲ ଦାବିରେ ବିକ୍ଷୋଭ

- ପୂର୍ବରୁ ୨ଥର ଦାବିପତ୍ର ଦିଆଯାଇଥିଲା
- ୭ଦିନ ମଧ୍ୟରେ ପଦକ୍ଷେପ ନ ନେଲେ ଆମରଣ ଅନଶନ

ପୁରୀ ଅଫିସ,୭।୯

ପୁରୀ ପୌରସଂସ୍ଥା ୩୧ ନଂ. ୱାର୍ଡ ଅନ୍ତର୍ଗତ ବିଜୁ ନଗର ବସ୍ତି, ମା' ହରଚଣ୍ଡୀ ବସ୍ତି ଏବଂ ମା' ତାରିଣୀ ବସ୍ତିକୁ ପୁରୀ ସହରର ବସ୍ତି ତାଲିକାରେ ସାମିଲ କରିବାକୁ ଦାବି କରି ମଙ୍ଗଳବାର ତୃତୀୟଥର ପାଇଁ ତିନି ବସ୍ତିର ପ୍ରତିନିଧି ଓ ବାସିନ୍ଦାମାନଙ୍କ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି, ବିଜୁ ନଗର ବସ୍ତି, ମା' ହରଚଣ୍ଡୀ ବସ୍ତି ଏବଂ ମା' ତାରିଣୀ ବସ୍ତୀ ଦୀର୍ଘ ୧୫ ବର୍ଷ ହେଲାଣି ଡିଆଇଜି କଲୋନୀ ପଛପଟେ ଧୋବାଖାଲ ଅଞ୍ଚଳରେ ରହିଛି। ଉକ୍ତ ବସ୍ତିରେ ଗରିବ ଶ୍ରେଣୀର ଲୋକେ ଝୁମ୍ପୁଡି ଘର କରି ବସବାସ କରନ୍ତି। ବସ୍ତିବାସିନ୍ଦାଙ୍କ ନିକଟରେ ୨୦୧୧-୧୨ ରେ ହୋଇଥିବା





ପୁରୀ ଜିଲାପାଳ କାର୍ଯ୍ୟାଳୟ ଆଗରେ ବସ୍ତିବାସିନ୍ଦା ବିକ୍ଷୋଭ କରିଛନ୍ତି।

ଜନଗଣନା ସର୍ଭେ କାଗଜପତ୍ର, ଭୋଟର ପରିଚୟ ପତ୍ର, ଆଧାର କାର୍ଡ, ବିଦ୍ୟୁତ ବିଲ୍, ପାନୀୟଜଳ ବିଲ୍ ଏବଂ ଖାଉଟି କାର୍ଡ ମଧ୍ୟ ବସ୍ତି ଠିକଣାରେ ରହିଛି। ସେହିପରି ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ବିଭିନ୍ନ ଦେୟ ମଧ୍ୟ ପୈଠ କରାଯାଉଛି। ମାତ୍ର ଦୁଃଖର ବିଷୟ ପୁରୀ ବସ୍ତି ତାଲିକାରେ ଏହି ୩ଟି ବସ୍ତିର ନାମ ନାହିଁ। ଫଳରେ ଏହି ୩ ବସ୍ତି ସରକାରଙ୍କ ବିଭିନ୍ନ ଯୋଜନାରୁ ବାଦ୍ ପଡୁଛନ୍ତି। ଏ ନେଇ ବସ୍ତିବାସିନ୍ଦାଙ୍କ ପକ୍ଷରୁ ପୂର୍ବରୁ ୨ଥର ଦାବିପତ୍ର ପ୍ରଦାନ କରାଯାଇଛି। ମାତ୍ର ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ତେଣୁ ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରି ୩ଟି ବସ୍ତିକୁ ତାଲିକାରେ ଯୋଗ କରି ସରକାରୀ ସହାୟତା ତାଲିକାରେ ପଞ୍ଜୀକରଣ କରିବାକୁ ବସ୍ତିବାସିନ୍ଦା ଦାବି କରିଛନ୍ତି। ପ୍ରଶାସନ ଯଦି ୭ଦିନ ମଧ୍ୟରେ ଦାବି ପୂରଣ ନ କରେ, ତେବେ ବସ୍ତିବାସିନ୍ଦା ୧୩ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ଆମରଣ ଅନଶନ କରିବେ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ରାଜେଶ ନନ୍ଦ, ପି. ଚନ୍ଦ୍ର ରେଡ଼ି, ରାଜେଶ ସାହୁ, ସଞ୍ଜୀବ ମୁଖାର୍ଜୀ ଏବଂ ଅନିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।